

# ଉତ୍କଳ ଗୌରବ

## Utkal Gauraba

## 2023

Oriya Cultural & Welfare Association, New Delhi

www.ocwa.in

# ଶ୍ରଦ୍ଧାଞ୍ଜଳି



## ଯମେଶ୍ୱର କହଲସିଂହ

**ଆବିର୍ଭାବ : ୧୮. ୦୮. ୧୯୪୭**

**ତିରୋଧାନ : ୧୯. ୧୧. ୨୦୨୩**



## ଭିକାରି ରଥ

**ଆବିର୍ଭାବ : ୨୫.୧୧.୧୬୪୮**

**ତିରୋଧାନ : ୨୭.୦୭.୨୦୨୨**

' ଉତ୍କଳ ଗୌରବ' ର ସାରସ୍ୱତ ବିଭାଗକୁ ଯେଉଁ ସୁକୃତି ସମ୍ପନ୍ନ ଦାୟାଦଙ୍କ ଅବଦାନ ପରିପୁଷ୍ଟ କରିଥିଲା, କାଳର କରୁଣ ଇଙ୍ଗିତରେ ସେମାନଙ୍କ ସଦ୍ଗତି ପ୍ରାପ୍ତିରେ 'ଉତ୍କଳ ଗୌରବ' ପରିବାର ସେମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ।

ସପ୍ତଦଶ ସଂସ୍କରଣ
**Seventeenth Edition**

**Oriya Cultural & Welfare Association (OCWA)** is a voluntary organization incepted in the year 1992, formally incorporated on 31st October 2005 under The Societies Registration Act, 1860, dedicated to the pursuit of excellence in the promotion and propagation of Odia culture and language in Delhi and NCR through socio-cultural events and developmental activities.

We work with wide range of professionals from all walks of life to upkeep the culture of Odisha in terms of literature, arts & crafts and contemporary life.

## Our Mission:

To preserve, perpetuate and promote the Odia culture and communities with a mission statement- Eka mana, Eka Prana, Eka Pranta, Eka Chinha, which means getting Odias together.

## Our Vision:

To promote, team spirit, transparency and building trust among our fellow Odias. With the stated mission and vision, we have been successful in reaching out to our youth and several of them have come forward to become active members of the OCWA society.

# ଉତ୍କଳ ଗୌରବ
# Utkal Gauraba

"ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ତେବେ ନିଜ ମାତୃଭାଷା "

(ସ୍ୱଭାବ କବି ଗଙ୍ଗାଧର ମେହର)

**Language:**
Odia

**Editorial Board:**
Bijay Mohanty
Prakash Chandra Prusty
Sandipta Rout

**Our Special Thanks to :**
Shri Biswanath Dash
( Sanskrit Teacher, Shivananda Nodal High School, Bamakoyi, Ganjam)

**Cover art by:**
Shri Judhisthir Mohanty
(Hindi Teacher, A.J.O.
Govt. High School, Phulbani)

**Published by:**
Oriya Cultural & Welfare Associaiton
Regd No.S-54118 of 2005
BD-11, Janakpuri, New Delhi-110 058.

**E-mail:**
info@ocwa.in, ocwa.regd@gmail.com

**Website:**
www.ocwa.in

# UTKAL GAURABA
## $17^{th}$ Edition
## ସୂଚୀପତ୍ର


| | | | |
|---|---|---|---|
| President's message | 03 | **ବ୍ୟଙ୍ଗ କବିତା/କବିତା** | |
| Governor's message | 04 | ସଖା | 63 |
| Chief Minister's message | 05 | ଓଡ଼ିଆ ପୁଅ । ମୁଁ ଓଡ଼ିଆ ପୁଅ । | 64 |
| Members' List | 06 | ରକ୍ତର ରଙ୍ଗ | 65 |
| ସମ୍ପାଦକୀୟ | 07 | ଆମେ କେତେ ଭାରତୀୟ | 66 |
| List of Blood Donors | 08 | ପରିବାର | 67 |
| OCWA's appeal | 18 | ସେତୁ | 69 |
| 80 G Certificate | 09 | ରାତି | 70 |
| ROC's Certificate for CSR Funds | 23 | ସ୍ୱର ବର୍ଣ୍ଣରେ ଜଗନ୍ନାଥ | 71 |
| Sponsor's List | 40 | ଏଇ ହାତ ଜଗନ୍ନାଥ | 71 |
| **Photographs of events:** | | ଜୀବନ ପାତ୍ର ମୋ | 72 |
| Ganesh Puja 2022 | 59 | ଦୁଃଖ | 72 |
| Get-together | 61 | ହେ ବିବେକ | 73 |
| Blood Donation Camp | 62 | ତୋ' ଓଠ ପ୍ରେମର | 74 |
| **ରମ୍ୟ ରଚନା/ଗଳ୍ପ/ପ୍ରବନ୍ଧ** | | " ଜିତିବାର ମୋହ " | 74 |
| ଓଡ଼ିଆ ବର୍ଣ୍ଣବୋଧ | 11 | ଖୋରଧା ପାଇକ | 75 |
| କିଏ ଜଣେ କେବେ ଦିନେ | 14 | ଷଣ୍ଢ କହିଲା ଗାଇକି | 76 |
| ସର୍ତ୍ତ | 17 | ବଞ୍ଚିବାର ବ୍ୟାକରଣ | 77 |
| ସତୀଶ ରାଠୀଙ୍କ ପାଞ୍ଚୋଟି ଅଣୁ ଗପ | 19 | ବଡି | 78 |
| ସମବାରୀ ମାଆ ଓ କଇଁଆ ମଞ୍ଜି | 21 | ବିଷାକ୍ତ ପୃଥିବୀ | 79 |
| ଭକ୍ତ ଗୀତା ପଣ୍ଡା | 24 | ସ୍ତ୍ରୀ ଲୋକଟେ | 80 |
| ଆମ ଲୋକକଥାରେ ଅବଲୋକରା | 27 | ବୋଉ | 81 |
| କିଚିନ ଜଏଣ୍ଟ ( ଭିନ୍ନ ସ୍ୱାଦ) | 29 | ଭଙ୍ଗା ବୋଝ | 82 |
| ବନବାସୀ କୃଷି ପଦ୍ଧତି | 32 | ବୟସ୍କ ସ୍ୱପ୍ନ | 83 |
| ଅଞ୍ଜା, କିଛି ଶୁଣିଲେକି ? | 34 | ଲୁହ | 84 |
| ଛଉ ନୃତ୍ୟ ଓ ତା'ର ଅତୀତ | 37 | **Advertisements:** | |
| ଓଡ଼ିଆ ସାହିତ୍ୟରେ ଶ୍ରୀ ଜଗନ୍ନାଥ (ଶେଷ ଭାଗ) | 41 | Aj-Deep Services | 16 |
| ପକେଟ୍ ମାର୍ | 51 | Express Services | 31 |
| ଶୂନ୍ୟ ମେଘ | 53 | Bagga Tent House | 82 |
| ମହାବିଷୁବ ସଂକ୍ରାନ୍ତିର ମାହାତ୍ମ୍ୟ | 56 | Industrial Cargo Services | Back Cover (Inside) |

No.5/Per.Cell/2023
24.03.2023

Bijay K. Mohanty,
President,
Oriya Cultural & Welfare Association

<mohantybijay65@gmail.com>

Sir,

I am directed to acknowledge with thanks, receipt of your letter dated 18.03.2023, addressed book "Utkal Gauraba". The Hon'ble President extends her best wishes to you.

With regards,

Additional Press Secretary to the President of India
Rashtrapati Bhavan



**Prof. Ganeshi Lal**
Governor, Odisha
ପ୍ରଫେସର ଗଣେଶୀ ଲାଲ
ରାଜ୍ୟପାଳ, ଓଡ଼ିଶା

सत्यमेव जयते

RAJ BHAVAN
BHUBANESWAR - 751 008
ରାଜ ଭବନ
ଭୁବନେଶ୍ୱର-୭୫୧୦୦୮

April 04, 2023

MESSAGE

I am glad to know that Oriya Cultural & Welfare Association, New Delhi is bringing out the 17th edition of Souvenir (Utkal Gauraba).

It is indeed heartening that Oriya Cultural & Welfare Association, New Delhi is dedicatedly engaged in various cultural and welfare activities and is glorifying the Odia identity and Odisha. Its commitment and untiring efforts have not only established a reputation for the Association but also serve as a constant source of inspiration to carry forward the dedicated journey. The Souvenir (Utkal Gauraba) is a laudable endeavour and I am sure it would contribute to the growth and glory of the Association.

I wish the Association and publication all success.

(Ganeshi Lal)

Tel. : 91-674-2536111/2536222, Fax : 91-674-2536582, E-mail :govodisha@nic.in Website : www.rajbhavanodisha.gov.in



**ନବୀନ ପଟ୍ଟନାୟକ**
**ମୁଖ୍ୟମନ୍ତ୍ରୀ, ଓଡିଶା**

सत्यमेव जयते

**ଲୋକସେବା ଭବନ**
**ଭୁବନେଶ୍ୱର**

## ବାର୍ତ୍ତା

ନୂଆ ଦିଲ୍ଲୀର ଓଡ଼ିଆ କଲ୍ଚରାଲ ଆଣ୍ଡ ୱେଲଫେୟାର ସଂଘ ପକ୍ଷରୁ ଉତ୍କଳ ଗୌରବ ନାମକ ଏକ ସ୍ମରଣିକା ପ୍ରକାଶିତ ହେଉଥିବା ଜାଣି ମୁଁ ଆନନ୍ଦିତ ।

ଏହି ଅବସରରେ ସଂଘର ସମସ୍ତ ସଦସ୍ୟ ମାନଙ୍କୁ ମୋର ଶୁଭେଚ୍ଛା ଜଣାଇବା ସହିତ ପ୍ରକାଶନର ସଫଳତା କାମନା କରୁଛି ।

(ନବୀନ ପଟ୍ଟନାୟକ)

ଦୂରଭାଷ : କାର୍ଯ୍ୟାଳୟ : 0674-2531100, 2531500, 2535100 (ଫାକ୍ସ)
ବାସଭବନ : 067402591099, 2590299, 2590833 (ଫାକ୍ସ)
e-mail : cmo@nic.in | twitter : twitter.com/CMO_Odisha | Facebook : facebook.com/CMO.Odisha

୬୧୭/୩୦ -୧୦-୨୦୧୩

# LIFE MEMBERS

Ajay Mohanty (Mitu)
Animesh Roul
Anup Samal
Ashok Das
Babuli Nayak
Banoj Kumar Pradhan
Basant Kr. Sahoo
Bibekanand Pattanaik
Bijay Pradhan
Bimalendu Sahu
Debashis K. Mohanty
Dr. Anil K. Goel
Dr. Sananta Sahoo.
Jagdish Patra
Jiten Mohanlal
Jitendra Kumar Sahoo
Kaushik Triphathy
Litu Ch. Swain
Madhusudan Pothal
Nayan Kishor Das
Prakash Chandra Prusty
Priya Sahoo
Puspita Jena
Rakesh Prusti
Ram Ranjan Mohapatra
Ranjan Biswal
Ravi Lal Thapa
Samish Mohanty
Sanjay Bal
Sanjay Mohanty
Sanjit Das
Santosh Kumar Sarangi
Santosh Biswal
Saroj Das
Shibashis Mohanty
Sisir Rout
Sobhan Kr. IRS
Soubhagya Bhol
Subrat Kr. Das
Sushant Kr. Das
Suvendu Das
Yashwanta Sharma

# MEMBERS-2023

Ajay Mohanty
Ajit Kumar Barek
Alok Das
Anam Sahoo
Arabinda Das
Aswinee Samantray
B K Rath
Bijay K. Mohanty
Bimal Prasad Samal
Debasis Goswami
Dhirendra Kr. Sahoo
Dinesh Kumar Sahu
Gajendra P. Samanta
Girija Sankar Das
Hemanta Rout
Hrudaya Ranjan Bhuyan
Jay Krushna Swain
Litton Mukherjee
Major Umesh C. Nayak
Parimita Parija
Piyush Mohapatra
Prabhat Kishor Bhuyan
Prabhat Kumar Mohanty
Prabin Panda
Pradeep K. Sahoo
Pradeep Rout
Pradeepta Bhuyan
Pradip Parija
Parnab Biswal
Prasanta Kr. Das
Prashant Nayak
Rabindra Nath Mishra
Ramnath Sahoo
Ranjan Kr. Sahoo
Sagar Pradhan
Sandipta Rout
Sanjay Mohanty
Sanjay Subudhi
Sanjit Mohanty
Santanu Khuntia
Sasmita Mohanty
Sitakanta Das
Smurti Ranjan Sahoo
Subhransu Das
Sujata Das
Sunil Mohapatra
Surajeet Patnaik
Surender Baxi
Suresh Ch. Behera
Suresh Swain
Suvendu Sahu
Tanka Dhara Dass
Tapan Kumar Thatoi



## ସମ୍ପାଦକୀୟ

ସମୟ ସବୁ କରାଏ । ସବୁ କାମ ସମୟ ପରିଧିରେ ହିଁ ହୁଏ । ୧୯୮୯ ମସିହା । ଆମେ ଉଚ୍ଚ ଶିକ୍ଷା ପାଇଁ ଦିଲ୍ଲୀକୁ ଆସିଥାଉ । ନୂଆ ପରିସରର ଭିନ୍ନ ଚଳଣି । ସେତେବେଳେ ଦିଲ୍ଲୀରେ ଓଡ଼ିଆ ଲୋକଙ୍କ ସଂଖ୍ୟା ଆଜିପରି ଏତେ ଅଧିକ ନଥାଏ । ଦିଲ୍ଲୀର ରାଜ ରାସ୍ତାରେ ବୁଲୁ ବୁଲୁ ଜଣେ କିଏ ଓଡ଼ିଆ କହୁଥିବାର ମିଳିଗଲେ ବହୁତ ଖୁସି ଲାଗେ, ନିଜର ପରି ଲାଗେ , ଆତ୍ମୀୟତାର ଆଦର ଉଛୁଳି ଉଠେ । ପୂରା ପରିଚିତ ନହେଲେ ବି ଆହୁରି ଆହୁରି କଥା ହେବାକୁ ଶରଧା ବଳେ ।

ମନ୍ଦିର ମାର୍ଗ ରେ କମ୍ପାନୀ ସେକ୍ରେଟାରୀ, ଚାର୍ଟାର୍ଡ ଅକୋଉଣ୍ଟାଣ୍ଟ ବା କଷ୍ଟ ଅକୋଉଣ୍ଟାଣ୍ଟ ପଢୁଥିବା ବହୁତ  ପିଲା ରହୁଥାନ୍ତି । ଆମେ ଓଡ଼ିଆ ସାଙ୍ଗ ମାନଙ୍କୁ ଏକାଠି କରିବା ପାଇଁ ଗୋଟିଏ ଛୋଟ ପ୍ରୟାସ କରିଥିଲୁ  ଗଣେଶ ପୂଜା ଉପଲକ୍ଷରେ ।  ପ୍ରଥମ ପୂଜା ଜଣଙ୍କ କ୍ୱାଟର ଭିତରେ କରାଗଲା । କେମିତି କରାଗଲା ତାହାର ଛବି ମୋ ବନ୍ଧୁ ବିବେକାନନ୍ଦ ପଟ୍ଟନାୟକ ସୁନ୍ଦର ଭାବେ ବର୍ଣନା କରିଛନ୍ତି ଏକ ଲେଖା ମାଧ୍ୟମରେ । ତାଙ୍କ ଲେଖାଟି ଆମ ପତ୍ରିକା 'ଉତ୍କଳ ଗୌରବ'ର ୨୦୦୭ ସଂସ୍କରଣରେ ପ୍ରକାଶ ପାଇଥିଲା ।  ଲେଖାଟି ଏହି ଲିଙ୍କ (https://ocwa.in/pdf/Utkal%20Gauraba%202007.pdf) ରେ ଉପଲବ୍ଧ ଅଛି । ସେଇଠୁ  ଆମ  ଗଣେଶ  ପୂଜାର  ଆରମ୍ଭ । ଦ୍ୱିତୀୟ ବର୍ଷ ଠାରୁ  'ଜେ' ବ୍ଲକ ପଡିଆରେ ଟେଣ୍ଟ ଲଗାଇ  ଗଣେଶ ପୂଜା ପାଳନ କରାଯାଇଥିଲା ।

.ଦେଖୁ  ଦେଖୁ  ୩୨  ବର୍ଷ  ବିତି   ଗଲାଣି । ପୂଜା ମଧ୍ୟ ପୂର୍ବ ଅପେକ୍ଷା ଅଧିକ ଆଡମ୍ବରରେ ପାଳିତ ହେଉଛି, ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ନୂଆ ନୂଆ ରୂପ ନେଉଛି । ଏବେ କେବଳ ଧୁମ ଧାମରେ ଏହା  ପାଳିତ ହେଉଛି, ତାହା ନୁହେଁ, ଅଧିକନ୍ତୁ ବନ୍ଧୁ ମିଳନର ଏକ ମାଧ୍ୟମ ସାଜିଛି,  ଭାବ ଧାରାର ମିଳିତ ଆବେଗରେ ଆମ୍ଭମାନଙ୍କୁ ନୂଆ ଏକ ସଭାବନା ଦିଗକୁ ପ୍ରେରିତ କରିଛି ।

କ୍ଷୋଭର ବିଷୟ, ଦିଲ୍ଲୀରେ ପ୍ରାୟ ସବୁ ପ୍ରାନ୍ତୀୟ ଭାଷାଭାଷୀଙ୍କ ମାତୃଭାଷାରେ ଶିକ୍ଷାଦାନର ବ୍ୟବସ୍ଥା ଅଛି, ମାତ୍ର, ଓଡ଼ିଆ ଭାଷାରେ ଶିକ୍ଷଣ ସୁବିଧା ନାହିଁ । ଓଡ଼ିଆ ଭାଷା ମାଧ୍ୟମରେ ବିଭିନ୍ନ ବୈଷୟିକ ଉଚ୍ଚ ଶିକ୍ଷାର ପ୍ରଶିକ୍ଷଣ ପାଇଁ ଆମ ସଂଗଠନ ବହୁଥର ମାନ୍ୟଗଣ୍ୟ ଅତିଥିଙ୍କ ଆଗରେ ସମସ୍ୟାକୁ ଉପସ୍ଥାପନ କରି ପାରିଛି, କିନ୍ତୁ ଏଯାବତ ସୁଫଳ ମିଳିନି ।

ଏମିତି ଏକ ଗଣେଶ ପୂଜା ଚାଲିଥାଏ, ଆମ ସଂଗଠନ ବିଚାର ନେଲା-ଆମେ ପୂଜା କରୁଛେ ସଂସ୍କୃତି ଓ ପରମ୍ପରା ଅନୁରୋଧରେ ଏକାଠି ହେଉଛେ, ଭିନ୍ନ ଭିନ୍ନ ବିଷୟ ଆଲୋଚନା କରୁଛେ, ବହୁ ଅତିଥି ମାନଙ୍କ ଦୃଷ୍ଟିରେ ଆମ ସଂସ୍କୃତିର ମହକକୁ ଆମେ ବାଂଟୁଛେ,  ଏ ସବୁରତ କିଛି ସ୍ଥାୟୀ ରୂପ ରଖି ପାରୁନାହେଁ  ! ପୁଣି କଥାରେ ଅଛି 'ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ' । ତେଣୁ ଦିଲ୍ଲୀର କିଛି କୃତୀ ସ୍ଥାୟୀ ରୂପ ନେବା ଦରକାର । ତାପରେ ନିର୍ଣ୍ଣୟ ଆସିଲା -ଏକ ପତ୍ରିକା ଛପାଇବା ପାଇଁ । ଆଉ ଜନ୍ମ ନେଲା ଏଇ ଆମ " ଉତ୍କଳ ଗୌରବ" ।  " ଉତ୍କଳ ଗୌରବ"କୁ ଏବେ ଷୋହଳ ପୂରି ସତର ଚାଲିବ । ଆମ ସଂଗଠନର ଗର୍ବ ଗୌରବର ଦାୟାଦ ଏହି 'ଉତ୍କଳ ଗୌରବ' ଓଡିଶା ଓ ଓଡିଶା ବାହାରେ ଏପରିକି ଭାରତ ବାହାରେ ମଧ୍ୟ ଏହାର ଆଦର ସ୍ୱୀକାରକୁ ପ୍ରସାରିତ କରି ପାରିଛି ।

ସଂଗଠନ ଗଢ଼ି ଉଠେ ପରିପୁଷ୍ଟ ହୁଏ । ଆଜି କାଲି  ଆମ ଜନ୍ମଭୂମି ନାଁରେ ଅନେକ ସଂଗଠନ/ଅନୁଷ୍ଠାନ ଗଢ଼ି ଉଠିଛି । ଏହାକୁ ଟିକେ ବେଗଗାମୀ କରୁଛି ସାମାଜିକ ଗଣମାଧ୍ୟମ । ସବୁ ଠିକ ଅଛି ବେଳେ ବେଳେ ଦେଖାଯାଏ ସଙ୍ଗଠନରେ ଜ୍ଞାନ ଗାରିମାର ଅହଂକାର, ରାଜନୈତିକ ମତବାଦ ବା ଅନେକ କାରଣରୁ ସଂଗଠନର ସଭ୍ୟ ମାନଙ୍କ ସଭାବନା ଭଙ୍ଗିଳ ପ୍ରାୟ ମାନେ ହୁଏ । ରାଜନୈତିକ ଯୁକ୍ତିତର୍କରେ ନିଜ ନିଜ ଭିତରେ ତିକ୍ତତା ବଢ଼ି ଯିବା ଫଳରେ ମୂଳ ଲକ୍ଷ୍ୟ ଠାରୁ ବହୁତ ଦୂରରେ ଆମେ ରହିଯାଉ । ଠାକୁରଙ୍କ ଦୟାରୁ ଆମ ସଂଗଠନ ଏପରି ଦୁଷ୍ଟ ଚିନ୍ତାରୁ ଉର୍ଦ୍ଧ୍ୱରେ ରହି ପାରିଛି । ସଂଗଠନ ଅନେକର ମତାମତକୁ ସ୍ୱୀକାର କରିଛି ମାତ୍ର,  ମତଭେଦ ନାହିଁ, ପ୍ରବାସୀ ସହଯୋଗ ବୃଦ୍ଧି ପାଇଛି,  ସଂସ୍କୃତି ସମୃଦ୍ଧିରେ ସହାୟକ ହୋଇଛି । ପ୍ରଭୁ ଜଗନ୍ନାଥଙ୍କ ସୁଭାଶିଷ ନେଇ ଆମ ସଂଗଠନ ତା'ର ଉତ୍ତରୋତ୍ତର ଉନ୍ନତି କରି ଚାଲୁ ଓ ଆପଣଙ୍କ ସ୍ନେହ ଶ୍ରଦ୍ଧା ଅନବରତ ଲଭୁଥାଉ  । ଏତିକି ପ୍ରାର୍ଥନା ।

ବନ୍ଦେ ଉତ୍କଳ ଜନନୀ

ଜୟ ଜଗନ୍ନାଥ
ବିଜୟ ମହାନ୍ତି
ପ୍ରତିଷ୍ଠାତା ସଭାପତି

## Indian Red Cross Society NHQ Blood Centre

1, Red Cross Road, Sansad Marg Area, New Delhi , New Delhi, Delhi

Phone; 1123711551, Fax; 01123717454, Email; directorbloodbank@indianredcross.org

## Oriya Cultural And Welfare Association
## Camp Blood Donor List

Camp Date : 12-Feb-2023

| S.No. | NAME | AGE/SEX | BLOOD GROUP |
|---|---|---|---|
| 1. | Dr Sanant Kumar Sahoo | 55 Yr/M | B+ve |
| 2. | Vikas Chauhan | 45 Yr/M | O+ve |
| 3. | Sandeep Kumar Subudhi | 33 Yr/M | A+ve |
| 4. | C K Behera | 47 Yr/M | B-ve |
| 5. | Mirtunjan Sah | 25 Yr/ | O+ve |
| 6. | Pradeepta Bhuyan | 55 Yr/M | B+ve |
| 7. | Varun Sharma | 24 Yr/M | B+ve |
| 8. | Ravi Kumar | 37 Yr/M | O+ve |
| 9. | Dababsis Goswami | 45 Yr/M | O+ve |
| 10. | Prabhat Kishore Bhuyan | 53 Yr/M | O+ve |
| 11. | Pragnyajit Jena | 42 Yr/M | B+ve |
| 12. | Sanjit Mohanty | 42 Yr/M | O-ve |
| 13. | Vijay Kumar | 37 Yr/M | B+ve |
| 14. | Ajay Kumar | 51 Yr/M | B+ve |
| 15. | Tapan Kumar Thatoi | 46 Yr/M | O+ve |
| 16. | Md Ifran | 31 Yr/M | B+ve |
| 17. | Bimal Prasad Samal | 54 Yr/M | B+ve |
| 18. | Anupam Kumar Singh | 45 Yr/M | A+ve |
| 19. | Swapan Naskar | 54 Yr/M | AB+ve |
| 20. | Prakash Kumar Giri | 23 Yr/M | A+ve |
| 21. | Biswanath Giri | 51 Yr/M | O+ve |
| 22. | Abheek Kr.Chakraborty | 32 Yr/M | O+ve |
| 23. | Siddhant Sharma | 30 Yr/M | B+ve |
| 24. | Hrudaya Ranjan Bhuyan | 46 Yr/M | O+ve |
| 25. | Samir Kumar Palei | 48 Yr/M | B+ve |
| 26. | Rash Ranajan Nayak | 41 Yr/M | B+ve |

| S.No. | NAME | AGE/SEX | BLOOD GROUP |
|---|---|---|---|
| 27. | Soumendra Kumar Das | 40Yr/M | B+ve |
| 28. | Sajid Raza | 31 Yr/M | A+ve |
| 29. | Sagar | 32 Yr/M | B+ve |
| 30. | Suresh Swain | 41 Yr/M | AB+ve |
| 31. | Abhishek | 28 Yr/M | AB+ve |
| 32. | Saubhayga Kumar Bhol | 52 Yr/M | B+ve |
| 33. | Nadeem | 32 Yr/M | B+ve |
| 34. | Muzammil | 28 Yr/M | A+ve |
| 35. | Sanjay Kumar | 35 Yr/M | B+ve |
| 36. | Ajit Kumar Berek | 35 Yr/M | A+ve |
| 37. | Mukul | 25 Yr/M | B+ve |
| 38. | Prasanta Kumar Das | 50 Yr/M | O+ve |
| 40. | Jaya Krushana Swain | 50 Yr/M | B+ve |
| 41. | Ram Parkash | 64Yr/M | AB+ve |
| 42. | Animsh Raul | 51 Yr/M | O+ve |
| 43. | Sumi Kumar Sharma | 37 Yr/M | B+ve |
| 44. | Sawiari Kumar Kaushik | 27 Yr/M | O+ve |
| 45. | Bindash Kumar Sahu | 40 Yr/M | O+ve |
| 46. | Pabitra Kumar Nayak | 31 Yr/M | O+ve |
| 47. | Kartik | 25 Yr/M | AB+ve |
| 48. | Raju Das | 45 Yr/M | B+ve |
| 49. | Rohit Kumar Bhoi | 23 Yr/M | B+ve |
| 50. | Pradeep Kumar Parija | 52 Yr/M | B+ve |
| 51. | Prabin Kumar Panda | 52 Yr/M | B+ve |
| 52. | Suhail | 26 Yr/M | O+ve |
| 53. | B Mohita | 21 Yr/F | A+ve |

# FORM NO. 10AC

(See rule 17A/11AA/2C)
Order for registration

| | | |
|---|---|---|
| 1 | PAN | AAATO1376M |
| 2 | Name | ORIYA CULTURAL & WELFARE ASSOCIATION |
| 2a | Address | |
| | Flat/Door/Building | BD-11 |
| | Name of premises/Building/Village | Janakpuri |
| | Road/Street/Post Office | Janakpuri B-1 S.O |
| | Area/Locality | Janakpuri B-1 |
| | Town/City/District | WEST DELHI |
| | State | Delhi |
| | Country | INDIA |
| | Pin Code/Zip Code | 110058 |
| 3 | Document Identification Number | AAATO1376ME2021101 |
| 4 | Application Number | 527786620310322 |
| 5 | Unique Registration Number | AAATO1376ME20211 |
| 6 | Section/sub-section/clause/sub-clause/proviso in which registration is being granted | 01-Sub clause (i) of clause (ac) of sub -section (1) of section 12A |
| 7 | Date of registration | 07-04-2022 |
| 8 | Assessment year or years for which the trust or institution is registered | From AY 2022-23 to AY 2026-2027 |
| 9 | Order for registration: | |
| | a. After considering the application of the applicant and the material available on record, the applicant is hereby granted registration with effect from the assessment year mentioned at serial no 8 above subject to the conditions mentioned in row number 10. | |
| | b. The taxability, or otherwise, of the income of the applicant would be separately considered as per the provisions of the Income Tax Act, 1961. | |
| | c. This order is liable to be withdrawn by the prescribed authority if it is subsequently found that the activities of the applicant are not genuine or if they are not carried out in accordance with all or any of the conditions subject to which it is granted, if it is found that the applicant has obtained the registration by fraud or misrepresentation of facts or it is found that the assessee has violated any condition prescribed in the Income Tax Act, 1961. | |
| 10 | Conditions subject to which registration is being granted | |
| | The registration is granted subject to the following conditions:- | |
| | a. As and when there is a move to amend or alter the objects/rules and regulations of the applicant, prior approval of the Commissioner of Income Tax shall be sought along with the draft of the amended deed and no such amendment shall be effected until and unless the approval is accorded. | |
| | b. In the event of dissolution, surplus and assets shall be given to an organization, which has similar objects and no part of the same will go directly or indirectly to anybody specified in section 13(3) of the Income Tax Act, 1961. | |
| | c. In case the trust/institution is converted into any form, merged into any other entity or dissolved in any previous year in terms of provisions of section 115TD, the applicant shall be liable to pay tax and interest in respect of accreted income within specified time as per provisions of section 115TD to 115TF of the Income Tax Act, 1961 unless the application for fresh registration under section 12AB for the said previous year is granted by the Commissioner. | |
| | d. The Trust/ Institution should quote the PAN in all its communications with the Department. | |
| | e. The registration u/s 12AB of the Income Tax Act, 1961 does not automatically confer any right on the donors to claim deduction u/s 80G. | |

| | | |
|---|---|---|
| | f. Order u/s 12AB read with section 12A does not confer any right of exemption upon the applicant u/s 11 and 12 of Income Tax Act, 1961. Such exemption from taxation will be available only after the Assessing Officer is satisfied about the genuineness of the activities promised or claimed to be carried on in each Financial Year relevant to the Assessment Year and all the provisions of law acted upon. This will be further subject to provisions of section 2(15) of the Income Tax Act, 1961. | |
| | g. No change in terms of Trust Deed/ Memorandum of Association shall be effected without due procedure of law and its intimation shall be given immediately to Office of the Jurisdictional Commissioner of Income Tax. The registering authority reserves the right to consider whether any such alteration in objects would be consistent with the definition of "charitable purpose" under the Act and in conformity with the requirement of continuity of registration. | |
| | h. The Trust/ Society/ Non Profit Company shall maintain accounts regularly and shall get these accounts audited in accordance with the provisions of the section 12A(1)(b) of the Income Tax Act, 1961. Seperate accounts in respect of each activity as specified in Trust Deed/ Memorandum of Association shall be maintained. A copy of such account shall be submitted to the Assessing Officer. A public notice of the activities carried on/ to be carried on and the target group(s) (intented beneficiaries) shall be duly displayed at the Registered/ Designated Office of the Organisation. | |
| | i. The Trust/ Institution shall furnish a return of income every year within the time limit prescribed under the Income Tax Act, 1961. | |
| | j. Seperate accounts in respect of profits and gains of business incidental to attainment of objects shall be maintained in compliance to section 11(4A) of Income Tax Act, 1961. | |
| | k. The registered office or the principal place of activity of the applicant should not be transferred outside the jurisdiction of Jurisdictional Commissioner of Income Tax except with the prior approval. | |
| | l. No asset shall be transferred without the knowledge of Jurisdictional Commissioner of Income Tax to anyone, including to any Trust/ Society/ Non Profit Company etc. | |
| | m. The registration so granted is liable to be cancelled at any point of time if the registering authority is satisfied that activities of the Trust/ Institution/ Non Profit Company are not genuine or are not being carried out in accordance with the objects of the Trust/ Institution/ Non Profit Company. | |
| | n. If it is found later on that the registration has been obtained fraudulently by misrepresentation or suppression of any fact, the registration so granted is liable to be cancelled as per the provision u/s section 12AB(4) of the Act. | |
| | o. This certificate cannot be used as a basis for claiming non-deduction of tax at source in respect of investments etc. relating to the Trust/ Institution. | |
| | p. All the Public Money so received including for Corpus or any contribution shall be routed through a Bank Account whose number shall be communicated to Office of the Jurisdictional Commissioner of Income Tax. | |
| | q. The applicant shall comply with the provisions of the Income Tax Act, 1961 read with the Income Tax Rules, 1962. | |
| | r. The registration and the Unique registration number has been instantly granted and if, at any point of time, it is noticed that form for registration has not been duly filled in by not providing, fully or partly, or by providing false or incorrect information or documents required to be provided under sub-rule (1) or (2) of rule 17A or by not complying with the requirements of sub- rule (3) or (4) of the said rule, the registration and Unique Registration Number (URN), shall be cancelled and the registration and URN shall be deemed to have never been granted or issued. | |
| | Name and Designation of the Registration Granting Authority | Principal Commissioner of Income Tax/ Commissioner of Income Tax<br><br>(Digitally signed) |

Certification signature by SIBICHEN K MATHEW <k.sibichen.mathew@incometax.gov.in>, Validity Unknown

Digitally signed by SIBICHEN K MATHEW
Date: 2022.04.07
18:06:39 IST

ସୁସ୍ମିତା ମହାପାତ୍ର



# ଓଡ଼ିଆ ବର୍ଣ୍ଣବୋଧ

ଅନ୍ତରର ଭାବକୁ ପରିପ୍ରକାଶ କରିବାର ମାଧମକୁ କହନ୍ତି, ଭାଷା । ମଣିଷ ମଣିଷ ମଧରେ ସମ୍ପର୍କର ସେତୁ ଯୋଡ଼ିବାରେ ମୁଖ୍ୟ ଭୂମିକା ନିର୍ବାହ କରେ ଭାଷା । ଭାଷା ରହିତ ଜୀବନ, ବର୍ବର, ପଶୁତୁଲ୍ୟ । ଯେଉଁ ଜାତି ବା ଦେଶର ଭାଷା ଯେତେ ଉନ୍ନତ, ସେ ଜାତି ସେତେ ସମୃଦ୍ଧ ଏବଂ ତା'ର ସାହିତ୍ୟ ମଧ ସେତେ ଉଚ୍ଚକୋଟୀର । ଭାବ, ଭଙ୍ଗୀ, ଲୟ, ଲକ୍ଷ୍ୟ, ଇଙ୍ଗିତ, ଇସାରା, ପ୍ରତୀକ, ସବୁକିଛି ଭାଷା ମଧରେ ସମାହିତ ଏବଂ ଏଇ ଭାଷା ପରିପ୍ରକାଶ ନିମନ୍ତେ ମୁଖ୍ୟ ଉପାଦାନ ହେଉଛି ଶବ୍ଦମାଳା ଏବଂ ଏଇ ଶବ୍ଦମାଳାର ଏନ୍ତୁଡ଼ିଶାଳ, ବର୍ଣ୍ଣମାଳା ।

ଆମ ଦେଶ ଭାରତ, ଅଣତିରିଶଟି ପ୍ରଦେଶ ଓ ସାତଟି କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ ଗଠିତ ଏବଂ ଏହି ପ୍ରତ୍ୟେକ ଅଞ୍ଚଳର ଭାଷା ଭିନ୍ନଭିନ୍ନ । ଭାରତର ପୂର୍ବ ଭାଗରେ ଅବସ୍ଥିତ ଓଡ଼ିଶାର ମାନଚିତ୍ର, କଳା, ସ୍ଥାପତ୍ୟ, ସଂସ୍କୃତି ଓ ପରମ୍ପରାର ରଙ୍ଗରେ ରଞ୍ଜିତ । ବନ, ଲତା, ପାହାଡ଼, ପର୍ବତ, ନଦ, ନଦୀ ଦ୍ୱାରା ପରିପୁଷ୍ଟ ଏବଂ ମହାସାଗର ଦ୍ୱାରା ପରିବେଷ୍ଟିତ । ଏତଦବ୍ୟତୀତ ମୁନିରଷିଙ୍କର ପବିତ୍ର ପ୍ରଣବ ଧ୍ୱନି, ଆର୍ଷବଚନରେ ସ୍ୱନ୍ଦିତ, ଅଭିମନ୍ତ୍ରିତ ତଥା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତର ମୂର୍ଚ୍ଛନାରେ ଝଙ୍କୃତ । ଭାରତବର୍ଷର ଏହି ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଓଡିଶାର ଭାଷା ଓଡ଼ିଆ ଓ ଆମେ ସବୁ ଓଡିଆ ଭାବେ ଗର୍ବିତ । ଆମ ଲେଖନୀ ମୁନରେ ସ୍ୱତଃ ଫୁଟିଉଠେ, ଆମ ପ୍ରଦେଶର ଐତିହ୍ୟ ତଥା ଭାଷାର ଜୟଗାନ । ଅବିରତ ସୃଷ୍ଟି ହେଇଚାଲେ କେତେ ଗ୍ରନ୍ଥ, କାବ୍ୟ, ମହାକାବ୍ୟ, କବିତା, ଗଳ୍ପ, ଉପନ୍ୟାସ, ଆତ୍ମଜୀବନୀ, ଜ୍ଞାନବିଜ୍ଞାନ ଓ ବ୍ୟାକରଣ । ଭାଷା ଲିପିବଦ୍ଧ ହୁଏ ବର୍ଣ୍ଣମାଳାରେ ସତ ମାତ୍ର ମାର୍ଜିତ, ନିୟନ୍ତ୍ରିତ ତଥା ସମୃଦ୍ଧ ହୁଏ ବ୍ୟାକରଣରେ । ଓଡ଼ିଆ ଭାଷାର ଗବେଷକ ତଥା ଭାଷାବିତ ପଣ୍ଡିତ ଡଃ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ଅନୁଯାୟୀ, "ଭାଷାର ଶୃଙ୍ଖଳାଶାସ୍ତ୍ର ହିଁ ବ୍ୟାକରଣ ଯାହାଦ୍ୱାରା ଭାଷାର ଅବକ୍ଷୟ ଓ ଉଚ୍ଛୃଙ୍ଖଳତା ନିବାରିତ ହୁଏ ତଥା ଭାଷା ଓ ଶବ୍ଦ ସମ୍ବନ୍ଧୀୟ ଅବୋଧ ବିଷୟମାନ, ସହଜ ଓ ବୋଧଗମ୍ୟ ହେଇଯାଏ"।

ଏକ ସିଂହାବଲୋକନରୁ ଜଣାଯାଏ ଯେ, କଟକର ବାଙ୍କୀ ନିବାସୀ ଶିକ୍ଷାବିତ ପଣ୍ଡିତ ଗୋବିନ୍ଦ ରଥ 1876 ମସିହାରେ, ପିଲାଙ୍କ ସହଜ ଓଡ଼ିଆ ଶିକ୍ଷା ନିମନ୍ତେ ରଚନା କରିଥିଲେ 'ବର୍ଣ୍ଣବୋଧକ' ବହି । ମହାଶୟ, ପୁରୁଣା ଭୁବନେଶ୍ୱର, ଇଂରାଜୀ ମାଧମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଥିଲାବେଳେ, ସେହି ବିଦ୍ୟାଳୟରେ ତାଙ୍କ ଅଧୀନରେ ସହକାରୀ ଶିକ୍ଷକ ଥିଲେ, ଭକ୍ତକବି ମଧୁସୂଦନ ରାଓ । ପଣ୍ଡିତ ରଥଙ୍କ ମହାପ୍ରୟାଣ ଓ ବର୍ଣ୍ଣବୋଧକ ପ୍ରକାଶିତ ହେବାର ଦୀର୍ଘ କୋଡିଏ(୨୦) ବର୍ଷ ପରେ ୧୮୯୭ ମସିହହାରେ, 'ବର୍ଣ୍ଣବୋଧକ'ର ପ୍ରାୟ ନକଲରେ, କୋଲକାତାର ମ୍ୟାକ ମିଲନ ଏଣ୍ଡ କୋ ଦ୍ୱାରା ପ୍ରକାଶିତ ହୋଇଥିଲା ମଧୁସୂଦନ ରାଓଙ୍କ ରଚିତ ଓଡ଼ିଆ 'ବର୍ଣ୍ଣବୋଧ'ର ପ୍ରଥମ ସଂସ୍କରଣ । ପ୍ରତ୍ୟେକ ଓଡ଼ିଆଙ୍କୁ ଶୁଦ୍ଧ ଓଡ଼ିଆ ଭାଷା ସହିତ ପରିଚିତ କରାଇବାରେ ଏହା ଥିଲା ପଣ୍ଡିତ ଗୋବିନ୍ଦ ରଥଙ୍କ ପରେ ଭକ୍ତକବିଙ୍କର ଏକ ବଳିଷ୍ଠ ତଥା ସମୟୋଚିତ ପ୍ରୟାସ । କିନ୍ତୁ ପରିତାପର ବିଷୟ ବର୍ଣ୍ଣବୋଧ, ପ୍ରଥିତଯଶା ଲେଖକ ପଣ୍ଡିତ ରଥଙ୍କ ବର୍ଣ୍ଣବୋଧକର ନକଲ ହୋଇଥିଲେ ମଧ ମଧୁବାବୁ ତାହା କେଉଁଠାରେ ସ୍ୱୀକାର ବା ଉତ୍ଥାପନ କରିନାହାନ୍ତି । ପଣ୍ଡିତ ରଥଙ୍କର ଉତ୍ତରାଧିକାରୀ କେହି ନଥିବାରୁ, ତାଙ୍କ ଅନ୍ତେ ବର୍ଣ୍ଣବୋଧକକୁ ସୁରକ୍ଷିତ ରଖି ତା'ର ପ୍ରସାରଣ ବୃଦ୍ଧି କରାଯାଇ ପାରିନାହିଁ ସତ କିନ୍ତୁ ଏବେବି ସେ ବହି, ରାଜ୍ୟ ହରେକୃଷ୍ଣ ମହତାବ ପାଠାଗାରରେ ଉପଲବ୍ଧ । ଏଣୁ ଏଯାବତ ମଧୁବାବୁ ଆଧୁନିକ ଓଡ଼ିଆ ସାହିତ୍ୟର ପିତା ରୂପେ ପୂଜ୍ୟ ଓ ନମସ୍ୟ ହୋଇ ରହିଛନ୍ତି ଏବଂ ବର୍ଣ୍ଣବୋଧ, ଓଡ଼ିଆ ସାହିତ୍ୟର ଦ୍ୱାର ସଦୃଶ ମଜଭୁତ ଭାବେ ଦଣ୍ଡାୟମାନ । ଏସବୁ ସତ୍ତ୍ୱେ, ସ୍ୱର୍ଗତ ଗୋବିନ୍ଦ ରଥଙ୍କ ବର୍ଣ୍ଣବୋଧକ ଏବଂ ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧ ଦୁଇଟିକୁ ଏକତ୍ର ଅଧୟନ କଲେ, ବର୍ଣ୍ଣବୋଧର ମୂଳ ରଚୟିତାଙ୍କ ବାବଦରେ ଥିବା ସଂଶୟ ଦୂର ହେଇପାରିବ ବୋଲି ମନେହୁଏ । ଏହି ବର୍ଣ୍ଣବୋଧ ମାଧମରେ ଓଡ଼ିଆ ଶିକ୍ଷା, ସରଳ ଓ ସହଜଲବ୍ଧ ହୋଇପାରିଛି । କ୍ରମେ ଏହାର ଅନେକ ସଂସ୍କରଣ ପ୍ରକାଶିତ ହେଇଛି, ଯେପରିକି ଓଡ଼ିଆ ବର୍ଣ୍ଣବୋଧ, ମଧୁ ବର୍ଣ୍ଣବୋଧ, ଚର୍ଚ୍ଚିତ ବର୍ଣ୍ଣବୋଧ, ପିଲାଙ୍କ ବର୍ଣ୍ଣବୋଧ, ଛବିଳ ମଧୁ ବର୍ଣ୍ଣବୋଧ, ସଚିତ୍ର ମଧୁ ବର୍ଣ୍ଣବୋଧ ଇତ୍ୟାଦି । ପ୍ରଥମେ ପ୍ରଥମେ ଏହି ବର୍ଣ୍ଣବୋଧର ଲୋକପ୍ରିୟତା ବାଲେଶ୍ୱର, କଟକ, ଢେଙ୍କାନାଳ, ପୁରୀ ଯାଜପୁର, କେନ୍ଦ୍ରାପଡ଼ା ଆଦି ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କରେ ଅଧିକ ଥିବାବେଳେ କ୍ରମେ ତାହା ଦକ୍ଷିଣ ଓ ପଶ୍ଚିମାଞ୍ଚଳର ଲୋକଙ୍କ ଦ୍ୱାରା ମଧ ବେଶ ଆଦୃତ ହୋଇଥିଲା । କିନ୍ତୁ ତା' ପୂର୍ବରୁ ପନ୍ଦରଶହ(୧୫୦୦) ମସିହାରୁ ଅଠରଶହ ଛସ୍ତରୀ(୧୮୭୬) ମସିହା ପର୍ଯ୍ୟନ୍ତ ମାଟିବଂଶ ବୋଲି ଗୋଟିଏ ଜାତି ଗାଁ ଗାଁ ବୁଲି ଚାଟଶାଳୀ ଶିକ୍ଷା ପ୍ରଦାନ କରୁଥିଲେ । ତେଣୁ ତାଙ୍କୁ ମାଟିବଂଶ ଅବଧାନ ବୋଲି କୁହାଯାଉଥିଲା । ଏହି

ଚାଟଶାଳୀ ଶିକ୍ଷା ହିଁ ଓଡ଼ିଆ ଭାଷାକୁ ପ୍ରତ୍ୟେକ ଓଡ଼ିଆଙ୍କ ପାଖରେ ପହଞ୍ଚାଇବା ପାଇଁ ବର୍ଣ୍ଣବୋଧକ ଏବଂ ବର୍ଣ୍ଣବୋଧ ରଚନାର ଅନେକ ପୂର୍ବରୁ ଅଣ୍ଟାଭିଡ଼ି ଖୁବ ସଫଳତା ପାଇପାରିଥିଲା, ଯାହାର ଫଳଶ୍ରୁତି ସ୍ୱରୂପ ଓଡ଼ିଆ ଭାଷା, ବହୁଲୋକପ୍ରିୟତା ଏବଂ ବିଳମ୍ବରେ ହେଲେ ମଧ ଷଷ୍ଠ ଶାସ୍ତ୍ରୀୟ ଭାଷାରୂପେ ମାନ୍ୟତା ଲାଭ କଲା ।

ଐନ୍ଦ୍ରବ୍ୟାକରଣ ସମ୍ପ୍ରଦାୟର ଇନ୍ଦ୍ରଋଷିଙ୍କ ବ୍ୟାକରଣ ଅନୁଯାୟୀ, ବର୍ଣ୍ଣର ସୃଷ୍ଟି ବାୟୁରୁ । ସେଥିପାଇଁ ଆମ ବର୍ଣ୍ଣମାଳାର ଅଣଚାଶଟି ବର୍ଣ୍ଣକୁ ଇନ୍ଦ୍ରଙ୍କର ଅଣଚାଶ ବାଆ ବୋଲି କୁହାଯାଏ ଯଦିଓ ଏହି ଅଣଚାଶ ବାଆ ପ୍ରଳୟର ସୂଚନା ବୋଲି ଆମର ଏକ ସାଧାରଣ ଧାରଣା ରହିଛି । ସେଥିମଧ୍ୟରୁ ସ୍ୱରବର୍ଣ୍ଣ 'ଅ' ରୁ 'ଔ' ପର୍ଯ୍ୟନ୍ତ ଏଗାର(୧୧) ଟି ଏବଂ ବ୍ୟଞ୍ଜନବର୍ଣ୍ଣ 'କ' ରୁ 'ଳ' ପର୍ଯ୍ୟନ୍ତ ପଇଁତିରିଶ(୩୫)ଟି । ବ୍ୟଞ୍ଜନବର୍ଣ୍ଣ ମଧ୍ୟରୁ ବର୍ଗ୍ୟ ବ୍ୟଞ୍ଜନ ପାଞ୍ଚଟି ବର୍ଗ୍ୟ(କ ଚ ଟ ତ ପ) ରେ ପାଞ୍ଚଟା ଲେଖାଁକରି 'କ' ରୁ 'ମ' ପର୍ଯ୍ୟନ୍ତ ପଚିଶ(୨୫)ଟି, ଅବର୍ଗ୍ୟ ବ୍ୟଞ୍ଜନ(ଯ ର ଳ ବ ଶ ଷ ସ ହ ୟ ଲ) ଦଶ(୧୦)ଟି ଏବଂ ଅଯୋଗବାହ(ଅନୁସ୍ୱାର, ବିସର୍ଗ, ଚନ୍ଦ୍ରବିନ୍ଦୁ) ତିନି(୩)ଟି । କିନ୍ତୁ ମଧୁବାବୁଙ୍କ ବର୍ଣ୍ଣବୋଧରେ କେତେକ ବ୍ୟତିକ୍ରମ ଦେଖାଯାଏ । ଯେପରିକି 'ଦୀର୍ଘ ଋ' ର ବ୍ୟବହାର ଏଯାବତ ଦୃଷ୍ଟ ହେଉନଥିଲେ ମଧ ତାହାକୁ ସ୍ୱରବର୍ଣ୍ଣରେ ରଖାଯାଇଛି । 'କ୍ଷ'(କ+ଷ) ଏକ ଯୁକ୍ତବର୍ଣ୍ଣ ହୋଇଥିଲେ ହେଁ ତାହାକୁ ଅବର୍ଗ୍ୟ ବ୍ୟଞ୍ଜନ ପର୍ଯ୍ୟାୟଭୁକ୍ତ କରାହେଇଛି । ପରବର୍ତ୍ତୀ ସଂସ୍କରଣ ମାନଙ୍କରେ, ଅଯୋଗବାହ ତିନୋଟିକୁ ବ୍ୟଞ୍ଜନବର୍ଣ୍ଣ ଭୁକ୍ତ ମଧ କରାହୋଇଛି । ସାମ୍ପ୍ରତିକ ଛବିଳ ମଧୁ ବର୍ଣ୍ଣବୋଧ ବା ସଚିତ୍ର ମଧୁ ବର୍ଣ୍ଣବୋଧ ଆଦିରେ ଅତିରିକ୍ତ ବର୍ଣ୍ଣ(ଡ଼ ଢ଼ ୟ ଲ କ୍ଷ) ପାଞ୍ଚ(5)ଟି ଦେଖିବାକୁ ମିଳୁଛି ଯାହା ଅଠରଶହ ଛ'(୧୮୦୬) ମସିହାର ପ୍ରଥମ ଓଡ଼ିଆ ବୈୟାକରଣ( ବ୍ୟାକରଣ ଲେଖକ), ପଣ୍ଡିତ ଗଦାଧର ବିଦ୍ୟାବାଗୀଶଙ୍କ ଓଡ଼ିଆ ବ୍ୟାକରଣ କିମ୍ବା ମହାଭାଷା ପ୍ରଣେତା ମହର୍ଷି ପତଞ୍ଜଳିଙ୍କ ଅନୁଯାୟୀ ଆଦୌ ଗ୍ରହଣୀୟ ନୁହେଁ । ଏଇ ପରିପ୍ରେକ୍ଷୀରେ ଆମେ ଏକ ଉଦାହରଣ ନେଇପାରୁ । ବ୍ୟାକରଣ ହେଉଛି କେତେଗୁଡିଏ ସାର୍ବଜନୀନ ପ୍ରାମାଣିକ ସୂତ୍ରର ସମାହାର । ତେବେ ଡ, ଡ଼ ଏବଂ ଢ, ଢ଼ ଯଦି ଦୁଇ ଦୁଇଟି ବର୍ଣ୍ଣ ହୁଏ, ତେବେ ସେମାନଙ୍କର ବ୍ୟବହାରକୁ ନେଇ ନିର୍ଦ୍ଦିଷ୍ଟ ସୂତ୍ର ବା ବିଧି ରହିବା ବାଞ୍ଛନୀୟ । ଯେପରିକି ଶବ୍ଦର ଆରମ୍ଭରେ ଡ ଓ ଢ ଲେଖା ହେଉଥିବାବେଳେ ଯଥା- ଡର, ଡମ୍ବରୁ ଓ ଢାଳ, ଢମଣା ଇତ୍ୟାଦି, ଅନ୍ୟତ୍ର ଉକ୍ତ ବର୍ଣ୍ଣର ବ୍ୟବହାର ବେଳେ, ଡ ଓ ଢ ପରିବର୍ତ୍ତେ ତଳେ ବିନ୍ଦୁ ଯୋଗକରି ଡ଼ ଓ ଢ଼ ଲେଖାଯାଏ ଯଥା- ବଡ଼, ମାଡ଼ ଓ କଢ଼, ପୋଢ଼ ଇତ୍ୟାଦି । କେତେକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଯାଏ ଯଥା- ଓଡ୍ର, ଅଣ୍ଡା ଓ ଷଣ୍ଢ, ବର୍ଣ୍ଣାଢ୍ୟ ଇତ୍ୟାଦି । ଏଥିରୁ ହୃଦବୋଧ ହୁଏ ଡ ଓ ଢ ଯୁକ୍ତବର୍ଣ୍ଣ ରୂପେ ଥିଲେ ଡ଼ ଓ ଢ଼ ନହୋଇ ମୂଳ ପ୍ରକୃତି ରକ୍ଷା କରନ୍ତି । ଅତଏବ ଦ୍ୱିତୀୟ ସୂତ୍ରଟିର ବିଶେଷତ୍ୱ ପ୍ରଥମ ସୂତ୍ରଟିର ସାଧାରଣତ୍ୱ ଉପରେ ଏକ କଟକଣା । ଏତାଦୃଶ କ୍ଷେତ୍ରରେ ପ୍ରଥମଟି ଉତ୍ସର୍ଗୀକୃତ ଓ ଦ୍ୱିତୀୟଟି ଅଧିକାର ବା ଅପବାଦ ସୂତ୍ର । ଏହା ପତଞ୍ଜଳିଙ୍କ ଭାଷାରେ, "ଉତ୍ସର୍ଗାପବାଦୌ । କଶ୍ଚିଦୁତ୍ସର୍ଗହ୍ କର୍ତ୍ତବ୍ୟହ୍ କଶ୍ଚିଦଅପବାଦହ୍ "।

ଏଇ ବିଗତ ଦିନରେ(୨୦୧୪), ଓଡିଶା ସରକାରଙ୍କ ଦ୍ୱାରା ପରିଚାଳିତ ଅନୁଷ୍ଠାନ, ଓଡ଼ିଆ ଭାଷା ପ୍ରତିଷ୍ଠାନ, ଛବିଳ ମଧୁ ବର୍ଣ୍ଣବୋଧକୁ ସରଳ ତଥା କମ୍ପୁ୍ୟଟର ମୁଦ୍ରଣ ଅନୁକୂଳ କରିବାକୁ ଯାଇ ବୁଦ୍ଧିଜୀବୀ ତଥା ଶିକ୍ଷାବିତଙ୍କ ବ୍ୟାପକ ପରାମର୍ଶ ବିନା, ଛବିଳ ମଧୁ ବର୍ଣ୍ଣବୋଧ ପରିବର୍ତ୍ତେ ମଧୁ ଶବ୍ଦକୁ ହଟାଇ ପ୍ରକାଶ କରିଥିଲା ତା'ର ଏକ ନୂତନ ସଂସ୍କରଣ, ଛବିଳ ବର୍ଣ୍ଣବୋଧ, ଯେଉଁଥିରେ ମଧୁବାବୁଙ୍କ ବର୍ଣ୍ଣବୋଧ ର ପ୍ରାୟ ନବେ ପ୍ରତିଶତ ସମାନ ଥିଲା ଏବଂ ପଛରେ ମଧୁବାବୁଙ୍କ ଫୋଟୋ ମଧ ଥିଲା । କିନ୍ତୁ ସ୍ୱତନ୍ତ୍ର ଭାବେ ନଲେଖି କେବଳ ଦଶ ପ୍ରତିଶତକୁ ଅନୈତିକ ଭାବେ ପରିବର୍ତ୍ତନ କାରାଯାଇ, ଯୁକ୍ତାକ୍ଷର ପରିବର୍ତ୍ତେ ଅନୁସ୍ୱାରର ବ୍ୟବହାର, ତାଳବ୍ୟ ଶ, ମୁର୍ଦ୍ଧନ୍ୟ ଷ, ଦନ୍ତ୍ୟ ସ ତିନୋଟି ପରିବର୍ତ୍ତେ ଗୋଟିଏ 'ସ', ଦୀର୍ଘ ଈ ଏବଂ ହ୍ରସ୍ୱ ଇ ଦୁଇଟି ପରିବର୍ତ୍ତେ ଗୋଟିଏ 'ଇ', ବର୍ଗ୍ୟ ଜ ଓ ଅବର୍ଗ୍ୟ ଯ ଦୁଇଟି ପରିବର୍ତ୍ତେ ଗୋଟିଏ 'ଜ', ଦୁଇଟି ବ(ବ ଓ ୱ) ପରିବର୍ତ୍ତେ ଗୋଟିଏ 'ୱ' ର ବ୍ୟବହାର କରାଯାଇଥିଲା । ସାମାଜିକ ସ୍ଥିତି ଓ ବ୍ୟବସ୍ଥାକୁ ଖାପ ଖୁଆଇ ଚଳେଇ ନେବାକୁ ଏହା ଏକ ବିକଳ୍ପ ବ୍ୟବସ୍ଥା ଭାବି କେହି କେହି ବିଜ୍ଞ ବ୍ୟକ୍ତିତ୍ୱ ଏବଂ ଭାଷାବିତ ଚୁପ ରହିଥିଲେ । ମାତ୍ର, ବହି ପ୍ରକାଶନ, ଓ ସାରା ରାଜ୍ୟର ବିଦ୍ୟାଳୟ ମାନଙ୍କୁ ବିତରଣ ହେବାର କିଛି ଦିନ ପରେ, ମଧୁବାବୁଙ୍କ ଉତ୍ତରାଧିକାରୀ, ସମ୍ପର୍କୀୟ, ପ୍ରଶଂସକ ତଥା ମୁଷ୍ଟିମେୟ ଭାଷାବିତ ମାନଙ୍କ ପ୍ରବଳ ବିରୋଧ ଯୋଗୁଁ ଏହି ବିକୃତ କଳେବରର ମୁଦ୍ରଣ ଓ ବିତରଣ ବ୍ୟବସ୍ଥାକୁ ସରକାରଙ୍କ ଦ୍ୱାରା ସ୍ଥଗିତ ରଖାଗଲା । ମଧୁବାବୁଙ୍କ ବର୍ଣ୍ଣବୋଧକୁ ବିକୃତ କାରାଯାଇ ପାରିବ ନାହିଁ, ନୂତନ ସଂସ୍କରଣର ବିତରଣ ବନ୍ଦ କରାହେବ ଏବଂ ଅବିକଳ ପୁରୁଣା ବର୍ଣ୍ଣବୋଧକୁ ଛପାଇ ଆବଶ୍ୟକତା ଥିବା ବିଦ୍ୟାଳୟ ମାନଙ୍କୁ ପ୍ରେରଣ କରାଯିବାର ପ୍ରତିଶ୍ରୁତି ମୁଖ୍ୟ ଶାସନ ସଚିବ ଦେବାପରେ ବିଦ୍ରୋହ ଥମିଥିଲା ସତ, କିନ୍ତୁ ଏଯାବତ ଉଚ୍ଚ ନ୍ୟାୟାଳୟରେ ଏହା ଉପରେ ମୋକଦ୍ଦମା ଚାଲୁ ରହିଛି ।


ବିତରଣ ବନ୍ଦ ରହିବାରୁ ଅନେକ ବହି ଏବେବି ସରକାରଙ୍କ ଗୋଦାମରେ ଖତ ଖାଉଛି ।

ବିରୋଧ, ବିବାଦ, ପ୍ରତିବନ୍ଧ, ଇଏ ତ ପରବର୍ତ୍ତୀ ପର୍ଯ୍ୟାୟର ପ୍ରଶ୍ନ ବା ପ୍ରସଙ୍ଗ, ତଥାପି ଓଡ଼ିଆ ବର୍ଣ୍ଣବୋଧ ଆଜିବି ଆଧୁନିକ ଓଡ଼ିଆ ସାହିତ୍ୟର ଭିତ୍ତିପ୍ରସ୍ତର ରୂପେ ଗ୍ରହଣୀୟ ହୋଇ ରହିଛି, ଯେଉଁଥିରେ ବର୍ଣ୍ଣମାଳା ଶିଖିବା ସହିତ ବନାକ୍ଷର, ମାତ୍ରା, ଅଯୋଗବାହ, ହଳନ୍ତ, ଫଳା, ରେଫ ର ବ୍ୟବହାର ଆମେ ଶିକ୍ଷା କରିଥାଉ । ବିଭିନ୍ନ ଯୁକ୍ତାକ୍ଷର ସମ୍ବନ୍ଧରେ ଜ୍ଞାନ ଅର୍ଜନ କରୁ । ଏତଦବ୍ୟତୀତ ଏହାର କଳେବର,  ଆମ ପ୍ରକୃତି ଓ ପରିବେଶର ବର୍ଣ୍ଣନା, ଦେବାଦେବୀ ତଥା ଦେଶ ବନ୍ଦନା ଓ ସ୍ତବପାଠ, ଜଣାଣ, ପାରିବାରିକ ଜ୍ଞାନ, ମହାପୁରୁଷଙ୍କ ଜୀବନୀ, ରାମଧୂନ ଓ ଜାତୀୟ ସଂଗୀତରେ ସମୃଦ୍ଧ । ଏଥିରେ ମଧ ରହିଛି,  ଦିଗ ଓ କୋଣ, ଦିନରାତି, ମାସ, ବର୍ଷ, ଋତୁ, ରାଶି, ନକ୍ଷତ୍ର, ସମୟ ହିସାବ, ଦ୍ରବ୍ୟ ଗଣନା, ସଂଖ୍ୟା ଗଣନା, ମେଟ୍ରିକ ପ୍ରଣାଳୀରେ ଓଜନ, ଦୈର୍ଘ୍ୟ, ଭୂମି ଓ ତରଳ ପଦାର୍ଥର ମାପ, ପଣିକିଆ ସର୍ବୋପରି ଇଂରାଜୀ ଅକ୍ଷର ଓ ହିନ୍ଦୀ ଅକ୍ଷର ଶିକ୍ଷା କରିବାର ସୁଯୋଗ । ପ୍ରାରମ୍ଭିକ ତଥା ପ୍ରାଥମିକ ସ୍ତରରେ ଯେକୌଣସି ଓଡ଼ିଆଙ୍କ ବିଦ୍ୟା ଶିକ୍ଷା ନିମନ୍ତେ ଓଡ଼ିଆ ବର୍ଣ୍ଣବୋଧ, ଦୀର୍ଘ ଏକ ଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ିଆ ଭାଷା ଶିକ୍ଷାର ମୁଖଶାଳା ରୂପେ ବିଶେଷ ସହାୟକ ହୋଇ ଆସିଛି । ପିଲାଙ୍କୁ ପ୍ରାରମ୍ଭିକ ଶିକ୍ଷା ଦେଲାବେଳେ ଉଭୟ ଅଭିଭାବକ ଏବଂ ଶିକ୍ଷକଙ୍କ ପାଇଁ ଏହା ସାଜିଛି ଏକ ଅପରିହାର୍ଯ୍ୟ ମାର୍ଗଦର୍ଶିକା ।

ଯେଉଁ ସମୟର ଆବଶ୍ୟକତା ଏବଂ ଉଦ୍ଦେଶ୍ୟ ଦୃଷ୍ଟିରୁ ବର୍ଣ୍ଣବୋଧ ଲେଖିବାର ପରିକଳ୍ପନା କରାଯାଇଥିଲା, ତାହାରି ଅନୁସରଣରେ ପ୍ରତ୍ୟେକ ସମୟର ଆବଶ୍ୟକତା ମେଣ୍ଟାଇବା ପାଇଁ ବର୍ଣ୍ଣବୋଧ ଭଳି ମହାର୍ଘ ପୁସ୍ତକ ପ୍ରଣୟନର ଗୁରୁତ୍ୱ ରହିଛି ଏବଂ ରହିଥିବ ମଧ ।

*****

ସରକାରୀ ଉଚ୍ଚ ବିଦ୍ୟାଳୟ,
ସେକ୍ଟର- ୬, ରାଉରକେଲା-୨,
ସୁନ୍ଦରଗଡ, ମୋ ନଂ: ୯୪୩୭୫୦୩୧୩୮
Email: susmita6674@gmail.com



ସଦାନନ୍ଦ ତ୍ରିପାଠୀ



# କିଏ ଜଣେ କେବେ ଦିନେ

ସହରର ଦକ୍ଷିଣରୁ ଉତ୍ତର ଦିଗକୁ ବହି ଯାଇଥିବା ଦୁର୍ଗନ୍ଧ ଯୁକ୍ତ ପଚା ପାଣିର ନାଳ ଉପରେ ନିର୍ମିତ ପୋଲର କାନ୍ଥିରେ ଦିନ ଦ୍ୱିପହରରୁ ବସିଥାଏ ସେ ଲୋକଟି । ଗନ୍ଧରେ ରୁନ୍ଧି ହୋଇଯାଉଥିବ ନାକ । ପେଟ ଆଉଣ୍ଡେଇ ହୋଇ ବାନ୍ତି ଉଠାଉଥିବ । ଏଣେ ମଧ୍ୟାହ୍ନର ମୁଣ୍ଡଫଟା ଖରା । ବର୍ଚ୍ଛା ପରି ସୂର୍ଯ୍ୟ ରଶ୍ମି ବିନ୍ଧି ଦେଉଛି ଦେହରେ । ଯେ ମଣିଷ ନା ବାବନା ଭୁତ ! ପାଗଳ ଟାଏ କି ? ସୁଦୀର୍ଘ ରାସ୍ତାର ଉଭୟ ପାର୍ଶ୍ୱରେ ରହିଛି ଅସଂଖ୍ୟ ବୃକ୍ଷ । ନାଳଠୁ ଦୂରରେ, ଗଛ ଛାଇରେ ବସି ଥକା ମାରିଲେ ହୁଅନ୍ତାନି ? ପୋଟକା ଗନ୍ଧରେ, ଗ୍ରୀଷ୍ମର ପ୍ରଚଣ୍ଡ ତାପରେ ଚେତା ବୁଡିଯିବା କିମ୍ୱା ପ୍ରାଣ ଚାଲିଯିବା ମଧ ଅସମ୍ଭବ ନୁହେଁ ।

ଲୋକଟି ଯିଏ ବା ଯାହାବି ହୋଇଥାଇ ପାରେ । କାହାର ପୁତ୍ର କି କାହାର ପତି କି କାହାର ପିତା । ଚାକିରୀଜୀବୀ ବା ବେପାରୀ ବା ବାରବୁଲା । ଏତେବଡ ସହରରେ ଯେ କୌଣସି ଜଣେ ଲୋକକୁ ଅନ୍ୟ କେତେଜଣ ପ୍ରକୃତରେ ଚିହ୍ନି ଥାନ୍ତି କି ଜାଣିଥା'ନ୍ତି ? କୌତୁହଳ ଓ ବିସ୍ମୟରେ ତା ଆଡକୁ ଘୁରି ଘୁରି ଦେଖୁଥିଲେ ସେ ରାସ୍ତାରେ ଯାତାୟାତ କରୁଥିବା ଜନସାଧାରଣ । କାହାର ପାଟିରୁ ଫୁଟେ ବ୍ୟଙ୍ଗ, ପରିହାସ ; କା ମୁହଁରୁ ମର୍ମନ୍ତୁଦ ମନ୍ତବ୍ୟ ।

ଲୋକଟି କାହା କଥାକୁ କର୍ଣପାତ କରେନା । କୁଆଡେ ତା' ଧ୍ୟାନ ଥାଏ ତାହା ଜଣା ପଡ଼େନା । ଟିକିଏ ବି ହଲଚଲ ନ ହୋଇ ସେ ସ୍ଥାଣୁବତ ଏକୁଟିଆ ବସି ରହିଥାଏ । ଚାହିଁ ରହିଥାଏ ରାସ୍ତାରେ ଆତଯାତ କରୁଥିବା ଲୋକ ମାନଙ୍କୁ, ଶୂନ୍ୟ ଆକାଶକୁ , ଅନତି ଦୂରରେ ଥିବା ବଜାର ଆଡକୁ , ଆଖପାଖର ଗଛ ଓ ସବୁଜ ପତ୍ର ଗୁଡିକୁ , ନାଳରେ ବହୁଥିବା କଳା କଳା ବହଳିଆ ପାଣି ସହ ଯାବତୀୟ ଅଳିଆ ଆବର୍ଜନାକୁ ।

ବହୁ ପରିଚିତ ଦୃଶ୍ୟ ସବୁ ଦେଖି ଦେଖି ଯେପରିକି ସେ ଭୀଷଣ କ୍ଲାନ୍ତ । ହୁଏତ ହତାଶ ଓ ଅବସନ୍ନ ବି । କେତେବେଳେ ଗଛର ପତ୍ର ଗହଳରୁ କେଉଁ ପକ୍ଷୀର ରାବ ଶୁଭିଲେ ଲୋକଟି ତା'ର ଅନୁସନ୍ଧାନୀ ଆଖି ବୁଲାଏ । ପକ୍ଷୀ ଟି ଦିଶେ ବା ଦିଶେନା । ଗ୍ରୀଷ୍ମ ତାପରେ ଦହସତ ପକ୍ଷୀର କାତର ସ୍ୱର ଶୁଣି ଶୁଣି ଲୋକଟି ଚିନ୍ତିତ ଦେଖାଯାଏ । ଋତୁ ବଦଳୁଛି ବୋଲି ଯେତେ ଯିଏ କହୁଥିଲେ ସୁଦ୍ଧା, ବର୍ଷକୁ ବର୍ଷ, ଗ୍ରୀଷ୍ମର ହିଁ ପ୍ରକୋପ ଅଧିକ । ନିରନ୍ତର, ଅବିରତ ।

ସେ ବସିଥିଲା ସେଇଠି । ବିତି ଚାଲିଥିଲା ସମୟ । ପଶ୍ଚିମକୁ ଢଳି ସୂର୍ଯ୍ୟ ଅପସରି ଯାଉଥିଲା ସେ ପାଖରେ ପର୍ବତ ପର୍ଯ୍ୟନ୍ତ । ପର୍ବତର ଆର ପାର୍ଶ୍ୱକୁ ଯିବା ପାଇଁ ବେଶୀ ଡେରି ନାହିଁ । ଖରାର ତାପ ଯଥେଷ୍ଟ ଊଣା ହୋଇ ସାରିଥିଲେ ସୁଦ୍ଧା ଝାଳରେ ସେ ଲୋକର ପୋଷାକ ପୂରାପୂରି ଓଦା । ସରସା ବହି ଆସିଥିବା ମୃଦୁ ଦକ୍ଷିଣା ପବନ ଦେହରେ ବାଜି ତାକୁ ଈଷତ ଆରାମ ଲାଗିଲା ବେଳକୁ, ସାଇକେଲରୁ ଓହ୍ଲାଇ ତା' ଆଗରେ ଠିଆ ହେଲା ଫେରିବାଲା ତପନ ତନ୍ତୀ । ସ୍କୁଲରେ ସେ ତାହାର ସହପାଠୀ ଥିଲା ଓ ଆଗରୁ ପଢା ଛାଡ଼ିଦେଇ ବୁଲି ବୁଲି ଲୁଗା ବେପାର କଲା । ସାଇକେଲର କେରିଅରରେ ପର୍ବତ ପ୍ରମାଣ ଲୁଗା ବୁଜୁଳା ବାନ୍ଧି ଦିନ ତମାମ ସହର ସାରା ଘିରି ଘିରି ବୁଲୁଥାଏ । କେବେ କେବେ ଚତୁଃପାର୍ଶ୍ୱରେ ଥିବା ଗାଁ ଗଣ୍ଡାକୁ ଚାଲିଯାଏ ।

ତପନ ଆଡକୁ ଚାହିଁ ଲୋକଟି ଅପ୍ରସନ୍ନ ଦିଶିଲା । ମୁହଁରେ ବିସ୍ମୟ ଓ ହସ ଫୁଟାଇ ପରିହାସ କଲା ତପନ - ଛାର ଶାଢ଼ୀ ଖଣ୍ଡେ ପାଇଁ ମାଇପକୁ ଉଲୁଗୁଣା ଦେଇ ତୁ ଆସି ଏଇଠି ବସିଛୁ ! ସିଆଡେ ତୋ ମାଇକିନା ବୋବାଳି ଛାଡୁଛି । ନଖାଇ ନପିଇ ଘରୁ ଭୁସକିନା ବାହାରି ଆସିଛୁ । ମୋବାଇଲ ଫୋନଟା ବି ସାଙ୍ଗରେ ଆଣିନୁ ।

ଲୋକଟି ଆକ୍ଷେପ କଲା - ସବୁ ନାଟର ଗୋବର୍ଦ୍ଧନ ତୁ । ପ୍ରତି ମାସରେ ତିନି ଚାରିଥର ତୁ କୁଚୁପରା ଆମ ସାହିକୁ ଚାଲି ଆସୁଛୁ ଲୁଗା ବିକିବାକୁ ଯେ ଆମେ କୋଉ କୁବେର ହୋଇଛୁ, ପ୍ରତି ଥର ଖଣ୍ଡେ ଲେଖାଏଁ କିଣି ପକାଇବୁ ! ଆଜି ମୁଁ ଘରେ ଥିଲି ବୋଲି ସିନା ; ନହେଲେ ସିଏ ନିଶ୍ଚୟ ଖଣ୍ଡେ ପଟେ କିଣି ଦେଇ ପେଡ଼ିରେ ସାଇତି ଥାଆନ୍ତା ।

ହସି ହସି ପଚାରିଲା ତପନ - ତହସିଲ ଅଫିସରେ କାମ କରୁଥିବା ତୋ ଭଳି ଲୋକର ଅଭାବ କଣରେ ଅକ୍ଷୟ ?

ଅକ୍ଷୟ କ୍ଷୋଭ ପ୍ରକାଶ କଲା - ବାହା ହୋଇ ଅଠର ବର୍ଷ ପୂରିଗଲା । ସେ ମୋତେ ସନ୍ତାନ ଟିଏ ଦେଲାନି । ଯୌବନ ବିତିଯିବା ପରେ ନିତି ନିଜକୁ ସଜାଇ ଦିନରେ ଚାରିଥର ଶାଢ଼ୀ ବଦଳାଇଲେ କଣଟା ଆଲୁଅ ହବ ?

ତୋ ପାଖରୁ ମଞ୍ଜି ଟାଏ ପାଇଲେ ସିନା ସିଏ ଫଳ ଦେବ ! ତୁ ତ ଶାଢ଼ୀଟେ କିଣେଇ ଦେବାକୁ କୁଣ୍ଠାଉଛୁ, ଆଉ ......

ବସିବା ଜାଗାରୁ ଉଠି ଅକ୍ଷୟ ଉଚ୍ଚାରଣ କଲା - ଦେବି ଯେ ଗୋଟାଏ ମୁଥ....

ଅକ୍ଷୟର ଉଗ୍ର ମୂର୍ତ୍ତି ଦେଖି ତପନ ତୁରନ୍ତ ତା' ସାଇକେଲ ଧରି ସେଠାରୁ ଫେରାର ହେଇଗଲା ।

ସନ୍ଧ୍ୟା ନଇଁ ଆସିଥିଲା । ରାସ୍ତାରେ ବଢୁଥିଲା ଗହଳ ଚହଳ । ଅକ୍ଷୟ ଚାଲିଲା ବଜାର ଆଡକୁ । ଜୋରରେ ବହିଲା ପବନ । ଧୂଳି ଉଡି ଆଖିରେ ପଶୁଛି । ଆଙ୍ଗୁଠିରେ ଆଖିକୁ ସେ ବାରମ୍ବାର ମଛିଲା । ଆଖିକୁ ପାପୁଲିରେ ଆଡୁଖା ରଖି ଆଗକୁ ଚାଲିଲା । ମୁହଁର ଝାଳରେ ଜମିଗଲା ଧୂଳି । ହାତ ବୁଲାଇ ଆଣିବାରୁ ଖସ ଖସ ଲାଗିଲା ।

ବଜାରର ଗୋଟେ ଦୋକାନ ପାଖରେ ଠିଆ ହେଲା ସେ । ପବନର ଗତି ମନ୍ଥର ହେବା ପର୍ଯ୍ୟନ୍ତ ଅପେକ୍ଷା କଲା । ତା' ପରେ ଆଖିକୁ ଭଲ ରୂପେ ସଫା କରି ସେ ଏପଟ ସେପଟ ହେଉଥିବା ମଣିଷଙ୍କୁ ନିରୀକ୍ଷଣ କଲା । ଅପରିଚିତ ହୋଇଥିଲେ ବି କାହାକୁ ଜଣକୁ ଅଟକାଇ ଗପସପ କରା ଯାଇ ପାରେ କି ? ନିଜର ପରିଚୟ ଦେଇ ସମ୍ପର୍କ କି ଅତ୍ମୀୟତା ସୃଷ୍ଟି କଲେ ହୁଅନ୍ତା । କିନ୍ତୁ, ମିଛମାୟାର ଏ ସଂସାରରେ କିଏବା କାହାର ଆପଣାର ?

ଲକ୍ଷ୍ୟ ହୀନ ଭାବରେ ସେ ବଜାର ଭିତରେ ବୁଲିଲା । ବେଶ କିଛି ସମୟ । ଦୋକାନୀମାନେ ନିଜ ନିଜ ବେପାରରେ ବ୍ୟସ୍ତ ଥିଲେ । ବଜାରରେ ଆତ ଜାତ ହେଉ ଥିଲେ ଯେଉଁମାନେ, ତା' ଭିତରେ ମୁହଁଚିହ୍ନା କେତେ ଜଣ ଦିଶିଲେ । ପରିଚିତ ହେଲେ ସୁଦ୍ଧା, ସେମାନଙ୍କ ମଧ୍ୟରୁ, ଜଣେ କିଏ ନଥିଲା ଅନ୍ତରଙ୍ଗ କି ଅଭିନ୍ନ ହୃଦୟ । ଲାଭ କ'ଣ, ସେପରି କାହା ସହିତ, ଭାବ ବଢାଇବା ? ବାହା ହେଲା ଭାର୍ଯ୍ୟା ପରା ଆପଣାର ହେଉନି ! ଏପରିକି ଦପ୍ତରର ସହକର୍ମୀ ମଧ୍ୟ । ସ୍ତ୍ରୀ କହୁଛି - ହେ, ତୁମ ଦେହରୁ ଗୋଟେ ଗନ୍ଧ ବାହାରୁଛି । କହିସାରି ଏପରି ସେ ନାକ ଟେକୁଛି ଯେ ସତେ ଅବା ବାନ୍ତି କରି ଦେବ । ଦପ୍ତରର ସହକର୍ମୀ ଚେତାବନୀ ଦିଏ - ଛାର ଗୋଟେ ପିଅନ ହୋଇ ତୁ ବାରମ୍ବାର ସୀମା ଟପି ଯାଉଛୁ ।

ବଜାରର ବାଟ ମୁହଁକୁ ଫେରି ଆସି ତା' ଦୋକାନ ଆଗରେ ପଡିଥିବା ବେଞ୍ଚରେ ସେ ବସିଲା । ତା' ବରାଦ କରିବା ବଦଳରେ ଭାବନାରେ ବୁଡ଼ିଲା । ପିଲାଟିଏ ତା' ଆଡକୁ ଗ୍ଲାସ ବଢ଼ାଇ ଦେଇ କହିଲା - ଚା' ନିଅ ଚା' ନିମଗ୍ନ ଭାବ ବ୍ୟାହତ ହେବାରୁ ଚମକି ଯାଇ ସେ ରାସ୍ତା ଆଡକୁ ହାତ ବଢ଼ାଇଲା । ଖୁବ ଶୀଘ୍ର ସେଠାରୁ ଉଠି ଯିବାକୁ ତା'ର ଇଛା ନଥିଲା । ସେ ଧୀରେ ଧୀରେ ଚା' ପିଉଥିଲା । ବେଶ କିଛି ସମୟ ସେଠାରେ ବସି ରହିବାର ଇଛା ରଖି ଚା' ବରାଦ କରିଥିଲା, ଅଥଚ ପିଇ ସାରିବା ପରେ ତୁରନ୍ତ ସେଠାରୁ ଉଠିଗଲା । ତା'ର ଧାରଣା ଏପରି ଯେ ଦୋକାନରେ ହେଉ ବା କାହା ଘରେ, ଚା ପିଇବାର ଅର୍ଥ : ଶେଷ ସୁଡୁକା ପରେ ବିଦାୟ ନେବାକୁ ଜଣେ ବାଧ୍ୟ, ଯେମିତି କି ଶେଷନିଃଶ୍ୱସ ପରେ ସଂସାରରୁ ।

ରାସ୍ତାର ପାର୍ଶ୍ୱରେ ଠିଆହେଲା ଅକ୍ଷୟ । ଘରଠାରୁ ବହୁତ ଦୂର ସେ ଚାଲି ଚାଲି ପଳାଇ ଆସିଛି । ବିତି ଗଲାଣି ଆଠ ଘଣ୍ଟାରୁ ଅଧିକ ସମୟ । ତଥାପି ଫେରିବା ପାଇଁ ତା' ମନରେ ଉତ୍ସାହ ନଥିଲା । ଏତେ ଗୁଡ଼ାଏ ଶାଢ଼ୀ ଥାଇ ବି ଆଉ ଗୋଟିଏ କିଣିବାକୁ ଜିଦ ଧରି ଜଣେ ସ୍ତ୍ରୀ ତା' ସ୍ୱାମୀକୁ ଅଣପୁରୁଷା ଆଖ୍ୟା ଦେଇ କଳି କରିପାରେ ! ତା'ପରେ ତୁମୁଳ କାଣ୍ଡ । ନାନା କଟୁ କଥା କହି ଘରୁ ବାହାରି ଯାଇଥିଲା ଅକ୍ଷୟ ।

ରାସ୍ତା କଡରେ ଠିଆ ହୋଇ ସେ ଦେଖିଲା, ପାଞ୍ଚ ଦିନ ତଳେ ଅବସର ଗ୍ରହଣ କରିଥିବା ତହସିଲଦାର ମହାଶୟ ଆସୁଛନ୍ତି । ମୁହଁରେ ଧାରେ ହସ ଫୁଟାଇଲା ଅକ୍ଷୟ ଓ କରମର୍ଦ୍ଦନ କରିବାକୁ ହାତ ବଢ଼ାଇଲା । ଚାକିରିରୁ ଅବସରପ୍ରାପ୍ତ ତହସିଲଦାର ବିରାଗରେ ନିଜ ଡାହାଣ ହାତକୁ ପଛପଟେ ଲୁଚାଇଲେ ଓ ରୋଷଭରା ଚାହାଣୀରେ ଦେଖିଲେ ତା ମୁହଁକୁ ।

ଅକ୍ଷୟ ଆହତ ହୋଇ ଚୋଟଟାଏ ମାରିଲା - କ'ଣ ସାର ! କି ଅଲୋକିତ କଥା ! ଚାକିରିରୁ ବିଦାୟ ପରେ ମଧ ଆପଣ ତହସିଲଦାର, ଆଉ ମୁଁ ଅଧିନସ୍ତ ଚପରାସୀ !

ଅବସର ପ୍ରାପ୍ତ ତହସିଲଦାର ମୁହଁମୋଡ଼ି ଚାଲିଯିବା ପରେ ଅକ୍ଷୟ ପୁନର୍ବାର ଲକ୍ଷ୍ୟ କଲା ଯା'ଆସ କରୁଥିବା ମଣିଷ ମାନଙ୍କୁ । କେହି ଜଣେବି ନିଜ ଲୋକ ଭଳି ଲାଗିଲେ ନାହିଁ । ସମସ୍ତେ ସହଜୀବୀ, ଅଥଚ ଜଣେ କିଏ ସୁଦ୍ଧା ସମଭାବାପନ୍ନ ନୁହଁନ୍ତି ଯେପରି ! ନିଜେ ଆଙ୍କିଥିବା ବୃତ୍ତର ପରିଧିରେ ଘୁରୁଛନ୍ତି ସେମାନେ ଓ ଜଣକ ଠାରୁ ଅନ୍ୟ ଜଣକ ପର୍ଯ୍ୟନ୍ତ ଲମ୍ବିଛି କେବଳ ଆତ୍ମୀୟତାର ସରଳ ରେଖା । ପ୍ରତ୍ୟେକେ ଖୁବ ନିଃସଙ୍ଗ ଏବଂ ସେମାନେ ଖେଳୁଛନ୍ତି ଏକାକୀତ୍ୱର ଚକା ଭଉଁରୀ ଖେଳ । ନିଜ ନିଜ ଭାବନାରେ ଲାଖି ରହି କିଏ କାହା କଥା ଶୁଣୁ ନାହାନ୍ତି, ବୁଝିବାକୁ ଇଚ୍ଛା କରୁ ନାହାନ୍ତି, ଏକା ଛାତ ତଳେ ବାସ କରୁଥିଲେ ସୁଦ୍ଧା ।

ଚାକିରିରୁ ବିଦା ହେବା ପରେ ତହସିଲଦାରଟା ତହସିଲଦାର ! ଯାହାଠାରେ ବି ଦୋଷ ଥାଉ, ପତ୍ନୀ ତା'କୁ ଅଣପୁରୁଷା ବୋଲି ଆକ୍ଷେପ କଲେ ବି, ଅକ୍ଷୟ ଜଣେ ପୁରୁଷ । ସେ ଘରୁ ବାହାରି ଚାଲି ଆସିଥିବା ବେଳେ ତା' ପତ୍ନୀ ଦୁଆର ମୁହଁରେ ଥାଇ ଶୁଣାଇଥିଲା - ତୁମେ ସିନା ଯେତେବେଳେ ଇଚ୍ଛା ସେତେବେଳେ, ଯୁଆଡେ ନାଇଁ ସିଆଡେ ଭୁସକିନା ଚାଲିଯାଇ ପାରିବ । ମୁଁ କୁଆଡେ ଯିବି?

ଏହା କି ପୌରୁଷ ! ଘରେ ଥିବ ତା' ପ୍ରାଣ  ପ୍ରିୟା ସ୍ତ୍ରୀ ? ଅଠର ବର୍ଷ ପୂରିଥିବା ଦାମ୍ପତ୍ୟ ଜୀବନ ଅଥଚ ଉଭୟେ ଦୁଃଖୀ, ନିଃସନ୍ତାନ । ଉଭୟଙ୍କ ବାପା-ମା ମୃତ କାହାର ବି ଭାଇଟେ କି ଭଉଣୀଟେ ନାଇଁ  ଅନ୍ୟ କିଏ, ତେବେ ଆଉ , ଏ ବିଶାଳ ସଂସାରରେ ଉଭୟଙ୍କ ଆତ୍ମୀୟ ସ୍ୱଜନ ?

ତେଣିକି ସେ ଘର ମୁହାଁ ହେଲା ।

ଘର ପାଖରେ ପହଞ୍ଚିବା ମାତ୍ରେ ତା'ର ଭୋ ଭୋ କାନ୍ଦିବାକୁ ଇଚ୍ଛା ହେଲା । ଘରର ଦରଜା ଦରଆଉଜା ହୋଇ ରହିଥିଲା । ଡାକିବାକୁ ପଡିଲାନି । ଘର ଭିତରଟା ଖାଁ ଖାଁ । କୁଆଡେ ଚାଲିଗଲା କି ପ୍ରାଣ ପ୍ରିୟା ପତ୍ନୀ ? ନା, ରୋଷେଇ ଘର ପଟୁ ଖଡ଼ ଖଡ଼ ଶବ୍ଦ କ୍ଷେପି ଆସିଲା । ସେ ଯାଇ ଦେଖିଲା, ସ୍ତ୍ରୀ ତା'ର କାମରେ ଲାଗିଛି । ତା' ପିଠି ପଟୁ ସେ ଆବେଗରେ, 'ଏଇ' ଡାକିଲା ତ କଣ୍ଠ ଥରି ଉଠିଲା । ସ୍ତ୍ରୀ ବୁଲିପଡ଼ି ଚାହିଁଲା ଓ ତା' ର ଆଖିରେ ଲୁହ ଜକେଇ ଆସିଲା । ଅପୂର୍ବ ଭାବାବେଗରେ ଅକ୍ଷୟ ପତ୍ନୀକୁ ଜାବୁଡି ଧରି ସତକୁ ସତ କାନ୍ଦି ପକେଇଲା ।

****

ଚୈତନ୍ୟ ବ୍ରାହ୍ମଣୀ ଭବନ
ପ୍ଲଟ ନ - ୨୪୦୮, ମଂଚେଶ୍ୱର ଗାଁ
ଭୁବନେଶ୍ୱର -୭୫୧୦୧୭
ମୋବ.: ୯୪୩୭୫୦୨୯୬୨

*With Best Compliments From :*

**Ajay Mohanty    M: 9810973244, 9868089979**

# AJ-DEEP SERVICES

**DOMESTIC & INTERNATIONAL COURIER & CARGO**

**Head Office :** A-33, D.D.A. Flat, New Ranjit Nagar, Opp. Satyam Cinema, New Delhi-110008  Phone : 011-41605237, 8745929393

**Dwarka Office :** 303, Durga Tower, Plot No -10, Sector-4, Dwarka, New Delhi-110075  Phone : 011-42614443, 8745929494

**Rajendra Place Office :** 115, Rajendra Bhawan, Rajendra Place, New Delhi-110008  Phone : 011-44775237, 8745928989

**Customer Service No. : 8745 92 9393 / 8745 92 9494 / 8745 92 8989**

**E-mail : ajdeep2000@gmail.com  Website : www.ajdeepservices.com**

DHL  FedEx Express  TNT  UPS
BLUE DART  DELHIVERY  aramex

**ଡକ୍ଟର ସଂଜୟ ହାତୀ**



# ସର୍ତ୍ତ

ଇଣ୍ଟରଭ୍ୟୁ ବୋର୍ଡ଼ର ସାତଜଣ ମେମ୍ବରଙ୍କ ଆଖି ଯେମିତି ତନ୍ନତନ୍ନ କରି ତାକୁ ବିଶ୍ଳେଷଣ କରିଚାଲିଥିଲେ। କାହା ଆଖିରେ ଥିଲା ଉତ୍ସୁକତା, କାହା ଆଖିରେ ସନ୍ଦେହ ପୁଣି କାହା ଆଖିରେ ଥିଲା ଅଶ୍ଳୀଳତା। ସମବେଦନା କାହାରି ଆଖିରେ ସେ ଦେଖିପାରୁନଥିଲା। ସତେ ଯେମିତି ସେମାନେ ପାରୁପର୍ଯ୍ୟନ୍ତ ଚେଷ୍ଟା କରୁଛନ୍ତି ତାକୁ ସେ ଚାକିରିଟା ନଦେବା ଲାଗି। ଜଣେ ମେମ୍ବରଙ୍କ ପ୍ରଶ୍ନ ଥିଲା "ଆଚ୍ଛା, ତମ ନାଁ' ସୋଫିଆ ସାଗରିକା। ଏ ନାଁ' ତମକୁ ଦେଲା କିଏ? ତମେ ଜାଣିଛ ବୁଲଗାରିଆର ରାଜଧାନୀ ନାମ ହେଉଛି ସୋଫିଆ? ଆଉ ସାଗରିକା?"

ଆଉ ଜଣେ ତାଚ୍ଛଲ୍ୟ କରି ପଚାରିଲେ "ତମେ ତମ ସିଭିରେ ତମ ବାପାଙ୍କ ନାମ ଦେଇନାହଁ, କେବଳ ମା'ଙ୍କ ନାମ ଲେଖିଛ। କିନ୍ତୁ ତମ ଗ୍ରାଜୁଏସନ୍ ସାର୍ଟିଫିକେଟରେ ତମ ବାପାଙ୍କ ନାମ ଅଛି। ତମେ ଲେଖିଛ ଲିଭିଙ୍ଗ୍ ଉଇଥ୍ ସିଙ୍ଗଲ୍ ମଦର। ମାନେ? ତମ ମଦର୍ କଣ ଡିଭୋର୍ସି?" ସତେ ଅବା ସାଗରିକାର ସିଭିରୁ ସେମାନେ ତା' ମା'ର ଚରିତ୍ର ପଢ଼ିପାରୁଥିଲେ। ସାଗରିକା ସବୁ ଶୁଣିଲା, କହିଲା "ସାର୍, ମୋ ମା' ଥିଲା ଜଣେ ଥିଏଟର୍ ଆର୍ଟିଷ୍ଟ। ସେ ବହୁତ ନାଟକରେ ଅଭିନୟ କରିଛି। ଗୋଟିଏ ନାଟକରେ ସୋଫିଆ ନାମକ ଚରିତ୍ରରେ ଅଭିନୟ କରି ସେ ଅନେକ ପୁରସ୍କାର ଓ ସମ୍ମାନ ପାଇଛି। ସେଥିପାଇଁ ମୋ ନାଁ' ସେ ରଖିଲା ସୋଫିଆ। ଆଉ ସାଗରିକା ଥିଲେ ସିଂହଳର ରାଣୀ। ଜୀବନରେ ଅନେକ ସଂଘର୍ଷ ଓ କଷ୍ଟ ପରେ ସେ ନିଜର ପ୍ରେମ ପାଇଥିଲେ ଓ ରାଣୀ ମଧ ହୋଇଥିଲେ। ବୋଧହୁଏ ମୋ ମା' ସେଇଆ ଚାହେଁ, ମୁଁ ସବୁ କଷ୍ଟ ପରେବି ସଫଳତା ପାଏ ବୋଲି।"

ଦୁଇଜଣ ମେମ୍ବର୍ ହସରେ ଫାଟି ପଡୁପଡୁ ରହିଗଲେ, ବୋଧହୁଏ ସ୍ଥାନର ଗୁରୁତ୍ୱକୁ ଉପଲବ୍ଧି କରି। ଆଉ ଜଣେ ପଚାରିଲେ ପୁଣି "ତମ ବାପା କଣ କରନ୍ତି? ଯାହାଙ୍କ ନାମ ତମର କିଛି ଡକ୍ୟୁମେଣ୍ଟରେ ତଥାପି ରହିଯାଇଛି, ତମେତ ତାକୁ କାଟିପାରିବ ନାହିଁ। ସେ କଣ..?"

"ଆଇ ହେଭ୍ ନଟ୍ ସିନ୍ ଦ୍ୟାଟ୍ ବାଷ୍ଟାର୍ଡ୍ ମେଲ୍..." ସାଗରିକାର ଏଇ ପଦକ ଉତ୍ତର ଯେମିତି ହଠାତ୍ ସମସ୍ତଙ୍କୁ ଚୁପ୍ କରେଇଦେଲା। "ଦ୍ୟାଟ୍ ବାଷ୍ଟାର୍ଡ୍ ମେଲ୍" ସବୁ ମେଲ୍ ମେମ୍ବରଙ୍କୁ ଉତକ୍ଷିପ୍ତ କରୁଥିଲା। ସାଗରିକା କହିଲା "ସାର୍! ମୋ ଜୀବନରେ ଛୋଟବେଳୁ ଏଯାଏ ମୁଁ ଏତେ ଅପମାନ ସହି ବଡ଼ହେଇଛି ଯେ, ମୋତେ ଏସବୁ କିଛି କଷ୍ଟ ଲାଗିବନି, କିନ୍ତୁ ଆପଣମାନେ କେବେ ଅପମାନ ପାଇନାହାନ୍ତି କି ସେ କଷ୍ଟ ଜାଣିନାହାନ୍ତି। ତେଣୁ ଭଲହବ ଆମେ ସେମିତି ଆଲୋଚନାକୁ ଯିବାନି। ମୁଁ ଯୋଉ ଇଣ୍ଟରଭ୍ୟୁ ଦବାକୁ ଆସିଛି, ଆପଣମାନେ ସେଥିପାଇଁ ପ୍ରଶ୍ନ ପଚାରନ୍ତୁ। ଯଦି ମୁଁ ଉତ୍ତର ନଦେଇପାରେ, ତାହାଲେ ଆପଣମାନେ ମୋତେ ବାହାର କରିଦେବେ।"

ମେମ୍ବରମାନେ ପରସ୍ପରକୁ ଥରେ ଦେଖିନେଲେ, ତା'ପରେ ତାଙ୍କ ଭିତରେ ଯିଏ ସିନିଅର୍ ଭଳି ଲାଗୁଥିଲେ, ସେ କହିଲେ "ସାଗରିକା! ତମେ ଜଣେ ଅନମ୍ୟାରେଡ୍ ଗାର୍ଲ। କମ୍ପାନୀ ଚାକିରିରେ ଲେଟ୍ ନାଇଟ୍ ଯାଏ ରହିବାକୁ ପଡ଼ିପାରେ କେବେକେବେ। ତମେ ମ୍ୟାନେଜ୍ କରିପାରିବ?"

ସାଗରିକା ସ୍ମିତହସି ପଚାରିଲା "ତା'ମାନେ କଣ ମୁଁ ଚାକିରିଟା ପାଇଗଲି ବୋଲି ଭାବିନେବି? ହଁ ସାର୍, ମୁଁ ମ୍ୟାନେଜ୍ କରିନେବି। ସେଥିପାଇଁ ବ୍ୟସ୍ତ ହୁଅନ୍ତୁନି।" ପୁଣି ଅଡୁଆରେ ପଡ଼ିଗଲେ ମେମ୍ବରମାନେ। ଜଣେ କିଛି ସମୟ ପରେ ପଚାରିଲେ "ଆଚ୍ଛା ଧର ଲେଟ୍ ନାଇଟ୍ ଯାଏ ତମେ ରହିଛ, ତମ ବସ୍ ତମଠୁ କିଛି ଡିମାଣ୍ଡ କରନ୍ତି, ତାହାଲେ? ହେଇପାରେ ତାଙ୍କ କଥା ମାନିଲେ ପ୍ରମୋଶନ୍ ନହେଲେ..."

ସାଗରିକା ହସିଦେଇ କହିଲା "ସାର୍, ଏତେ ଭଦ୍ର ଭାବରେ କିଛି କହିବା ଦରକାର ନାହିଁ। ମୁଁ ବୁଝିପାରୁଛି। ଆପଣ କହିବାକୁ ଚାହାଁନ୍ତି ବସ୍ ଯଦି ଡିମାଣ୍ଡ କରନ୍ତି ମୋ ସହ ସେକ୍ସ୍ କରିବାକୁ, ଏଇଆତ? କିଛି ଅସୁବିଧା ନାହିଁ। ମୁଁ ନିଶ୍ଚୟ ତାଙ୍କ ପ୍ରସ୍ତାବରେ ରାଜି ହେବି।"

ପୁଣି ଗୋଟିଏ ଲୋଲୁପ ଦୃଷ୍ଟି ବୁଲିଗଲା ସମସ୍ତଙ୍କର ତା'ର ସୁନ୍ଦର ଚେହେରା ଉପରେ।

"କିନ୍ତୁ ଗୋଟିଏ ସର୍ତ୍ତ ରହିବ ମୋର"

ମେମ୍ବର୍ ଜଣେ ଉତ୍ସୁକତାର ସହ ଅନେଇଥିଲେ ସାଗରିକାର ମୁହଁକୁ, ସେ ସର୍ତ୍ତ କଣ ଜାଣିବାକୁ। ସାଗରିକା କହିଲା "ସର୍ତ୍ତ ରହିବ, ମୋ ସହ ସେ ଯାହାବି କରିବେ ତା'ପୂର୍ବରୁ ତାଙ୍କ ପରିବାରକୁ ଜଣେଇବେ। ଯଦି ସେ ବିବାହିତ ଥିବେ ତାହାଲେ ତାଙ୍କ ସ୍ତ୍ରୀ'ଙ୍କୁ ସବୁ ସତକଥା ଜଣେଇବେ ବା

ନିଜ ବାପାମା'ଙ୍କୁ ସବୁକଥା ଖୋଲାଖୋଲି କହିବେ ଏବଂ ମୋ ସହ ଶୋଇବାକୁ ଚାହିଁଲେ ଶୋଇପାରିବେ କିନ୍ତୁ ସେଇଟା ତାଙ୍କ ନିଜ ଘରେ, ନିଜ ବେଡ଼ରୁମରେ। କୌଣସି ହୋଟେଲ୍ କି ଗେଷ୍ଟହାଉସରେ ନୁହେଁ। କାରଣ ମୁଁ ଚାହେଁନି ୟା'ପରେ ଆଉ କୋଉ ସାଗରିକା ବା ସୋଫିଆ ଆସି ଆପଣମାନଙ୍କ ସାମ୍ନାରେ ଏମିତି ପ୍ରଶ୍ନର ଉତ୍ତର ଦେଉ।"

କେହି କିଛି କହିବା ଆଗରୁ ସାଗରିକା ଉଠିଲା, କହିଲା "ମୋତେ ଲାଗୁଛି ଆପଣମାନଙ୍କର ବୋଧେ ଆଉ କିଛି ପଚାରିବାର ନାହିଁ। ଏବେ ଆପଣମାନେ ମୋତେ ଏ ପୋଷ୍ଟରେ ରଖିବେ କି ନା, ସେଇଟା ଆପଣଙ୍କ ଉପରେ ନିର୍ଭର କରେ। ଯିବା ଆଗରୁ ଏବେ ଆଉଥରେ କହୁଛି -ଆଇ ହେଭ୍ ନଟ୍ ସିନ୍ ଦ୍ୟାଟ୍ ବାଷ୍ଟାର୍ଡ୍ ମେଲ୍। ଏବେ କିନ୍ତୁ ଆପଣମାନଙ୍କୁ ଦେଖିବାପରେ ମୁଁ ଜାଣିପାରୁଛି ସେ କେମିତି ହେଇଥିବ..."

ମେମ୍ବରମାନେ ତା' ମୁହଁକୁ ଚାହିଁ ପାରୁନଥିଲେ। ବାହାରି ଯାଉଥିଲା ସାଗରିକା। ମୁହଁରେ ଥିଲା ତା'ର ଅପାର ସନ୍ତୁଷ୍ଟି ଆଉ ବିଜେତାର ଦର୍ପ।

****

ରାଉରକେଲା, ଓଡିଶା

## Appeal

We at OCWA aspire and will strive towards our goal of establishing an Odia Library cum Cultural Centre in Delhi, which would help in its own way to contribute towards the up-keep of Odia literature, culture and heritage.

Help us in our mission by supporting and contributing to our objective. Your donation will be eligible for deduction u/s 80G of The Income Tax Act. OCWA is also registered with MCA, Govt. of India for undertaking CSR activities.

Our Bank Particulars:

SB A/c No.: 10040764769

Name of Bank: IDFC First Bank
IFSC/RTGS: IDFB0020101
Branch: Barakhamba Road, New Delhi

*Note : Please see page no. 10 for Form No. 10 AC & page No. 23 for Registration Certificate with ROC to undertake CSR Activities.*

# ସତୀଶ ରାଠୀଙ୍କ ପାଞ୍ଚୋଟି ଅଣୁ ଗପ

ମୂଳ ହିନ୍ଦୀ : ସତୀଶ ରାଠୀ
ଅନୁବାଦ : ଜିନାତମାମ୍ ଦର୍ଜୀ



## ଖୋଲା ବହି

ସେ ସବୁବେଳେ ତା ସ୍ତ୍ରୀକୁ କହୁଥିଲା, "ଜାନେମନ୍! ମୋ ଜୀବନ ଗୋଟେ ଖୋଲା ବହି.... ଯାହା ଇଚ୍ଛା ତାହା ପଢ଼ ।" ଏଇ ଖୋଲା ବହି ବାହାନାରେ ସେ କେବେ କେମିତି ନିଜ କଲେଜ ଜୀବନରେ କରିଥିବା ଫ୍ଲର୍ଟ ଗୁଡିକର କଥା ଶୁଣାଉଥିଲା ତ କେବେ ସେଇ ପୁରୁଣା ଦିନର ପ୍ରେମିକାର ଫୋଟୋ ଦେଖାଇ କହୁଥିଲା, " ୟେ ହେଉଛି ଶିଳା.... ସେ କଲେଜ ଲାଇଫ୍ ରେ ମୋ ପାଇଁ ପାଗଳିନୀ ଥିଲା । ଯଦିବା ଏବେ ସେ ଦୁଇଟା ପିଲାର ମାଆ ହେବଣି । ହାଃ.. ହାଃ.. ହାଃ.. "

ସ୍ତ୍ରୀ ସବୁବେଳେ ତା କଥାରେ ଚୁପଚାପ୍ ହସି ଦେଉଥିଲା । ଏମିତି ନୀରବ ହସକୁ ନିରୀକ୍ଷଣ କରି ଦିନେ ସେ ତାକୁ ପଚାରିଲା, " ୟାର୍ ସୁମି! ମୁଁ ତ ସବୁବେଳେ ମୋ ଜୀବନ ବହି ଖୋଲିକି ରଖିଦିଏ । ଆଉ ତୁମେ ଗୋଟେ ଅଛ ଯେ ଖାଲି ଚୁପଚାପ୍ ହସି ଦିଅ । କେବେ ନିଜ ଜୀବନ ବହି ବି ଖୋଲିକି ତା କାହାଣୀ ଆମକୁ ବି ଶୁଣାଅ ୟାର୍ ।"

ନୀରବରେ ହସୁଥିବା ସ୍ତ୍ରୀ ଜଣକ ସଙ୍ଗେ ସଙ୍ଗେ ଗମ୍ଭୀର ହୋଇଗଲେ, ଆଉ କହିଲେ, " ମୁଁ ତ ତମ ଜୀବନ ବହି ପଢି-ଶୁଣି ସବୁବେଳେ ହସି ଦିଏ । ହେଲେ ଗୋଟେ କଥା କୁହ, ଯଦି ମୋ ଜୀବନ ବହିର ବି ଏମିତି ସମାନ କିଛି ପୃଷ୍ଠା ଥିବ ତାହେଲେ ତୁମେ ବି କ'ଣ ଏମିତି ହସି ପାରିବ?

ସେ ମୁହଁପାତି ନିରୁତ୍ତର ଏବଂ ମୌନ ରହିଲା ।

## ଅଟା ଓ ଶରୀର

ଉଭୟ ହାତ ମେସିନ ଭିତରେ ପଶି ଯାଇ କଟି ଗଲା ପରେ ସୁଜାନ ବିକଳାଙ୍ଗ ହୋଇଗଲା । କାମ ଖଣ୍ଡକ ବି ହାତରୁ ଚାଲିଗଲା । କ୍ଷତିପୂରଣ ରେ ଯାହା ମିଳିଥିଲା ତାହା କିଛି ଦିନ ଭିତରେ ପେଟ ନିଆଁରେ ଆହୁତି ଚଢ଼ିଗଲା ।

ବିଚାରି ରମିୟା ଲୋକଙ୍କ ଘରେ ବାସନ ମାଜି ଉଭୟଙ୍କ ପେଟ ପୋଷିଲା ।

ହେଲେ ଆଜି ପରିସ୍ଥିତି ଅଧିକ ଖରାପ ଥିଲା । ଦୁଇ ଦିନରୁ ଘରେ ବିଲକୁଲ ବି ଅଟା ନଥିଲା ଆଉ ଭୋକରେ ବେମାର ସୁଜାନ ଖଟିଆ ଧରିସାରିଥିଲା ।

ସୁଜାନର ବେମାର ଆଖିରେ ଉଠୁଥିବା ପ୍ରଶ୍ନ । ଏବଂ ଭୋକିଲା ପେଟରୁ ବାହାରୁଥିବା କରୁଣ ପୀଡାର ଶବ୍ଦ ରମିୟା ସହି ପାରୁ ନଥିଲା ।

ମନରେ କିଛି ବିଚାର କରି ଝୁପୁଡି ରୁ ବାହାରୁ ଥିବା ବେଳେ ସୁଜାନ ପଚାରିଲା, " କୁଆଡେ ଯାଉଛୁ ରମିୟା? "

" ଦେଖୁଛି, ଯଦି ସେଠ୍ ଦୟା କରି କିଛି ଉଧାର ଦେଇ ଦେବ ।"ଥଣ୍ଡା ସ୍ୱରରେ କହିଲା ରମିୟା ।

କିଛି ସମୟ ପରେ ଅସ୍ତ ବ୍ୟସ୍ତ ରମିୟା କିଛି ଅଟା ଆଣି ପୁରୁଣା ପରାତ୍ ରେ ଚକଟିବାକୁ ଲାଗିଲା ।

ବେମାର ସୁଜାନକୁ ସେ ଚକଟା ଅଟା ଆଉ ପତ୍ନୀର ଶରୀର ମଧ୍ୟରେ କୌଣସି ପ୍ରଭେଦ ଜଣା ପଡୁ ନଥିଲା ।

## ବିହନ

ଲାଲା ଠାକୁର ନିଜର ସୌଖିନ ବୈଠକରେ ବସି ନାଗ ଚୌଧୁରୀ ସହ କଥା ହେଉଥିଲେ । ତାଙ୍କ ଚର୍ଚ୍ଚାର ବିଷୟ ଥିଲା - ଗାଁ'ର ଝିଅ ଗୁଡିକ ।

" ଠାକୁର ସାହେବ! ଗଙ୍ଗୁଆ ର ଝିଅ କୁ ଦେଖିଲେଣି! କି ଯୌବନ ଫୁଟି ଉଠୁଛି । କି ରଙ୍ଗ! କି ନାକ ନକ୍ସା! ଗଙ୍ଗୁଆ ର ଝିଅ ନୁଆ କୌଣସି ଲାଟ୍ ନବାବ୍ ର ଝିଅ ଲାଗୁଛି । " ନାଳ ଗଡେଇ ନାଗ ଚୌଧୁରୀ କହିଲା ।

"ଆରେ! ୟେ କୌଣସି ଗଙ୍ଗୁଆ ଭଙ୍ଗୁଆର ନୁହଁ, ମତେ ତ କୌଣସି ବଡ଼ ଘରର ବିହନ ର ପ୍ରଭାବ ଭଳି ଲାଗୁଛି । କହିବ ଯଦି ଦାରି କୁ ଉଠେଇ ଆଣିବା ଗମ୍ଭୁର ଲାଠି ବଳରେ ।" ଅଗଣାରେ ଉଭୟଙ୍କ କଥା ଶୁଣୁଥିବା ପହିଲମାନ ଗମ୍ଭୁ ମନେ ମନେ ବଡ଼ବଡେଇ ହେଲା, "ଏ ଶାଳା ବଡ଼ ଲୋକ ମାନେ, ନିଜେ ହିଁ ବିହନ ବୁଣନ୍ତି ଆଉ ନିଜେ ହିଁ ଫସଲ କାଟନ୍ତି । ବିଚରା ଗରିବ ଗଙ୍ଗୁଆ ଭଳି ମଣିଷ ମାନେ କିଛି କରି ପାରନ୍ତିନି ।" ଏତକ କହି ସେ ହାତର ଲାଠିକୁ ଚଟାଣରେ ଜୋର୍ ଜୋର୍ ରେ ଘସିବାକୁ ଲାଗିଲା ।

## ଆତ୍ମୀୟତା

"ସାହେବ! ଆପଣଙ୍କ ବ୍ୟାଙ୍କ ରେ ଜମା ଖାତା ଖୋଲିଥାନ୍ତି । ହେଲେ ସେଇ କାଉଣ୍ଟରରେ ବସିଥିବା ବାବୁ ହେବନି ବୋଲି ମନା କରୁଛନ୍ତି ।" ଶ୍ରମିକ ମହିଳା ଜଣେ ଆସି କହିଲେ ।

"କାହିଁକି ମନା କରୁଛନ୍ତି ତୁମକୁ?" ମୋର ପ୍ରତିପ୍ରଶ୍ନ ତାଙ୍କୁ । "କହୁଛନ୍ତି ଯେ ତୁ ପରଦେଶୀପୁରା ରେ ରହୁଛୁ । ସେଠିକାର ବ୍ୟାଙ୍କରେ ଖାତା ଖୋଲ । ଏହି ବଲ୍ଲଭନଗର ରେ ଆମେ ତୁମ ଖାତା ଖୋଲିବୁ ନାହିଁ ।"ସେଇ ମହିଳା ଜଣକ ଜଣେଇ ଦେଲେ ।

"ଠିକ ତ କହୁଛନ୍ତି । ଏଠାକୁ ଆସିବା ଯିବା ପାଇଁ ତୁମକୁ ଦୂର ପଡିବ । ତୁମେ ଏଠି ହିଁ ଖାତା ଖୋଲିବାକୁ କାହିଁକି ଚାହୁଁଛ?" ମୁଁ ପୁଣିଥରେ ପ୍ରଶ୍ନ କଲି ।

" ଆପଣ ଜାଣି ନାହାନ୍ତି ସାହେବ । ଏ ବିଲଡିଂ ତିଆରି ସମୟରେ ମୁଁ ଏଠି ଇଟା ବୋହୁଥିଲି । ମୋର ଝାଳ ଝରି ମିଶିଛି ଏ କାନ୍ଥ ଭିତରେ ।" ମହିଳା ଜଣକ ଓଦା ଆଖିରେ ନିଜର ସ୍ୱଷ୍ଟୀକରଣ ଦେଲେ ।

ତାଙ୍କ ସ୍ୱଷ୍ଟିକରଣରେ ମୋ ଆଖି ବି ଓଦା ହେଇଗଲା । ବିନା ବାକ୍ୟ ବିନିମୟରେ ତାଙ୍କୁ ସାମ୍ନାରେ ବସେଇ ମୁଁ ଜମା ଖାତାର ଫର୍ମ ଭରିବାକୁ ଲାଗିଲି ।

## ରହସ୍ୟମୟ ଶରୀର

ସେ ସବୁ ଲୋକ ମୁଣ୍ଡ ନୁଆଇଁ ଛିଡା ହୋଇଥିଲେ । ତାଙ୍କ କାନ୍ଧ ଏମିତି ନଇଁ ଥିଲା ଯେ ପିଠି ଉପରେ ଆବୁ ବାହାରିଲା ଭଳି ଦେଖା ଯାଉଥିଲା । ଦୂର ରୁ ଦେଖିଲେ ଏମିତି ଏମିତି ଲାଗୁଥିଲା, ଯେମିତି କଟା ମୁଣ୍ଡର ଶରୀରମାନେ ଧାଡ଼ିବାନ୍ଧି ଛିଡା ହୋଇଛନ୍ତି ।

ମୁଁ ତାଙ୍କ ପାଖକୁ ଗଲି । ମୁଁ ଆଶ୍ଚର୍ଯ୍ୟ ହେଉଥିଲି ଯେ ଏମାନେ ଏତେ ଲମ୍ବା ଲାଇନ କରି କାହିଁକି ଛିଡା ହୋଇଛନ୍ତି ।

"କଣ ମୁଁ ଏ ଲମ୍ବା ଲାଇନ୍ ର କାରଣ ଜାଣିପାରେ କି?" ପାଖରେ ଛିଡା ହୋଇଥିବା ଗୋଟିଏ ଶରୀରକୁ ପ୍ରଶ୍ନ କଲି ।

ସେ ନିଜ ମୁଣ୍ଡ ଉଠେଇବାର ଏକ ଅସଫଳ ଚେଷ୍ଟା କଲା । କିନ୍ତୁ ମୁଁ ଏଇଟା ଦେଖି ଆଶ୍ଚର୍ଯ୍ୟ ହେଲି ଯେ ନାକ ତଳେ କଥା କହିବା ପାଇଁ କୌଣସି ସ୍ଥାନ ତା'ର ନଥିଲା ।

ସେତେବେଳେ ତା'ର ପିଠିକୁ ଲାଗି ଯାଇଥିବା ପେଟରୁ କ୍ଷୀଣ ସ୍ୱର ବାହାରିଲା, "ଆମକୁ ପେଟ ଭରିବାର ଅଛି । ଆଉ ଏଇଟା ରାସନ ଦୋକାନ ।"

" କିନ୍ତୁ ଏ ଦୋକାନ ତ ବନ୍ଦ ଅଛି । କେବେ ଖୋଲିବ ଏ ଦୋକାନ?" ମୁଁ ପ୍ରଶ୍ନ କଲି ।

"ଗତ ବର୍ଷଠୁ ଆମେ ଏମିତି ଛିଡା ହୋଇଛୁ । ୟାର ମାଲିକ ଆମକୁ ଅନେକଥର ଆଶ୍ୱାସନା ଦେଇଛନ୍ତି କି ଦୋକାନ ଶୀଘ୍ର ଖୋଲିବ । ଆଉ ସମସ୍ତଙ୍କୁ ପେଟ ପୂରା ରାସନ୍ ମିଳିବ । " ଆଖପାଖର ଶରୀର ମାନଙ୍କ ଠାରୁ ଫମ୍ପା ଶବ୍ଦ ଶୁଣାଗଲା ।

"ଆଚ୍ଛା! ତାହେଲେ ତୁମେମାନେ ନିଜ ହାତରେ କାହିଁକି ଖୋଲି ଦେଉନ ଏ ଦୋକାନ?" ପଚାରୁ ପଚାରୁ ମୋ ଧ୍ୟାନ ଗଲା ସେମାନଙ୍କ ହାତ ମାନଙ୍କ ଆଡକୁ । ମୁଁ ଆଶ୍ଚର୍ଯ୍ୟ ଚକିତ ହୋଇ ଉଠିଲି ।

ମୁଁ ଦେଖିଲି ଶରୀରମାନଙ୍କ ଦୁଇ ହାତ ଅନ୍ତର୍ଧାନ ଥିଲା ।

****

ବରପାଲି (ଜଗନ୍ନାଥ ନଗର )
ଜିଲ୍ଲା –ବରଗଡ, ଓଡିଶା
ପିନ୍ -768029
ମୋ -8018807153



ନନ୍ଦିତା ମହାନ୍ତି



# ସମବାରୀ ମାଆ ଓ କଇଁଆ ମଞ୍ଜି

ତାକୁ ତାର ନାଁ ପଚାରିଲେ ସିଏ କହୁଥିଲା, "ମୋ ନାଁ ସମବାରୀ ମାଆ ।" ତା କଥା ଶୁଣି ଆମେ ହସି ହସି ଗଡୁଥିଲୁ ।

ଆରେ "ସମବାରୀ ମାଆ" କଣ ଗୋଟେ ନାଁ । ସିଏ ଟିକେ ମୁରୁକି ହସି କହୁଥିଲା , " ହଁ , ଆମର ଗାଁର ସଭିଏଁ ମତେ ଇ ନାଁ ଥି ଡାକସନ । "

କୁହାଯାଏ ଏଠି ଯେତେବେଳେ କାରଖାନା ସ୍ଥାପନ କରିବା କଥା ଉଠିଲା ସେତେବେଳେ ଆଦିବାସୀ ଲୋକମାନେ ପ୍ରଥମେ ଏହାକୁ ବିରୋଧ କରୁଥିଲେ । ହେଲେ କାରଖାନା ବସିଲା । ବିସ୍ଥାପିତ ଲୋକଙ୍କୁ କାରଖାନାରେ ଚାକିରୀ ମିଳିଲା । ଆଉ ଯେଉଁମାନେ ଏହାର ଖୁବ ବେଶୀ ବିରୋଧ କଲେ ସେମାନେ କ୍ରମେ ଦୂରେଇ ଗଲେ ଏଇ ଅଞ୍ଚଳରୁ । ଧୀରେ ଧୀରେ ସହର ବଢ଼ିଲା ଓ ଗାଁ ଲୋକଙ୍କ ସହିତ ଗାଁ ବି ଦୂରେଇଗଲା ସହର ଠାରୁ । ଆଉ ସଙ୍କୁଚିତ ହୋଇ ରହିଗଲା କୋଏଲ ନଦୀ ସେପାଖରେ । ହେଲେ ଗାଁ ଓ ସହର ଭିତରେ ସମ୍ପର୍କ ତୁଟୁଲାନି । ସହରବାସୀ ଶାଗ,ପରିବାପତ୍ର , ଋତୁଓ୍ୱାରୀ ଫଳମୂଳ ପାଇଁ ନିର୍ଭର କରୁଥିଲେ ଗାଁ ଉପରେ ଆଉ ସେଇ ଆଦିବାସୀ ଗାଁର ଲୋକମାନେ ନିଜର ଦୈନନ୍ଦିନର ଜରୁରତ ପାଇଁ ଆସୁଥିଲେ ସହରକୁ ।

ସମବାରୀ ମାଆ ଆଉ ତା' ସହିତ ଆଉ ଦୁଇ/ ତିନି ଜଣ ନିୟମିତଭାବରେ ଆମ କଲୋନୀକୁ ଆସନ୍ତି । କେବେ ପନିପରିବା ଆଉ କେବେ ଋତୁଓ୍ୱାରୀ ଫଳମୂଳ ନେଇ । ମୁଣ୍ଡରେ ପନିପରିବା, ଫଳ ବୋଝେଇ ଟୋକେଇ ଥୋଇ ସେମାନେ ଲାଇନ ଲାଇନ ବୁଲନ୍ତି । ତୁହାକୁ ତୁହା ଡାକ ଛାଡନ୍ତି । ଏଇ କ୍ରମରେ ସମବାରୀ ମାଆ ସହିତ ଆମର ପରିଚୟ ।

ସମବାରୀ ମାଆ ଗେଡି ହେଇ ମାଠିମୁଠି ଦେଲା ପରି ସ୍ତ୍ରୀ ଲୋକଟିଏ । ତା' ଦେହର ରଙ୍ଗ ଜହ୍ନି ମଞ୍ଜି ପରି କଳା । ଦେହରେ ତାର ଆଣ୍ଠୁ ତଳ ଯାଏଁ ଲମ୍ବିଥିବା ମୋଟା କପ୍ତା ଶାଢ଼ୀ । ମୁଣ୍ଡରେ ଉପରେ ଲୁଗାରେ ତିଆରି ମଳା , ଆଉ ତା ଉପରେ ଗୋଟେ ବଡ ଟୋକେଇ । ଆଉ ତା ଦେହରେ ସବୁଠାରୁ ଯେଉଁଟା ଆକର୍ଷଣୀୟ ଲାଗୁଥିଲା ସେଇଟା ହେଲା ତା ଗୋଡରେ ବଳାଗଣ୍ଠି ଉପରକୁ ପିନ୍ଧିଥିବା ରୁପାର ମଲ୍ଲ ଆଉ ହାତର ଖଡୁ ।ସିଏ ବୋଧେ ପୂର୍ବରୁ କାନରେ ବି ସେମିତି କିଛି ରୁପାର ଓଜନିଆ ଗହଣା ପିନ୍ଧୁଥିଲା । କାରଣ ଏବେ କାନର ସେଇ ଅଂଶରେ ଚାରେଣୀ ଆକାରର ଗୋଟେ ବଡ କଣା ଅବଶେଷ ରହି ଯାଇଛି । ସମବାରୀ ମାଆ ଗେଟ ପାଖରେ ଛିଡା ହେଇ ଡାକ ଛାଡେ, " ହେ ବାବୁଘର ମାଆ , ନେବ କି ଗୋ ...ଦେଶୀ ଆମ, କେନ୍ଦୁ ଆଣିଛି । "

ମାଆ ବାହାରକୁ ବାହାରିବା ଆଗରୁ ମୁଁ ଦଉଡି ଯାଏ ଗେଟ ପାଖକୁ । ଗେଟ ଖୋଲିଦିଏ । ସିଏ ଭିତରକୁ ଆସେ । ମୋତେ କୁହେ , " ଟିକେ ହାତ ପକା ତଗ ନନି ।"

ସିଏ ଟିକେ ନଇଁ ପଡେ । ମୁଁ ଧରେ ତା' ଟୋକେଇକୁ । ସିଏ ମୁଣ୍ଡ ଉପରୁ ଟୋକେଇକୁ ଓହ୍ଲେଇ , ଡାହାଣ ଗୋଡକୁ ଟେକି ପ୍ରଥମେ ଟୋକେଇକୁ ଜଙ୍ଘ ଉପରେ ଥୁଏ ଆଉ ତା ପରେ ତଳେ । ମୁଣ୍ଡରୁ ମଳା କାଢି , ଟିକେ ଝାଡି ଦେଇ ତାକୁ କାନ୍ଧରେ ପକାଏ । ଅଣ୍ଟା ସିଧା କରେ ଆଉ ନଇଁ ପଡି ଟୋକେଇ ଉପରେ ପଡିଥିବା କପଡାଟିକୁ ଉଠେଇ ଦିଏ । ମୁଁ ତା'ର ଟୋକେଇକୁ ଏମିତି ଅନେଇ ଥାଏ ଯେମିତି ତାହା ଗୋଟେ ଯାଦୁଇ ପେଡି । ନିଜର ଯାଦୁଇ ଛଡିକୁ ବୁଲେଇ ସମବାରୀ ମା' ଏବେ କେତେ କଣ କାଢ଼ିବ ତା' ଭିତରୁ । ସତକୁ ସତ ଟୋକେଇ ଭିତରେ ଥାକ ଥାକ ହେଇ ସଜା ହେଇଥାଏ କେତେ ପ୍ରକାରର ଆମ୍ବ, କେନ୍ଦୁ, ଜାମୁକୋଳି । ମାଆ ବାଛି ବାଛି ସବୁ ନିଅନ୍ତି । ତାପରେ ବି ସମବାରୀ ମା' କିଛି କିଛି ଅଧିକା ଦିଏ ସବୁଥିରୁ । ମାଆ ମନା କରୁଥାନ୍ତି । " ଆରେ ଏତେ ଅଧିକ କାଇଁ ଦେଉଛୁ । ତୁ ବିକ୍ରି କଲେ ପଇସା ପାଇବୁ । "

" ଗଛବୃଛ ତ ଏସବୁ ପାଇଁ ପଇସା ନାଇଁ ନିଅନ ନା । ଘିନି କରି ନିହା ଆଣୁ ଆମେ । ଜଙ୍ଗଲରେ ମୁଫତ ମିଲସି । ତ ପଇସା ଲାଗି କାଣ କରି ଏତେ ଚିନ୍ତା । ରଖି ନିଅ ନନି ଖାଇବା । " କହୁଥିଲା ସମବାରୀ ମା' ।

ସମବାରୀ ମା' ମୋତେ ଭାରି ଭଲ ପାଉଥିଲା । ତାର ବି ଗୋଟେ କାରଣ ଥିଲା । ତାର କୁଆଡେ ମୋ ପରି ଗୋଟେ ଝିଅ ଥିଲା ଯିଏ ଏବେ ଆଉ ନାହିଁ । ଚାରିଟା ଦିନର ଜରରେ ଚାଲି ଯାଇଥିଲା ସିଏ ।

କହୁ କହୁ ଅନେକ କଥା କହୁଥିଲା ସିଏ । ସମବାରୀ ମା' ର ଝିଅ ତା ପରି କାଳି ନଥିଲା । ତାର ବାପ ପରି ତୋଫା ଗୋରା ଥିଲା ସିଏ । ଗୋଟେ ଗୁପ୍ତ କଥା ଉଜାଗର କଲା ପରି ସିଏ କହୁଥିଲା ତାର ଶାଶୁ ସହରରେ ଗୋଟେ ବାବୁ ଘରେ କାମ କରୁଥିଲା । ଆଉ ସେଇ ବାବୁ ଆଡୁ କୁଆଡେ ତାର ବରର ଜନ୍ମ

। ଆଉ ତା ଝିଅ ବି ତାର ବାପା ପରି ଗୋରୀ ଥିଲା । ସୋମବାର ଦିନ ସିଏ ଜନ୍ମ ହୋଇଥିବାରୁ ତାଙ୍କ ଗାଁର ଦିଶାରି ତାର ନାଁ ରଖିଥିଲା ସୋମବାରୀ । ଗାଁର ସମସ୍ତେ ସେଥିପାଇଁ ତାକୁ ସୋମବାରୀ ମାଆ ଡାକୁଥିଲେ ।

ସୂତାକୁ ଟାଣି ଦେଲେ ତାହା ବନ୍ଦ ହେଇ ଯାଉଥିଲା ତାପରେ ସିଏ ସୂତାକୁ ତା ମୁହଁ ଚାରିପଟେ ଗୁଡେଇ, ତାକୁ ଅଣ୍ଟାରେ ଗୁଞ୍ଜି ଦେଉଥିଲା । ଦିନେ ମାଆ ପଇସା ଦେଇ ଭିତରକୁ ଚାଲିଗଲା ପରେ ସିଏ ଅଣ୍ଟାର ସେଇ ମୁଣି ଖୋଲି ତା ଭିତରୁ କିଛି ବାହାର କରି ମୋ ସାମନାରେ ତୋଳି ଧରିଲା । ମୋ ସାମ୍ନାରେ , ତା ହାତ ପାପୁଲିରେ ଥିଲା ପାଞ୍ଚ/ ଛଅଟି କଇଁଆ ମଞ୍ଜି । ମୁଁ ଟିକେ ଆଶ୍ଚର୍ଯ୍ୟ ହେଲି । ଆଖିର ଇସାରାରେ ପଚାରିଲି , " କଣ କରିବି । "
" ଖା' । " ସିଏ କହିଲା ।

" ହାଁ ! ଖାଇବି ?" ମୁଁ ଆଗରୁ କଇଁଆ ମଞ୍ଜି ଦେଖିଥିଲି ହେଲେ ତାକୁ ଖାଇବା କଥା ଜାଣି ନଥିଲି ।

" କେମିତି ଖାଇବି ଯାକୁ ?"

ମୋ ପ୍ରଶ୍ନର ଉତ୍ତରରେ ସିଏ ଗୋଟେ ମଞ୍ଜିକୁ ଦାନ୍ତ ମଝିରେ ଚାପି ଧରିଲା । ଉପରର ଖଇରିଆ ଖୋଳପା ଭିତରୁ ବାହାରି ଆସିଲା ଗୋଟେ ଧଳା , ନିଖୁଣ ମଞ୍ଜି ।

ମୋତେ କଇଁଆ ମଞ୍ଜି ଚୋବେଇବାକୁ ବହୁତ ଭଲ ଲାଗୁଥିଲା । ମୁଁ ସବୁବେଳେ ସମବାରୀ ମା' ର ଆସିବା ବାଟକୁ ଚାହିଁ ରହୁଥିଲି । କେତେବେଳେ ସିଏ ଆସିବ ଆଉ ମୋ ପାଇଁ ଭଜା କଇଁଆ ମଞ୍ଜି ଆଣିବ । ଏବେ ସିଏ ଆସି ତାର ଟୋକେଇକୁ ମୁଣ୍ଡରୁ ଓହ୍ଲେଇ ତଳେ ଥୋଇଦେଲା ମାତ୍ରେ ମୁଁ ତା ଆଗରେ ମୋ ପାପୁଲି ମେଲେଇ ଦେଉଥିଲି ଆଉ ସିଏ ତାର ମୁଣିରୁ କାଢି ମୋ ପାପୁଲି ଉପରେ ଥୋଇ ଦେଉଥିଲା ପାଞ୍ଚ/ଛଅଟି କଇଁଆ ମଞ୍ଜି । ଏମିତି ଏମିତି କଇଁଆ ମଞ୍ଜି, ମୋର ସମବାରୀ ମା'ସହିତ ଏକ ଅଲିଖିତ ସମ୍ପର୍କର ଯୋଗସୂତ୍ରଟିଏ ପାଲଟି ଯାଇଥିଲା ।

ଧୀରେ ଧୀରେ ସିଏ ଆମ ଘରର ସଦସ୍ୟ ଭଳି ହୋଇ ଯାଇଥିଲା । ସବୁ ବିକ୍ରିବଟା ସାରିଲା ପରେ ସିଏ ଆମ ଘରେ ଆସି ବସୁଥିଲା । ଡହ ଡହ ଖରାରେ ତା'ର ଚେହେରା ଆଉରି କଠିଣ ଦିଶୁଥିଲା । ମାଆ ତାକୁ କେବେ ପଖାଳ ତୋରାଣି କେବେ ଲେମ୍ବୁ ପାଣି ଦେଉଥିଲେ । ଆଉ କେବେ ଗରମ ଭାତ , ତରକାରୀ । ଶୀତ ଦିନେ ସିଏ ନାଲି ଚା' ଆଉ ମୁଢି ମାଗି ଖାଉଥିଲା ।

ଥରେ କିଛି ଦିନ ଧରି ସମବାରୀ ମା' ଆସିଲାନି ସହରକୁ । କାହାର ପାଟି ଶୁଣିଲା କ୍ଷଣି ମୁଁ ଦଉଡି ଯାଉଥିଲି ଗେଟ ପାଖକୁ । ହେଲେ ପ୍ରତିଥର ହତାଶ ହେଇ ଫେରୁଥିଲି । ଖରାଦିନ ସରି ଯାଇଥିଲା ।ବର୍ଷା ବି ଆରମ୍ଭ ହେଇ ଯାଇଥିଲା । ସ୍କୁଲ ଖୋଲି ସାରିଥିଲା । ସେଦିନ ଥାଏ ରବିବାର । ସ୍କୁଲ ଛୁଟି । ମୁଁ ବସି ପାଠ ପଢୁଥାଏ । ବାହାରେ ପାଟି ଶୁଭିଲା । ମୋତେ ଲାଗିଲା ସମବାରୀ ମା' ଆସିଛି । ମୁଁ ଗେଟ ଖୋଲିବାକୁ ଦଉଡି ଗଲି । ହେଲେ ବାହାରେ ସମବାରୀ ମାଆ ନ ଥିଲା । ଆଉ ଜଣେ ସ୍ତ୍ରୀଲୋକ ଛିଡା ହେଇଥିଲା । ଆଗରୁ ମୁଁ ତାଙ୍କୁ କେତେଥର ଦେଖିଛି ସମବାରୀ ମା' ସହିତ । ତା ମୁଣ୍ଡରେ ବି ପରିବା ଟୋକେଇ ଥିଲା । ମାଆ ବି ବାହାରକୁ ଆସି ସାରିଥିଲେ । ତା ମୁଣ୍ଡରୁ ଟୋକେଇ ଓହ୍ଲେବାରେ ସାହାଯ୍ୟ କରୁ କରୁ କହିଲେ , " ସମବାରୀ ମା' କୁଆଡେ ଗଲା । କାଇଁ ବହୁତ ଦିନ ହେଲା ତାର ଦେଖା ନାହିଁ । "

ସ୍ତ୍ରୀଲୋକଟି ପରିବା ବାଛୁ ବାଛୁ କହିଲା , " ସମବାରୀ ମରିଗଲା । "

" ମରିଗଲା ?" ମାଆ ସ୍ୱରରେ ଚିତ୍କାରର ସୁର ।

ତାପରେ ସ୍ତ୍ରୀଲୋକଟି ଯାହା କହିଲା ତାହା ଏହିପରି :

ଅନ୍ୟ ଦିନମାନଙ୍କ ପରି ସେଦିନ ବି ସେମାନେ ତିନି/ଚାରି ଜଣ ଟୋକେଇ ମୁଣ୍ଡେଇ ଆସୁଥିଲେ ସହରକୁ । ସହରକୁ ଆସିବାକୁ ହେଲେ ମଝିରେ ପଡେ ନଦୀ । ଖରାଦିନେ ନଦୀ ଶୁଖିଲା ଥାଏ । ସେମାନେ ନଦୀ ପାଣିରେ ପଶି, ଚାଲି ଚାଲି ନଦୀ ପାରି କରନ୍ତି । ସେଦିନ ବି ନଦୀରେ ବେଶୀ ପାଣି ନଥିଲା । ନଦୀ କୂଳରେ ପହଞ୍ଚି , ଲୁଗାକୁ ଜଙ୍ଘ ଯାଏଁ ଟେକି ସେମାନେ ପାଣିରେ ପଶିଲେ । ମଝି ନଦୀରେ ପହଞ୍ଚିଲା ବେଳକୁ କୂଳରେ ଥିବା ଲୋକଙ୍କର ଚିତ୍କାର ସେମାନଙ୍କ କାନରେ ପଡିଲା । ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ପାଣି ଛଡା ହେଇଥିଲା । ଭୀଷଣ ବେଗରେ ମାଡି ଆସୁଥିଲା ପାଣି । ଆମେ ଶୀଘ୍ର ଶୀଘ୍ର ନଦୀ ପାରି ହେବାକୁ ଚେଷ୍ଟା କଲୁ । କୂଳ ଆଉ ଅଳ୍ପ ଦୂର ଥିଲା । ଲାଗୁଥିଲା ଆମେ ଏଇ ପହଞ୍ଚିଯିବୁ କୂଳରେ । ହଠାତ ପାହାଡ ପରି ମାଡି ଆସୁଥିବା ପାଣି ଜୋରରେ ଧକ୍କା ଦେଲା ଆମକୁ । ଆମେ ହାମୁଡେଇ ପଡିଲୁ ପାଣିରେ । ସମସ୍ତ ଜୋର ଲଗେଇ ଜାବୁଡି ଧରିବାକୁ ଚେଷ୍ଟା କଲୁ କୂଳରେ ପୋତା ହେଇଥିବା ଡଙ୍ଗା ବନ୍ଧା ଯାଉଥିବା କାଠ ଖୁଣ୍ଟିକୁ । ହେଲେ

ସମବାରୀ ମା' ଟିକେ ପଛକୁ ରହି ଯାଇଥିବାରୁ ତାକୁ ପାଣି ତେଡି ନେଇ ଯାଇଥିଲା ଆଗକୁ । ଆମେ ଦେଖୁଥିଲୁ, ଆମରି ସାମ୍ନାରେ ସିଏ ଆଗକୁ ଆଗକୁ ଭାସି ଯାଉଥିଲା ପାଣିରେ । ସିଏ ଭାସି ଯାଉଥିଲା ବେଳେ ବି ଡାହାଣ ହାତକୁ ମୁଠା କରି ଉପରକୁ ଟେକି ଧରିଥିଲା । ତା ପରଦିନ ତାର ମୃତ ଦେହ ଆମ ଗାଁ ଠାରୁ ପ୍ରାୟ ଦଶ କିଲୋମିଟର ଦୂରରେ ଏକ ପଥର ଖୋଲରେ ଲାଖି ଥିବାର ଦେଖା ଯାଇଥିଲା । ତାକୁ ମାଟି ଦେବାକୁ ଯାଇଥିବା ଲୋକମାନେ କହୁଥିଲେ ସେମାନେ ତାକୁ ଯେତେବେଳେ ଠାବ କଲେ ସେତେବେଳେ ତାର ଡାହାଣ ହାତମୁଠା ବନ୍ଦ ଥିଲା । ଆଉ ହାତମୁଠା ଖୋଲି ସେମାନେ ଦେଖିଥିଲେ ସେଇ ହାତମୁଠାରେ ଜାବ ପଡି ରହିଥିଲା ପାଞ୍ଚ/ଛଅଟି କଇଁଆ ମଞ୍ଜି ।

****

ମଧୁସୂଦନ ନଗର ଡାକଘର
ଭୁବନେଶ୍ୱର-751012
ମୋବାଇଲ – 8249437276

सत्यमेव जयते

GOVERNMENT OF INDIA
MINISTRY OF CORPORATE AFFAIRS
OFFICE OF THE REGISTRAR OF COMPANIES

Dated : 05-10-2021

NOTE - THIS LETTER IS ONLY AN APPROVAL FOR REGISTRATION OF THE ENTITIES FOR UNDERTAKING CSR ACTIVITIES.

To,
ORIYA CULTURAL & WELFARE ASSOCIATION , BD-11, MIG FLAT,JANAK PURI,NEW DELHI,DL09,DL,110058

PAN : AAATO1376M

**Subject:** In Reference to Registration of Entities for undertaking CSR activities

**Reference:** Your application dated 05-10-2021 (SRN-T53078010)

Sir/Madam,

With reference to the above, it is informed that the entity has been registered for undertaking CSR activities and the Registration number is CSR00015864. Please refer the registration number for any further communication.

Registrar of Companies

**Note:** The corresponding form has been approved and this letter has been digitally signed through a system generated digital signature.

ସୁଚରିତା ମହାକୁଳ



# ଭକ୍ତ ଗୀତା ପଣ୍ଡା

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଆମ ଓଡ଼ିଆ ଜାତିର ପ୍ରାଣର ଠାକୁର । ଭାବ ବିନୋଦିଆ ଠାକୁର ସିଏ, ଭାବରେ ବନ୍ଧା । ଭକ୍ତର ଭକ୍ତିରେ ସିଏ ଧରା ଦିଅନ୍ତି । ଷାଠିଏ ପଉଟି ବ୍ୟଞ୍ଜନରେ ମନ ଭରେନାହିଁ ଯେ, କରମା ବାଈଙ୍କର ହାତରନ୍ଧା ଖେଚିଡ଼ିକୁ ମନ ବଳାନ୍ତି । ଯବନ ଭକ୍ତ ସାଲବେଗଙ୍କ ପାଇଁ ରଥ ଅଟକାଇ ଅପେକ୍ଷା କରନ୍ତି, ଭକ୍ତର ଆସିବା ପଥକୁ । ସେ ପୁଣି ଏଡ଼େ ଦରଦି ଠାକୁର ଯେ ବାଲିଗାଁର ଭକ୍ତ ଦାସିଆ ବାଉରୀ ପଠାଇଥିବା ନଡ଼ିଆକୁ ସ୍ୱହସ୍ତ ପ୍ରସାରି ଗ୍ରହଣ କରନ୍ତି । ପୁଣି ଭକ୍ତି ରସର ମୂର୍ଚ୍ଛନାରେ ଟାଣି ହୋଇଯାଆନ୍ତି ବାଇଗଣ କିଆରୀକୁ, ମାଲୁଣୀ କଣ୍ଠର ସୁମଧୁର ଗୀତଗୋବିନ୍ଦ ଶୁଣିବାକୁ । ପୁରୀର ଗଜପତି ରାଜା ପୁରୁଷୋତ୍ତମ ଦେବଙ୍କ ସମ୍ମାନ ରକ୍ଷା ନିମନ୍ତେ ନିଜେ ଜଗା ବଳିଆ ସେନାପତି ସାଜି କଳା ଧଳା ଘୋଡ଼ା ଚଢି ବାହାରନ୍ତି କାଞ୍ଚି ଅଭିଯାନ ପାଇଁ, ଉଦୁଉଦିଆ ଖରାବେଳେ ମାଣିକ ଗଉଡୁଣୀ ଠାରୁ ଦହି ପିଇ କଉଡ଼ି ନଦେଇ ଦିଅନ୍ତି ଶ୍ରୀହସ୍ତର ରତ୍ନ ମୁଦ୍ରିକା । ଏହିପରି ଅନେକ କିମ୍ବଦନ୍ତୀ ଭାବଗ୍ରାହୀ କଳାଠାକୁରଙ୍କୁ ନେଇ । ଏପରି ଭାବରେ ଜୁଡୁବୁଡିଆ ଠାକୁର ସିଏ । ସେଥିପାଇଁ ଭକ୍ତ ଗାଇ ଉଠେ,

ହାତ ନାହିଁ ସେତ ପୁଣି ମହାବାହୁ,
ଦାରୁ ହୋଇ ଭାବଗ୍ରାହୀ ।
ଜଗାକାଳିଆ ସେ ଜଗମୋହନ ହେ ,
ଏମନ୍ତ ଦେବତା କାହିଁ ।

କେତେ ସାଧୁ, ସନ୍ଥ, ଭକ୍ତ ତାଙ୍କର ଭକ୍ତିର ଅମୃତ ବାରିରେ ଶ୍ରୀକ୍ଷେତ୍ରକୁ ପ୍ଲାବିତ କରିଛନ୍ତି । ଜନଶ୍ରୁତିରେ ସେମାନଙ୍କର ଗାଥା ବଞ୍ଚି ରହିଛି ଯୁଗ ଯୁଗ ପାଇଁ । ସେହି ଚରିତ୍ର ମାନଙ୍କୁ ଯେତେ ରୋମନ୍ଥନ କରାଯାଏ ମନ ସେତେ ଭକ୍ତି ଭାବରେ ରୋମାଞ୍ଚିତ ହୁଏ । କ୍ଷଣକ ପାଇଁ ହେଉପଛେ, କୋଟି କୈବଲ୍ୟନାଥ ଭାବ ବିନୋଦିଆ କଳା ଠାକୁର ହୃଦୟରେ ବିରାଜମାନ କରନ୍ତି । ଏହି ମନରେ ଥିବା ଦୁଃଖ, ଗ୍ଲାନି, ଅଶାନ୍ତି, କ୍ଷୋଭ କାହିଁ କେଉଁଆଡେ ଅଦୃଶ୍ୟ ହୋଇଯାଏ । ପରମ ତୃପ୍ତିରେ ଜୀବାତ୍ମା କହି ଉଠେ ,

ଶରଣ ରକ୍ଷଣ ବଳିୟାର ବାହା,
ଅଭୟ ଛନ୍ଦାପୟର ଯାହାର ସାହା,
ଏ ଭବ ସଂସାରୁ ତରିବାର ରାହା,
ସେ ଏକା ଲଭଇ ମୁକତିର ନାହା ।

ଆଜକୁ ବହୁ ବର୍ଷ ତଳର କଥା । ସେହିପରି ଏକ ଚରିତ୍ର, ଗୀତା ପଣ୍ଡା । ସେ ଥିଲେ ଜଗନ୍ନାଥ ପ୍ରେମୀ, ନିସ୍ପୃହ ନୀତିବାନ ବ୍ୟକ୍ତି । ପୁରସ୍ତମର ଜନୈକ ବ୍ରାହ୍ମଣ । ମହାପ୍ରଭୁଙ୍କର ଅନନ୍ୟ ପରମ ଭକ୍ତ । ଚକାଡୋଳାଙ୍କ ଚରଣ କମଳରେ ତାଙ୍କର ଥିଲା ଅସୀମ ଶ୍ରଦ୍ଧା ଓ ଅଟଳ ବିଶ୍ୱାସ । ତାଙ୍କର ଅସଲ ନାମ ଲୁପ୍ତ ହୋଇ ଯାଇଥିଲା । ସର୍ବସାଧାରଣରେ ସେ ଗୀତା ପଣ୍ଡା ନାମରେ ପରିଚିତ ଥିଲେ । ପ୍ରତିଦିନ ସିନ୍ଦୂରା ଫାଟିଲା ବେଳକୁ ସେ ସ୍ନାନ ସାରି ନିଜର ମାଟି ପିଣ୍ଡାରେ ଚକା ଆସନ ପକାଇ ଗୀତା ପାଠ କରି ବସନ୍ତି । ଏକ ଅଧ୍ୟାୟ ଗୀତା ପାଠ କରିବା ପରେ ହିଁ ଅନ୍ନ, ଜଳ ସ୍ପର୍ଶ କରୁଥିଲେ । ତାଙ୍କର ସେ ଉଜ୍ଜ୍ୱଳ ଗାମ୍ଭୀର୍ଯ୍ୟମୟ ବ୍ୟକ୍ତିତ୍ୱକୁ ଦେଖିଲେ ମଥା ଆପେ ଆପେ ନଇଁଯାଏ ।

ସେହି ବର୍ଷ ଅନାବୃଷ୍ଟି ଫଳରେ ଦୂର୍ଭିକ୍ଷ (ଅକାଳ) ପଡ଼ିଥିଲା । ଖାଦ୍ୟର ଘୋର ଅଭାବ ଦେଖା ଯାଇଥାଏ । କୌଳିକ ବୃତ୍ତି ବନ୍ଦ ହେବା ପ୍ରାୟ । ପାଞ୍ଚପ୍ରାଣୀ କୁଟୁମ୍ବ ପୋଷିବା କାଠିକର ପାଠ ପରି ମନେହେଉଥାଏ । ଏପରି ମହରଗ ସମୟରେ ଯଜମାନଙ୍କ ଠାରେ ପର୍ବପର୍ବାଣୀ ପାଇଁ ଆଗ୍ରହ ନଥାଏ । ଥାଳରେ ଚାଉଳ ମୁଠାଏ ପଡୁନଥାଏ । ଆଜକୁ ଦୁଇ ଦିନ ହେଲା ପଣ୍ଡାଙ୍କର ପିଲାମାନେ ତୋରାଣି ମୁନ୍ଦେ ପିଇ ପଡ଼ିରହିଥାନ୍ତି । ଆଜି କିନ୍ତୁ ସେତକବି ଜୁଟିଲା ନାହିଁ । ଅନାହାରରେ ପିଲାମାନେ ଶେଯରେ ପଡ଼ି ରହିଥାନ୍ତି । ପେଟ ଖାଙ୍କ ପଶିଯାଇଥାଏ ।

ଦିନ ଆସି ଦଶ ଘଡି ହେଲାଣି । ସେଦିନ କୌଣସି କାରଣ ବସତଃ ପଣ୍ଡାଙ୍କର ନିତ୍ୟକର୍ମ ବିଳମ୍ବ ହୋଇଥିଲା । ପଣ୍ଡାଏ କିନ୍ତୁ ଅବିଚଳ । ସେ ପ୍ରତିଦିନ ପରି ଆଜି ମଧ ସ୍ନାନ ସାରି ଦାଣ୍ଡ ପିଣ୍ଡାରେ ଗୀତାପାଠ କରିବାକୁ ବସିଗଲେ । ପୋଥିକୁ ପ୍ରଣାମ କରି ଶ୍ରୀମଭଗବଦଗୀତା ପଢିବାକୁ ଲାଗିଲେ । ମାତ୍ର ପଣ୍ଡିତିଆଣୀ ପଣ୍ଡାଙ୍କର ଏତାଦୃଶ ଆଚରଣ ଦେଖି ଅସହ୍ୟ ହୋଇଉଠିଲେ । ପିଲାଙ୍କର ଜରାଜୀର୍ଣ୍ଣ ଶରୀର ଦେଖି ତାଙ୍କ ପ୍ରଣ କାନ୍ଦିବାକୁ ଲାଗିଲା । ସେ ଗୀତା ପଣ୍ଡାଙ୍କୁ କହିଲେ "ଘରେ ମୁଠାଏ ଦାନା ନାହିଁ, ପିଲାମାନେ ପାଣି ଟୋପାଏ ପିଇ ପଡ଼ି ରହିଛନ୍ତ, ମାତ୍ର ତୁମେ ସକାଳୁ ସକାଳୁ ପୋଥି ଧରି ବସିଗଲ । ଏ ପୋଥି କଣ ଆମ ପେଟରେ ଦାନା ଦେବ ?" ପଣ୍ଡାଏ ନିର୍ବିକାର ଚିତ୍ତରେ ବସି ଗୀତା ପାଠ କରୁଥାନ୍ତି । ସ୍ତ୍ରୀଙ୍କ କଥା ତାଙ୍କର କର୍ଣ୍ଣ ଗୋଚର ହେଲାନାହିଁ । ପଣ୍ଡିତିଆଣୀ ଅତ୍ୟନ୍ତ

କ୍ରୋଧିତ ହୋଇ ପଣ୍ଡାଙ୍କ ପାଖକୁ ଯାଇ କହି ଉଠିଲେ "ଏ ହେଉଛି ତାଳପତ୍ରର ପୋଥି, ଏହାକୁ ପଢିଲେ ଆମ ଦୁଃଖ ମେଣ୍ଟିବ ନାହିଁ, କିଛି କର୍ମ କର କର୍ମ, ଯାହା ଫଳରେ ଘରେ ଚୂଲି ଜଳିବ। ପିଲାଙ୍କ ପେଟରେ ଦାନା ପଡିବ। ନହେଲେ ଏମିତି ଭାବରେ ଉହଳ ବିକଳ ହୋଇ ପିଲାମାନେ ମୃତ୍ୟୁ ମୁଖରେ ପଡିବେ"। ଗୀତା ପଣ୍ଡା ନିଜ ସ୍ତ୍ରୀକୁ ସାନ୍ତ୍ୱନା ଦେଇ କହିଲେ "ଦେଖ ଏ ଗୀତା ପୋଥି ସାଧାରଣ ତାଳପତ୍ରର ପୋଥି ନୁହେଁ । ଏ ହେଉଛି ସ୍ୱୟଂ ମହାପ୍ରଭୁଙ୍କର ଶ୍ରୀମୁଖ ନିଃସୃତ ବାଣୀ। ଏଥିରେ ପ୍ରଭୁ କହିଛନ୍ତି, ଯେ , ଯିଏ ନିଜକୁ ସମ୍ପୂର୍ଣ୍ଣ ଭାବରେ ତାଙ୍କଠାରେ ସମର୍ପି ଦିଏ ତାଙ୍କ ପ୍ରତି ଅଟଳ ବିଶ୍ୱାସ ଓ ପରମ ଭକ୍ତି ପୋଷଣ କରେ, ସେ ସତ୍ୟ ପ୍ରତିଜ୍ଞା କରୁଛନ୍ତି, ତାର ଭାର ସେ ନିଶ୍ଚିତ ରୂପେ ବହନ କରିବେ"। ପଣ୍ଡାଙ୍କ ସ୍ତ୍ରୀଙ୍କର ଧୈର୍ଯ୍ୟ ଚ୍ୟୁତି ଘଟିଥିଲା। ଆଉ କୌଣସି କଥା ସେ ଶୁଣିବା ଅବସ୍ଥାରେ ନ ଥିଲେ। ତିନିଦିନ ହେଲା ଘରେ ଯାହା ମୁଠେ ଥିଲା, ସେ ସମସ୍ତଙ୍କୁ ବାଣ୍ଟି ଦେଇ ନିଜ ପେଟରେ ଓଦାକନା ପକାଇ ପାଣି ମୁନ୍ଦେ ପିଇ ରହିଛନ୍ତି। କ୍ଷୁଧାର ଜ୍ୱାଳା ତାଙ୍କୁ ମଧ ଅଜ୍ଞାନ କରି ଦେଇଛି । ପଣ୍ଡାଙ୍କ କଥା ତାଙ୍କୁ ନିଆଁରେ ଘିଅ ଢାଳିବା ପରି ମନେ ହେଲା। ସେ କ୍ରୋଧ ବଶତଃ ଗୀତା ପୋଥିରେ ଲେଖନୀ ମୁନରେ ତିନୋଟି ଗାର କାଟି ଦେଲେ। ଏହା ଦେଖି ପଣ୍ଡାଏ ଅତିଶୟ ଦୁଃଖ ଓ କ୍ରୋଧରେ ଜର୍ଜ୍ଜରିତ ହୋଇ ନିଜର ମଥା ପିଟିପିଟି କହିଲେ "ରେ ପାପିନୀ ତୁ କଣ କଲୁ, ଗୀତାକୁ ଅବଜ୍ଞା କଲୁ"। ଏ ହେଉଛି ପ୍ରଭୁଙ୍କ ମୁଖନିଃସୃତ ଅମୃତବାଣୀ । ଏଥିରେ ଗାର କାଟି ଅଲକ୍ଷ୍ୟରେ ଏହାକୁ ମିଥ୍ୟା ବୋଲି କହିଲୁ। ଅଭିମାନ ଭରା ମନରେ ପଣ୍ଡା କବାଟ କିଳି ଶୋଇ ରହିଲେ। ପଣ୍ଡିତିଆଣୀ ଅଜ୍ଞାନ ବଶତଃ ଏପରି କର୍ମ କରି ବହୁତ ଅନୁତାପ କରି ରୋଦନ କରିବାକୁ ଲାଗିଲେ। ଦୁଃଖ ଓ ଅଭିମାନରେ ପରିବେଶ ଗମ୍ଭୀର ହୋଇ ଉଠିଲା।

ମାତ୍ର ଭାବ ବିନୋଦିଆ କଳା ଠାକୁରଙ୍କ ରଙ୍ଗିମା ଅଧରରେ ମନଲୋଭା ହାସ୍ୟରେଖା ଲାଖି ରହିଥିଲା । ସେ ଆଉ ସ୍ଥିର ହୋଇ ରହିପାରିଲେ ନାହିଁ ଭକ୍ତର ଦୁଃଖ, ଅଭିମାନରେ ସେ ଦ୍ରବୀଭୂତ ହୋଇଉଠିଲେ। ଭକ୍ତର ଦୁଃଖର ଭାର ସେ ଗ୍ରହଣକଲେ। ଗୋପାଳ ବାଳକ ବେଶରେ ନିଜକୁ ସଜାଇ, ଭାର ବୋହି ବାହାରି ପଡିଲେ ପଣ୍ଡାଙ୍କ ଘରକୁ। ଦାଣ୍ଡ ଦୁଆରେ ପହଁଞ୍ଚି ଡାକଦେଲେ, "ଗୋସେଇଁ ଘରେ ଅଛନ୍ତି"। ପଣ୍ଡାଙ୍କ ସ୍ତ୍ରୀ ସେହି ସମୟରେ ନିଜର ଅପକର୍ମକୁ ବସି ବାହୁନୁ ଥିଲେ। ବାଳକର ଡାକରେ ସେ ତଟସ୍ଥ ହେଲେ। ଘରୁ ବାହାରି ଦେଖିଲେ, କଳା ମୁଚୁମୁଚୁ ସୁନ୍ଦର କିଶୋର ଟିଏ ଭାର ଧରି ଠିଆ ହୋଇଛି। ପିଲାଟିକୁ ସେ ଅପଲକ ନୟନରେ ଚାହିଁ ରହିଲେ। ମଥାରେ କୁଞ୍ଚିତ ଘନ କେଶ ରାଶି। ବିସ୍ତାରିତ କପୋଳ ନୀଳ ଇନ୍ଦୀବରକୁ ଜିଣି ନେତ୍ର ଯୁଗଳ, ତୀକ୍ଷଣ ନାସିକା , ସରୁ ରଙ୍ଗିମା ଅଧର, ସୁଢଳ ଶରୀର ଯେ କେହିବି ମୋହିତ ହୋଇଯିବ ସେହିରୂପ ଦର୍ଶନରେ । ଚକ୍ଷୁ ଯୁଗଳରେ ପୁଣି ଏତେ ଉଜ୍ଜ୍ୱଳତା, ସେ କଳା ରଙ୍ଗରେ ପୁଣି ଏତେ କମନୀୟତା ଭରି ରହିଛି। କିଛି କ୍ଷଣ ପାଇଁ ସ୍ଥାଣୁ ପାଲଟିଗଲେ ପଣ୍ଡିତିଆଣୀ । ପିଲାଟିର ଡାକରେ ଧ୍ୟାନ ଭାଙ୍ଗିଲା ତାଙ୍କର। କେତେ କମନୀୟ ରୂପ ,ପଣ୍ଡିତିଆଣୀ କହିଲେ "କାହାକୁ ଖୋଜୁଛ"? ପିଲାଟି କହିଲା "ଏଇଟାକଣ ଗୀତା ପଣ୍ଡା ଗୋସେଇଁଙ୍କର ଘର"। ପଣ୍ଡାଙ୍କ ପତ୍ନୀ ହଁ ଭରିଲେ। ପୁଣି ବାଳକ କହିଲା ମୋର ସାଆନ୍ତ ହେଉଛନ୍ତି ଗୋସେଇଁଙ୍କର ବାଲ୍ୟ ବନ୍ଧୁ, ଏହି ଅକାଳ ସମୟରେ ତାଙ୍କର ଗୋସେଇଁଙ୍କର କଥା ମନେ ପଡିବାରୁ, ତାଙ୍କ ପରିବାର ପାଇଁ କିଛି ଖାଦ୍ୟ ସାମଗ୍ରୀ ପଠାଇଛନ୍ତି। ଏହା ଦେଖି ପଣ୍ଡିତିଆଣୀଙ୍କର ଆନନ୍ଦର ସୀମା ରହିଲାନି। ସେ ନିଜ ସ୍ୱାମୀଙ୍କୁ ଡାକିବା ପାଇଁ ଗୃହ ମଧ୍ୟକୁ ଯିବାକୁ ଉଦ୍ୟତ ହେବାରୁ, ବାଳକଟି କହିଲା ମୋର ସିଆଡେ ବହୁତ କାମ। ମୋ ସାଆନ୍ତଙ୍କର ପ୍ରତିଟି କାର୍ଯ୍ୟ ମୁଁ ତଦାରଖ କରେ। ବେଳ ଉଛୁର ହେଲାଣି , ଏହି ଭାର ସବୁକୁ ଘରେ ରଖି ମୋତେ ବିଦାୟ ଦିଅ। ପଣ୍ଡାଏ ତ କବାଟ କିଳି ଶୋଇଥିଲେ ତେଣୁ ତାଙ୍କ ପତ୍ନୀ ଖାଦ୍ୟ ସାମଗ୍ରୀକୁ ଯଥା ସ୍ଥାନରେ ରଖିଲାରୁ ପୁରାଘର ଭରି ଗଲା। ସରୁ ଅରୁଆ ଚାଉଳ, ମୁଗଜାଇ, ଘୃତ, ଦଧି, କ୍ଷୀର, ଖଣ୍ଡ ଛେନା, ଶାକର, ନାନା କିସମର ପନିପରିବାରେ ଘର ପୂରି ଉଠିଲା। ପଣ୍ଡିତିଆଣୀ ଆତ୍ମ ବିଭୋର ହୋଇ ସ୍ୱାମୀଙ୍କର ବାଲ୍ୟବନ୍ଧୁଙ୍କ ପ୍ରତି ବରମ୍ବାର ସଜଳ ପ୍ରଣାମ ଜଣାଇଲେ ଓ ପିଲାଟିକୁ ପଚାରିଲେ ପୁଅ ତୋ ନାଁ କଣ। ପିଲାଟି ଉତ୍ତରଦେଲା 'ଗୋପାଳ'। ସେ ପୁଣି କହିଲେ "ଏତେ ବଡ ମୁଣ୍ଡ ଫଟା ଖରାରେ ତୋର ଏ କୋମଳ ପିଲା ଦେହରେ, ଏତେ ଭାର ବୋହି ଆସିଛୁ, ଅଳ୍ପକ୍ଷଣ ଅପେକ୍ଷା କର ମୁଁ କିଛି ରାନ୍ଧି ଦେଉଛି ଖାଇକି ଯିବୁ।" ପିଲାଟି କହିଲା ...

"ଜିହ୍ୱା ଆମ୍ଭର ଯାଇଛି କଟି
ଖାଇ ନ ଯୋଗାଇ, ମାଗୋ ,
ଜ୍ୱାଳା ଅସହ୍ୟଟି।"

ଜିଭରେ ପ୍ରବଳ ପୀଡା ହେଉଛି କିଛି ଖାଇ ପାରୁନି। ଆଉ କେବେ ଆସିଲେ ନିଶ୍ଚୟ ଖାଇକିଯିବି। ଏହା କହି ସେ ମେଲାଣି ନେଲା। ପଣ୍ଡାଙ୍କୁ ଉଠାଇବାର ଅବସର ଆଉ ତାଙ୍କ

ପତ୍ନୀଙ୍କୁ  ମଳିଲା ନାହିଁ । ସେ ତରବର ହୋଇ ରୋଷେଇ କରିବାରେ ଲାଗି ପଡିଲେ । ଭାବିଲେ ଶୀଘ୍ର ଖାଦ୍ୟ ପ୍ରସ୍ତୁତ କରି ସମସ୍ତଙ୍କୁ ଉଠାଇ ଖାଇବାକୁ ଦେବି ।

ରୋଷେଇର ଖୁଟଖାଟ ଶବ୍ଦ ଓ ଖାଦ୍ୟ  ବ୍ୟଞ୍ଜନର ମହମହ ବାସ୍ନାରେ ପଣ୍ଡାଙ୍କର ନିଦ୍ରା ଭଙ୍ଗହେଲା । ଏ ସବୁ  କାହୁଁ ଆସିଲା ଜାଣିବା ପାଇଁ ସେ କବାଟ ଖୋଲିଲେ । ଯାହା ଦେଖିଲେ ସେଥିରେ ଆଚମ୍ବିତ ହୋଇଗଲେ । ନାନାଦି ଖାଦ୍ୟ ସାମଗ୍ରୀରେ ଘରଟି ପୁରି ଉଠିଛି । ପଣ୍ଡାଙ୍କ ସ୍ତ୍ରୀ ତାଙ୍କ ପାଖକୁ ଆସି ନିଜର ଦୋଷ ପାଇଁ ଲଜ୍ଜ୍ୟା ମିଶ୍ରିତ ହସ ଫୁଟାଇ କହି ଉଠିଲେ," ମୁଁ ଅଜ୍ଞାନ ବଶତଃ ଏତେ ବଡ ଭୁଲ କରି ଦେଲି, ମୋତେ କ୍ଷମା କର । ସତରେ ପ୍ରଭୁଙ୍କୁ ଯିଏ ସମ୍ପୂର୍ଣ୍ଣ ରୂପେ ଆଶ୍ରା କରେ  ପ୍ରଭୁ ଯେ କୌଣସି ମାଧ୍ୟମରେ  ତା'ର ଭାର ଗ୍ରହଣ କରନ୍ତି । ତୁମର କେହି ବାଲ୍ୟବନ୍ଧୁ ଏହି ଅଦିନରେ ତୁମ କଥା ଚିନ୍ତା କରି, ଏତେ ଚିଜ ପଠାଇଛନ୍ତି ।" ପଣ୍ଡାଏ ଚିନ୍ତା କଲେ ତାଙ୍କର ତ କେହି ବାଲ୍ୟବନ୍ଧୁ ଏ ପୁରସ୍ତମରେ ଥିବାପରି ମନେ ହେଉ ନାହିଁ । ପଣ୍ଡିତିଆଣୀ ପୁଣି କହିବାକୁ ଲାଗିଲେ, ଯେଉଁ ଭାରୁଆ ପିଲାଟି ଆସିଥିଲା , ତାର ରୁପ ଲାବଣ୍ୟ , କଥା ଚାତୁରୀ ବର୍ଣ୍ଣିବା ପାଇଁ ମୋ ଓଠରେ ଭାଷାନାହିଁ ।  ଆମ ଘରେ ଖାଇବାକୁ କହିବାରୁ  କହିଲା ..

"ସାରା ଦୁନିଆର ବୋହୁଅଛି ଭାର ,
ସର୍ବଦା ଚଞ୍ଚଳ ନାହିଁ ମୋତେ ତର ।
ଦେଖ ଗୋ ମାତ,
ଜିହ୍ୱା ମୋର ଯଇଛି କଟି,
ଭୁଞ୍ଜି  ନ ପାରଇ ପୀଡା ଅସହ୍ୟଟି ।"

ଏଇ କଥା ପଦକରେ  ପଣ୍ଡାଙ୍କର ମଥା ଘୂରି ଗଲା । ଚନ୍ଦନ ଅଗୁରୁର ସୁବାସରେ ପରିବେଶ ମନ୍ତ୍ରମୁଗ୍ଧକର ମନେହେଉଥିଲା । ସେ ଭୂଲୁଣ୍ଠିତ ହୋଇ ସେହି ମାଟିକୁ ବାରମ୍ବାର ମସ୍ତକରେ ଲଗାଇଲେ ।  ସେହି ପଦରଜକୁ ଚୁମ୍ବିବାକୁ ଲାଗିଲେ । ନୟନରୁ ଧାର ଧାର ହୋଇ ପ୍ରେମାଶ୍ରୁ ଝରି ପଡିଲା ।  ସେ କହିଲେ ତୁ କେଡେ ପୁଣ୍ୟବତୀ , ମହାପ୍ରଭୁଙ୍କୁ  ସ୍ୱଚକ୍ଷୁରେ ଦେଖିଲୁ, ତାଙ୍କ ସହିତ କଥା ହେଲୁ । ମୁଁ ପାମର ତାଙ୍କ ଦର୍ଶନ ପାଇ ପାରିଲି ନାହିଁ । ସେହି ଭାବଗ୍ରାହୀ  କଳାଠାକୁର ହିଁ ଭୃତ୍ୟର ମାନ ରକ୍ଷା କରିବାକୁ ଭାର ବୋହି ଆସିଥିଲେ । ତୁ ପରଖି ପାରିଲୁନି । ଏ ଭୃତ୍ୟକୁ ସଖାର ସମ୍ମାନରେ ଭୂଷିତ କରାଇଲେ । ଏହା କହି ନିଜ ପତ୍ନୀର  ହାତ ଧରି ପାଗଳପରି ଦୌଡି ଦୌଡି ପହଁଞ୍ଚିଲେ ବଡ ଦେଉଳରେ । ଜଗମୋହନରେ ସାଷ୍ଟାଙ୍ଗ ପ୍ରଣାମ କରି ପତିପତ୍ନୀ ଦୁଇଜଣ ଚାହିଁଦେଲେ କଳା ଶ୍ରୀମୁଖଙ୍କୁ । ଅପୂର୍ବ ଶୋଭାରେ ଝଲସି ଉଠୁଛି କଳାଚାନ୍ଦ, କଳା ବଦନ । ଅଧରରେ ଲାଖି ରହିଛି ମୁରୁକି ହସ ।  କନ୍ତୁ ସେ ରଙ୍ଗିମା ଅଧରରେ ତିନୋଟି ଗାର ପଡିଯାଇଛି । ଦୁଇ ଜଣଙ୍କ ଚକ୍ଷୁରୁ ଝରି ପଡିଲା ଧାର ଧାର ଅଶ୍ରୁ ରାଶି । ପଣ୍ଡିତିଆଣୀ କେତେ କାକୁତିମିନତି ହୋଇ, ମୁଣ୍ଡପିଟି କ୍ଷମା ପ୍ରାର୍ଥନା କଲେ । ହେ ଚକାଡୋଳା, ହେ କରୁଣାସାଗର, ହେ ମହାବାହୁ  କହି କୋଟି କୋଟି ପ୍ରଣାମ ଜଣାଇଲେ । ମହାପ୍ରଭୁ ଯେପରି ମୁରୁକି ହସି ଅଭୟ ଦାନ କରି କହୁଛନ୍ତି,

ସର୍ବଧର୍ମାନ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ।

ଯିଏ କାୟ ମନ ବାକ୍ୟରେ ମୋଠାରେ ସର୍ମପିତ, ମୁଁ ତାକୁ ମୋ ଶରଣରେ ନିଏ ।

ଦମ୍ପତି ଯୁଗଳ ମହାପ୍ରଭୁଙ୍କ ପାଦ ପଦ୍ମରେ ଭକ୍ତି ଅର୍ଘ୍ୟ ଢାଳି ଗାଇ ଉଠିଲେ,

ଧନ୍ୟ ମହାପ୍ରଭୁ ମହିମା ତୁମ୍ଭର,
ଅଟେ ଅନନ୍ତ ଅପାର ।

****

ସି -୫, ଟାୱାର - ୧୧ , ଟାଇପ - ୫
କିଦବାଇ ନଗର ଇଷ୍ଟ,
ନିଉ ଦିଲ୍ଲୀ -୨୩



# ଆମ ଲୋକକଥାରେ ଅବଲୋକରା

ଇଂ ସତ୍ୟବ୍ରତ ରଥ



ଭାରତବର୍ଷରେ ସ୍ୱୀକୃତ ୨୨ଟି ଭାଷା ମଧ୍ୟରେ ଓଡ଼ିଆ ଭାଷା ପରିଗଣିତ I ଏହିଭାଷା ବହୁପ୍ରାଚୀନ ଓ ଶ୍ରୁତିମଧୁର I ଗବେଷକମାନେ ମତଦେଇଛନ୍ତି ଯେ ଓଡ଼ିଆଭାଷା ସଂସ୍କୃତ ଭାଷାର ଅନୁଗାମୀ I ସମୟକ୍ରମେ ଅନେକ କାରଣରୁ ଭାଷାର ଆଙ୍ଗିକ ପରିବର୍ତ୍ତନ ଘଟିଛି I ଆମ ଅଭିଧାନରେ ଥିବା ଶବ୍ଦଗୁଡିକୁ ତଦଭବ, ତଦସମ, ଦେଶଜ ଓ ବୈଦେଶିକ ଶବ୍ଦ ଭାବେ ବର୍ଗୀକରଣ କରାଯାଇଛି I

ଓଡ଼ିଆ ଭାଷା ଭଣ୍ଡାର କାବ୍ୟ, କବିତା, ନାଟକ, ଗଳ୍ପ, ଉପନ୍ୟାସ ତଥା ଲୋକକଥା ଢଗ ଢମାଳି, ରୂଢି, ଲୋକଗୀତ ଆଦିକୁ ନେଇ ସମୃଦ୍ଧ । ଲୋକକଥା ଓ ଢଗ ଢମାଳିଗୁଡିକ ମନୋରଞ୍ଜନ ଧର୍ମୀ ତଥା ଉପଦେଶ ମୂଳକ । ଭିନ୍ନ ଭିନ୍ନ ସମୟରେ କବି ଲେଖକମାନେ ସେମାନଙ୍କ କୃତ୍ତି ପ୍ରଦର୍ଶନ କରିଯାଇଛନ୍ତି । ସେହିଭଳି ଲୋକକଥା ମଧ୍ୟରୁ ଅବୋଲକରା କାହାଣୀର ସ୍ୱତନ୍ତ୍ରତା ରହିଛି । ଶୁଆଶାରୀ ଗପ, ଜେଜେମା କାହାଣୀ, ରାଜରାଣୀ ମଧ ବେଶ ଲୋକପ୍ରିୟ କାହାଣୀ । ଏହିଭଳି କାହାଣୀଗୁଡିକର ପ୍ରଚଳନ କେବେଠାରୁ ହୋଇଥିଲା, ତାହାର ସଠିକ ତଥ୍ୟ ଉପଲବ୍ଧ ନୁହେଁ । ତେବେ କେବଳ ଆଲୋଚକଙ୍କ ମତ ଅନୁସାରେ –ପ୍ରାୟ ଚତୁର୍ଥ ଶତାବ୍ଦୀ ବେଳକୁ ଓଡିଆ ସାଧବମାନେ ନୌବାଣିଜ୍ୟରେ ଦକ୍ଷତା ଅର୍ଜନ କରିଥିଲେ । ସେମାନେ ଦକ୍ଷିଣ –ପୂର୍ବ ଏସିଆରେ ଅନେକ ଅଞ୍ଚଳରେ ବାଣିଜ୍ୟ କାରବାର କରୁଥିଲେ । ପାଲଟଣା ବୋଇତରେ ଦୂରଦେଶମାନଙ୍କୁ ଯିବାବେଳେ ସେମାନେ ପଣ୍ୟଦ୍ରବ୍ୟ ସହ ରୋଷେଇଆ, ସେବାକାରୀ, ଗାୟକ ଓ ବାଦ୍ୟଯନ୍ତ୍ର ଏବଂ ଜଣେ ଗପୁଡି ଲୋକକୁ ସାଙ୍ଗରେ ନେଉଥିଲେ । ସେହି ଗପୁଡି ଲୋକ ମଜା ମଜା ଗପ ଶୁଣାଇ ନୌଯାତ୍ରୀଙ୍କର ମନୋରଞ୍ଜନ କରୁଥିଲା । ସେହି ସମୟରୁ ଅବୋଲକରା କାହାଣୀ ସମେତ ଅନେକ ଲୋକକଥା ପ୍ରଚଳନ ହୋଇଛି ବୋଲି ମନେ କରାଯାଏ ।

ଅବୋଲକରା କାହାଣୀର ପୃଷ୍ଠଭୂମି ଓ ମାଧ୍ୟମ ବେଶ କୌତୁହଳ ପ୍ରଦ । ପ୍ରଥମ ମାଧ୍ୟମ ହେଲେ ଜଣେ ଗୋସେଇଁ /ସାଆନ୍ତ, ଯିଏ ବୁଦ୍ଧିମାନ, ଜ୍ଞାନୀ, ଧର୍ମ ପରାୟଣ ଓ ଭ୍ରମଣ ପ୍ରିୟ । ମନ୍ତ୍ର ଯନ୍ତ୍ର ଓ ତନ୍ତ୍ରରେ ମଧ ତାଙ୍କର ପାରଦର୍ଶିତା ଥିଲା । ଦ୍ୱିତୀୟ ମାଧ୍ୟମ ହେଲା ଜଣେ ନିପଟ, ଗାଉଁଲି, ପରିଶ୍ରମୀ ଓ ମନୁଆ ଯୁବକ । ଯାହାର ନାମ ଥିଲା ଅବୋଲକରା ।

ଜୀବନର ଉତ୍ତର ବୟସରେ ଗୋସେଇଁ ତୀର୍ଥ କରି ଯିବାପାଇଁ ମନସ୍ଥ କଲେ । ସେ ରାଜାଙ୍କୁ ନିଜର ମନକଥା ଜଣାଇଲେ । ଦୟାଳୁ ରାଜା ଗୋସାଇଁଙ୍କ ଅନୁରୋଧ ରକ୍ଷାକରି ତାଙ୍କ ସହିତ ବିଶ୍ୱାସୀ ଓ ଆଜ୍ଞାଧୀନ ଯୁବକକୁ ପଠାଇବା ପାଇଁ ମନ୍ତ୍ରୀଙ୍କୁ ଆଦେଶ ଦେଲେ । ମନ୍ତ୍ରୀ ଗାଁର ଲୋକଙ୍କୁ ପଚାରିବୁଝି ଅବୋଲକରା ନାମକ ଜଣେ ଯୁବକକୁ ବାଛିଲେ । ନିର୍ଦ୍ଦିଷ୍ଟ ଦିନ ଅବୋଲକରା ଖଣ୍ଡେ କମଳ ଗୋଟେ ଛତା କିଛି ଖାଦ୍ୟ ସାମଗ୍ରୀ ଗଣ୍ଠିଲିରେ ବାନ୍ଧି ଗୋସେଇଁଙ୍କ ସହ ତୀର୍ଥଯାତ୍ରାରେ ବାହାରିଲା ।

ଅବୋଲକରାର ଅନେକ ଭଲ ଗୁଣ ଥିଲା ।କିନ୍ତୁ ସେ ମନୁଆ ଓ ଏକଜିଦିଆ ଥିଲା । ମନ ପାଇଲେ ସେ ସବୁ କାମ କରିବ, ମନ ନ ପାଇଲେ ପାଖ ମାଡିବ ନାହିଁ । ବାହାରିବା ପୂର୍ବରୁ ଅବୋଲକରା ଗୋସେଇଁଙ୍କୁ ମୁଣ୍ଡିଆଟେ ମାରି କହିଲା –ବାଟ ଚାଲିଚାଲି ଯିବାବେଳେ ମୋତେ ଗୋଟେ ଗୋଟେ ଗପ କହିବେ । ଚୁପହୋଇ ରହିଲେ ମୋ ମୁଣ୍ଡ କଣ ହେଇଯିବ । ଯେଉଁ କଥା ମୁଁ ପଚାରିବି, ମୋତେ ବୁଝାଇ କହିବେ ।

ପ୍ରଥମ ଦିନ ଗୋସେଇଁ ଅବୋଲକରାର ଗତିବିଧି ଲକ୍ଷ୍ୟ କଲେ । ତାକୁ କେମିତି ଆୟତ କରି ହେବ, ସେ ବିଷୟ ସ୍ଥିର କଲେ । ସନ୍ଧ୍ୟା ବେଳକୁ ଦୁହେଁ ଗୋଟିଏ ଗାଁମୁଣ୍ଡରେ ଥିବା ମନ୍ଦିର ବେଢାରେ ବିଶ୍ରାମ କଲେ । ମନ୍ଦିର ପୂଜକ ଦୁହିଁଙ୍କ ପରିଚୟ ପଚାରି ସେମାନଙ୍କୁ ଭୋଗ ଖାଇବାକୁ ଦେଲେ । ପର ଦିନ ଚାଲିଚାଲି ଯିବା ବାଟରେ ଗୋସେଇଁ ତାକୁ ନୂଆ ଗାମୁଛାଟିଏ ଦେଲେ । ଅବୋଲକରା ଖୁସି ହେଲା, ସେମାନେ ଗାଁ ମୁଣ୍ଡରେ ଥିବା ଗୋଟିଏ ଛୋଟ ମୁଣ୍ଡିଆ ପାଖରେ ପହଞ୍ଚିଲେ । ସଞ୍ଜ ମାଡିଆସୁଥିଲା, ଗୋସେଇଁ କହିଲେ - ଆରେ ଅବୋଲକରା, ଜାଗାଟା ମତେ ବହୁତ ଭଲ ଲାଗୁଛି । ମୁଁ ଥକି ପଡିଲିଣି, ଏଇଠି ଆଜି ରହିବା। ଅଳ୍ପ ଦୂରରେ ଝରଣାଟିଏ ବହିଯାଉଛି । ଚାରି ଆଡେ ନିମ୍ବ ଗଛ ଅଛି । କୋଉ ମହାପୁରୁଷ ଏତେ ନିମ୍ବଗଛ ଲଗାଇଛନ୍ତି , ମନ ହେଉଛି -ଏଇଟା ଗୋଟେ ବଡ ଜାଗା ଥିଲା । ହଉ ଏଠାରେ ଡେରା ପକେଇବା ।

ପକା କମ୍ବଳ ପୋତ ଛତା
ବସ ଅବୋଲକରା କହିବି କଥା । ।

ଅବୋଲକରା କହିଲା - ଗୋସେଇଁ ମୁଁ ଯାଉଛି ଧୁଆ ଧୋଇ ହୋଇ ଆସିବି ନହେଲେ ମତେ ଭଲ ଲାଗିବନି । ଆସିଲା

ବେଳକୁ କାଠ ବିଡାଟେ ଆଣିବି, ରୋଷେଇ କରିବା।

ଅବୋଲକରା ଝରଣାରେ ଧୁଆଧୋଇ ହୋଇ କାଠ ବିଡାଟେ ସଂଗ୍ରହ କଲା । ଏଣେତେଣେ ଆଖି ପକାଇ ଫେରିବା ବେଳେ ବାଟ ଭୁଲିଗଲା । ପୁଣି ପଛକୁ ଫେରି ଡାହାଣ ଦିଗରେ ଆଗେଇଲା । ତାକୁ ପାହାଡଟା ଦି'ଟା ପାହାଡ ପରି ଦେଖାଗଲା । ଗୋସେଇଁଙ୍କ ପାଖକୁ ଫେରି ଆସିଲା । କାଠ ବିଡାଟା ଦୁମ କରି ତଳେ ପକାଇ ଦେଲା । କହିଲା - ଗୋସେଇଁ ଆଗ କୁହ ପାହାଡ ଦି'ଟା କାହିଁକି ଏକାପରି ଦିଶୁଛନ୍ତି ? ଏମିତି ଦୃଶ୍ୟ ମୁଁ ଆଉ କେଉଁଠି ଦେଖିନି ।

x x x x x x

ଗୋସେଇଁ କହିଲେ –ଥୟ ଧର ମୁଁ କହୁଛି । ତୁ ଯେଉଁ ମୁଣ୍ଡିଆ ଦିଟା ଦେଖିଲୁ, ତା ନାଁ ଦୁଇ ମୁଣ୍ଡିଆ, ଶୁଣ ବହୁବର୍ଷ ପୂର୍ବେ ଏଇ ମୁଲକରେ ଜଣେ ରାଜା ଥିଲେ । ତାଙ୍କର ଦୁଇ ରାଣୀ ଥିଲେ । ସେ ରାଣୀ ଦୁହେଁ ଯାଆଁଳା ଭଉଣୀ, ଦୁହେଁ ଖୁବ ସୁନ୍ଦର ଥିଲେ, ଚେହେରା ପ୍ରାୟ ଏକାପରି । ତେବେ ବଡ ଭଉଣୀ ଗର୍ବୀ ଆଉ ଏକଜିଦିଆ ଥିଲେ । ତାଙ୍କ କଥାରେ ପ୍ରତିବାଦ କଲେ ସେ ରାଗରେ ନିଆଁବାଣ ହୋଇଯାଉଥିଲେ । ସାନ ରାଣୀ ବଡ ଭଉଣୀଙ୍କୁ ଡରି ଚଳୁଥିଲେ । ଗ୍ରୀଷ୍ମ ଋତୁରେ ଦିନେ ଦ୍ୱିପହରେ ବଡ ରାଣୀଙ୍କର ଗାଧୋଇବା ପାଇଁ ଇଛା ହେଲା । ସେ ସାନରାଣୀଙ୍କୁ ତାଙ୍କ ସାଙ୍ଗରେ ଯିବା ପାଇଁ କହିଲେ । ଦୁହେଁ ବଡ ପୋଖରୀକୁ ନଯାଇ ନୂଆ ସାନ ପୋଖରୀକୁ ଗଲେ । ପାଣିରେ ପଶି ଗାଧୋଇଲେ । ସେଇ ସମୟରେ ଜଣେ ଅଜଣା ବାଟୋଇ ଶୋଷରେ ଆଉଟୁ ପାଉଟୁ ହୋଇ ପୋଖରୀର ଅଳ୍ପ ଉଚ୍ଚ ପାଚେରୀ ଡେଇଁ ପୋଖରୀରୁ ପାଣି ପିଇଲା । ଥକା ମାରି ଇଆଡେ ସିଆଡେ ଚାହିଁଲା । ବଡ ରାଣୀ ବାଟୋଇକୁ ଦେଖି ରାଗିଗଲେ । ତାଳି ମାରି ଜଗୁଆଳିକୁ ଡାକ ଦେଲେ । ଜଗୁଆଳି ଆସିବାରୁ ସେ ଲୋକଟିକୁ ବାନ୍ଧିବାକୁ କହିଲେ । ତାକୁ ନେଇ ରାଜାଙ୍କ ପାଖରେ ହଜାର କରାଇବାକୁ ନିର୍ଦ୍ଦେଶ ଦେଲେ ।

ରାଜାଙ୍କୁ ଜଣାଇଲେ – ଏଇ ଲୋକଟା ବଦମାସ, ପାଚେରୀ ଡେଇଁ ଆମେ ପୋଖରୀରେ ଗାଧୋଉଥିବା ବେଳେ ଆମକୁ ବାରମ୍ବାର ଚାହୁଁଥିଲା । ଏଇଟା ଦୋଷୀ, ତେଣୁ ଏହାକୁ ଶୂଳିଦଣ୍ଡ ଦିଆଯାଉ । ଘଟଣାର ସତ୍ୟାସତ୍ୟ ବିଚାର ନକରି ରାଜା ସେହି ଲୋକକୁ ଶୂଳିଦଣ୍ଡ ଦେବାପାଇଁ ନିର୍ଦ୍ଦେଶ ଦେଲେ ।

ଲୋକଟିର ହାତ ଗୋଡ ବାନ୍ଧି ଘାତକ ଲୋକଟିକୁ ଶୂଳିକୁଦ ଆଡେ ନେଲା । ତାହାର କୌଣସି କଥା କେହି ଶୁଣିଲେ ନାହିଁ । ଲୋକଟି ଉପରକୁ ମୁହଁ ଟେକି କହିଲା –ହେ ଧର୍ମ, ମୁଁ ଦୋଷୀ ନୁହେଁ, ନିର୍ଦ୍ଦୋଷରେ ମୋତେ ଦଣ୍ଡ ଦିଆଯାଉଛି । ଧର୍ମ ଯଦି ସତ ହୋଇଥିବ, ଯଦି ମୁଁ ନିର୍ଦ୍ଦୋଷ ହୋଇଥିବି, ତେବେ ମୋ ନାଁରେ ମିଥ୍ୟା ଅଭିଯୋଗ ଆଣିଥିବା ରାଣୀ ଦୁହେଁ ପାହାଡ ପାଲଟି ଯିବେ । ଗାଦିରେ ବସିଥିବ ରାଜା ବିନା ବିଚାରରେ ମୋତେ ଦଣ୍ଡ ଦେଇଛନ୍ତି । ତାଙ୍କ ଛାତି ଫାଟିଯିବ ଓ ତାଙ୍କ ଉଆସ ମାଟିରେ ମିଶିଯିବ ।

"ଆରେ ଅବୋଲକରା ! ନିର୍ଦ୍ଦୋଷ ବାଟୋଇର ଅଭିଶାପରୁ ରାଣୀ ଦୁହେଁ ଦୁଇଟି ମୁଣ୍ଡିଆ ହୋଇ ଯାଇଛନ୍ତି । ରାଜାଙ୍କ ନଅର ଧୂଳିରେ ମିଶିଯାଇଛି ।"

ଅବୋଲକରାର ମନ ମାନିଗଲା । ହାତ ଯୋଡି କହିଲା –ଗୋସେଇଁ, ତମେ ବହୁତ କଥା ଜାଣିଛ । ତମେ ଜ୍ଞାନୀ ବୋଲି ଆଖ ପାଖ ଗାଆଁ ଲୋକଙ୍କ ଠାରୁ ମୁଁ ଶୁଣିଛି । ବାଘ, ସିଂହ ତମ ପାଖ ମାଡିବେ ନାହିଁ । ମନ୍ତ୍ରୀ ଆପଣେବି ମୋତେ କହିଥିଲେ ।

ଅବୋଲକରା କାହାଣୀର କେତୋଟି ସଂକଳନ ଦେଖିବାକୁ ମିଳେ । ସେଥିରେ ଗୋସେଇଁ/ସାଆନ୍ତଙ୍କ ନାମ ଭିନ୍ନଭିନ୍ନ ରହିଛି । କେଉଁଠି ସଦାଶିବ ମିଶ୍ର ଶର୍ମା କେଉଁଠି ରାଜେନ୍ଦ୍ର ଦାଶଶର୍ମା ବୋଲି ରହିଛି । ଯାହା ହେଉ କାହାଣୀଗୁଡିକ ପଢିବାକୁ ଭଲ ଲାଗେ, ଅନେକଗୁଡିଏ କାହାଣୀ ମଧ୍ୟରୁ ଗୋଟିଏ କାହାଣୀ ଉଦାହରଣ ରୂପେ ଉଲ୍ଲେଖ କରାଗଲା ।

****

କଲେଜରୋଡ଼, ବାଙ୍କୀ, କଟକ
ପିନ – ୭୫୪୦୦୮
ମୋ: ୯୯୩୭୩୨୭୬୪୭



ପୁଷ୍ପିତା ଜେନା

# କିଚିନ ଜଏଣ୍ଟ ( ଭିନ୍ନ ସ୍ୱାଦ)

ସବୁଦିନ ପରି ଆଜି ସକାଳ ପାଞ୍ଚଟାରୁ ଉଠି ଅଳ୍ପ କିଛି ନିତ୍ୟକର୍ମ ପରେ ଭଗବାନଙ୍କ ମୁଖମଣ୍ଡଳ ଦର୍ଶନକରି ରୋଷେଇ ଘରେ ପାଦଦେଲି । ଗତକାଲିର ସ୍ଥିରଣ ହିସାବରେ ପୂର୍ବରୁ କିଛି ଆୟୋଜନ ସହିତ ଆଜିର କିଛି ଆୟୋଜନ ନିମିତ୍ତ ପ୍ରସ୍ତୁତି ପର୍ବ ଆରମ୍ଭ କଲି । ହାତରେ ୫/୬ ଟି ବଡ ବଡ ପିଆଜ କାଟିବା ଦରକାର ପଡିବ । ବିଭିନ୍ନ ପ୍ରକାର ତରକାରୀ, ଉପମା, ଅଣ୍ଡା ଆମଲେଟ ଓ ସାଲତ... ଇତ୍ୟାଦିରେ, ତେଣୁ ପିଆଜ ଗୁଡିକୁ ସ୍ଲାବ ଉପରେ ରଖି ମୋର ଅତ୍ୟନ୍ତ ପ୍ରିୟ ଛୁରୀଟି ରଖିଥିବା ସ୍ଥାନକୁ ହାତ ବଢେଇ ସେ ସ୍ଥାନରେ ତା'ର ଉପସ୍ଥିତି ନ ଦେଖି ଅନ୍ୟାନ୍ୟ ଡ୍ରୟର .... ଇତ୍ୟାଦି ସ୍ଥାନରେ ଖୁବ ବ୍ୟସ୍ତ ହୋଇ ଖୋଜିବାରେ ଲାଗିପଡିଲି । ମାତ୍ର ନ ମିଳିବାରୁ ନିରାଶ ହୋଇ ଆଉ ଏକ ଅନ୍ୟ ଛୁରୀରେ କାକୁଡି, ପିଆଜ, ଗାଜର ଓ ଟମାଟୋ ...ଇତ୍ୟାଦି ବହୁତ କଷ୍ଟରେ କାଟିଲି, ସ୍ୱାମୀ ଓ ପୁଅଙ୍କର ଅଫିସ ବିଳମ୍ବ ହେବା ଭୟରେ । ମାତ୍ର ମନଟା ଆଦୌ ଭଲ ଲାଗୁ ନଥାଏ ମୋର ଅତ୍ୟନ୍ତ ପ୍ରିୟ ଛୁରୀଟି ନ ମିଳିବାରୁ । ତାକୁ ସବୁ ସମୟରେ ରଖୁଥିବା ସ୍ଥାନଟିକୁ ବାରମ୍ବାର ଆଖି ପକାଇ ଶୂନ୍ୟସ୍ଥାନ ଦେଖି ନିରାଶ ହେଉଥିଲେ ମଧ ତା'ର ସେହି ଛୋଟ ଶରୀରଟି ଯେପରି ବାରମ୍ବାର ଆଖି ଆଗରେ ଝଲସି ଉଠୁଥାଏ । ଅନ୍ୟ ଆଡେ ଦୃଷ୍ଟି ନିକ୍ଷେପ କରି ଚାଲି ଥାଏ କାଳେ (ପୂଜା) କାମବାଲି କେଉଁଠି ଭୁଲରେ ରଖି ଦେଇଥିବ ବୋଲି । ତଥାପି ପୂଜାର ଆଗମନକୁ ଅପେକ୍ଷା କରି ରହି ଥିଲି ଚାତକିନୀ ପରି । ମାତ୍ର ରୋଷେଇ କରିବା ସମୟରେ ମୋ ମନ ମଧରେ ଅନେକ ପ୍ରଶ୍ନବାଚୀ ଉଠୁଥାଏ ଯେ ଏତେ କ୍ଷୁଦ୍ର ଜିନିଷଟି ହୋଇଥିଲେ ମଧ ସେ ଆମ ସମସ୍ତଙ୍କ ପାଇଁ କେତେ ଉପଯୋଗୀ, ପ୍ରିୟ ଓ ପ୍ରସଂଶାର ପାତ୍ର ରୂପେ ପରିଗଣିତ ହୋଇପାରିଥିଲା ଏ କିଛି ବର୍ଷର ବ୍ୟବହାର ମଧରେ । ତା'ର ନାମଟି ଷ୍ଟିଲରେ ଥିବା ଧାର ଉପରକୁ ସରୁ ସରୁ ଇଂରାଜୀ ଅକ୍ଷରରେ ଲେଖା ଯାଇଥିଲା " କିଚିନ ଜଏଣ୍ଟ"। ସେ ଦୀର୍ଘ ୯ ବର୍ଷ ତଳେ ମଞ୍ଚେଷ୍ଟର (U.K.) ରୁ ଦିଲ୍ଲୀକୁ ଆସିଥିଲା ଅନେକ ସାମଗ୍ରୀ ସହିତ । ମୋର ବଡ ଭଉଣୀ ଅଫିସ କାର୍ଯରେ କିଛି ଦିନ ପାଇଁ ସେଠାକୁ ଯାଇଥିଲ। । ତେଣୁ ତା'ର ସେଠାରେ ଅବସ୍ଥାନ କାଳରେ ପାରିବାପତ୍ର କାଟିବା ଓ ରୋଷେଇରେ ବ୍ୟବହାର ନିମିତ୍ତ ସେ ଏଇ 'କିଚିନ ଜଏଣ୍ଟ'କୁ କିଣିଥିଲା । ସେ ଓଡିଶା ଫେରିବା ସମୟରେ ମୋତେ ଏଇଟାକୁ ଦେଇଥିଲା । ସେହି ଦିନ ଠାରୁ ସେ ମୋର ଅତି ପ୍ରିୟ ହୋଇଉଠିଥିଲା । ମଧମ ଠାରୁ ଆହୁରି ଛୋଟ ଶରୀରଟିଏ ତା'ର । ଏକଦମ ମୁନିଆ ନ ଥିଲା ତା'ର ଅଗ୍ର ଭାଗଟି, ଟିକିଏ ମୁଣ୍ଡିଆ କରାଯାଇଥିଲା । ଯାହା ଫଳରେ କି କେଉଁଠି ଫୁଟି ଯିବାର ଭୟ ନଥିଲା । ଅସଲି ଷ୍ଟିଲର ୫ ଇଞ୍ଚ କିମ୍ବା ତା ଠାରୁ ଛୋଟ ଥିଲା ତା'ର ଲମ୍ବାଇ ଓ ଏକ ପାର୍ଶ୍ୱରେ କଟିବାର ତୀକ୍ଷଣ ଧାର । ତଳ ଭାଗଟି କଳା ରଙ୍ଗର ଏବଂ ଧରିବା ଭାଗରେ (ହ୍ୟାଣ୍ଡଲ) ଟିକିଏ ବଙ୍କାଳିଆ ଢେଉ ପରିଥିଲା । ଯାହା ଦ୍ୱାରା କି ହାତରେ ଧରି କାଟିବା ସମୟରେ କଷ୍ଟ କିମ୍ବା ଏତେ ଜୋର ଦେବା ଦରକାର ପଡୁନଥିଲା । ଏ ଦୀର୍ଘ ୯ ବର୍ଷ ବିତିଯାଇଥିଲେ ମଧ ଦିନେ ତାକୁ ଧାର ଦେବା ଦରକାର ପଡିନାହି । ଯେତେ ଚାକରାଣୀ, ସାଙ୍ଗସାଥି ଯିଏ ବି ଆସିଲେ ରୋଷେଇ ଘରେ ଛୁରିଟୀର ବ୍ୟବହାର କରିବା ସମୟରେ ଖୁବ ଖୁସି ହୋଇ ତା'ର ଗୁଣର ପ୍ରଶଂସାରେ ଲାଗି ପଡନ୍ତି । ପୂଜା ତାର ମା (ସାବିତ୍ରୀ ) ସମସ୍ତଙ୍କୁ ତା' ବିନା ପରିବା କାଟିବା କଷ୍ଟକର ମନେ ହୁଏ ।

ଦିନକର ଘଟଣା ସେତେବେଳେ ସରୋଜ ନାମକ ଗୋଟିଏ ମଧମ ବର୍ଷର ସ୍ତ୍ରୀ ଲୋକଟିଏ ମୋ ଘରେ କାମକରିବା ପାଇଁ ଆସିଥିଲା । ସେ ସବୁଦିନ ପରି ବାସନ ମଜ୍ଜା ଓ ଅନ୍ୟାନ୍ୟ କାମ ସାରି " କିଚିନ ଜଏଣ୍ଟ"କୁ ବାସନ ଷ୍ଟାଣ୍ଡରୁ ଏକ ଧାରରେ ଏମିତି ଗୁଞ୍ଜି ଦେଇଥିଲା ଯେ ଦୁଇ ତିନି ଦିନ ଧରି ଖୋଜା ଖୋଜି ଥକି ଯାଇଥିଲେ ମଧ ମିଳି ନ ଥିଲା । ମୁଁ ତା' ବିନା ଖୁବ କଷ୍ଟ ଓ ମନ ଦୁଖରେ ସମସ୍ତ କାର୍ଯ ଅତିବାହିତ କଲି । ହଠାତ ଦିନେ ଗଳ୍ପ ବହିଟିଏ ପଢୁ ପଢୁ ମୋତେ ଛାଇ ନିଦ ଲାଗିଯାଇଥାଏ । ମୁଁ ସ୍ୱପ୍ନରେ ଦେଖିଲି ବାସନ ଷ୍ଟାଣ୍ଡର ଏକ ପାର୍ଶ୍ୱରେ ସେ ଅଟକି ରହିଯାଇଛି ବୋଲି । ଧଡ ପଡ ହୋଇ ନିଦରୁ ଉଠି ମୁଁ ରୋଷେଇ ଘରକୁ ଧାଇଁ ଯାଇ ଠିକ ସେହି ସ୍ୱପ୍ନରେ ଦେଖିଥିବା ସ୍ଥାନରେ ତାକୁ ପାଇ ଯେ କି ପ୍ରକାର ଖୁସି ହୋଇଯାଇଥିଲି, ଯାହା କି ବର୍ଣ୍ଣନାତୀତ । ତା' ପରେ ଦୁଇ, ତିନି ଥର ତାକୁ ଚୁମା ଦେଇ ତାକୁ ତା'ର ସବୁଦିନର ରହିବା ସ୍ଥାନରେ ରଖି ଆଶ୍ୱସ୍ତି ଲାଭ କରିଥିଲି ।

ଆଉ ଏକ ଦିନର ଘଟଣା, ପୂଜା ପରିବା ସବୁ କାଟିବାପରେ ଅଳିଆ ଦାନି(Dustbin) ରେ ପକାଇବା ବେଳେ ତାକୁ ଫିଙ୍ଗି ଦେଇଥିଲା । ହଠାତ କିଛି କାଟିବା ନିମିତ୍ତ ଦରକାର ପଡିବାରୁ ମୁଁ ତାକୁ ତରବର ହୋଇ ଖୋଜି ନ ପାଇବାରୁ ମନରେ ସନ୍ଦେହ କରି ପୂଜାକୁ ଅଳିଆ ଡାଲା ଆଳିଆରୁ ଖୋଜିବାକୁ କହିବାରୁ ସେ ଦୌଡିଦୌଡି ଯାଇ ବାଲଟି ମଧରୁ ତାକୁ ଆଣି

ଦେଇଥିଲା । ସେ ଦିନ ମଧ୍ୟ ତାକୁ ଖୁବ ପରିଷ୍କାର ଭାବରେ ମଜାମଜି କରି ଗରମ ପାଣିରେ ଫୁଟାଇ ରଖିଥିଲି । ସେହି ଦିନରୁ ପୂଜା ପାରିବା କାଟି ସରିବା ପରେ ସର୍ବଦା ମନରେ ସେହି ଭୟଟି ଥିବାରୁ ମୁଁ ତାକୁ ପଚାରି ବୁଝେ । ଛୁରୀଟିକୁ ଅଳିଆ ସାଙ୍ଗରେ ଫିଙ୍ଗି ଦେଇନୁ ତ ? ସେ ଏହା ଶୁଣି ସତର୍କ ଓ ସଜାଗ ହୋଇ ସଫା କରି ତାକୁ ଠିକ ସ୍ଥାନରେ ରଖିଦିଏ ।

ମୋ ପାଖରେ ଅନେକ ପ୍ରକାରର ସ୍ୱଦେଶୀ, ବିଦେଶୀ ବିଭିନ୍ନ ଆକାର, ପ୍ରକାର, ରଙ୍ଗ ବେରଙ୍ଗ ଛୁରୀ ଅଛି । ମାତ୍ର ଯେତେ ବଡ, ଯେତେ ସୁନ୍ଦର ଓ ତୀକ୍ଷଣ ଧାର ଯୁକ୍ତ ହେଲେ ମଧ୍ୟ ମୁଁ ତା ଉପରେ ଏତେଟା ପ୍ରାଧାନ୍ୟ ଦେଇ ନ ଥାଏ । ମୋର ଏ ଛୋଟ 'କିଚିନ ଜଏଣ୍ଟ' କୁ ମୁଁ ସର୍ବଦା ସଫା ସୁତୁରା କରି ଶ୍ରଦ୍ଧାର ସହିତ ରଖିଥାଏ । ହଜାର ଥର କହିବା ସତ୍ତ୍ୱେ, ପୂଜା ଚାମଚରେ ତା' ରେ ଚିନି ନ ଘାଣ୍ଟି ତାକୁ ହିଁ ବ୍ୟବହାର କରେ । ସେ ବି କି ପ୍ରକାର ମଜ୍ଜା ପାଏ ସେ ଜାଣେ ।

ଏ ବିଷୟରେ ଯିଏ ଶୁଣିଲେ ନିଶ୍ଚୟ ଭାବିବ ଯେ ଏତେ କୃପଣ ଯେ ମାତ୍ର ଛୋଟିଆ ଜିନିଷ ଟିକୁ ଛାଡିବାକୁ ମଧ୍ୟ ନାରାଜ । ଏତେ କ୍ଷୁଦ୍ର ପଦାର୍ଥଟି ହୋଇ ମଧ୍ୟ ସେ ତା'ର କାର୍ଯ୍ୟଟିକୁ ଏତେ ସୂଚାରୁ ରୂପେ ଦୀର୍ଘ ଦିନ ଧରି ସମାନ ଶକ୍ତିର ସହିତ ନିର୍ବାହ କରି ସମସ୍ତଙ୍କର ମନକୁ ଜିତିପାରୁଥିବାରୁ ବହୁତ ଖୁସି ଓ ଆନନ୍ଦ ଲାଗେ । ବଜାରରେ ଖୋଜି ପଇସା ଖର୍ଚ୍ଚରେ ତା' ଠାରୁ ସୁନ୍ଦର, ଧାରୁଆ ଓ ଆରମ ଦାୟୀ ଆଉ ଗୋଟିଏ ଛୁରୀ ମୁଁ କିଣି ପାରିବି, ମାତ୍ର ତା ସାଙ୍ଗରେ ମୋର ଦୀର୍ଘ ୯ ବର୍ଷର ଯେଉଁ ସେହ୍ନ, ମମତା ଓ ନିଜ ଶରୀରର ବା ହାତର ଏକ ଅଂଶ ବିଶେଷ ଭାବରେ ପ୍ରତିଦିନ ବ୍ୟବହାର କ୍ଷମ ହୋଇ ପାରିଥିଲା, ତା' ଭାବି ଦୁଃଖ ଲାଗେ ଏବଂ ତା ଉପରେ ଏତେଟା ଗୁରୁତ୍ୱ ଦେଇଥାଏ । ଯେପରି ମନୁଷ୍ୟ ସମାଜ କୁକୁର, ଗାଈ, ବିଲେଇ, ଇତ୍ୟାଦି ପାଳିତ ପଶୁ ପକ୍ଷୀଙ୍କ ମୃତ୍ୟୁ ବା ଖଣ୍ଡିଆ ଖାବରାରେ ଏବଂ କଷ୍ଟରେ ନିଜକୁ ଦୁଃଖୀ ମନେ କରେ, ଠିକ ସେହିପରି ମୁଁ ଆଜି ମୋର ହଜିଯାଇଥିବା "କିଚିନ ଜଏଣ୍ଟ" ନିମିତ୍ତ ମନ ମଧ୍ୟରେ ଅଗଣିତ ଦୁଃଖର ଢେଉକୁ ବାନ୍ଧିରଖି ଶୋକ ପାଳନରେ ଲାଗିପଡିଛି ।

ଅସ୍ତିବାଚକ ଭାବୁକିନୀ ହୋଇ ଭାବୁଛି ଯେ ସେ ଯେଉଠି ବି ଆଉ ନିଶ୍ଚୟ ମୋତେ ଭବିଷ୍ୟତରେ ମିଳିବ ବା ମୋ ନିକଟକୁ ଫେରିଆସିବ । ମାତ୍ର ପୁନଶ୍ଚ ନାସ୍ତିବାଚକ ଭାବୁକିନୀ ହୋଇ ଭାବୁଛି ଯଦି ସେ ଅଳିଆବାଲାର ଅଳିଆରେ ଚାଲିଯାଇଥାଏ, ଆଉ କେବେ ବି ମୁଁ ତାକୁ ପାଇପାରିବିନି କିମ୍ବା ତା ସହିତ ମୋର ଦେଖା ହୋଇପାରିବନି । ଅଳିଆ ସାଙ୍ଗରେ ମିଶି ମିଶି ବର୍ଷା ମାଡରେ ତା'ର ଶରୀରଟି ପୋତି ହୋଇ ଧରିତ୍ରୀର ବୁକୁରେ ଜନ୍ମ ଜନ୍ମ ଧରି ମିଶିଯିବ । କେତେ ପରିଷ୍କାର, ସ୍ୱଛ ଶରୀରଟିରେ ତା'ର ଏକ ଆସ୍ତରଣ ଜମି ତାକୁ ନଷ୍ଟ କରି ଦେବ ନଚେତ କେଉଁ ବ୍ୟକ୍ତିର ଚକ୍ଷୁରେ ପଡି ତାର ମଧ୍ୟ କାର୍ଯ୍ୟରେ ଆସିପାରିବ ଓ ମୋର ଯେପରି ପ୍ରିୟ "କିଚିନ ଜଏଣ୍ଟ" ରୂପେ ପରିଗଣିତ ହୋଇଥିଲା ତାର ମଧ୍ୟ ହୋଇପାରେ । ଏମିତି ଅନେକ ଅସୁମାରି ଆଶଙ୍କା ଓ ଆଶାନେଇ ପୂଜାର ଅପେକ୍ଷାରେ ରହିଲି । ସମସ୍ତ କାର୍ଯ୍ୟ ସମାପନ ପରେ ଅତ୍ୟନ୍ତ ମନଦୁଃଖ ଓ ବ୍ୟସ୍ତତାର ସହିତ "କିଚିନ ଜଏଣ୍ଟ" ସମ୍ବନ୍ଧରେ ମୋ ସ୍ୱାମୀଙ୍କୁ ମଧ୍ୟ ଜଣାଇବାରୁ ସେ ତାକୁ ଖୁବ ଭଲ ପାଉଥିବାରୁ ସମସ୍ତ ଜାଗାରେ ଟିକିଏ ଖୋଜି ପକାଇ ଆଶ୍ୱାସନା ଦେଲେ ଯେ ପୂଜା କେଉଠି ରଖି ଦେଇଥିବ, ମିଳିବ ନିଶ୍ଚୟ ।

ଏହି ସମୟରେ ପୂଜା ରାଣୀର ଦ୍ୱାରର ଘଣ୍ଟି ବଜାଇ ଘରେ ପ୍ରବେଶ କରୁ କରୁ ମୁଁ ତାକୁ ଆଗ ମୋର ପ୍ରିୟ ଛୁରୀଟିକୁ ଖୋଜି ବାହାର କରିବାକୁ ଆଦେଶ ଦେଇ ତା' ସାଙ୍ଗରେ ମିଶି ଖୋଜି ନିରାଶ ହୋଇ ମନ ମଧ୍ୟରେ ବିରକ୍ତି ଭାବ ପ୍ରବେଶ କରି ଧରି ନେଲି ଯେ ଛୁରୀଟି ପୁରୁଣା ହୋଇ ଭାଙ୍ଗିଯିବାରୁ ତା'ର କାର୍ଯ୍ୟ ଦକ୍ଷତା ଲୋପ ପାଇଯିବାରୁ ମୁଁ ତାକୁ ଫିଙ୍ଗି ଦେଲି ବୋଲି । ମାତ୍ର ଦିନସାରା ମନଟା ଖରାପ କରି କରି "କିଚିନ ଜଏଣ୍ଟ"ର ଅନୁପସ୍ଥିତି ଖୁବ ଅନୁଭବ କରୁଥିଲି । ଶେଷରେ ମନ ମଧ୍ୟରେ ସ୍ଥିର କଲି ଓ ଶାନ୍ତ୍ୱନା ଦେଲି ଦୁନିଆରେ ଏପରି ଅନେକ ପ୍ରିୟ ବସ୍ତୁକୁ ହରାଇବାକୁ ପଡିଥାଏ ସମୟ ସମୟରେ । ତେଣୁ ଏ କ୍ଷୁଦ୍ର ଛୁରୀଟି ହଜିଯାଇ ମଧ୍ୟ ଅନେକ ନୀତିଶିକ୍ଷା ମିଳିଯାଇଥିଲା, ପୁନଶ୍ଚ ରାତି ଭୋଜନର ପ୍ରସ୍ତୁତି ନିମିତ୍ତ ପାଦ ବଢାଇ ଥିଲି ।

କିଛିଟା ପନିପରିବା କାଟିବା ନିମିତ୍ତ ମୋ ଅନ୍ୟାନ୍ୟ ଛୁରୀଗୁଡ଼ିକ ମଧ୍ୟରୁ ଏକ ପତଳା ଛୋଟ ଛୁରୀଟିକୁ ବାଛିନେଇ ସେଥିରେ ପିଆଜ, ପୋଟଳ କାଟି ପରୀକ୍ଷା କରି ଚାଲିବା ସଙ୍ଗେ ସଙ୍ଗେ ମନରେ ଦୃଢ ବିଶ୍ୱାସ ଓ ଆଶା ସଂଚାର କରି ଚାଲିଥିଲି ଯେ କେବେ କେବେ ବଡ ବଡ ଯୋଜନା ବା ଆଶା ଯାହା କାର୍ଯ୍ୟକାରୀ ନ ହୋଇପାରିଥାଏ, ଏକ କ୍ଷୁଦ୍ର, ଅପସନ୍ଦ ଦ୍ରବ୍ୟଟି ବହୁତ କାମରେ ଆସେ । ତେଣୁ ମନକୁ ବୁଝାଇ ଏ ନୂଆ ଛୁରୀଟି ପ୍ରସଙ୍ଗରେ ନୂଆ ଆଶା ଓ ଦୃଢ ବିଶ୍ୱାସ ଜଣାଇ ଚାଲୁଥିଲି ଯେ ଦିନେ ନା ଦିନେ ଏହି କ୍ଷୁଦ୍ର, ଛୁରୀଟି ତା'ର କାର୍ଯ୍ୟ ଠିକ ଭାବରେ ନିର୍ବାହ କରିପାରିବ ଏବଂ ମୋର ପ୍ରିୟ

"କିଚିନ ଜଏଣ୍ଟ " ପରି ମୋର ମନ ମୋହିବା ସଙ୍ଗେ ସଙ୍ଗେ ରୋଷେଇ କାର୍ଯ୍ୟରେ ସଫଳତା ସହିତ ମୋର ତଥା ଅନ୍ୟ ସମସ୍ତଙ୍କର ପ୍ରଶଂସାର ପାତ୍ର ହୋଇପାରିବ । ଶେଷରେ "କିଚିନ ଜଏଣ୍ଟ "ର ଅଭୁଲା ସ୍ମୃତି ମୋ ମନ ମଧ୍ୟରେ ଆସ୍ତେ ଆସ୍ତେ ଲିଭାଇ ଦେବାକୁ ଚେଷ୍ଟା କରିଚାଲିଲି ।

*****


୪୨୧, ସାଉଥ ଦିଲ୍ଲୀ ଆପାର୍ଟମେଣ୍ଟ,
ପ୍ଲଟ ନ. ୮, ସେକ୍ଟର -୪
ଦ୍ୱାରକା, ନୂଆ ଦିଲ୍ଲୀ -୧୧୦୦୭୮
ମୋ. ନ.: ୯୮୧୦୦୫୫୪୭୬



Express Services
International & Domestic Courier & Cargo
Free Pick-UP
www.expreesservices.in E-mail : expressservice2006@gmail.com
Door to Door Services
FedEx Express, aramex, Trackon Couriers Pvt. Ltd., Air Cargo, dpd, DTDC, ROAD CARGO, RAIL CARGO, BLUE DART, DHL WORLDWIDE EXPRESS, TNT, DPEX WORLDWIDE, THE PROFESSIONAL COURIERS, ups, SKY NET WORLDWIDE EXPRESS, DELHIVERY Small World
Shop No. 04, Ground Floor, 15A/44, Partap Chamber-II, Saraswati Marg, Karol Bagh, New Delhi-110005
B/O.: A-73, DDA Double Story, Opp. Aggarwal Sweet, Kalkaji, N.D.-19 | B/O. U-28, First Floor, West Patel Nagar,N.D.-8
B/O.: S-507, Ground Floor, School Block, Shakar Pur, Opp. Muthoot Finance, New Delhi-110092
B/O.:G-3, Ground Floor, Pearl Best Heights II, Near By Max Hospital, Netaji Subhash Place, New Delhi-110034
B/O.: 4476, Main Bazar, Pahar Ganj, New Delhi-110055 B/O.22, DDA Shopping Complex, Ring Road, Naraina, N.D.-28
+91-9711809058, 9711809098, 9711809095

ଡ଼କ୍ଟର ଚିତ୍ତରଞ୍ଜନ ମିଶ୍ର



# ବନବାସୀ କୃଷି ପଦ୍ଧତି

ଭାରତ ଏକ କୃଷି ପ୍ରଧାନ ଦେଶ । ଭାରତୀୟ କୃଷିର ଇତିହାସ ବହୁ ପ୍ରାଚୀନ । ଐତିହାସିକମାନଙ୍କ ମତରେ ସିନ୍ଧୁ ସଭ୍ୟତା ସମୟରୁ ବା ତା'ର ବହୁ ପୂର୍ବରୁ ଦକ୍ଷିଣ ଭାରତର କିଛି ଅଞ୍ଚଳରେ କୃଷିକାର୍ଯ୍ୟ ହେଉଥିଲା । ବର୍ତ୍ତମାନ ଭାରତ କୃଷିରେ ବିଶ୍ୱର ଦିତୀୟ ବୃହତ୍ତମ ରାଷ୍ଟ୍ର । ୨୦୧୮ କୃଷି ରିପୋର୍ଟ ଅନୁଯାୟୀ ଭାରତର ୫୦ ଭାଗ ନିଯୁକ୍ତି ସୁଯୋଗ କୃଷିକ୍ଷେତ୍ରରେ ସୃଷ୍ଟି ହେଇଥାଏ ଏବଂ ଦେଶର ୧୭.୧୮ ଶତକଡା ଜିଡିପି (GDP = Gross Domestic Product) କୃଷିକ୍ଷେତ୍ରର ଅବଦାନ । ଭାରତ ବିଶ୍ୱର ସର୍ବ ବୃହତ କୃଷିକ୍ଷେତ୍ର ଥିବା ଦେଶ ଏବଂ ସପ୍ତମ କୃଷିଉତ୍ପାଦ ରପ୍ତାନିକାରୀ ରାଷ୍ଟ୍ର । ଭାରତରେ ବସବାସ କରୁଥିବା ବନବାସୀ ସମ୍ପ୍ରଦାୟଙ୍କ ଅବଦାନ ଉକ୍ତ କ୍ଷେତ୍ରରେ ମଧ୍ୟ କିଛି କମ ନୁହେଁ । କୃଷି ଏବଂ ପଶୁ ପାଳନ ସେମାଙ୍କର ପ୍ରଧାନ ଜୀବିକା । ସେମାନେ ପାରମ୍ପରିକ କୃଷି ପଦ୍ଧତି ମାଧ୍ୟମରେ ଖାଦ୍ୟ ଶଷ୍ୟ, ତୈଳବୀଜ, ପନିପରିବା, ଫଳ ବା ଉଦ୍ୟାନ କୃଷିଜାତ ଦ୍ରବ୍ୟ ତଥା ଫୁଲ ଝାଡୁ, ପାଳୁଅ, ଧୂଆଁପତ୍ର, ପଶୁ ପାଳନ, ମହୁଚାଷ ଭଳି ଅର୍ଥକାରୀ ଉତ୍ପାଦ ଚାଷ କରିଥାନ୍ତି । ବଣ, ଜଙ୍ଗଲ, ପାହାଡ , ପର୍ବତରେ ବସବାସ କରୁଥିବାରୁ ସେମାନେ ବନବାସୀ । ସେମାନେ ଖୁବ ଗଛ ପ୍ରିୟ । ବାଡି ବଗିଚାରେ ଗଛ ଲଗାଇବାରେ ସେମାନଙ୍କର ଭାରି ଆଗ୍ରହ ଥାଏ। କିନ୍ତୁ କୃଷି କ୍ଷେତ୍ରର ଆବଶ୍ୟକତାକୁ ପୂରଣ କରିବାକୁ ସେମାନେ ଅସ୍ଥାୟୀ ଭାବେ ଜଙ୍ଗଲ ସଫାକରି ଚାଷ କରନ୍ତି ।

**ବନବାସୀ କୃଷି ବିଜ୍ଞାନ**

କନ୍ଧମାଳ ଜିଲ୍ଲାର କୁଟିଆ କନ୍ଧମାନେ ପାହାଡ ଉପରେ ଚାଷ କରନ୍ତି । ପାହାଡକୁ ସେମାନେ ଚାରିଟି ଭାଗରେ ବିଭକ୍ତ କରିଥାନ୍ତି । ପାହାଡ ପାଦଦେଶକୁ ସେମାନେ ସରୁପାଙ୍ଗା, ପାହାଡର ମଧ୍ୟଯାଏ ସରୁନେଡେ । ପାହାଡ ଚୁଡାର କିଛି ତଳକୁ ସରୁଝୁଙ୍କେ ଏବଂ ସବା ଉପର ଅଂଶକୁ ସରୁଜାକା କହନ୍ତି। ସେମାନେ ସରୁନେଡେ ଏବଂ ସରୁଝୁଙ୍କେ ଅଞ୍ଚଳରେହିଁ କୃଷିକାର୍ଯ୍ୟ କରନ୍ତି। ସରୁପାଙ୍ଗା ଏବଂ ସରୁଜାକା ଅଞ୍ଚଳରୁ ଗଛ କାଟନ୍ତି ନାହିଁ । ପୋଡୁଚାଷ ଏକ ପ୍ରଚଳିତ କୃଷି ବ୍ୟବସ୍ଥା ଯାହା ବନବାସୀ ମାନେ କରିଆସୁଥିଲେ । ଏଥିପାଇଁ ଜମି ପ୍ରସ୍ତୁତ କରିବା ବେଳେ ଯେଉଁ ଗଛ କାଟନ୍ତି ତାହାକୁ ତେରେଛେଇ କରି କାଟନ୍ତି ଯେପରି ଏହାର ଉପରେ ପାଣି ଜମା ହୋଇ ନରହେ ଏବଂ ପଚିଶଢି ନଷ୍ଟ ନହୁଏ । ପରବର୍ତ୍ତି ସମୟରେ ଏଥିରୁ ପୁଣି ଗଜା ବାହାରି ଗଛ ହୁଏ। ପୋଡୁଚାଷ ବର୍ତ୍ତମାନ ପ୍ରାୟ ବନ୍ଦ ହେବା ଉପରେ। କିଛିବର୍ଷ ପୂର୍ବେ ବନବାସୀମାନେ ବିଭିନ୍ନ ଡାଲି ଜାତୀୟ ଫସଲ ଚାଷ କରିବା ପାଇଁ ଏହି ପଦ୍ଧତି ଆପଣାଉଥିଲେ । ଉକ୍ତ କୃଷି ପ୍ରଣାଳୀରେ ମଧ୍ୟ ଏକ ବୈଷୟିକ ଜ୍ଞାନ କୌଶଳ ଥିବା ପରି ମନେହୁଏ । ସେମାନେ ଯେଉଁ ଗଛ ସବୁ କାଟୁଥିଲେ ତାହାକୁ ଜମି ଠାରୁ କିଛି ଉପରକୁ ତାହାର ଗଣ୍ଡି ରଖି ତେରେଛା କରି କାଟୁଥିଲେ ଏବଂ କଟା ଡାଳ ପତ୍ରକୁ ସେହି ଜମିରେ ପୋଡି ଦେଉଥିଲେ ଯାହା ଜୈବିକ ସାର ପରି କାମ କରୁଥିଲା । ପାହାଡର ତଳ ଏବଂ ଉପର ଭାଗକୁ ସେମାନେ ଅକ୍ଷୁର୍ଣ୍ଣ ରଖୁଥିଲେ ସେମାନଙ୍କ ପଶୁ ସମ୍ପଦ ଚରିବା ପାଇଁ ଏବଂ ଅନ୍ୟାନ୍ୟ ଆବଶ୍ୟକତା ପୂରଣ ପାଇଁ। ଜମି ଗୁଡିକୁ ପାହାଚ ଆକାରରେ ପ୍ରସ୍ତୁତ କରିଥାନ୍ତି ଯେପରି ମୃତ୍ତିକା କ୍ଷୟ ନହୁଏ ଏବଂ ଆବଶ୍ୟକ ବର୍ଷାଜଳ ଜମିରେ ସଂରକ୍ଷିତ ହେଇ ରହେ । ଡାଲି ଜାତୀୟ ଫସଲକୁ ପାହାଡ ମଧ୍ୟରେ ଚାଷ କରିବାର ଉଦ୍ଦେଶ୍ୟ ଏହି ଫସଲକୁ କମ ପାଣି ଆବଶ୍ୟକ ହେଇଥାଏ ଏବଂ ଜମିରେ ପାଣି ଜମା ନରହି ଗଡି ଯିବା ଦରକାର ହେଇଥାଏ। ଫସଲ ଅମଳ ସମୟରେ ସେମାନେ ଜମିରୁ ସବୁ ଫସଲ ସଂପୂର୍ଣ୍ଣ ଖାଲି କରି ଆଦାୟ କରନ୍ତି ନାହିଁ । କିଛି ଫସଲକୁ ଜମିରେ ଛାଡି ଦିଅନ୍ତି ବନ୍ୟ ପ୍ରାଣୀଙ୍କ ଆଧାର ଉଦେଶ୍ୟରେ । ଏହା ବୈଦିକ ସଂସ୍କୃତିର "ତେନ ତ୍ୟକ୍ତେନ ଭୁଞ୍ଜିଥା" ବା ତ୍ୟାଗ ପୂର୍ବକ ଭୋଗ କର ଭାବକୁ ପରିପ୍ରକାଶ କଲାପରି ମନେହୁଏ ।

ପ୍ରତ୍ୟେକ ବନବାସୀଙ୍କ ଘରର ବାଡି ଏବଂ ଦାଣ୍ଡରେ ପନି ପରିବା ଏବଂ ଫଳର ଏକ ଛୋଟିଆ ଉଦ୍ୟାନଟିଏ ଥାଏ। ଯାହା ଆଧୁନିକ ସମାଜରେ kitchen garden ନାମରେ ପରିଚିତ ଅଟେ। ଏତଦ ବ୍ୟତୀତ ଫୁଲଝାଡୁ ଗଛ, ଧୂଆଁପତ୍ର ଗଛ, ପାଳୁଅ ଚାଷ, ମହୁଚାଷ ପାଇଁ ମହୁ ବାକ୍ସ ଏବଂ ପଶୁ ସମ୍ପଦ ପାଇଁ ଗୁହାଳର ବ୍ୟବସ୍ଥା କରିଥାନ୍ତି । ସେମାନେ କୃଷି କ୍ଷେତ୍ରରେ ବିଶେଷଭାବେ ଜୈବିକ ସାର ପ୍ରୟୋଗ କରିଥାନ୍ତି । ମହୁଲ, ସଲପ, ଆମ୍ବ, ପଣସ, ବରଡା ଶାଗ ଗଛ, ସଜନା ଗଛ, କଦଳୀ ଗଛ, ଲେମ୍ବୁ, ପିଜୁଳି, ଜାମୁ, ଖଜୁରୀ, ଲିଚୁ, ସିତାଫଳ (ବଢିଆଳ), ରାମଫଳ ଇତ୍ୟାଦି ଗଛର ଭଲ ଯତ୍ନ ନେଇଥାନ୍ତି । କନ୍ଧମାଳ ଜିଲ୍ଲା ହଳଦୀ ଚାଷ ପାଇଁ ଖୁବ ପ୍ରସିଦ୍ଧି ଲାଭ କରିଛି | ହଳଦୀ ହେଉଛି କନ୍ଧମାଳର ସୁନା | ହଳଦୀ ଚାଷ ପାଇଁ ବନବାସୀଙ୍କ ସ୍ୱତନ୍ତ୍ର ଆଗ୍ରହ ରହିଛି । ହଳଦୀ ଚାଷର ସମସ୍ତ ଜ୍ଞାନ କୌଶଳ ସେମାନଙ୍କୁ ଜଣା । ହଳଦୀ ଗଜାହେବା ପାଇଁ ମଧ୍ୟମ ତାପମାତ୍ରାର ଆବଶ୍ୟକତା ରହିଛି

ସେଥିପାଇଁ ସେମାନେ ଶାଳ ଗଛର ଅଗ ଡାଳକୁ ହଳଦୀ ଲଗା ଯାଇଥିବା ହିଡଉପରେ ଘୋଡେଇ ଦିଅନ୍ତି । ଏହାଦ୍ୱାରା ହଳଦୀ ଉତ୍ତାପ ପାଇ ଗଜା ହୁଏ ଏବଂ ସେହି ଡାଳ ସବୁ ମାଟିରେ ମିଶି ଜୈବିକ ସାର ଭଳି କାମ କରେ। ଅଦା ଚାଷର କୌଶଳବି ସେମାନଙ୍କୁ ଖୁବ ଭଲ ଭାବରେ ଜଣା । ଖୁସିର କଥା ଭାରତ ସରକାରଙ୍କ ବାଣିଜ୍ୟ ଏବଂ ଶିଳ୍ପ ବିଭାଗ ଅଧିନରେ ଥିବା "Intellectual Property India" ସଂଗଠନ କନ୍ଧମାଳ ହଳଦୀକୁ GI (Geographical Indication) ମାନ୍ୟତା ମାର୍ଚ୍ଚ ୩୦ ତାରିଖ ୨୦୧୯ରେ ପ୍ରଦାନ କରିଛନ୍ତି, ଯାହା KASAM (Kandhamal Apex Spices Association For Marketing) ସଂସ୍ଥା ଦ୍ୱାରା ଜାନୁୟାରୀ ୧୧ ତାରିଖରେ ୨୦୧୮ ମସିହାରେ ଆବେଦନ କରାଯାଇଥିଲା ।

କୋରାପୁଟର ବନବାସୀମାନେ ମଣ୍ଡିଆ ଚାଷ କରିବାକୁ ଖୁବ ଭଲ ପାଆନ୍ତି । ମାଣ୍ଡିଆ ସେମାନଙ୍କର ଅତି ପ୍ରିୟ ଖାଦ୍ୟ । ସେଥିପାଇଁ ମାଣ୍ଡିଆକୁ ସେମାନେ 'ମାଣ୍ଡିଆ ରାଣୀ' ବୋଲି ସମ୍ବୋଧନ କରିଥାନ୍ତି। ସେଥିରେ ଲୌହ ସାର ପ୍ରଚୁର ଥାଏ ଏବଂ ଫ୍ୟାଟ ବିଲକୁଲ ନଥାଏ। ଭାରତ ଭୂଖଣ୍ଡରୁ ଅନେକ ପାରମ୍ପରିକ ଫସଲର ବିହନ ଲୋପ ପାଇବାକୁ ବସିଲାଣି ଯାହା ଖୋଲାବଜାରରେ ଉପଲବ୍ଧ ନୁହେଁ । କିନ୍ତୁ ବନବାସୀ ଇଲାକାରେ ଅନେକ ବନବାସୀ କୃଷକ ଭାଇମାନଙ୍କ ନିକଟରେ ଏବେବି ଅନେକ ପ୍ରାଚୀନ ପାରମ୍ପରିକ ଖାଦ୍ୟ ଶସ୍ୟର ବିହନ ମହଜୁଦ ଥିବା ଜଣାଯାଏ । ଚିନାବାଦାମ ଚାଷ କରି ବନବାସୀମାନେ ବେଶ୍ କିଛି ଅର୍ଥ ଉପାର୍ଜନ କରିଥାନ୍ତି।

କୋରାପୁଟ ଜିଲ୍ଲାର ବନବାସୀ ମହିଳା 'କମଳା ପୂଜାରୀ' ପାରମ୍ପରିକ ଜୈବିକ ପଦ୍ଧତିରେ କୃଷି କରି ଅନେକ(ଶହେରୁ ଅଧିକ) ପାରମ୍ପରିକ ଧାନ ବିହନର ବ୍ୟବହାର ଓ ସଂରକ୍ଷଣ କରି ସଫଳ ଚାଷୀର ମାନ୍ୟତା ପାଇଛନ୍ତି। ଏହି କାର୍ଯ୍ୟ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କମଳା ପୂଜାରୀଙ୍କୁ ରାଜ୍ୟ ଯୋଜନା ବୋର୍ଡର ସଭ୍ୟ ରୂପେ ମନୋନୀତ କରିଛନ୍ତି। ଭାରତ ସରକାର ଏହି ମହୀୟସୀ ମହିଳାଙ୍କୁ 'ପଦ୍ମଶ୍ରୀ' ସମ୍ମାନରେ ସମ୍ମାନିତ କରିଛନ୍ତି ମାର୍ଚ ୧୬ ତାରିଖ ୨୦୧୯ ମସିହାରେ।

**ବିହନ ସାଇତିବା କୌଶଳ**

ବନବାସୀ କନ୍ଧ ସଂପ୍ରଦାୟ ପରମ୍ପରା କ୍ରମେ ବିଭିନ୍ନ ଖାଦ୍ୟ ଶସ୍ୟ ଚାଷ କରିଥାନ୍ତି ଯଥା:- କୁଏରି, କାଙ୍ଗୁ, ମକା, ସୁଆଁ, ଝୁଡୁଙ୍ଗ, ଜେଣ୍ଡ୍ରେକା, କଟିଙ୍ଗା, ବଡ କଟିଙ୍ଗା, ମାଛ କୁଏରି, ବଡ କୁଏରି, ଆମ୍ବଧାନ, ବାସୁମତି ଧାନ, ମାଣ୍ଡିଆ, ଧଳା କାଙ୍ଗୁ, ତିଳା, ସୋରିଷ, ବିରି, କୋଳଥ, ରାଶି ଏବଂ ମୁଗ । ଏପରି ଅନେକ ପାରମ୍ପରିକ ବିହନ ଖୋଲା ବଜାରରେ ଉପଲବ୍ଧ ନୁହଁ । ବନବାସୀମାନେ ଏ ସବୁର ବିହନ ସାଇତି ରଖିଥାନ୍ତି । ସେମାନଙ୍କ ବିହନ ସାଇତି ରଖିବା କୌଶଳ ମଧ ସଂପୂର୍ଣ୍ଣ ନିଆରା। ଛୋଟ-ବଡ ମାଟି ମାଠିଆ ଭିତରେ ସେମାନେ ବିହନ ସାଇତି ରଖନ୍ତି, ଯାହା ମୂଷା ଏବଂ ଅନ୍ୟାନ୍ୟ କୀଟ ପତଙ୍ଗ ଦାଉରୁ ଫସଲକୁ ସୁରକ୍ଷା ଦେଇଥାଏ। ଶସ୍ୟରେ ପୋକ ନଲାଗିବା ପାଇଁ ସେମାନେ ପାଉଁଶ ଗୋଳାଇ ରଖନ୍ତି ଏବଂ ଆବଶ୍ୟକ ସ୍ଥଳେ ବେଗୁନିଆ ପତ୍ରକୁ ଛାଇରେ ଶୁଖେଇ ଶସ୍ୟ ସାଇତା ମାଠିଆରେ ପକାନ୍ତି। ଫଳ ପାଚିବା ପାଇଁ ସୁନାରି ପତ୍ର ସାହାଯ୍ୟରେ ଫଳକୁ ଘୋଡାଇ ରଖନ୍ତି, ଯାହା ସଂପୂର୍ଣ୍ଣ ପ୍ରାକୃତିକ ଉପାୟରେ ଫଳକୁ ପକ୍ୱ କରିଥାଏ । ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ଗୁମା ପଞ୍ଚାୟତର ଏକ ଛୋଟ ଗାଁ ହେଉଛି 'ତୁପି' । ଏହି ଗ୍ରାମର କୁଟିଆ କନ୍ଧମାନେ ଏକ ବିହନ ବ୍ୟାଙ୍କ (ବିହନ ସଂରକ୍ଷଣ କେନ୍ଦ୍ର) ସ୍ଥାପନ କରିଛନ୍ତି । ଏହି ବ୍ୟାଙ୍କରୁ ଆବଶ୍ୟକ ସ୍ଥଳେ କୃଷକ ବିହନ ଋଣ ନେଇପାରେ ଏବଂ ଫସଲ ଅମଳପରେ ସମ ପରିମାଣର ଶସ୍ୟ ବ୍ୟାଙ୍କକୁ ଫେରାଇବାକୁ ପଡେ। ଏଥିପାଇଁ କୌଣସି ଅର୍ଥ ନେଣ ଦେଣ ବ୍ୟବସ୍ଥା ନାହିଁ ।

ଓଡିଶାରେ ବସବାସ କରୁଥିବା ୬୨ ପ୍ରଜାତିର ବନବାସୀଙ୍କ ନିକଟରେ ଏମିତି ଅନେକ ପାରମ୍ପରିକ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଏବଂ କାରିଗରୀ କୌଶଳ ରହିଛି ଯାହା ସମ୍ପର୍କରେ ବିଶେଷ ଆଲୋଚନା ହେଇପାରିନାହିଁ । ଆଜିର ଚାଷୀ ରାସାୟନିକ ସାର ଏବଂ କୀଟ ନାଶକ ପ୍ରୟୋଗ କରି ଅଧିକ ଫସଲ ଅମଳ କରିପାରୁଛି ସତ କିନ୍ତୁ ସେହି ଶସ୍ୟ ଖାଇ ବହୁ ବିଚିତ୍ର ଏବଂ ଦୂରାରୋଗ୍ୟ ବ୍ୟାଧିର ଶିକାର ବି ହେଉଛି। ଏହି ସଙ୍କଟରୁ କେବଳ ବନବାସୀଙ୍କ ପାରମ୍ପରିକ ଜୈବିକ କୃଷି ପଦ୍ଧତି ହିଁ ମାନବ ସମାଜକୁ ବଞ୍ଚାଇପାରିବ ।

****

ଅଧକ୍ଷ୍ୟ
ପଞ୍ଚାୟତ ମହାବିଦ୍ୟାଳୟ
ଫିରିଙ୍ଗିଆ , କନ୍ଧମାଳ-୭୬୨୦୧୧

# ଆଜ୍ଞା, କିଛି ଶୁଣିଲେଣି କି ?

କମଳା ଶତପଥୀ



- ବଇଁଶୀ ବାବୁ, ଆଜ୍ଞା, କିଛି ଶୁଣିଲେଣି କି ?

- କୋଉ କଥା ?

- ସେଇ ମ, ସେଇ ଆର ସାହିର ସେ ନବ ପରିଡାର କଥା !

- ନାହିଁ ତ, କ'ଣ କିଛି ଘଟିଛି କି ତା' ଘରେ ?

- ଆପଣ ବଇଁଶୀ ବାବୁ, କୋଉ ଦୁନିଆରେ ଅଛନ୍ତି ଯେ ! ଦୁଇ ଦିନ ହେଲା ସେପଟ ସାହି ଖାଲି ପଡୁଛି ଉଠୁଛି, ଆଉ ଆପଣ କହୁଛନ୍ତି କିଛି ଘଟିଛି !

- ଆରେ ଶରତବାବୁ, ମୁଁ ତ ଜଞ୍ଜାଳି ମଣିଷଟିଏ । ସକାଳୁ ଯାଇ ରାତିରେ ଫେରୁଛି ଘରକୁ । ଆପଣ ସିନା ସରକାରୀ ଚାକିରିଆ ଯେ, ଆପଣଙ୍କ ପାଖରେ ସମୟର ଅଭାବ ନାହିଁ । ସାହି ପଡିଶା, ସାଙ୍ଗସାଥୀ, ସମସ୍ତଙ୍କ ଖବର ରଖି ପାରୁଛନ୍ତି । ସମସ୍ତେ କ'ଣ ଆପଣଙ୍କ ପରି ସେତିକି କପାଳିଆ ହେଇଛନ୍ତି !

- ଏଇ ତ ଆଉ.. ଆପଣଙ୍କୁ କେବେ ଯଦି କିଛି କହିଲି, ତେବେ ସରକାରୀ ବେସରକାରୀର ଏଇ ପୁରୁଣା ରାଗକୁ ଗାଇବା ଆରମ୍ଭ କରିଦେବେ !

- ହଉ, ହଉ, ଛାଡନ୍ତୁ ସେ କଥା । କୁହନ୍ତୁ ତ, ନବ ପରିଡା ଘରେ କ'ଣ ଘଟିଲା !

- ତାଙ୍କ ପୁଅ, ସେଇ ମ, ଯୋଉ ବିଦେଶରୁ ଫେରିଛି ବୋଲି ନବର ଗୋଡ ଦିନେ ତଳେ ଲାଗୁନଥିଲା ..

- ହଁ ହଁ, କ'ଣ ହେଲା ତା'ର ?

- ନା, ନା, ତା'ର କିଛି ହେଇନି । କିନ୍ତୁ ଏମିତି କାଣ୍ଡଟିଏ କରିଦେଇଛି ଯେ ବାପା ମା' କାଲିଠୋଉ ମୁଣ୍ଡରେ ହାତ ଦେଇ ବସିଛନ୍ତି । ସାହିଭାଇ ଦାଣ୍ଡରେ ହଲ୍ଲାଗୁଲ୍ଲା ଯାହା କରିବା କଥା କରୁଛନ୍ତି, ଆଉ ତାଙ୍କ ମା' .. ସିଏ ତ ପୂରା ଯାଇ ଗାଁ ମୁଣ୍ଡ ଆଶ୍ରମରେ ବସିଗଲେଣି ! ପୁରୁଣା କାଳିଆ ଲୋକ, ଏ ଅନାଚାର ଦେଖି କେମିତି ବା ସମ୍ଭାଳି ପାରନ୍ତେ !

- କି କଥା କହୁଛ ! ଏଇ ଭିତରେ ଏତେ ସବୁକିଛି ହେଇଗଲାଣି, ଅଥଚ କିଛି ଜାଣିପାରିନି ମୁଁ !

- ଆହେ ମୁଁ ବି କୋଉ ଜାଣିଥିଲି କି ! ଆଜି ଅଫିସ୍‌ରେ ହି ସବୁ ଜଣାପଡିଲା ପରା । ଆପଣ ତ ଜାଣନ୍ତି ନବର ମୋର ଅହି ନକୁଳର ସଂପର୍କ ! ଗୋଟିଏ ଅଫିସ୍‌ରେ କାମ କରିଲେ ବି ପରସ୍ପରର ମୁହଁ ଚାହୁଁନୁ ଆମେ ! ଖାଲି କ'ଣ ସେତିକି, ମୋ ଆଗରେ ତା' ନାଁ ଧରିଲେ ମୁଁ ଯେମିତି ରାଗିଯାଏ, ତା' ଆଗରେ ମୋ ନାଁ ଧରିଲେ ସିଏ ବି ସେମିତି ରାଗିଯାଏ । ସେଥିପାଇଁ ମତେ କ'ଣ କେହି କିଛି କହୁଥିଲେ କି ! କିନ୍ତୁ ଏମିତିଆ କଥା ସବୁ କ'ଣ କେବେ ଲୁଚିକି ରହେ !

- କଥାଟା କ'ଣ କହନ୍ତୁ ତ ଆଗ ! ବାକି ସବୁକଥା ତ କାହାକୁ ଅଛପା ନାହିଁ !

- ନବର ସେଇ ବିଦେଶ ଫେରନ୍ତା ପୁଅ କାଲି ସହରରୁ ଗୋଟେ ଝିଅକୁ ନେଇ ଘରେ ଆସି ପହଞ୍ଚିଗଲା । କହିଲା କ'ଣ ନା  ସେ ତା'ର ସ୍ତ୍ରୀ । ସେମାନେ କୁଆଡେ ଦୁଇ ମାସ ହେଲାଣି ବାହାହୋଇ ଏକାଠି ତା' ଚାକିରି ଜାଗାରେ ଥିଲେ !

- ବାପା ମା'ଙ୍କୁ ଜଣାନଥିଲା ?

- ସେଇ କଥା ତ ! ଏମିତି କେମିତି ବାପା ମା' ଯେ, ପୁଅ ଏତେ ଦିନରୁ ଏତେ କାଣ୍ଡ କରିସାରିଛି, ଆଉ ଏମାନେ ଏଠି ନାହିରେ ତେଲ ଦେଇ ବସିଛନ୍ତି । ସେଦିନ ପୁଣି ହାଟରେ ମତେ ଦେଖେଇ ଦେଖେଇ ମହାନ୍ତି ବାବୁଙ୍କୁ କହୁଥିଲା ନା - ପୁଅ ପାଇଁ ଝିଅ ଖୋଜୁଛି । ଏକଦମ୍ ଭଲ ଆଉ ଘରୁଆ ଘରର ଝିଅ ଦରକାର ମତେ । ପୁଅଟି ମୋର ବିଦେଶରୁ ସିନା ଫେରିଛି ହେଲେ ଏକବାରେ ନିରମାୟା ପିଲାଟେ ।

ଛନ୍ଦକପଟ କିଛି ଜଣାନାହିଁ ତାକୁ । ଭଲ ଝିଅଟେ ମିଳିଲେ ଆସନ୍ତା ତିଥିରେ କରିଦିଅନ୍ତି ! ତମ ନଜରରେ ସେମିତି ଝିଅ କେହି ଥିଲେ କହିବ ମ !

ମୁଁ ଜାଣିଛି, ଏସବୁ ମତେ ଶୁଣେଇବାକୁ ହି କହୁଥିଲା ସେ । ଭଲ ଝିଅ ଖୋଜୁଥିଲା ଡିବିରି ଲଗେଇ, ଏବେ ପାଇଥିବ ଯେ ଭଲ ଝିଅ !

- ହେ ନାହିଁ ମ ଶରତବାବୁ, ଆପଣ ସେମିତି କାହିଁ ଭାବୁଛନ୍ତି ! ଆଜିକାଲି ପିଲାଙ୍କ ବାହାଘରର ଚିନ୍ତା ତ ସବୁ ବାପାମା'ଙ୍କ ମୁଣ୍ଡରେ ରହୁଛି । ଯଦି ସେମାନେ ଠିକ୍ କରିଦେଲେ ତ, ସରିଲା କଥା । ଆଉ ଯଦି ଆମ ଉପରେ ଛାଡିଲେ, ତେବେ ୟା'କୁ ତାକୁ କହିବାନି ତ ଆଉ କରିବା କେମିତି ! ମହାନ୍ତିବାବୁଙ୍କ ସହିତ ତାଙ୍କର ଭଲ ଭାବଦୋସ୍ତି ଅଛି ବୋଲି କହିଥିବେ ।

- ବାପା ୟା'କୁ ତାକୁ କହୁଛି, ଆଉ ଦୁଇ ମାସରୁ ବୋହୂ ଘରକୁ ଆଣି ସାରିଲାଣି ପୁଅ ! .. ବୁଝିଲେ ଚକାଆଖି ସବୁ ଦେଖୁଛି ! ପୁଅ କମ୍ପାନୀ କାମରେ ଚାରି ଛଅ ମାସେ ବିଦେଶରେ କ'ଣ ରହିଗଲା, ନବ ପରିଡା ଭାବିଲା ସ୍ୱର୍ଗ ଆଉ ଜମା ଦି' ହାତେ ତ ! ଏମିତି ଲୋକମାନଙ୍କୁ ଠାକୁରେ ଏଇ ଦିନ ଦେଖେଇଥାନ୍ତି । ପୁଅ ଜନ୍ମ କରିଛି ବୋଲି କ'ଣ କମ୍ ଗର୍ବ ତା' ମନରେ !

- ଛାଡନ୍ତୁ ଛାଡନ୍ତୁ ସେସବୁ କଥା । ଯିଏ ଯେମିତି କରେ, ତା' ପାଇଁ ଉପରେ ସେମିତିଆ ହିସାବ ଚାଲିଥାଏ ! ଆଚ୍ଛା, ଆପଣଙ୍କ ଜୋଇଁଖୋଜା କେତେ ଦୂର ଗଲା ! କୋଉଠି କିଛି କଥା ଆଗକୁ ବଢ଼ିଲା ନା ନାହିଁ !

- ହଁ, ହଁ ବଢ଼ୁଛି ବଢ଼ୁଛି ! ଝିଅ ଖାଲି ହଁ କରିବାକୁ ଅପେକ୍ଷା କରିଛୁ ଯାହା ! ଏଇ ବର୍ଷ ତା' ପାଠ ସରିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିଛି ତ, ତେଣୁ ମୁଁ ଆଉ ବିଶେଷ ଦଉଡା ଧାପଡା କରୁନି । ବୁଝିଲେ, ତା' ପାଇଁ ଗୋଟେ ଦୁଇଟା ନୁହେଁ ମ, ନିତି ରାତି ପାହିଲେ ନୂଆ ନୂଆ ପ୍ରସ୍ତାବ ଆସିବାରେ ଲାଗିଛି ପରା ! କେତେ କାହାକୁ ମନା କରିବୁ ଅବା ! ସମସ୍ତଙ୍କର କ'ଣ କମ୍ ଆଗ୍ରହ ତାକୁ ବୋହୂ କରିନେବାରେ !

- ହଁ କାହିଁକି ବା ନହେବ ! ଆପଣଙ୍କ ପରି ଲୋକଙ୍କୁ ସମୁଦି ଭାବରେ ପାଇବା କ'ଣ କମ୍ ବଡ ସୌଭାଗ୍ୟର କଥା ! ତା' ଛଡା, ଝିଅଟି ଆପଣଙ୍କର ଗୋଟିଏ ଚାଉଳରେ ଗଢ଼ା । ରୂପ ଯେମିତି ଗୁଣ ବି ସେମିତି ! ପିଲାଦିନରୁ ତା'କୁ ଦେଖିଆସିଛୁ ଆମେ । କେବେ ମୁଣ୍ଡ ଉଠେଇ କାହା ସହିତ କଥା ପଦେ ହୁଏ ଭଲା ରାସ୍ତାରେ !

- ସବୁ ସେହି ଚକାଆଖିର କୃପା ବଇଁଶୀବାବୁ ! ନହେଲେ ଆଜିକା ପିଲା ବାପାମା'ଙ୍କ ପିଠି ପଛରେ କ'ଣ କରୁଛନ୍ତି, ଖୋଦ୍ ବାପାମା'ଙ୍କୁ ଭଲା ଜଣା ପଡୁଛି ! ଏଇ ନବଟାକୁ ଦେଖୁନ - କେତେ ଗର୍ବରେ ବାଟ ଚାଲୁଥିଲା - ଆଉ ରହିଲା କି ସେ ଗର୍ବ ! ଯାହାକୁ ନେଇ ଏତେ ଟାଣପଣ, ସେ ହି ସବୁ ମାଟିରେ ମିଶେଇ ଦେଲା । ବଡ ଦୁଃଖ ଲାଗୁଛି ସତରେ ତା' ପାଇଁ ! ତା' ପ୍ରତି ମୋର ସବୁ ରାଗରୋଷ ତା' ନିଜ ଜାଗାରେ, କିନ୍ତୁ ଗୋଟେ ବାପର ହୃଦୟ କଥା ଚିନ୍ତା କରି ମୁଁ ସତରେ ଭାରି ଦୁଃଖିତ ! .. ଆଚ୍ଛା ବଇଁଶୀବାବୁ, ଆମେ କ'ଣ ଏଇ ସମୟରେ ଯାଇ ନବକୁ ଟିକେ ସାନ୍ତ୍ୱନା ଦେବା ଭଲ ହେବ କି ! ମାନେ, କିଛି ଗୋଟେ ଫଇସଲା କରିବାକୁ ଟିକେ ସାହାସ ହୁଅନ୍ତା ତା'ର ! ପୁଅ ତ ଯାହା କରିବା କଥା କରି ସାରିଲାଣି, ଆଉ ବାଡେଇ କଚାଡି ନହେଇ ବରଂ ପୁଅବୋହୂଙ୍କୁ ସ୍ୱୀକାର କରିନେଇ ସାହିଭାଇଙ୍କୁ ଭୋଜିଭାତ ଦେଇ କଥାଟାକୁ ରଫାଦଫା କରିଦଉ ବୋଲି ତାକୁ କୁହନ୍ତେ ! ଆପଣ କ'ଣ ଭାବୁଛନ୍ତି !

- କେଜାଣି, ମୁଁ ତ କିଛି ଭାବିପାରୁନି ! ଆଉ ଜଣେ ଦି' ଜଣଙ୍କୁ ପଚାରିକି କିଛି ଗୋଟେ ନିଷ୍ପତ୍ତି ନେଇସାରି, ଆମ ସାହିର ଦୁଇ ଚାରି ଜଣ ମୂରବୀ ଲୋକଙ୍କୁ ସାଙ୍ଗରେ ନେଇକି ଗଲେ, କଥାଟା ଏତେ ଅସୁନ୍ଦର ଲାଗିବନି । ଖାଲି ଆମେ ଦୁଇ ଜଣ ଗଲେ ହୁଏତ ..

- ହଁ ହଁ ଠିକ୍ କହୁଛନ୍ତି ! ସେ ତ ମତେ ଦେଖୁ ଦେଖୁ ହି

ଭାବିନେବ ଯେ ମୁଁ ତା' କଟାଘା'ରେ ଚୂନ ଭରିବାକୁ ଆସିଛି ବୋଲି ! ଜାଣିନାହାନ୍ତି ତା' ପ୍ରକୃତି କେମିତି ! ଏ ଅସମୟରେ ବି କ'ଣ ତା' ଗଉଁ ଛାଡିବ !

- ଆରେ, ବଇଁଶୀବାବୁ, ଶରତବାବୁ, ଏମିତି ରାସ୍ତା ମଝିଟାରେ ଠିଆହେଇ ଏତେ କ'ଣ ଆଲୋଚନା କରୁଛନ୍ତି ଯେ ! ଯାହା ହେବା କଥା ତ ହେଇ ସାରିଲାଣି । ଆଉ ବିଳମ୍ବ କରିକି ଲାଭ କ'ଣ !

- ଠିକ୍ କଥା କହୁଛନ୍ତି ମହାନ୍ତିବାବୁ । ମୁଁ ସେଇ କଥା ହିଁ ବଇଁଶୀବାବୁଙ୍କୁ ବୁଝାଉଥିଲି ଏବେ । ଯାହା ହେବା କଥା ତ ହେଇ ସାରିଲାଣି, ନବକୁ କହିବା ପୁଅବୋହୂଙ୍କୁ ଆଉ ଲୋକହସା ନକରି ଖୁସିରେ ଖୁସିରେ ସବୁକିଛିର ସମାଧାନ କରିଦେବାକୁ । ଯୁଗ ତ ସେଇଆ ହେଇଛି, ଆଉ ବାପା ମା' ମୁଣ୍ଡ ବାଡେଇଲେ କ'ଣ ହେବ ! ପାଠଶାଠ ପଢୁଆ ପିଲା ସେମାନେ, ନିଜ ଭଲମନ୍ଦ ଆମଠୁ ବେଶି ଜାଣୁଛନ୍ତି । ତାଙ୍କୁ କିଛି କହିବାର ମୂର୍ଖାମୀ ଆମେ କାହିଁ କରିବାକୁ ଯିବା ଯେ !

- ଏକଦମ୍ ଠିକ୍ କଥା କହିଲେ ଶରତବାବୁ । ମୁଁ ଜାଣିଥିଲି ଆପଣ ହିଁ ସମାଧାନର ବାଟ ଖୋଜି ପାରିବେ !

- ସମାଧାନ ଆଉ କ'ଣ ! ପିଲାଏ ଖୁସିରେ ରୁହନ୍ତୁ । ସବୁ ତ ସରିଲାଣି, ଖାଲି ବିଧି ପାଇଁ ଯାହା କିଛି କରିବା କଥା କରାଯାଉ । ଆମ ପାଇଁ ଗୋଟେ ଭୋଜିର ବ୍ୟବସ୍ଥା କରିଦେଉ ସେ । ବୋହୂକୁ ଦେଖି ଆମେ ଆଶୀର୍ବାଦ କରିଦେବା । ତା'ପରେ ସେମାନେ ତାଙ୍କ ଚାକିରି ଜାଗାକୁ ତ ଚାଲିଯିବେ । କୋଉ ପୁଅବୋହୂ ଆଉ ବାପାମା'ଙ୍କ ପାଖରେ ରହୁଛନ୍ତି ଯେ ଏତେ ଚିନ୍ତା କରୁଛି ସେ !

- ଆରେ, ଆପଣଙ୍କ ଚିନ୍ତା ଏତେ ଆଧୁନିକ ସ୍ତରର ବୋଲି ମୋର ସତରେ ଧାରଣା ନଥିଲା ମ । ସତରେ ଶରତବାବୁ, ଆପଣ ମହାନ । ନବ ଆଉ ତା' ସ୍ତ୍ରୀକୁ ସେଇ କଥା ହିଁ ବୁଝେଇ ବୁଝେଇ ମୁଁ ସକାଳୁ ଥକିଗଲିଣି । ଆଜିକା ଯୁଗରେ କିଏ ଆଉ ଏତେ ଜାତିଗୋତ୍ର ଦେଖୁଛି ! ବ୍ରାହ୍ମଣ କରଣର କି ଫରକ ଅଛି ! ଆମେ ପିଲାଦିନରୁ ସେଇ କଥା ଶିଖିଆସିଲେ ବୋଲି ଆମ ମନରେ ସେଇ ପ୍ରଭେଦଟା ସିନା ଜମିକି ରହୁଛି, ପିଲାଏ କ'ଣ ସେକଥା ବୁଝୁଛନ୍ତି ନା ଜାଣୁଛନ୍ତି !

- ନବର ବୋହୂ କ'ଣ ବ୍ରାହ୍ମଣ ଝିଅ କି !

- କି କଥା କହୁଛନ୍ତି ଶରତବାବୁ! ଆପଣ ଯେମିତି ଜାଣିନାହାନ୍ତି କିଛି !

- ନା, ନା, ସେ ଜାତିଗୋତ୍ର କଥା ମତେ ଜଣାନଥିଲା । ମୁଁ ଖାଲି ପୁଅ ନିଜେ ବାହାହୋଇ ଆସିଛି ବୋଲି ..

- ଆରେ, ଇଏ ଗୋଟେ କଥା ! ଆପଣଙ୍କ ଝିଅ ହି ତ ଆସିଛି ତା' ସହିତ ! ବ୍ରାହ୍ମଣଘର ଝିଅ ବୋଲି ତ ତା' ମନକୁ ଏତେ ପାପ ଛୁଉଁଛି ! ଆପଣ ଶୁଣିଲେ କ'ଣ କହିବେ ବୋଲି ଚିନ୍ତାରେ ମୁଣ୍ଡ ଉଠେଇ ପାରୁନି ସେ! ଆଉ ଆପଣ କହୁଛନ୍ତି .. ଆରେ ଆରେ ଶରତବାବୁ .. କ'ଣ ହେଲା .. କ'ଣ ହେଲା .. ଶୁଣନ୍ତୁ ତ .. ଆରେ ବଇଁଶୀବାବୁ, ଟିକେ ତାଙ୍କ ନାଡି ଦେଖିଲେ .. କ'ଣ ଏମିତି ତାଟେଙ୍କା ହେଇ ଚାହିଁ ରହିଗଲେଣି ! ଶରତବାବୁ .. ଶରତବାବୁ .. ଆଜ୍ଞା ଶୁଣି ପାରୁଛନ୍ତି ତ ମତେ !

- ଥାଉ ମହାନ୍ତିବାବୁ ଥାଉ, ତାଙ୍କୁ କିଛି ସମୟ ସେଇ ଅବସ୍ଥାରେ ରହିବାକୁ ଛାଡିଦିଅନ୍ତୁ । ସିଏ ଆପେ ଠିକ୍ ହେବେ । ଯୋଉ କଥା ମତେ ଶୁଣେଇବାକୁ ସେ ବ୍ୟାକୁଳ ଥିଲେ, ସେକଥା ତାଙ୍କୁ ଶୁଣିବାକୁ ପଡିଲା ତ, ଏମିତି ତ ହେବାକୁ ହିଁ ଥିଲା ! ଆପଣ ଯାଆନ୍ତୁ, ଆଉ ନବକୁ କୁହନ୍ତୁ ବାକି ଆୟୋଜନ ଆରମ୍ଭ କରିଦେବ । ଶରତବାବୁ ସବୁ ଶୁଣି ସାରିଲେଣି, କିନ୍ତୁ ତାଙ୍କ ପାଖରେ କହିବାକୁ ଆଉ କିଛି ନାହିଁ !

****

ନେରୁଲ, ନବି ମୁମ୍ବଇ
Email:kamala.satpathy@gmail.com



ଡ଼ଲିରାଣୀ ବ୍ରହ୍ମା

# ଛଉ ନୃତ୍ୟ ଓ ତା'ର  ଅତୀତ

ଭାରତରେ ଓଡିଶୀ, କଥକ, ମଣିପୁରୀ ପରି ଅନେକ ପ୍ରକାର ଅତି ଉଚ୍ଚ କୋଟିର ନୃତ୍ୟ ଅବହେଳିତ ହୋଇ ରହିଅଛି । ଏହି ଅବହେଳିତ ନୃତ୍ୟମାନଙ୍କ ମଧ୍ୟରେ ନିଜର ନିଜର ସ୍ୱତନ୍ତ୍ର ଅସ୍ତିତ୍ୱ, ପରମ୍ପରା ଏବଂ ଚିନ୍ତାଧାରା ପ୍ରତିଫଳିତ । ତନ୍ମଧ୍ୟରୁ ଭାଗବତ ମେଳା ନାଟକ ଓ ଛଉ ନୃତ୍ୟ ଅନ୍ୟତମ ଉଲ୍ଲେଖନୀୟ ନୃତ୍ୟ ।

କ୍ଷତ ବିକ୍ଷତ ଧରିତ୍ରୀ ରତ୍ନ ଧାତୁର ରୂପ ନିଏ । ଇତିହାସ ଖଣ୍ଡ ବିଖଣ୍ଡ ହୋଇ ସଂସ୍କୃତି ରୂପରେ ଆଲୋକପାତ କରେ ଏବଂ ସଂସ୍କୃତି ନୃତ୍ୟ, ଗୀତ, ଭାଷା ସାହିତ୍ୟ ରୂପରେ ପ୍ରତିଫଳିତ ହୁଏ । ପରମ୍ପରାଗତ ଭାରତୀୟ ନୃତ୍ୟ-ସୂତ୍ରର ପୃଷ୍ଠଭୂମିରେ ଓଡ଼ିଆ ସଂସ୍କୃତିକୁ ଛଉ ନୃତ୍ୟର ତାଳେ ତାଳେ ସାରା ବିଶ୍ୱରେ ପରିଚୟ ଦେଇ ପାରିଥିଲା ଷଢ଼େଇକଳାର ଓଡ଼ିଆ । ଏକ ସୁସ୍ଥ, ସରଳ ଏବଂ ସ୍ୱାଧୀନ ଚିନ୍ତା ଧାରାରେ ଛଉନୃତ୍ୟ ଅଙ୍କୁରିତ ହେଲା ଷଢ଼େଇକଳାର ଭିଟାମାଟିରେ । ଜଗନ୍ନାଥ ଧର୍ମରେ ଅନୁପ୍ରାଣିତ ଓଡ଼ିଆ ଜାତି ଧର୍ମ ଓ ଭାଷା ନିର୍ବିଶେଷରେ ତା'ର ସାହିତ୍ୟ, ସଂସ୍କୃତି, ଧର୍ମ, ଆଦର୍ଶ ଓ କଳାକୁ ପ୍ରତିଫଳିତ କଲା ଛଉନୃତ୍ୟରେ ।  ରାଜ ପରିବାରର ବିଶେଷ ଚେଷ୍ଟା ଏବଂ ଅନୁଗ୍ରହରେ ଅଙ୍କୁରିତ ଛଉନୃତ୍ୟ ଏକ ବିରାଟ କଳେବର ନେଇ ଦେଶ-ବିଦେଶରେ ନିଜର ଅସ୍ତିତ୍ୱ ଏବଂ ସମ୍ମାନ ସ୍ଥାପିତ କରି ପାରିଥିଲା ।

ଛଉ ନୃତ୍ୟ - କେତେ ଛଇ ଦେଖାଉଛମ; କହିବା ଅର୍ଥ କେତେ ଭଙ୍ଗୀ ଦେଖାଉଛ । ଏହି ଭଙ୍ଗୀ ବା ଛଇରୁ "ଛଉ' । ନୃତ୍ୟଶିଳ୍ପୀର ଭାବଭଙ୍ଗୀରୁ ପରିପ୍ରକାଶ ପାଇଥିବା ଏହି ନୃତ୍ୟକୁ " ଛଉନୃତ୍ୟ" ବୋଲି ଆମେ କହିଥାଉ ।

ଛଉ ଷଢ଼େଇକଳାର ପ୍ରାଣ କେନ୍ଦ୍ର । ବର୍ତ୍ତମାନ ଝାଡ଼ଖଣ୍ଡ ପ୍ରଦେଶର ସିଂହଭୂମ ଜିଲ୍ଲା ଅନ୍ତର୍ଗତ ଓ ଇସ୍ପାତ ନଗରୀ ଜାମସେଦପୁର ଠାରୁ ୪୩ କିଲୋମିଟର ଦୂରରେ ଏହି ଷଢ଼େଇକଳା, ଯାହାକି ଓଡ଼ିଆ ମାନଙ୍କର ଗର୍ବ ଓ ଗୌରବକୁ ବଢ଼ାଇ ପାରିଛି । ଭାରତର ସ୍ୱାଧୀନତା ଆନ୍ଦୋଳନ ସମୟରେ ଯେଉଁ କେତୋଟି ଗଡଜାତ ଅଗ୍ରଗାମୀ ଥିଲେ ତନ୍ମଧ୍ୟରୁ ଷଢ଼େଇକଳା ଅନ୍ୟତମ । ତେବେ ଅବିଭକ୍ତ ଓଡ଼ିଶାର ଇତିହାସକୁ ଓଲଟାଇଲେ ଷଢ଼େଇକଳା ବିଷୟରେ ଅନେକ କିଛି ଜାଣିହୁଏ ।

'ଷୋହଳକଳା'ରୁ 'ଷଢ଼େଇକଳା' ନାମକରଣ ହୋଇଥିବା କେତେକଙ୍କ ମତ ହୋଇଥିବା ବେଳେ 'ସେଲଗୁଟୁ' ( ଶାଳବଣ ଥିବା ଏକ ଗଡ଼) ରୁ 'ଷଢ଼େଇକଳା' ହୋଇଛି ବୋଲି ଆଉ କେତେକଙ୍କ ମତ ସମଗ୍ର ଭାରତରେ କାହିଁକି ସମଗ୍ର ବିଶ୍ୱରେ ଷଢ଼େଇକଳା 'ଛଉ ନୃତ୍ୟ' ପାଇଁ ପ୍ରସିଦ୍ଧି ଲାଭ କରିଛି ।

ଏଠାରେ ପ୍ରବାଦ ଅଛି -
ଖରସୁଆଁରୁ ଯାତ୍ରା ଘଟ
ବ୍ରାହ୍ମଣୀ ଘାଟିଆ ପାଟ,
କୋରର କାଳିଆ ଘଟ
ଷଢ଼େଇକଳାର 'ଛଉ. ନାଟ ।

କେତେକ ଛଉ ବିଶାରଦଙ୍କ ମତରେ ପ୍ରାୟ ଦୁଇଶହ  ବର୍ଷରୁ ଅଧିକ ହେବ ଛଉ ନୃତ୍ୟର ପ୍ରଚଳନ ହୋଇ ଆସୁଛି । ସାମନ୍ତବାଦ ବା ରାଜା ମହାରାଜାଙ୍କ ସମୟରେ ସୈନିକ ବା ପାଇକ ମାନଙ୍କର ସମରାଭ୍ୟାସରୁ ହିଁ କାଳକ୍ରମେ ନୃତ୍ୟରେ ପରିଣତ ହୋଇ ଏହା ନୃତ୍ୟର ସୃଷ୍ଟି ହୋଇଛି । ଛଉ ନୃତ୍ୟର ମୁଖ ଅଂଶ ବିଶେଷରୁ 'ପରିଖଣ୍ଡ' ନୃତ୍ୟରୁ ଜଣାପଡେ ଯୁଦ୍ଧ ନୃତ୍ୟ ବା ସମରାଭ୍ୟାସ ନୃତ୍ୟ ।

ପରିଖଣ୍ଡ ନୃତ୍ୟରେ କଳାକାର ମାନେ ସୈନିକମାନଙ୍କ ପରି ଢାଲ ବା ତଲବାର ଧରି ଯୁଦ୍ଧନୃତ୍ୟ କରୁଥିଲେ । ପ୍ରଥମେ ଛଉ ନୃତ୍ୟ ଏହି ନୃତ୍ୟରେ ସୀମିତ ଥିଲା । କିନ୍ତୁ ୧୭୬୫ ମସିହା ବେଳକୁ ଷଢ଼େଇକଳାର ତତ୍କାଳୀନ ମହାରାଜା ସ୍ୱର୍ଗତ ବିକ୍ରମ ସିଂ ବା ସିଂଦେଓ ଉକ୍ତ ପରିଖଣ୍ଡ ନୃତ୍ୟର କିଛି ପରିବର୍ତ୍ତନ କରାଇ ଶିଳ୍ପୀଙ୍କୁ ମୁଖା  ଇତ୍ୟାଦିର ବ୍ୟବହାର କରେଇ ଥିଲେ ।

ପରେ ପ୍ରାୟ ୧୮୦୦ ମସିହା ସୁଦ୍ଧା ଷଢ଼େଇକଳାର ତତ୍କାଳୀନ ସ୍ୱର୍ଗୀୟ ମହାରାଜା ବିଜୟ ପ୍ରତାପ ସିଂଙ୍କ ଦ୍ୱାରା ନୃତ୍ୟ ଅନେକ କିଛି ପରିବର୍ତ୍ତନ କରାଯାଇ ଆଧୁନିକ ଛଉ ନୃତ୍ୟରେ ପରିଣତ ହେଲା ।

ଛଉ ନୃତ୍ୟର ବିଶେଷତ୍ୱ ହେଲା 'ମୁଖା' । ମୁଖା ପିନ୍ଧି ବିଭିନ୍ନ ଭୂମିକାରେ ନୃତ୍ୟ ପରିବେଷଣ କରିବା । ଏହି ନୃତ୍ୟରେ ପ୍ରତି କଳାକାର ମୁଖା ଧାରଣା କରି ନିଜ ଅଙ୍ଗ ପ୍ରତ୍ୟେଙ୍ଗ ଚାଳନାରେ ହିଁ ନୃତ୍ୟର ବିଷୟ ବସ୍ତୁ, ଚିନ୍ତାଧାରା, ରସ ରାଗକୁ ଅତି ନିପୁଣ ଭାବରେ ଏଭଳି ପରିବେଷଣ କରିଯାଏ ଯାହା ପୃଥିବୀର ଅନ୍ୟ କୌଣସି ନୃତ୍ୟରେ ସମ୍ଭବ ହୋଇ ପାରିନାହିଁ । ଛଉ ନୃତ୍ୟରୁ ମୁଖାର ବ୍ୟବହାର ଦୁରେଇ ଦେଲେ ଏଇ ନୃତ୍ୟ

ତା'ର ନିଜତ୍ୱ ହରାଇ ବସିବ ।

ଛଉ ନୃତ୍ୟର 'ତାଳ' ହିନ୍ଦୁନାଟ୍ୟ ଶାସ୍ତ୍ରରୁ ହିଁ ଜନ୍ମ । କିନ୍ତୁ, 'ତବଲା' ପରିବର୍ତ୍ତେ ଏଠି ଢୋଲ ଏବଂ ନାଗରା ବାଦ୍ୟ ଯନ୍ତ୍ର ବ୍ୟବହାର କରାଯାଏ । ବିଭିନ୍ନ ବିଷୟ ବସ୍ତୁ ପାଇଁ ଭିନ୍ନ ଭିନ୍ନ ତାଳ, ମୁଦ୍ରା, ରଙ୍ଗ, ରସ ଏବଂ ଗୀତର ପରିବେଷଣ ହୁଏ । ନୃତ୍ୟର ବିଷୟ ବସ୍ତୁ ପୁରାଣ ଠାରୁ ଆରମ୍ଭ କରି ପ୍ରକୃତି ଓ ଦୈନନ୍ଦିନ ଜୀବନ ଉପରେ ସାଧାରଣତଃ ଆଧାରିତ । କେତେକ ବିଶିଷ୍ଟ ଛଉ ନୃତ୍ୟ ମଧ୍ୟରେ, ଚନ୍ଦ୍ରଭାଗା, ଆରତୀ, ଦେବଦାସୀ, ସାଗର ଏବଂ ମୟୂର ଆଦି ବିଶେଷ ଉଲ୍ଲେଖନୀୟ ।

ରବୀନ୍ଦ୍ର ନାଥ ଠାକୁରଙ୍କ ରଚିତ କାବ୍ୟ ' ବିଦାୟ ଅଭିଶାପ' କୁ ଷଢ଼େଇକଳା ଛଉ ପ୍ରସ୍ଫୁଟିତ କରିଥିଲା 'କାଚ ଓ ଦେବଯାନୀ' ନୃତ୍ୟରେ । ଶାନ୍ତି ନିକେତନରେ ପରିବେଷିତ ଏହି ଛଉ ନୃତ୍ୟକୁ ଦେଖି ନିଜେ ବିଶ୍ୱ କବି ସ୍ତମ୍ଭୀଭୂତ ହୋଇ ପଡ଼ିଥିଲେ । ସବରାମତି ଆଶ୍ରମରେ ପ୍ରଦର୍ଶିତ ଛଉ ନୃତ୍ୟ ଏକ ବିଶେଷ ଆଲୋଡନ ସୃଷ୍ଟି କରି ପାରିଥିଲା । ଶ୍ରୀମତୀ ସରୋଜିନୀ ନାଇଡୁଙ୍କ ମନରେ ଏବଂ ସେ ବିଶେଷ ଅନୁରୋଧ କରି ମହାତ୍ମା ଗାନ୍ଧୀଙ୍କ ପାଇଁ ଶ୍ରୀ ଶରତ ଚନ୍ଦ୍ର ବୋଷଙ୍କ ବାସ ଭବନରେ ଷଢ଼େଇକଳା ଛଉ ନୃତ୍ୟର ଏକ ଆୟୋଜନ କରିଥଲେ । ମହାତ୍ମା ଗାନ୍ଧୀ ମଧ୍ୟ ଛଉ ନୃତ୍ୟର ପ୍ରସଂଶା କରିଥିଲେ । ଲାଲ କିଲ୍ଲା ଠାରେ ଅନୁଷ୍ଠିତ ନୃତ୍ୟ ମହୋତ୍ସବରେ ଷଢ଼େଇକଳା ଛଉନୃତ୍ୟ ଏକ ବିଶେଷ ସ୍ଥାନ ପାଇ ପାରିଥିଲା ଏବଂ ଏହାର ଭୂୟସୀ ପ୍ରସଂଶା 'ଷ୍ଟେଟ୍ସ୍ ମ୍ୟାନ' ପତ୍ରିକାରେ ତା ୧୭ ମାର୍ଚ୍ଚ ୧୯୫୧ ରେ ପ୍ରକାଶ ପାଇଥିଲା । ତା'ର ଓଡ଼ିଆ ଅନୁବାଦ-

'ଲାଲ କିଲ୍ଲାରେ ନୃତ୍ୟ ମହୋତ୍ସବ'

ଦୈତ୍ୟ 'ମଧୁକେଦଭ' ଓ ଦେବକନ୍ୟା 'ତିଳୋତ୍ତମା' ପରି ଦୁଇଟି ଚରିତ୍ରକୁ ନେଇ ନୃତ୍ୟର ଅନବଦ୍ୟ ପରିକଳ୍ପନା ତଥା ଉପସ୍ଥାପନା ଅତୀବ ଚିତ୍ତାକର୍ଷକ । ଯେ କୌଣସି ଭାରତର ବିଦ୍ୟାଳୟର ଚିରାଚରିତ ନୃତ୍ୟ ଭଙ୍ଗୀର ପ୍ରତିଟି ଦିଗ ଅପେକ୍ଷା ଭିନ୍ନ ହେଲେ ମଧ୍ୟ ମୟୂର ନୃତ୍ୟଟି ସଂଯୋଜନା ଦୃଷ୍ଟିରୁ ଅତୀବ ମହାନ । ନୃତ୍ୟ ନାଟିକା ପାଇଁ ଏଠାରେ ରହିଛି ନୃତ୍ୟ ଓ ବିନ୍ୟାସକାରୀଙ୍କ ପାଇଁ ଅଦ୍ଭୁତ ଉପାଦାନ । ବାସ୍ତବିକ ପଦଚାଳନା ଦୃଷ୍ଟିରୁ ଏହି ନୃତ୍ୟ 'ଭାରତ ନାଟ୍ୟମ', ମଣିପୁରୀ ଏବଂ କଥକ ନୃତ୍ୟ ତୁଳନାରେ ବହୁ ଊର୍ଦ୍ଧ୍ୱରେ ।

୧୯୩୮ରେ ଷଢ଼େଇକଳା ଛଉନୃତ୍ୟ ତା'ର ଉତ୍କର୍ଷତାର ଚରମ ସୀମାରେ ପହଞ୍ଚି ପାରିଥିଲା । କେବଳ ଆମ ଦେଶ ମଧ୍ୟରେ ନୁହେଁ ବିଦେଶରେ ମଧ୍ୟ ଏହା ବହୁଳ ଭାବେ ଆଦୃତ ହୋଇଥିଲା । ତା ୨୪ ଜୁନ ୧୯୩୮ ରେ ' କ୍ୟାଥଲିକ ହେରାଲଡ଼ ' ପତ୍ରିକା ରେ ପ୍ରକାଶ ପାଇଥିଲା ତା'ର ଓଡ଼ିଆ ଅନୁବାଦ –

'ଷଢ଼େଇକଳାର ହିନ୍ଦୁ ନିର୍ଭିକ ଓ ସଙ୍ଗୀତଜ୍ଞ'
ସୃଜନଶୀଳ, ସଂଭ୍ରାନ୍ତ, ଧାର୍ମିକ ଓ ଏକାନ୍ତ ପରମ୍ପରାଗତ ଷଢ଼େଇକଳାବାସୀ ନିଜର ସମ୍ପୂର୍ଣ୍ଣ ଅସ୍ତିତ୍ୱକୁ ନୃତ୍ୟ ନାଟିକା ମାଧ୍ୟମରେ ଅନୁଭବ କରିଥାନ୍ତି । ଶରୀର ଚାଳନା (ମୁଦ୍ରା) ମାଧ୍ୟମରେ ଈଶ୍ୱରୀୟ କିମ୍ବଦନ୍ତୀ ପ୍ରକାଶ କରିବା ସଙ୍ଗେ ସଙ୍ଗେ ସହଜସାଧ୍ୟ ଭଙ୍ଗୀରେ ତାଙ୍କର ଦୈନନ୍ଦିନ ବୃତ୍ତି ସମ୍ପର୍କରେ ସୂଚାଇଦେଇ ପାରନ୍ତି ।

ଛଉ ନୃତ୍ୟର ପ୍ରଚାର ପ୍ରସାର ପାଇଁ ଷଢ଼େଇକଳା ରାଜ ପରିବାରର ଦାନ ଅତୁଳନୀୟ । ଷଢ଼େଇକଳା ସମେତ ଅଷ୍ଟଭୂମ, ଧଳଭୂମ, ଭଞ୍ଜଭୂମ, ଶିଖରଭୂମ, ବୀରଭୂମ, ମାନଭୂମ, ଧୀରଭୂମ ଓ ସିଂହଭୂମ ଇତ୍ୟାଦି ସ୍ଥାନରେ ଛଉର ବିପୁଳ ପ୍ରସାର ହୋଇ ପାରିଥିଲା । 'ଭଞ୍ଜଭୂମ' ବା ବର୍ତ୍ତମାନର ମୟୂରଭଞ୍ଜର ତତ୍କାଳୀନ ମହାରାଜା ପୂର୍ଣଚନ୍ଦ୍ର ଭଞ୍ଜଦେଓଙ୍କ ଅନୁରୋଧରେ ଛଉ ନୃତ୍ୟ ବିଶାରଦ ଗୁରୁ ଶ୍ରୀ ଉପେନ୍ଦ୍ର ବିଶ୍ୱାଳ, ଶ୍ରୀ ରାଜେନ୍ଦ୍ର ପଟ୍ଟନାୟକ, ଶ୍ରୀ ବନମାଳୀ ଦାସ ଇତ୍ୟାଦି ମୟୂରଭଞ୍ଜ ଯାଇ ଅତ୍ୟାଧୁନିକ ଛଉ ନୃତ୍ୟର ବିପୁଳ ପ୍ରସାର କରାଇ ପାରିଥିଲେ । ସେବେଠାରୁ ମୟୂରଭଞ୍ଜ ଶୈଳୀରେ ଗୁରୁମାନେ ବିନା ମୁଖାରେ ନୃତ୍ୟ ପରିବେଷଣ କରିଥାନ୍ତି । ବର୍ତ୍ତମାନ ଷଢ଼େଇକଳା, ଖରସୁଆଁ ତଥା ଜାମସେଦପୁର ଠାରେ ଏହାର ପ୍ରଚାର ଥିବା ବେଳେ ଓଡ଼ିଶାର ମୟୂରଭଞ୍ଜରେ ଏହାର ପ୍ରଚଳନ ସୀମିତ ଅଛି ବୋଲି ଜଣାଯାଏ ।
ଛଉ ନୃତ୍ୟରେ ଅନେକ ଶୈଳୀ ଅଛି । ଯଦିଓ ପ୍ରଥମାବସ୍ଥାରେ ପରିଖଣ୍ଡ ଶୈଳୀ ତଥା ଏକ ପ୍ରକାର ଶୈଳୀ ସବୁଠାରେ ପ୍ରଚଳନ ହୋଇ ଆସୁଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ଅଞ୍ଚଳ ଅନୁଯାୟୀ ଶୈଳୀର ପରିବର୍ତ୍ତନ ହେଲା, ଯଥା ଷଢ଼େଇକଳା ଶୈଳୀ, ପୁରୁଲିଆ ଶୈଳୀ, ମୟୂରଭଞ୍ଜ ଶୈଳୀ ଇତ୍ୟାଦି ।
ମୁଖ୍ୟ ଛଉ ନୃତ୍ୟ ଆରମ୍ଭ ହେବା ପୂର୍ବରୁ ନୃତ୍ୟଶିଳ୍ପୀ ଶରୀରର ଉଷ୍ମତା ଆଣିବା ପାଇଁ ପ୍ରାରମ୍ଭିକ ନୃତ୍ୟ ବୋଲି କୁହା ଯାଉଥିବା ଉଫୁଲି (କରଣ) ନୃତ୍ୟ କରିଥାନ୍ତି । ସେଗୁଡିକ ହେଲା ଗୋବର କୁଢ଼େଇବା, ଗୋବର ଲେପନ, ଗୋବର ଛିଞ୍ଚି ଝାଡୁ ଦେବା, ଗାଧୋଇବା, ବଳୀ ( ଖଡୁ ମାଜିବା), ପାହୁଡ଼ି (ବାହୁଟି ମାଜିବା ), ଝୁଣ୍ଟିଆ ମଜା, ଗୋଇଠି ମଜା, ହଳଦୀ ଲେପନ, ପିଠୋଉ

ବାଟିବା, ଝୋଟି ଦେବା, ଛୋଟ ଉଫୁଲି, ବଡ ଉଫୁଲି, ସିନ୍ଦୁର ପିନ୍ଧିବା, ଟୀକା ପିନ୍ଧିବା, ଧାନ କୁଟିବା, ଥୁର ଥୁରୀ, ଜାଗା ପାଦା ( ଗୋଟିଏ ସ୍ଥାନରେ ଠିଆ ହୋଇ ଘୋଡା ଚାଲିବାର ନୃତ୍ୟ), ବାଘ ଦୁମୁକା, ବାଘ ଝଟକା, ବାଘ ପାଣିପିଆ, ଛେଳି ଡିଆଁ, ଚାନ୍ଦ ଧରିବା, ତାରା ଖସିବା, ହରିଣ ଡିଆଁ, ବତାଚିରା, ଅନ୍ତ ମୋଡା, ପସୁରୀ ହତ୍ୟା, ପ୍ରଣାମ କରିବା, ଅର୍ଦ୍ଧଚନ୍ଦ୍ର, ମୟୁର ପାଣିଖିଆ, ମାଛ ବିତିକା, ମାଛ ଜଗା, ମାଛ ଧରା, ବୁଟି କୁଢିବା, ଗୋଟି ଫିଙ୍ଗା ଇତ୍ୟାଦି । ଏବଂ ଗତି (ଚାଲି), ନୃତ୍ୟମାନଙ୍କ ମଧ୍ୟରେ ଆକାଶ ଗତି, ବାଘ ଗତି, ହାତୀ ଗତି, ବଗ ଟକକା, ହଂସ ଗତି, ମୟୁର ଗତି, ହରିଣ ଚାଲି, ଧୀର ଗତି, ପଛଲା ଚାଲି, ଆଡ଼ଲି ଚାଲି, ତିନିପାଦ ଚାଲି, ଗୋମୂତ୍ର, ଛନ୍ଦ ଚାଲି, ଠକ୍କର ଚାଲି ।
ଏହି କରଣ ବା ଉଫୁଲି ମୁଖ୍ୟ ନୃତ୍ୟ ଦୃଶ୍ୟ ପୂର୍ବରୁ ମାତ୍ର ପାଞ୍ଚ କିମ୍ବା ସତ ମିନିଟ ପାଇଁ ଶିଳ୍ପୀ ପରିବେଷଣ କରିଥାନ୍ତି । ଏହି ଉଫୁଲି ମାନଙ୍କରୁ ଜଣାଯାଏ ଉତ୍କଳୀୟ ରମଣୀ ମାନଙ୍କର, ନିତ୍ୟ ଦିନର କାର୍ଯ୍ୟକ୍ରମ ଯାହା ନିଜ ସଂସ୍କୃତିର ପରିଚାୟକ ।

ସେଇ ଭଳି 'ଛଉ' ନୃତ୍ୟ ବା ମୁଖ୍ୟ ଛଉ ନୃତ୍ୟ ଦୁଇ ଶହ ପ୍ରକାର ର ଅଛି । ତାହା ମଧ୍ୟରୁ ଲୋକପ୍ରିୟ ନୃତ୍ୟ ଗୁଡିକ ହେଲା ଏକଲବ୍ୟ, ମଧୁ କୈଟଭ, ଚନ୍ଦ୍ରଭାଗା, ରାତ୍ରି, ନାବିକ, କାଚ ଦେବଯାନୀ, ପତାକା, ମୟୁର, ଦୁର୍ଗା, ହର ପାର୍ବତୀ, ସାଗର, ଫୁଲ ବସନ୍ତ ଏବଂ କାଳିଦାସଙ୍କ ମେଘଦୂତ ଇତ୍ୟାଦି ।

ପରିଖଣ୍ଡ (ଯୁଦ୍ଧ) ନୃତ୍ୟରୁ କାଳକ୍ରମେ ପରିବର୍ତ୍ତିତ ହୋଇ ବର୍ତମାନ ଅତ୍ୟାଧୁନିକ ଶୈଳୀରେ ଉପରୋକ୍ତ କେତେକ ନୃତ୍ୟ ସହିତ ଦୁଇ ଶହ ପ୍ରକାର ନୃତ୍ୟ ଅଛି । ଶିଳ୍ପୀ ତାଙ୍କର ଭାବ ଭଙ୍ଗୀରୁ ହିଁ ନୃତ୍ୟଟିକୁ ଜୀବନ୍ତ କରିଥାନ୍ତି । ଉଫୁଲି ଓ ମୁଖ୍ୟ ନୃତ୍ୟ ପାଇଁ ସମୁଦାୟ ଶିଳ୍ପୀଙ୍କୁ ୨୦ ମିନିଟ ସମୟ ଲାଗିଥାଏ, ନୃତ୍ୟ ପରିବେଷଣ କରିବା ପାଇଁ । ଏଥିପାଇଁ ଢ଼ୋଲକ, ତବଲା, ବଂଶୀ ଇତ୍ୟାଦି ସୀମିତ ବାଦ୍ୟଯନ୍ତ୍ର ବ୍ୟବହାର କରା ଯାଇଥାଏ । ମୁଖା, ପୋଷାକ ଇତ୍ୟାଦି କେତେକ ଆନୁଷଙ୍ଗିକ ଜିନିଷକୁ ଛାଡିଦେଲେ ଶିଳ୍ପୀଙ୍କୁ ଅଧିକ କିଛି କରିବାକୁ ପଡି ନଥାଏ ।

ଆଜିର ଗ୍ଲାମର ଦୁନିଆଁର ନୃତ୍ୟ ଠାରୁ ଏ ନୃତ୍ୟ ବହୁ ଉଚ୍ଚରେ । ତେବେ ଏଭଳି ଏକ ବିଶ୍ୱ ପ୍ରସିଦ୍ଧ ଉତ୍କଳୀୟ ସଂସ୍କୃତିକୁ ବଞ୍ଚାଇବା ପାଇଁ ବିହାର ସରକାର ୧୯୬୦ ମସିହାରେ ଷଢ଼େଇକଳା ଠାରେ ' ସରକାରୀ ଛଉ ନୃତ୍ୟ କେନ୍ଦ୍ର' ଖୋଲିଥିଲେ । କିଛି ଛାତ୍ର ଛାତ୍ରୀ ଶିକ୍ଷା ନେଇଥିଲେ । ସେ ସମୟରେ ଅନୁଷ୍ଠାନର ନିର୍ଦ୍ଦେଶକ ଭାବେ ନଟ ଶେଖର ଗୁରୁ, ବନ ବିହାରି ପଟ୍ଟନାୟକ, ଗୁରୁ କେଦାର ନାଥ ସାହୁ, ସ୍ୱର୍ଗୀୟ ପ୍ରଦୀପ କୁମାର କର, ଗୁରୁ ଶ୍ରୀଧର ଆଚାର୍ଯ୍ୟ, ତପନ ପଟ୍ଟନାୟକ ଆଦି ରହିଥିଲେ । ବିଜୟ କୁମାର ସାହୁ, ବଂଶୀ ବାଦକ ମେଲାଚାନ୍ଦ ଭୋଲ, ଢ଼ୋଲକ ବାଦକ ଶ୍ୟାମା ଚରଣ ପାଣି, ନିରଞ୍ଜନ ସୁତାର ଆଦି ସହଯୋଗ କରୁଥିଲେ ।

ବିଦେଶରୁ ମିଃ ଟେବାନି, ମିଃ ଜନ, ମିଃ ଲାଲାଓ ଜନ, ମିସ ହେମି, ମିସ ଏଲିଆନ ଚିତାରିଷ୍ଟ, ମିସ ସରକେଲଏ, ସୁସେନ ହକସ, ଶିସିଲେ, ପାର୍ନିଲ , କ୍ଲିଏର ଏରା, ଭାରଲେଟ ଇତ୍ୟା ୩୧ ଜଣ ଭିନ୍ନ ଭିନ୍ନ ସମୟରେ ଆସି ନୃତ୍ୟ ଶିକ୍ଷା ଲାଭ କରି ଥିଲେ ।

ଏହି ନୃତ୍ୟର ପ୍ରସାର ପାଇଁ ସର୍ବ ପ୍ରଥମେ ତତ୍କାଳୀନ ରାଜକୁମାର ସ୍ୱର୍ଗତ ସୁଭେନ୍ଦ୍ର ନାରାୟଣ ସିଂହଦେଓ ୧୯୩୮ ମସିହାରେ ବିଦେଶ ଗସ୍ତରେ ବୁଲଗେରିଆ, ହଙ୍ଗେରୀ, ଚେକୋସ୍ଲୋଭାକିଆ, ଟୋନସିଆ ଇତ୍ୟାଦି ସ୍ଥାନକୁ ଯାଇଥିଲେ । ସେହିପରି ୧୯୬୮ ମସିହାରେ ତାଙ୍କ ସାନଭାଇ ରାଜକୁମାର ପଦ୍ମଶ୍ରୀ ଗୁରୁ ଶ୍ରୀ ସୁଧେନ୍ଦ୍ର ନାରାୟଣ ସିଂହଦେଓ ବିଦେଶ ଗସ୍ତରେ ଯାଇ ଛଉ ନୃତ୍ୟକୁ ଲୋକପ୍ରିୟ କରାଇ ପାରିଥିଲେ । ପରବର୍ତ୍ତୀ ସମୟରେ ଅନେକ ଛଉ ନୃତ୍ୟ ଶିଳ୍ପୀ ବିଦେଶ ଯାଇଛନ୍ତି । ବିଶେଷ କରି ୟୁରୋପିଆନ ଦେଶ ମାନଙ୍କରେ ଛଉ ନୃତ୍ୟର ଚାହିଦା ଅଧିକ ବୋଲି ବିଶାରଦମାନେ ମତ ଦିଅନ୍ତି । ପରେ ପରେ ଗୁରୁ କେଦାର ନାଥ ସାହୁ ଓ ରାଜକୁମାର ପଦ୍ମଶ୍ରୀ ସୁଧେନ୍ଦ୍ର ନାରାୟଣ ସିଂହଦେଓ ବେସରକାରୀ ଭାବରେ ଶିକ୍ଷାଦାନ କରୁଥିଲେ ।

ଏବେ ଏହି ନୃତ୍ୟ ଜନ ମାନସରୁ ହଜିବାକୁ ବସିଲାଣି । ଅତୀତରେ ନୃତ୍ୟ ଶିଳ୍ପୀ ସର୍ବଶ୍ରୀ ନାରାୟଣ ଦାସ, ବିଦ୍ୟାଧାର ହୁନଜା, ଉପେନ୍ଦ୍ର ବିଶ୍ୱାଳ, ନନ୍ଦିଘୋଷ ସାହୁ, ରାଜେନ୍ଦ୍ର ପଟ୍ଟନାୟକ, ଦୀନବନ୍ଧୁ ବ୍ରହ୍ମା, ହରିହର ସିଂହ ଏବଂ ରାଜକୁମାର ସୁଭେନ୍ଦ୍ର ନାରାୟଣ ସିଂହଦେଓଙ୍କ ପରି ଏବେ ଆଉ ନୃତ୍ୟ ଶିଳ୍ପୀ ସୃଷ୍ଟି ହୋଇ ପାରୁ ନାହାନ୍ତି ।

ଅତୀତ ଅତୀତରେ ରହି ଯାଇଛି । ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ଆଜି ମାତୃହରା । ତା'ର ଆଶା ଆକାଂକ୍ଷା କଳା-କୌଶଳ, ମାନ ଅଭିମାନ ସବୁ ଯେମିତି କୋଣାର୍କର ନବଗ୍ରହ ପରି ଭାଙ୍ଗି ରୁଜି ଚୁରମାର ହୋଇ ଯାଇଛି । ଏତେ ସବୁ ପରେ ବି ଓଡ଼ିଆ ମନରେ ଅଶାର ଆଲୋକ ବଞ୍ଚି ରହିଛି । ସେ ଭାବୁଛି ଦିନେ ନା ଦିନେ କୋଣାର୍କର ଅସ୍ତମିତ ସୂର୍ଯ୍ୟ ନୂତନ ଆଲୋକ ନେଇ ଏ ଧରାକୁ ଓହ୍ଲାଇ ଆସିବ । ପ୍ରତିଟି ମନରେ ନୂଆ ଅଶାର ସଞ୍ଚାର କରିଯିବ । ଅତୀତ ସ୍ମୃତି ସବୁ ଜୀବନ୍ତ ହୋଇ ହସିବ ଆଉ

ଓଡ଼ିଆ ଦସ୍ତର ସହିତ କହିପାରିବ –

ଖରସୁଆଁର ଯାତ୍ରା ଘର, ବ୍ରାହ୍ମଣୀ ଘାଟିଆ ପାଟ,
କେରାର କାଳିଆ ଘଟ, ଷଢେଇ କଳିଆ ନାଟ ।

****

ଯୋଗାଯୋଗ:
ବି/୧୦୫, ସେକ୍ଟର -୭
ରାଉରକେଲା-୩
ମୋବ .: ୯୯୩୭୫୧୪୯୭୯

# Sponsorships & Donations

## Ganesh Chaturthi Mahotsav 19-9-2023

- U.P. Hotels Ltd. (Clarks Group of Hotels)
- Vikrant Chaudhary
- Richa Global Exports Pvt. Ltd.
- AOV Agro Foods Private Limited
- Bimal Prasad Samal
- Nayan Dash
- M S Pothal
- Dr. Sananta Sahoo
- Debasis Goswami
- Narendra Bisht
- Ramnath Sahoo
- Tapan Thatoi
- Aswani Samantray

- Pradeep Rout
- Ashish Kumar
- Manoj Sahu
- Seema Rath
- Sujit Mohanty
- Surajeet Patnaik
- Sanjay Bal
- Samish Mohanty
- Aditi Mohanty
- Dinesh Goel
- Shivom Metal Controls Pvt. Ltd.
- Yes Supply Chain Solutions Pvt. Ltd.

# ଓଡ଼ିଆ ସାହିତ୍ୟରେ ଶ୍ରୀ ଜଗନ୍ନାଥ ( ଶେଷ ଭାଗ) (ଭକ୍ତକବି ସାଲବେଗଙ୍କ ଠାରୁ ଅଦ୍ୟାବଧି)

ବଦ୍ରୀ ମହାନ୍ତି



ପ୍ରଭୁଙ୍କ ସାନ୍ନିଧ ଓ କରୁଣା ପ୍ରାପ୍ତି ନିମନ୍ତେ ଲୋଡା ଶୁଦ୍ଧ ଭକ୍ତି। ଜ୍ଞାନ,କର୍ମ ଓ ଭକ୍ତି ତିନୋଟି ପଥ ମଣିଷ ପାଇଁ ମୁକ୍ତିର ମାର୍ଗ ରୂପେ ଉଦ୍ଦିଷ୍ଟ ଥିଲେ ସୁଦ୍ଧା ଭକ୍ତି ମାର୍ଗ ହିଁ ଜୀବନର ନିର୍ଦ୍ଧାରିତ ସତ୍ୟ। ଜାତି ଧର୍ମ ଗୋତ୍ର ସମ୍ପ୍ରଦାୟର ଉର୍ଦ୍ଧ୍ୱରେ ଥିବା ଚେତନ ଶକ୍ତି ସମସ୍ତ ବାଧା ବନ୍ଧନ ପାପ ତାପର ସୀମା ଅତିକ୍ରମ କରିଥାଏ। ଓଡ଼ିଆ କାବ୍ୟ ଜଗତର ବିସ୍ମୟ ଯବନ କବି ସାଲବେଗ ନିରୋଳା ଶୁଦ୍ଧ ଭକ୍ତି ଭାବନାରେ ଅଭିମନ୍ତ୍ରିତ ହୋଇ ଯେଉଁ କାଳଜୟୀ ଭଜନ ଓ ଜଣାଣ ଦ୍ୱାରା ଦୁଇ ଶହ ବର୍ଷ ଧରି ଓଡ଼ିଶାରେ ପ୍ରତି ଘରେ ଘରେ ନିଜର ସ୍ୱତନ୍ତ୍ର ପଦଚିହ୍ନ ଛାଡି ଯାଇଛନ୍ତି, ତାହା ଓଡ଼ିଆ ସାହିତ୍ୟର ଅମୂଲ୍ୟ ପୁଞ୍ଜି। ତାଙ୍କ ବିନା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମହିମା ବର୍ଣ୍ଣନା ଅସମ୍ପୂର୍ଣ୍ଣ।

ଓଡ଼ିଆ ଭକ୍ତି ଯୁଗର ସ୍ୱର୍ଣ୍ଣିମ କ୍ଷଣରେ ଅସଂଖ୍ୟ ରଚନା ମଧ୍ୟରୁ ସାଲବେଗଙ୍କ ରଚିତ ଏ ପର୍ଯ୍ୟନ୍ତ ସଂଗୃହୀତ ହୋଇ ପାରିଥିବା ପ୍ରାୟ ଦୁଇ ଶହ ଭଜନ ଯେଉଁ ସିଦ୍ଧି କବିଙ୍କୁ ଦେଇଛି, ସେପରି ସଫଳତା କତିପୟ ଲେଖକଙ୍କୁ ମିଳିଥାଏ। ଜୀବନର କୌଣସି ସମୟରେ ନିଜ ପାଇଁ ସୁଖ ଐଶ୍ୱର୍ଯ୍ୟ ଭିକ୍ଷା ନକରି ପ୍ରିୟ ଠାକୁର ଜଗନ୍ନାଥଙ୍କୁ ମାଗିଛନ୍ତି ଶରଧା ବାଲିରୁ ହାତେ –

'ଜଗନ୍ନାଥ ହେ କିଛି ମାଗୁନାହିଁ ତୋତେ
ଧନ ମାଗୁ ନାହିଁ ଜନ ମାଗୁ ନାହିଁ
ମାଗୁଛି ଶରଧା ବାଲିରୁ ହାତେ।'

"ଆହେ ନୀଳ ଶଇଳ ପ୍ରବଳ ମତ୍ତ ବାରଣ, ମୋ ଆରତ ନଳିନୀ ବନକୁ କର ଦଳନ..." ଭଜନ ସଙ୍ଗୀତର ମୂର୍ଚ୍ଛନା ରାଜା ଠାରୁ ରଙ୍କୀ ଓ ଭିକାରୀ ଠାରୁ ଭୂପତି ପର୍ଯ୍ୟନ୍ତ ସଭିଙ୍କୁ ମନ୍ତ୍ରମୁଗ୍ଧ କରିଆସିଛି ଶହ ଶହ ବର୍ଷ ଧରି। ରାଶି ରାଶି ଲୋକପ୍ରିୟ ଭଜନ ଜଣାଣ ଲେଖି  ନିଜର ଭକ୍ତି ଭାବନାର ପରିଚୟ ଦେବା ସହ "କାହିଁକି ଆସିଛୁ ମନ କିସ ନେବା ପାଇଁରେ, ଆସିଛୁ ଲଙ୍ଗଳା ତୁ ଯିବୁ ଶୂନ୍ୟ ହୋଇ ରେ.." ତାଙ୍କୁ ତତ୍ତ୍ୱଦର୍ଶୀ ଭାବେ ଚିହ୍ନାଇ ଦିଏ। କବି ଗୋପାଳ କୃଷ୍ଣ ପଟ୍ଟନାୟକଙ୍କ 'ଅନୁସରିତ, ପ୍ରଭୁ ! କାଳ କାଳ ଗଲା ସରିତ/ କଣ ବିତରଣ କଲେ କେତେ ଊଣା, ହୁଅନ୍ତା କରୁଣା ସରିତ।',ଭୀମ ଭୋଇଙ୍କ, 'କୃପା କର ମହାବାହୁ/ଆଜ୍ଞାରେ କୋଟି ଜନ୍ମ ଦୁଃଖ ଯାଉ।' ବୀର କିଶୋର ଦେବଙ୍କ, 'ପତିତପାବନ ବାନା ଆଉ କେତେ ବେଳକୁ/ଭାସିଗଲି ଭବଜଳେ ନାବ ଦିଅ କୂଳକୁ।' ଆଦି ଭକ୍ତି ରସ ପୂର୍ଣ୍ଣ ରଚନା ସମୂହ ଓଡ଼ିଶା ଇତିହାସର ଏକ ସନ୍ଧୀକ୍ଷଣରେ ରଚିତ ହୋଇ ଲୋକପ୍ରିୟତା ହାସଲ କରିବା ସହ ସମୃଦ୍ଧ କରିଛି ଓଡ଼ିଆ ସାହିତ୍ୟକୁ।

ଓଡିଆ ମାଟିରେ ଦୁଇଜଣ ହାଡ଼ିଦାସଙ୍କର ଆବିର୍ଭାବ ହୋଇଥିଲା ଅଷ୍ଟାଦଶ ଶତାବ୍ଦୀର, ସେମାନଙ୍କ ମଧ୍ୟରୁ ଜଣକଙ୍କର ସାଧନା ପୀଠ ଥିଲା ଛତିଆ ଓ ସେ ଥିଲେ ଜାତିରେ କମାର। ଦ୍ୱିତୀୟ ହାଡିଦାସ ବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ନିଜ ସାଧନା ପୀଠ ସ୍ଥାପନ କରିଥିଲେ କଟକ ଜିଲ୍ଲା ଟାଙ୍ଗୀ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମସ୍ଥ ସିଦ୍ଧଗିରି ପାହାଡରେ। ସେ ଥିଲେ ଜାତିରେ ତନ୍ତୀ। ଉତ୍କଳୀୟ ବୈଷ୍ଣବ ଜ୍ଞାନମିଶ୍ରାର ଉପାସକ ସନ୍ଥ ହାଡ଼ିଦାସଙ୍କ ମହାମନ୍ତ୍ର ଥିଲା 'ହରେ ରାମକୃଷ୍ଣ'। ଅଲୌକିକ ପ୍ରତିଭାର ଅଧିକାରୀ ହୋଇ ଥିବାରୁ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସଭିଏଁ  ତାଙ୍କ ସାନ୍ନିଧ ଲାଭ କରି କୃତକୃତ୍ୟ ହେଉଥିଲେ। ପିଣ୍ଡ ବ୍ରହ୍ମାଣ୍ଡବାଦୀ ହଠଯୋଗୀ ହାଡ଼ି ଦାସଙ୍କ ଆରାଧ ଥିଲେ ଶ୍ରୀଜଗନ୍ନାଥ। ତାଙ୍କର ସମସ୍ତ ରଚନାରେ ଶ୍ରୀଜଗନ୍ନାଥଙ୍କ ଶ୍ରେଷ୍ଠତ୍ୱ ସହିତ ଦେଖିବାକୁ ମିଳେ ଶ୍ରୀକ୍ଷେତ୍ରର ପ୍ରଶସ୍ତି। ଚର୍ଚ୍ଚିତ ଗ୍ରନ୍ଥ ଭବନାବର, ଶଙ୍ଖ ନାହିଁ, ବ୍ୟାସ ବିଷେ, କ୍ଷେତ୍ର ମାହାତ୍ମ୍ୟ, ଲକ୍ଷ୍ମୀଧର ବିଳାସ, ହନୁମାନ ଗୀତା, ଶଙ୍ଖ ନାଭି ଭୈରବ ସ୍ତୁତି, ଅନନ୍ତ ଗୁପ୍ତ ଟୀକା, ନୀଳମାଧବ ଗୀତା, ବହୁ ଭଜନ, ଜଣାଣ, ଚଉତିଶା ଓ ମାଳିକା ମାନଙ୍କରେ ଜଗନ୍ନାଥ ପ୍ରାଣତାର ପରିଚୟ ମିଳିବା ସହିତ ଦାର୍ଶନିକ ଚିନ୍ତାଧାରା ପରିଦୃଷ୍ଟ ହୋଇଥାଏ। କଳି ଯୁଗର ବିପଥ ଗାମୀ ମଣିଷର ପାପ, କଳୁଷ ନିବାରଣ ପାଇଁ ବ୍ରହ୍ମରୂପୀ ପତିତ ପାବନ ଜଗନ୍ନାଥ ହିଁ ଏକମାତ୍ର ଠାକୁର, ଏକଥା ଦର୍ଶାଇବା ପାଇଁ ସେ ଲେଖିଛନ୍ତି –

" ଜୟ ଜଗନ୍ନାଥ ପତିତ ପାବନ  ଓଡ଼ିଶା ବଡ ଠାକୁର
କଳ୍ପ ବଟ ବାସୀ ପ୍ରଭୁ ବ୍ରହ୍ମରାଶି କଳି କଳୁଷ
ନିସ୍ତାର।"

ଜଗନ୍ନାଥ ପ୍ରାଣ ହାଡ଼ିଦାସ ମହାପ୍ରଭୁ କଳ୍କୀ ଅବତାର ଗ୍ରହଣ କରି କଳା ଘୋଡ଼ା, ଧଳା ଘୋଡ଼ା ଚଢ଼ି ଜଗନ୍ନାଥ ଓ ବଳଭଦ୍ର ମ୍ଳେଚ୍ଛ ସଂହାର କରିବେ ବୋଲି ମାଳିକାରେ ସୂଚାଇ ଦେଇଥିଲେ। ଚଉତିଶା ମାନଙ୍କରେ ପ୍ରାର୍ଥନା କରିଛନ୍ତି, "ମହାପ୍ରଭୁ ଯେବେ ହୋଇଛ ଘେନ ଭୃତ୍ୟଙ୍କ କଥା /ମାଗୁଣି ଅନ୍ୟ ମୋ ନାହିଁ ପଦ୍ମ ଚରଣେ ମଥା। ରଖିଲେ ରଖ ଜଗନ୍ନାଥ ତୁମ୍ଭ ଲୀଳା ସଂସାର/ରାହୁ ପରାୟେ ଗରାସିଲା ଅଘ-ତିମିର ଘୋର।" ଭକ୍ତକବି ହାଡ଼ିଦାସ 'ନୀଳାଚଳେ କେଉଁଠାରେ ପୁଣ'

ଗୀତିକା ଟିରେ ଶ୍ରୀଜଗନ୍ନାଥଙ୍କୁ କାଳିଆ ଭୂତ ବୋଲି ସମ୍ବୋଧନ କରି ଲେଖିଛନ୍ତି-'ନୀଳାଚଳେ କେଉଁଠାରେ ପୁଣ କାଳିଆ ଭୂତକୁ ଦେଖିଛକି, ମୁହଁଟା କାଳିଆ ପେଟଟା ନାଳିଆ ଚକଚକା ହୋଇ ଚକ୍ଷୁଟା ଗୋ ସେ।'

ଊନବିଂଶ ଶତାବ୍ଦୀର ଓଡ଼ିଆ କାବ୍ୟ ଜଗତର ପ୍ରଥମ ବିଦ୍ରୋହୀ ମହାକବି ଭୀମ ଭୋଇ ଶ୍ରୀଜଗନ୍ନାଥଙ୍କ ସାକାର ରୂପକୁ ସର୍ବାନ୍ତକରଣେ ଗ୍ରହଣ କରି ନଥିଲେ ସୁଦ୍ଧା ନିଜର ସଞ୍ଚିତ ଅଭିମାନ ଓ ସଂଶୟୋକ୍ତିକୁ ଅଣାକାର ରୂପେ ପ୍ରଦର୍ଶିତ କରିଛନ୍ତି। ଆଧୁନିକ ସଭ୍ୟତାର ଅଧୋଗତି, ପୁରୋହିତ ସମ୍ପ୍ରଦାୟର ହୀନମନ୍ୟତା, ଜାତିଆଣ ଭାବ ଓ ଶୋଷଣ ମୁକ୍ତ ସମାଜ ପ୍ରତିଷ୍ଠା ନିମନ୍ତେ ସମନ୍ୱୟର ପ୍ରତୀକ ଶ୍ରୀଜଗନ୍ନାଥଙ୍କ ନିକଟରେ ଅଭିମାନର ସ୍ୱର ପ୍ରକଟିତ ହୋଇଛି ଅନେକ କବିତା ମାନଙ୍କରେ। ପୁନଶ୍ଚ ସେ ପ୍ରଶ୍ନ କରିଛନ୍ତି, 'ଯଦି ଆଚଣ୍ଡାଳ ବ୍ରାହ୍ମଣ ଏକତ୍ର ମହାପ୍ରସାଦ ସେବନ କରିବାର ପରମ୍ପରା ରହିଛି, ତେବେ ସବୁ ସ୍ଥାନରେ ଏ ନୀତି ପାଳନ କରାଯାଉନାହିଁ କାହିଁକି?' ବିଭୁପ୍ରେମର ଅଦ୍ଭୁତ ଚିତ୍ର ତାଙ୍କ କବିତାରେ ପରିଦୃଷ୍ଟ ହୋଇଥାଏ। କବି ଗୌରଚରଣ ତାଙ୍କର 'କଳା ସିଂହ ! କାହିଁକି ଆଇଲୁରେ' ଚଉପଦୀରେ ଶ୍ରୀ ଜଗନ୍ନାଥଙ୍କୁ କଳାସିଂହ ରୂପେ ଦେଖିଛନ୍ତି। ବଡ ଦେଉଳରୁ ବାହାରି ଆସି ଶ୍ରୀଗୁଣ୍ଡିଚା ମନ୍ଦିରରେ ନବଦିନ ବ୍ରତ ପାଳନ କରୁଥିବା ଦେଖି ଗାଇ ଉଠିଛନ୍ତି - 'କଳା ସିଂହ! କାହିଁକି ଆଇଲୁରେ ଶ୍ରୀନୀଳାଚଳ ଛାଡି/ଭାଇ ଭଗ୍ନୀ ସଙ୍ଗେ ଘେନିକରି ରଙ୍ଗେ ରହିଛୁ ଗୁଣ୍ଡିଚା ବାଡି। ହଜାରେ ସୁଆର ରାନ୍ଧି ପରଶିଲେ କେବେ ନ ପୂରଇ ପେଟ/ଏଠାରେ ସପୁରୀ ପଣସ କଦଳୀ ଖାଇ ହୋଇ ଯିବୁ ମୋଟା।'

ଓଡ଼ିଆ ସାହିତ୍ୟରେ ମଧ୍ୟଯୁଗର ମହାନ୍ ସ୍ରଷ୍ଟା ରାଧାନାଥ, ମଧୁସୂଦନ ଓ ଫକୀମୋହନଙ୍କ ଲେଖନୀରେ ଆଧୁନିକ ସାହିତ୍ୟର ବାର୍ତ୍ତା ସହିତ ଥିଲା ନୀଳାଚଳ ଧାମ, ଶ୍ରୀମନ୍ଦିର, ମହୋଦଧିର ମହତ୍ତ୍ୱ ଓ ଶ୍ରୀଜଗନ୍ନାଥଙ୍କ ମହିମା ଗାନ। କବିବର ରାଧାନାଥ ରାୟଙ୍କ 'ମହାଯାତ୍ରା' କାବ୍ୟରେ ପାଣ୍ଡବମାନେ ଭାରତର ସବୁ ସ୍ଥାନ ଭ୍ରମଣ କରି ଆସି ପହଞ୍ଚନ୍ତି ନୀଳାଚଳରେ। କବି ମହୋଦଧି କୂଳରେ ଅବସ୍ଥାନ ସମୟରେ ଅଗ୍ନିଦେବତା ଶ୍ରୀକ୍ଷେତ୍ର ମହାତ୍ମ୍ୟ ସମ୍ପର୍କରେ ଯୁଧିଷ୍ଠିରଙ୍କୁ କହିଛନ୍ତି -

" ପୁଷ୍ପକୁଣ୍ଡେ ଶ୍ରେଷ୍ଠତର କେଶର ଯେସନ
ଶ୍ରେଷ୍ଠ ଏ ନୀଳାଦ୍ରିଧାମ ସମଗ୍ର ଉତ୍କଳେ
ନିବସନ୍ତି ନାନାସ୍ଥାନେ ଦେବଦେବୀ ଯେତେ
ଭାରତ, ଭାରତଖଣ୍ଡ ଆସି ଏ ପ୍ରଦେଶ
ବିହରିବେ ଠାବେ ଠାବେ ନିଜ ରୁଚି ମନେ।"

ରାଧାନାଥ 'ଚନ୍ଦ୍ରଭାଗା' କାବ୍ୟରେ ଜଗନ୍ନାଥଙ୍କ 'ପୁଷ୍ୟାଭିଷେକ' ବିଷୟରେ ସୂଚନା ଦେବା ସଙ୍ଗେ ସଙ୍ଗେ 'ପାର୍ବତୀ' କାବ୍ୟରେ ବର୍ଣ୍ଣନା କରିଛନ୍ତି ଦୋଳ ମହୋତ୍ସବ। ତାଙ୍କ ଭାଷାରେ-'ନୀଳାଚଳେ ଆଜି ଦୋଳ ମହୋତ୍ସବ ମର୍ତ୍ତେ ସର୍ବ ପୁରବାସୀ/ ବାଦିତ୍ର- ଶବଦ ହେଳେ ପକାଉଛି ସିନ୍ଧୁ କୋଳାହଳ ଗ୍ରାସି।' ଅନନ୍ୟ ପ୍ରତିଭାଶାଳୀ ସେ ସମୟର ବ୍ରାହ୍ମବାଦୀ ଭକ୍ତକବି ମଧୁସୂଦନ ରାଓ ମହାପ୍ରଭୁଙ୍କୁ ସର୍ବ ଧର୍ମର ସମନ୍ୱୟର ପ୍ରତୀକ ରୂପେ ଗ୍ରହଣ କରି ନୀଳାଚଳ ପୁସ୍ତକରେ ବର୍ଣ୍ଣନା କରିଛନ୍ତି- 'ଘନବନରାଜି ନୀଳ ନୀଳାଚଳ ତଟ/ ମହୋଦଧି ବେଳାଭୂମି ଯହିଁରେ ପ୍ରକଟ/ମହାବଟ ମୂଳେ ମହାଦାରୁ ଆରାଧନା/ସରଳ ଶବର କୁଳ ଭକତି ସାଧନା।' ଶାବର ସଂସ୍କୃତିର ଦେବତା ଶ୍ରୀ ଜଗନ୍ନାଥ, ନୀଳାଚଳ ଧାମ, କଳ୍ପବଟ ଏବଂ ଦଇତାପତିଙ୍କ କଥା ଉଲ୍ଲେଖ କରିଛନ୍ତି ମଧୁସୂଦନ। ପୁରୀରେ ଏକ ଧର୍ମପ୍ରାଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ସୁଦ୍ଧା କୌଳିକ ପରମ୍ପରା ଓ ବିଶ୍ୱାସ ପରିତ୍ୟାଗ କରିଥିବା କବିଙ୍କ ରଚନାରେ ପରିଦୃଶ୍ୟ ହୁଏ ବିଭୁପ୍ରେମର ଅଫୁରନ୍ତ ପ୍ରବାହ। "ସତ୍ୟ ପଥେ ଧର୍ମ ପଥେ ଘେନିଯାଅ ମୋତେ/ଭସାଅ ପରାଣ ମୋର ତବ ପ୍ରେମ ସ୍ରୋତେ/ପ୍ରଭୋ, ପରମ ଶରଣ/ଏ ଜୀବନ ଶ୍ରୀ ଚରଣେ କଲି ସମର୍ପଣ।" ଏବଂ "ଯାହା ମୁଁ କରଇ ଯାହା ମୁଁ କହଇ,ଯାହା ମୁଁ ଚିନ୍ତଇ ମନେ/ଜଗତର କର୍ତ୍ତା ପରମ ଈଶ୍ୱର, ଜାଣୁଛନ୍ତି ପ୍ରତିକ୍ଷଣେ।" ଦୁଇଟି ପଙ୍କ୍ତିରୁ କବିଙ୍କ ଦିବ୍ୟ ଜୀବନ, ଆଦର୍ଶ ବାଦ ଓ ସମର୍ପଣ ଭାବ ପ୍ରକଟିତ ହୋଇଥାଏ।

ଓଡ଼ିଆ ସାହିତ୍ୟ ଜଗତର ବରେଣ୍ୟ କବି ଫକୀର ମୋହନଙ୍କୁ ସମଗ୍ର ବିଶ୍ୱରେ ଉପନ୍ୟାସ ଓ ଗଳ୍ପ ଖ୍ୟାତି ଆଣି ଦେଇଥିଲେ ସୁଦ୍ଧା, ସେଥିରେ ହାତ ଦେବା ପୂର୍ବରୁ ଦୀର୍ଘ ଚାଳିଶ ବର୍ଷ ଧରି ସେ ରଚନା କରିଥିଲେ କାବ୍ୟ କବିତା। ତାଙ୍କର ପ୍ରଥମ ମୌଳିକ କାବ୍ୟ 'ଉତ୍କଳ ଭ୍ରମଣ' ରେ ଶ୍ରୀକ୍ଷେତ୍ର ଓ ଶ୍ରୀ ଜଗନ୍ନାଥଙ୍କ ବର୍ଣ୍ଣନା ସହିତ ଦେଖିବାକୁ ମିଳେ ଉତ୍କଳ ପ୍ରୀତି। ସମଗ୍ର ଓଡ଼ିଶାରେ ଚହଳ ସୃଷ୍ଟି କରିଥିବା ଏ କାବ୍ୟରେ ବର୍ଣ୍ଣିତ ହୋଇଛି, 'ଉତ୍କଳ'ସମଗ୍ର ଭାରତ ବର୍ଷରେ କିପରି ଶ୍ରେଷ୍ଠ ଓ ଶ୍ରୀକ୍ଷେତ୍ର ଏବଂ ଶ୍ରୀଜଗନ୍ନାଥ ଅତୁଳନୀୟ। ପୁଣ୍ୟଭୂମି ପୁରୁଷୋତ୍ତମ କ୍ଷେତ୍ରକୁ ଦେଶର କୋଣ ଅନୁକୋଣରୁ ଆକର୍ଷିତ ହୋଇ ମହାବାହୁଙ୍କ ଶରଣାଗତ ହେବାର ଦେଖି କବି ବର୍ଣ୍ଣନା

କରିଛନ୍ତି –

' ଉତ୍କଳ ପବିତ୍ର ଭୂମି ଭାରତ ମଧରେ
କରନ୍ତି ଏଥିରେ ବାସ ପୁଣ୍ୟବନ୍ତ ନରେ
ଏହି ମହା ପୁଣ୍ୟକ୍ଷେତ୍ର ଦେଖିବାର ପାଇଁ
ଅସଂଖ୍ୟ ଅସଂଖ୍ୟ ଯାତ୍ରୀ ଆସୁଛନ୍ତି ଧାଇଁ
ଭାରତରେ ସର୍ବଦେଶେ ଏମନ୍ତ ପ୍ରଚାର
ପବିତ୍ର ଉତ୍କଳଭୂମି ଅଟେ ସ୍ୱର୍ଗଦ୍ୱାର ।'

ରାମାୟଣ, ମହାଭାରତ, ହରିବଂଶ, ଭଗବତ ଗୀତାର ପଦ୍ୟାନୁବାଦ ସହିତ ପ୍ରସିଦ୍ଧ ବୌଦ୍ଧାବତାର କାବ୍ୟରେ ବ୍ୟାସକବି ଫକୀମୋହନଙ୍କ ଆଧାତ୍ମିକ ଚିନ୍ତନ ସହିତ ଅନୁଭବ କରିହୁଏ ଉତ୍କଳର ଆତ୍ମା। 'ଉପହାର' କାବ୍ୟରେ ନିଜର ଭକ୍ତି ନୈବେଦ୍ୟ ପ୍ରକାଶ କରି ମହାପ୍ରଭୁଙ୍କୁ ପ୍ରାର୍ଥନା କରିଛନ୍ତି- 'ନିଖିଳ ବ୍ରହ୍ମାଣ୍ଡପତି ସର୍ବମୂଳାଧାର/ପତିତପାବନ ପ୍ରଭୁବିଭୁ ସାରାସାର/ ଅକିଞ୍ଚନ ନିବେଦନ କରେ ଚରଣରେ/ଜୟ ଜୟ ଦେବ ଜୟ ଜଗଦୀଶ ହରେ।'

ଓଡ଼ିଶାର ପୁରପଲ୍ଲୀ, ଜନପଦର ଶାନ୍ତିମୟ ସୁଷମା ଓ ବିଭୁପ୍ରେମର ସାବଲୀଳ ପଦାବଳୀ ପରିଦୃଷ୍ଟ ହୋଇଥାଏ ପଲ୍ଲୀକବି ନନ୍ଦ କିଶୋର ବଳଙ୍କ କାବ୍ୟ କବିତାରେ। ଶ୍ରୀକ୍ଷେତ୍ରର ଅପୂର୍ବ ଶୋଭାରାଜି ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଥିବା ଅନାବିଳ ପ୍ରେମ ଦର୍ଶାଇବାକୁ ଯାଇ ଲେଖିଛନ୍ତି,'ଜଗନ୍ମୟ ଦେଖି ଜଗନ୍ନାଥ ପରମରେ ସ୍ଥିତି ଏ ଜୀବର/ଏ ବିଶ୍ୱ ସଂସାରେ ଓତଃ ପ୍ରୋତଃ ଭାବେ ଯେଣୁ ଛନ୍ତି ବିଶ୍ୱେଶ୍ୱର।' ନିର୍ମାଣ କଳାରେ ଅନୁପମ ଐଶ୍ୱର୍ଯ୍ୟ, ସୌନ୍ଦର୍ଯ୍ୟ ଓ ମର୍ଯ୍ୟାଦା ପ୍ରଦାନ କରିଥିବା ଓଡ଼ିଆ ଜାତିର ପ୍ରିୟ କବି ଗଙ୍ଗାଧର ମେହେରଙ୍କ କାବ୍ୟ କବିତାରେ ଜାତି ଓ ଭାଷା ପ୍ରତି ଥିବା ନିର୍ଲୋଭ ପ୍ରେମର ପଟାନ୍ତର ନାହିଁ। 'ବିଶ୍ୱ ଦେଖ ମଧୁମୟରେ ଜୀବନ' ର ଅଦ୍ୱିତୀୟ ସ୍ରଷ୍ଟା ଗଙ୍ଗାଧର ମହାପ୍ରଭୁ ଜଗନ୍ନାଥ ଓ ଶ୍ରୀକ୍ଷେତ୍ରରେ କିପରି ସବୁ ତୀର୍ଥ ସବୁ ଦେବାଦେବୀ ସମାହିତ, ତାହା 'ଉତ୍କଳ ଲକ୍ଷ୍ମୀ' କାବ୍ୟରେ ବର୍ଣ୍ଣନା କରିଛନ୍ତି –

ମନେ ମନେ କେତେ ମୁଁ ବୋଲି ଧନ୍ୟଧନ୍ୟ ଗୋ ଉତ୍କଳମାତ
ସର୍ବ ଦେବଦେବୀ ହେଉଛନ୍ତି ତୋର ବିଶୁଦ୍ଧ କୋଳରେ ଜାତ।
ଏଣୁ ବିଜ୍ଞଜନ ବୋଲୁଥାନ୍ତି ପରା ସର୍ବ ତୀର୍ଥ ଘେନି ହରି
ପତିତପାବନ ରୂପେ ରହିଛନ୍ତି ନୀଳାଚଳେ ବିଜେ କରି।

ପୁରୁଷୋତ୍ତମ କ୍ଷେତ୍ରର ମନୋଜ୍ଞ ଚିତ୍ର ମେହେରଙ୍କ ଚର୍ଚ୍ଚିତ କାବ୍ୟ 'ପ୍ରଣୟ ବଲ୍ଲରୀ' ,'ତପସ୍ୱିନୀ' ଓ 'ଉତ୍କଳ ଲକ୍ଷ୍ମୀ' ରେ ଦେଖିବାକୁ ମିଳେ। ଅପୂର୍ବ ଶବ୍ଦ ବିନ୍ୟାସ ଓ ବିଭୁପ୍ରେମ ର ଆଧାତ୍ମିକ ସ୍ରୋତର ସଙ୍ଗମ ହୋଇଛି ତପସ୍ୱିନୀ କାବ୍ୟରେ। ପଞ୍ଚମ ସର୍ଗରେ ପୁଣ୍ୟକ୍ଷେତ୍ର ଜଗନ୍ନାଥ ଧାମ ବର୍ଣ୍ଣନାରେ ମୁଖର କବି ଲେଖିଛନ୍ତି-'ଉଜ୍ଜ୍ୱଳ ଚିକ୍କଣ ନୀଳ ପତର/ପୁନ୍ନାଗ-କାନନ ଶ୍ୟାମଳ ତାର/ଉଡ଼ି ଓଡ଼ିଶାରୁ ଥିଲା କି ଯାଇ,ଦେଉଥିଲା ସତ୍ୟ ମନ ରଞ୍ଜାଇ/ନୀଳାଚଳେ ରୂପ ଧରି- ବିଜେ ଅବା/ରାମ ଲଭିବାକୁ ସୀତା/ପ୍ରୀତି-ସାଗର ଲହରୀ।'

ସୁପ୍ତ ଓ ନିର୍ବେଦଗ୍ରସ୍ତ ଓଡ଼ିଆ ପ୍ରାଣରେ ଜାତୀୟ ଚେତନାର ଶୁଭ ଶଙ୍ଖ ବଜାଇବା ପାଇଁ ସାହିତ୍ୟକୁ ଆୟୁଧ କରିଥିଲେ ସତ୍ୟବାଦୀ ଯୁଗର ବରେଣ୍ୟ ସ୍ରଷ୍ଟା ଗଣ। ଦେଶପ୍ରେମ, ଜାତୀୟତା, ସମାଜ ସଂସ୍କାର ଏବଂ ଧର୍ମଧାରାର ଅଦ୍ଭୁତ ମିଳନ ସହିତ ଜଗନ୍ନାଥ ସଂସ୍କୃତିର ମହନୀୟ ବର୍ଣ୍ଣନାରେ ମୁଖରିତ ଥିଲେ ଏ ଯୁଗର ମହାନ୍ କବିମାନେ। ପୁଣ୍ୟାତ୍ମା ପୁଣ୍ୟଶ୍ଳୋକ ଗୋପବନ୍ଧୁ ଦାସଙ୍କ ପ୍ରତିଟି ରଚନାରେ ଜାତୀୟତା ସହିତ ଆଧାତ୍ମିକ ଚେତନା ଦେଖିବାକୁ ମିଳିଥାଏ। କେବଳ ତାହା ନୁହେଁ ଶ୍ରୀ ଜଗନ୍ନାଥ ଏ ଜାତିର ମଉଡ ମଣି ଓ ରାଷ୍ଟ୍ର ନେତା ରୂପେ ତାଙ୍କ ଦ୍ୱାରା ଗୃହୀତ। ତାଙ୍କ ଭାଷାରେ -

ଉତ୍କଳର ନେତା ନାହିଁ ପ୍ରୟୋଜନ
ଉତ୍କଳର ନେତା ସ୍ୱୟଂ ନାରାୟଣ।

ଗୋପବନ୍ଧୁ ନିଜ କାବ୍ୟ କବିତାରେ ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ ଚେତନାକୁ ଯେଉଁ ସ୍ତରକୁ ଉନ୍ନୀତ କରିବାକୁ ପ୍ରୟାସ କରିଛନ୍ତି, ତାହା ପରବର୍ତ୍ତୀ କାଳରେ ବହୁ କବିଙ୍କୁ ପ୍ରଲୁବ୍ଧ କରିଛି ସୃଷ୍ଟି କରିବା ପାଇଁ ଏ ଜାତୀୟ କବିତା।' ଜଗତ ସରସେ ଭାରତ କମଳ/ତା'ମଧେ କେଶର ପୁଣ୍ୟ ନୀଳାଚଳ। ଥିଲେ ଥାଇ ଯହିଁ ଭାରତ ବକ୍ଷରେ/ମଣିବି ମୁଁ ଅଛି ଆପଣା କକ୍ଷରେ। ମୋ ନେତ୍ରେ ଭାରତ ଶିଳା ଶିଳାଗ୍ରାମ/ପ୍ରତି ସ୍ଥଳ ମୋର ପ୍ରିୟ ପୁରୀଧାମ। ସକଳ ସଲୀଳ ପଞ୍ଚ ତୀର୍ଥ ଜଳ/ପ୍ରତି ଧର୍ମାଳୟ ମୋର ନୀଳାଚଳ।' ରୁ କବିଙ୍କ ଉତ୍କଳ ପ୍ରୀତି ଓ ପୁଣ୍ୟଧାମ ଶ୍ରୀକ୍ଷେତ୍ରର ବହୁବିଧ ଚିତ୍ର ମିଳିଥାଏ। ଗୋପବନ୍ଧୁଙ୍କୁ 'କାଞ୍ଚି ବିଜୟ' ଜନଶ୍ରୁତି ଗଭୀର ଆଲୋଡିତ କରିଥିଲା। ଉତ୍କଳର ମାନ ସମ୍ମାନ ଯଶ ଓ ପ୍ରତିଷ୍ଠା ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ଅତୁଳନୀୟ ଅବଦାନ କାଳ କାଳ ବ୍ୟାପି ସ୍ୱୀକାର କରାଯାଇ ଆସିଛି। ଦୀନବନ୍ଧୁ ଭକ୍ତ ବତ୍ସଳ ମହାପ୍ରଭୁ ଉତ୍କଳର ଓ ଉତ୍କଳୀୟଙ୍କର ସଦା ସର୍ବଦା ମଙ୍ଗଳ ବିଧାନ କରିଛନ୍ତି। ବଳରାମ ଦାସ ନିଜ କବିତାରେ ବର୍ଣ୍ଣନା କରିଛନ୍ତି –

ହୁଏ ମୋ ପ୍ରତୀତି ନୀଳାଚଳ ପତି

ଭକତ - ବନ୍ଧୁ ଠାକୁର
ଉତ୍କଳ କଲ୍ୟାଣେ ଯୁଦ୍ଧ ଅଭିଯାନେ
ଜିଣିଲେ ସେ କାଞ୍ଚିପୁର ।

ଦରଦୀ କବି ଗୋପବନ୍ଧୁ ଉତ୍କଳୀୟଙ୍କ ଦୁର୍ଦ୍ଦଶା ଓ ଉତ୍କଳର ଦୟନୀୟ ସ୍ଥିତି ଦେଖି ଅତ୍ୟନ୍ତ ମର୍ମାହତ ହୋଇ ପଡିଛନ୍ତି। ବ୍ୟଥିତ ହୋଇ କବି ଗାଇ ଉଠିଛନ୍ତି,'ଏବେ ନୀଳାଚଳେ ବିଜେ ଜଗନ୍ନାଥ /ତେବେ କହ କିମ୍ପା ଉତ୍କଳ ଅନାଥ ?' ଅତୀତ ଗୌରବ, ସ୍ପର୍ଦ୍ଧା, ସାହସ ଓ ସାମର୍ଥ୍ୟ ହରାଇ ବସିଥିବା ଉତ୍କଳୀୟଙ୍କ ଆଧୋଗତି ଦେଖି ଅଭିମାନରେ ପ୍ରଭୁଙ୍କୁ ନିବେଦନ କରିଛନ୍ତି-'ଉତ୍କଳ ବାସୀଙ୍କ ଦେଖି ଏ ଦୁର୍ଗତି / ଦାରୁଭୁତ ଏବେ ନୀଳାଚଳ ପତି।' ଶ୍ରୀମନ୍ଦିରରେ ସନ୍ଧ୍ୟା ଆରତୀ ଅବର୍ଣ୍ଣନୀୟ। ବେଢ଼ାର ନିଆରା ଅନୁଭବ ଓ ଆଧାତ୍ମିକ ପରିବେଶରେ ଭାବ ବିହ୍ୱଳିତ କବି ଲେଖିଛନ୍ତି-'ବାଜିବଣି ନୀଳାଚଳେ କେତେ ଘଣ୍ଟା କେତେ ତୂରୀ/ ଏ ସନ୍ଧ୍ୟା ଆରତୀ ବେଳେ ବେଢ଼ା ଉଠୁଥିବ ପୂରି। 'ବନ୍ଦୀର ଆତ୍ମକଥା'ରେ ମହାପ୍ରଭୁଙ୍କ ଉପରେ ଭରସା ବ୍ୟକ୍ତ କରି ନିବେଦନ କରିଛନ୍ତି- ରତ୍ନ ସିଂହାସନ ଛାଡି ଧର୍ମ ପ୍ରତିଷ୍ଠା କରିବା ପାଇଁ। 'କ୍ଷୀଣ ହେଲେ କେବେ ଧାର୍ମିକ ଶକତି / ଆସନ୍ତି ଓହ୍ଲାଇ ପ୍ରଭୁ ବିଶ୍ୱପତି। ନିତ୍ୟ ଧାମୁ ଛାଡି ରତ୍ନ ସିଂହାସନ/କରିବାକୁ ଧର୍ମ ପକ୍ଷ ସମର୍ଥନ।'

ଏ ସମୟର ଶାଣିତ ବ୍ୟକ୍ତିତ୍ୱ ସଂସ୍କାରକ ପଣ୍ଡିତ କବି ନୀଳକଣ୍ଠ ଦାସଙ୍କ ମତରେ,'ପ୍ରଭୁ ଶ୍ରୀ ଜଗନ୍ନାଥ ହେଉଛନ୍ତି ପୁରୁଷୋତ୍ତମ। ଜଗନ୍ନାଥ କହିଲେ ଜଗତର ପ୍ରଭୁ ବା ବିଗ୍ରହାନୁଗ୍ରହ ସମର୍ଥ ବିଭୂତିମନ୍ତ ବିଭୁ ନୁହନ୍ତି। ବରଂ ସେ ଜଗତ ରୂପକ ପୁରୁଷର ଉତ୍ତମ ବା ଶ୍ରେଷ୍ଠ ପୁରୁଷ। ସେହି ଜଗତ ସ୍ୱରୂପ ପୁରୁଷର ବା ପୁରୁଷୋତ୍ତମଙ୍କ ସୁଖ ଦୁଃଖରେ ନିଜେ ସୁଖୀ-ଦୁଃଖୀ ହୋଇ ପାରିଲେ, ଅର୍ଥାତ୍ ସମଗ୍ର ବିଶ୍ୱର ଅନୁଭବକୁ ସାମିଲ କରି ପାରିଲେ, ତାହା ହିଁ ହେବ ଜଗନ୍ନାଥଙ୍କର ଶ୍ରେଷ୍ଠ ଉପାସନା।' ପଣ୍ଡିତ ନୀଳକଣ୍ଠଙ୍କ ଚର୍ଚ୍ଚିତ 'କୋଣାର୍କେ' କାବ୍ୟରେ ମହାପ୍ରଭୁ ଜଗନ୍ନାଥ ଓ ଓଡ଼ିଶା ବାସୀ କିପରି ଯବନ ଅତ୍ୟାଚାର ସହ୍ୟ କରିଆସିଛନ୍ତି ତାହା ଅତ୍ୟନ୍ତ ମାର୍ମିକ ସ୍ୱରୂପ ଉପସ୍ଥାପିତ ହୋଇଛି। ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ ପ୍ରସଙ୍ଗରେ 'ରାମଚଣ୍ଡୀରେ ରାତି ଓ ସକାଳ'ରେ ମହାପ୍ରଭୁ ଉତ୍କଳର ସମ୍ମାନ ପାଇଁ ରଣକ୍ଷେତ୍ରରେ କିପରି ଆବିର୍ଭୂତ ହୋଇଛନ୍ତି, ତାର ବର୍ଣ୍ଣନା-'ଜଗନ୍ନାଥ ବିଜେ କରିବେ କଳା ତୁରଙ୍ଗ ଚଢ଼ି, ପଦ୍ମାବତୀ ଜିଣି ଆଣିବେ ନୃପ-କୁଳକେଶରୀ। 'ଓଡ଼ିଆ ସାହିତ୍ୟର ଜତୀୟବାଦୀ ଚିନ୍ତାଧାରାର ବରେଣ୍ୟ ସାଧକ ଗୋଦାବରୀଶ ମିଶ୍ରଙ୍କ କଳାପାହାଡ଼, ପଦ୍ମାବତୀ, ଆଲେଖିକା, ଗାଲମାଧବ ଆଦି ଗାଥା କବିତାରେ ଶ୍ରୀ ଜଗନ୍ନାଥଙ୍କ ମହିମାର ବିସ୍ତୃତ ଚିତ୍ର ବର୍ଣ୍ଣିତ ହୋଇଛି। ଗାଥା କବିତା କଳାପାହାଡ଼ ରେ ଗାଇ ଉଠିଛନ୍ତି –

ଜଗନ୍ନାଥ କାହିଁ ନୀଳାଚଳ ବିଜେ ମଣିଷ ହାତ ଦେଉଳେ
ପୂଜା ପାଉଛନ୍ତି ମଣିଷ ସିନା ଲୋ ଗଢିଛି ଆପଣା ହାତେ ।

ଶ୍ରୀ ଜଗନ୍ନାଥ ଧର୍ମ ସଂସ୍କୃତି ପରମ୍ପରାର ପ୍ରଚାରକ ମହାପ୍ରଭୁଙ୍କ ପରମ ଭକ୍ତ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ସହସ୍ରାଧିକ ଭଜନ, ଜଣାଣ, ଓଡ଼ିଶୀ ଓ ଛାନ୍ଦ ଭିତରେ କେଉଁଠି ନିଜକୁ ବିଭୁ ଚରଣାରବିନ୍ଦରେ ସମର୍ପଣ କରି ଦେଇଛନ୍ତି ତ କେଉଁଠି ନିଜର ଅସହ୍ୟ ବେଦନାକୁ ପ୍ରକାଶ କରିଛନ୍ତି। ଅସୁମାରୀ ଗୀତାବଳୀ ମଧ୍ଯରୁ କବିଚନ୍ଦ୍ରଙ୍କ ଶ୍ରୀ ଜଗନ୍ନାଥ ଭଜନ ଜଣାଣ ସ୍ୱତନ୍ତ୍ର ଭାବେ ବାରିହୋଇପଡେ। ଆବେଗ ଭରା କଣ୍ଠରେ ସେ ଗାଇ ଉଠିଛନ୍ତି –

' ହରି ! ଭରିଦେ ନୟନେ ନୀରଧାରା
ଝୁରି ହେଲି ନିଶି ଦିନ ସାରା ।'

କବିଚନ୍ଦ୍ରଙ୍କ ଚରଣ କମଳ ବନ୍ଦେ, ନୀଳ ମାଧବ ତୁମେ ପରା ଜଗତ ନାଥ, ବିଘ୍ନ ନାଶକ ହେ ଗଜାନନ, ଲୋକେ କହୁଆନ୍ତି ଦୟାନିଧି ତୁମେ,ଜଗବନ୍ଧୁ ହେ ବନ୍ଧୁ ଯଦୁ ନନ୍ଦନ, ବଡ ଦେଉଳେ ବଡ ଦିଅଁ କାହିଁକି? ଚକାଡୋଳା!, ଚକା ନୟନକୁ ଚାହିଁ ଗରିବ ଜଣେ ଆଦି ଅସଂଖ୍ୟ କବିତା ଲୋକପ୍ରିୟତାର ଶୀର୍ଷରେ। ଆବାଲ୍ୟରୁ ଶ୍ରୀ ଜଗନ୍ନାଥଙ୍କ ପ୍ରତି ଗଭୀର ଅନୁରକ୍ତ କବି ମହାପ୍ରଭୁଙ୍କ ସେବାକୁ ଜୀବନର ଚରମ ସାର୍ଥକତା ବୋଲି ମନେକରିଛନ୍ତି। ଆବେଗ ଭରା ଭାଷାରେ ଲେଖିଛନ୍ତି –

' ଲୋକେ କହୁଆନ୍ତି ଦୟାନିଧି ତୁମେ
ମୋହରି ପାଇଁକି ପଥର ହେଲ,
ସବୁ ଦେଖ ସବୁ ଶୁଣ ବୋଲି ଶୁଣେ
ମୋହରି ପାଇଁକି ସବୁ ମୁଦିଲ ?
ମୁହଁ ଖୋଲି ଦେଲେ, ଦେବିଟି ତୁମର
ମହତ ବିକଡା କରି,
ବଡ ଲୋକ ବୋଲି କେତେ ବା ସହିବି
ଅଛି ତ ସୀମା ସବୁରି।'

ବ୍ରହ୍ମ ରୂପୀ ଶ୍ରୀ ଜଗନ୍ନାଥଙ୍କୁ ଦୟାନିଧି,ଦୀନବନ୍ଧୁ, ଦୁଃଖହରା, ମଧୁସୂଦନ, ପତିତ ପାବନ, କ୍ଷମା ସାଗର ଏବଂ ଶରଣ ରକ୍ଷଣ

ବାନା ଆଦି ବିଭିନ୍ନ ନାମରେ ସମ୍ବୋଧନ କରି ରାଶି ରାଶି କବିତା ମାଧ୍ୟମରେ ସେ ନିଜ ଭକ୍ତି ଓ ସମର୍ପଣ ଭାବ ବ୍ୟକ୍ତ କରିଛନ୍ତି। ବଡ଼ ଦିଅଁ ଜଣାଣରେ କୃଷ୍ଣ ଲୀଳା ବର୍ଣ୍ଣନା କରିଛନ୍ତି- 'ସୁଖର ସାଥୀ ପରା ତୁମେ ମୁରଲୀ ଧରା/ ରାଧା ମରିଛି ଗୁଣ ଗାଇକି।' ନୀଳ ମାଧବ ଜଣାଣରେ ଗାଇଛନ୍ତି-'ମନେ ପଡୁଛି କି ନାହିଁ ଗୋପରେ ଥରେ/ରାଧାକୁ ବସାଇ ଥିଲ ବ୍ରଜ-ପଥରେ। ତୁମ ପ୍ରେମରେ ଭୁଲି ମତି ଢାଳିଲା ବୋଲି / ଝୁରି ମଲା ସେ ସିନା ନୁହେଁ କି ସତ।' ରଥଯାତ୍ରାର ପହଣ୍ଡି ଦେଖି କବି ବର୍ଣ୍ଣନା କରିଛନ୍ତି –

' ଛେଚା କଚା ଖାଇ, ପହଣ୍ଡି କୁ ବିଜେ, ପେଟରେ ଦଉଡ଼ି ବନ୍ଧା,
ନିଜେ ବୁଝୁ ଏବେ, ଲୋକଙ୍କୁ ସନ୍ତେଇ, କି ସୁଖ ସେ ଠେଲା ପେଲା।
ରତନ ବେଦିରେ,ଛପନ ଭୋଗରେ, ଛତିଶା - ନିଯୋଗ ଖଟେ,
ଖରା ବରଷାର, ମଉଜ ସମ୍ଭାଳ, (ବଡ) ଦେଉଳ ପଡ଼ିଛି ମେଲା।'

ନିରଳସ ଓ ନିରାଡମ୍ବର ଜୀବନ ଶୈଳୀକୁ ଆପଣେଇ ନେଇଥିବା ଦରଦୀ କବି କାଳୀଚରଣ ମହାପ୍ରଭୁ ଜଗନ୍ନାଥଙ୍କ ଠାରେ ପ୍ରଣତି ବାଢ଼ି ନିଜ ରଚନା ଆରମ୍ଭ କରନ୍ତି। ବହୁ ଚର୍ଚ୍ଚିତ ନାଟକ 'ଅଭିଯାନ' ରେ ଶ୍ରୀ ଜଗନ୍ନାଥଙ୍କୁ ଜାତୀୟତାର ପ୍ରତୀକ ରୂପେ କାଳୀଚରଣ ଗ୍ରହଣ କରିଛନ୍ତି। ନାଟକର ପ୍ରଥମ ଅଙ୍କ ପ୍ରଥମ ଦୃଶ୍ୟରେ ଉତ୍କଳଦୂତ କାଞ୍ଚି ରାଜାଙ୍କୁ କହିଛନ୍ତି-'ଛାମୁ କାହାକୁ କହୁଛନ୍ତି ଚଣ୍ଡାଳ? ତ୍ରିଲୋକପାଳକ ବିଷ୍ଣୁ, ନୀଳକନ୍ଦର ପତି, ଜଗତପିତା ଜଗନ୍ନାଥ-ତାଙ୍କର ସେବା, ସେ ଅଧିକାର ସେ ମହତ୍ତ୍ୱ ଦେବ ଦୁର୍ଲ୍ଲଭ। ଏଥିପାଇଁ ଖାଲି ଚଣ୍ଡାଳ କାହିଁକି ? ଯଦି ତା ଠାରୁ ହୀନ ମଧ ବୋଲନ୍ତି, ତଥାପି ପ୍ରଭୁ ମୋର ହିନ୍ଦୁ ଜଗତର ଆରାଧ, ପୂଜ୍ୟ। ଜଗନ୍ନାଥଙ୍କର ଚଳନ୍ତି ପ୍ରତିମା ସେ। ନିନ୍ଦା କରି ଅପରାଧ ଅର୍ଜନ କରନ୍ତୁ ନାହିଁ ମଣିମା। ଏ ନିନ୍ଦା କେବଳ ମୋ ପ୍ରଭୁଙ୍କର ନୁହେଁ, ପତିତ ପାବନ ଜଗନ୍ନାଥଙ୍କର।' କବିଙ୍କ ଭକ୍ତି, ଜାତୀୟତା ଭାବ, ସମର୍ପଣ ଓ କବିତା ନିମନ୍ତେ 'କବିଚନ୍ଦ୍ର' ଉପାଧିରେ କାଳୀଚରଣଙ୍କୁ ଭୂଷିତ କରିଥିଲେ ଠାକୁର ରାଜା ।

'ବନ୍ଦେ ଉତ୍କଳ ଜନନୀ' ର ଅଦ୍ୱିତୀୟ ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚନାରେ ଭକ୍ତି ଓ ଦେଶଭକ୍ତିର ଏକ ମନୋରମ ସମନ୍ୱୟ, ତାଙ୍କୁ ଅନ୍ୟଠୁ ନିଆରା ଭାବେ ଚିହ୍ନାଇ ଦିଏ। 'ସବୁଥିରୁ ବଞ୍ଚିତ କରି' ଓ 'ଦେ ମୋତେ ବାୟା କରି ' ଦୁଇଟି ଜନପ୍ରିୟ ସଙ୍ଗୀତ ତାଙ୍କୁ ପ୍ରଚୁର ସିଦ୍ଧି ଆଣିଦେଇଥିଲା ସମଗ୍ର ଭାରତ ବର୍ଷରେ। ପ୍ରାକ୍ ସ୍ୱାଧୀନତା କାଳରେ ଗାନ୍ଧିଜୀଙ୍କ 'ଆଶ୍ରମ ଭଜନ' ରେ ଓଡ଼ିଆ ଭାଷାର କାନ୍ତକବିଙ୍କ 'ସବୁଥିରୁ ବଞ୍ଚିତ କରି' ସଙ୍ଗୀତଟି କେବଳ ସ୍ଥାନ ପାଇଥିଲା। ଶ୍ରୀ ଜଗନ୍ନାଥ ଚେତନାର ଭକ୍ତି ଓ ଦେଶଭକ୍ତିର ଏକ ନୂତନ ପରିଭାଷା ପରିଦୃଷ୍ଟ ହୁଏ କାନ୍ତକବିଙ୍କ ସର୍ଜନାରେ –

ସେ କାଳ ଉତ୍କଳଗୌରବ ଭାସ୍କର,
ଗଜପତି - ଗୌଡେଶ୍ୱର - ବଂଶଧର ।
ତୋ' ର ତହିଁ ସ୍ୱାଧୀନତା - ବୈଜୟନ୍ତୀ,
ଉଡ଼ାଇ ରଖିଲେ ଅପୂର୍ବ କୀରତି।
ସହସ୍ର ସହସ୍ର ତୀର୍ଥ ଯାତ୍ରୀଗଣ,
'ଜୟ ଜଗନ୍ନାଥ' କରି ଉଚ୍ଚାରଣ।
ଶତ ବାଧାବିଘ୍ନ କରି ଅବହେଳା,
ଜଗନ୍ନାଥ ସ୍ୱାମୀ ନାମେ ବାନ୍ଧି ଭେଳା।

ଲକ୍ଷ୍ମୀକାନ୍ତଙ୍କ ଜଗନ୍ନାଥ,ପତିତ ପାବନ ଜଣାଣ,ଧର୍ମ ସଙ୍ଗୀତ, ଆଦି ପୁସ୍ତକରେ ମହାପ୍ରଭୁଙ୍କ ନିକଟରେ କରୁଣା ଭିକ୍ଷା କରିବା ସହିତ ଅଭିମାନ କରି ବିପ୍ଳବୀ ରୂପେ ଉତ୍ତେଜିତ ହୋଇ ଲେଖିଛନ୍ତି-'ଜହର ନଦେଲ କିଆଁ ଜନନୀ ଜଠରେ/ ଜାତ କଲ ଏହି ହେତୁ କିମ୍ବା ଜଗତରେ। ପ୍ରଭୁ ହେ ଜୀବନଟା ଯାକ/ଜଳି ଜାଳି କୋହ ଦହ ହେବାକୁ ବିବାକ !' ପ୍ରାକ୍ ସ୍ୱାଧୀନତା ସମୟରେ ଜଗନ୍ନାଥ ମନ୍ଦିର ଏବଂ ଜଗନ୍ନାଥ ଧାମକୁ ଆଧାର କରି ରଚନା କରିଥିବା ଅଦ୍ୱିତୀୟ ନାଟକ 'ଲକ୍ଷ୍ମୀ ଚଣ୍ଡାଳୁଣୀ' ରେ ଜଗନ୍ନାଥ ଚେତନାର ସ୍ୱର୍ଶ ପ୍ରତିଟି ପଙ୍କ୍ତିରେ ଅନୁଭବ କରି ହୁଏ। ନାଟକର ଅନ୍ତିମ ଦୃଶ୍ୟରେ ପତିତ ପାବନ ନାମର ସାର୍ଥକତା ମହାରାଜାଙ୍କ ସଂଳାପରେ ପ୍ରତିଫଳିତ ହୋଇଛି-

' ପ୍ରଜାବୃନ୍ଦ,
ପାତ୍ରମନ୍ତ୍ରୀ ଗଣ,
ସେବକ,ମହନ୍ତ ଆଉ ଦେଉଳ କରଣ,
କର ସର୍ବେ ଅବଧାନ,
କାଲି ରାତ୍ରେ ପ୍ରଭୁଙ୍କର ହେଲା ସ୍ୱପ୍ନାଦେଶ
ନ ରହିବ ଉଚ୍ଚନୀଚ ଜାତି ଭେଦ ଲେଶ -
ଆଜିଠାରୁ ଶ୍ରୀ ମନ୍ଦିର ମୋର।
ବ୍ରାହ୍ମଣ ଚଣ୍ଡାଳ ଆଦି ଛତିଶ ଫାଟକେ -
ଯେତେ ନରନାରୀ,
ମନ୍ଦିର ପ୍ରବେଶେ ହେବେ ସମ ଅଧିକାରୀ।
ସାମ୍ୟବାଦ ମହାଧର୍ମ୍ମ ମହିମା ପ୍ରଚାରି
ପତିତପାବନ ବାନା ଉଡ଼ିବ ଗୌରବେ ।'

ମାନବବାଦ ଓ ବସ୍ତୁବାଦର ଜୟଗାନ କରୁଥିବା ଓଡ଼ିଆ କବି

ନିଜର ପରମ ଆତ୍ମୀୟ ବ୍ରହ୍ମାଣ୍ଡ ଠାକୁରଙ୍କୁ କୌଣସି ସମୟରେ ପାଶୋରି ଯାଇନାହାନ୍ତି। କଳ୍ପନାର କଳ୍ପଲୋକରେ ବିଚରଣ କରିଥିବା ସବୁଜ ଯୁଗର କବିଗଣ ନିଜ ସୃଷ୍ଟିରେ ନୂଆ ପ୍ରୟୋଗ କରିଥିଲେ ସୁଦ୍ଧା ଏ ମାଟିର ବାସ୍ନା ଓ ଚିନ୍ତନ କେଉଁଠି ନା କେଉଁଠି ପ୍ରକାଶିତ ହୋଇଛି। ପ୍ରଭୁଙ୍କ ନିକଟରେ ବିଶ୍ୱାସ ଓ ପୁରୀ ମନ୍ଦିରର କଳା ନୈପୁଣ୍ୟକୁ ଉଲ୍ଲେଖ କରିବାକୁ ଯାଇ କବି କାଳିନ୍ଦୀ ଚରଣ ପାଣିଗ୍ରାହୀ ବର୍ଣ୍ଣନା କରିଛନ୍ତି - 'ତଥାପି ନମଇଁ ତୋରେ ହେ ନିର୍ଜୀବ କର୍କଶ ପାଷାଣ/ଘନୀଭୂତ ଏଥି ଯେଣୁ କେତେ ପୁଣ୍ୟ ଶିଳ୍ପୀର ପରାଣ।'

ପୁଣ୍ୟ ଉତ୍କଳଜନନୀ ଓ ଆରାଧ ଦେବତାଙ୍କ ଆବାହନରେ କବି ରାଧାମୋହନ ଗଡ଼ନାୟକ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଯାଇଛନ୍ତି। ଯେଉଁ ମାଟିରେ ଅମୃତର ଧାରା ତୁଲ୍ୟ ମହାନଦୀ ପ୍ରବାହିତ, ଯାହାର ଚରଣ ଧୋଇଦେଉଛି ମହୋଦଧି ଏବଂ ନିଶ୍ଚଳ ନିର୍ବିକାର ଭାବେ ପ୍ରାଚୀର ସଦୃଶ ମୁକୁଟ ମଣ୍ଡିତ ମେଘାସନ ଦଣ୍ଡାୟମାନ ସେଠାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ତ୍ରାଣକର୍ତ୍ତା ରୂପେ ବିରାଜିତ। କବିଙ୍କ ଭାଷାରେ –

ଯେ ଦେଶର ପ୍ରଭୁ ଜଗନ୍ନାଥ
ନଦୀ ଯାର ମହାନଦୀ
ଶୈଳ ଯା ମହାଇନ୍ଦ୍ର ମେଘାସନ
ପାଦ ଧୁଏ ମହୋଦଧି।

ପୌରାଣିକ ଆଖ୍ୟାନ ଓ କିମ୍ବଦନ୍ତୀକୁ ଆଧାର କରି କବି ଗଡ଼ନାୟକ 'ଦାରୁ ଦେବତା' ଗାଥା କବିତାରେ ବାଙ୍କୀ ମୁହାଣରେ ଦାରୁ ଦେବତାଙ୍କୁ ଉଠାଇବା ପ୍ରସଙ୍ଗରେ ଅସ୍ପୃଶ୍ୟ କିପରି ମହାଦାରୁଙ୍କୁ ଉଠାଇ ପାରିବେ ତାହା ବର୍ଣ୍ଣନା କରିଛନ୍ତି - 'ତୁମର ସମାଜେ ଅଜାତି ଯେ ଜନ/ସେମାନେ ମୋର ମମତା- ଭାଜନ, ସେମାନେ କରିଲେ ସ୍ପର୍ଶ/ ସେମାନେ ଧଇଲେ ମୁଁ ପରା ହେଉଥିବି ତହିଁ ମୋ ଅତୁଳ ହର୍ଷ।' ଅଭିମାନ ସମର୍ପଣ ପ୍ରେମ ଓ ଶ୍ରଦ୍ଧାରେ ବନ୍ଧା ଚକାଡୋଳା ହିଁ ଦାତା କର୍ତ୍ତା ମୁକ୍ତି ବିଧାତା। ପ୍ରାପ୍ତି ଅପ୍ରାପ୍ତି ସବୁ ତାଙ୍କ ଠାରୁ ଆରମ୍ଭ ଓ ତାଙ୍କ ନିକଟରେ ହିଁ ଶେଷ। ଜୟ ଜଗଦୀଶ ହରେ କବିତାରେ ନିବେଦନ କରିଛନ୍ତି -'ବଡ ଦେଉଳର ହେ ଦାରୁ ଦେବତା, ଜାଣ ଆମ ଅଭିମାନ/ତୁମରି ଚରଣେ ସଅଁପି ଦେଉଚୁ, ଦେଇ ଥିଲ ଯେଉଁ ଦାନ।'

ପ୍ରାକ୍ ସ୍ୱାଧୀନତା କାଳରେ ଓଡ଼ିଆ ସାହିତ୍ୟରେ ଯେଉଁ ସାମ୍ୟବାଦୀ ଚେତନାର ସ୍ୱର ଅନୁରଣିତ ହେଉଥିଲା ସେଥିରେ ମହାପ୍ରଭୁ ସ୍ୱୟଂ ଲକ୍ଷ୍ମୀଙ୍କୁ ଶ୍ରୀ ମନ୍ଦିରକୁ ଫେରାଇ ଆଣିବାକୁ କହିଛନ୍ତି –

ଏଣିକି ଆମ ଦେଉଳ ଜାଣ
ସଭିଏଁ ହେବେ ଏକଇ ପ୍ରାଣ
ଦେଉଳେ ଥିଲା ଯେ ଭେଦାଭେଦ ଏଥର ହେଲା ରଦ୍ଦ
ଚଣ୍ଡାଳ ହାତୁ ଦ୍ୱିଜ ଖାଇବେ ମହାରଦ।

ସମାନତା ବାସ୍ତବତା ଶ୍ରେଣୀହୀନ ସମାଜ ନିର୍ମାଣ ନିମନ୍ତେ ଜୀବନ ବ୍ୟାପୀ ସାହିତ୍ୟ ରଚନା କରୁଥିବା ବିପ୍ଳବୀ କବିଙ୍କ ହୃଦୟରେ ସୁଦ୍ଧା ଶ୍ରୀଜଗନ୍ନାଥ ଚେତନା ଗଭୀରତମ ପ୍ରଦେଶରେ ଅବସ୍ଥାନ କରିଛି। ଆଧୁନିକତାର ଦ୍ୱାହି ଦେଇ ପ୍ରଗତିବାଦୀ ବା ମାର୍କସବାଦୀ କବିଗଣ ନିଜକୁ ନାସ୍ତିକ ବୋଲି କହୁଥିଲେ ମଧ ଆସ୍ଥା ଓ ବିଶ୍ୱାସରେ ବନ୍ଧା ଈଶ୍ୱରଙ୍କୁ ପରୋକ୍ଷରେ ସ୍ୱୀକାର କରିଥିବାର ପରିଦୃଷ୍ଟ ହୁଏ। ଧର୍ମକୁ ଅଫିମ କହୁଥିବା ଏ ସମୟର ଅନ୍ୟତମ ବାର୍ତ୍ତାବହ ବରେଣ୍ୟ କବି ସଚ୍ଚି ରାଉତରାୟ ଜୀବନ ଯନ୍ତ୍ରଣାରେ କ୍ଷତାକ୍ତ ହୋଇ ସମସ୍ତ ଧୈର୍ଯ୍ୟ ଭାଙ୍ଗିଗଲା ପରେ ଶ୍ରୀଜଗନ୍ନାଥଙ୍କ ଆଶ୍ରିତ ହୋଇ ଲେଖିଛନ୍ତି-

ତୁମେ ମୋତେ ଶାନ୍ତି ଦିଅ, ଦିଅ ନିଦ୍ରା
ଟାଣି ନିଅ ତୁମ ମାୟା ତମ୍ବୁ
ତୁମେ ପରା ଆହେ ବଉଧ ମୂରତି
ବସିଚ ଆରାମେ ଧର୍ମ କୀରତି
ତୁମେ ପରା ଚିର ଶାନ୍ତି ପ୍ରତୀତି
ନୀଳଚକ୍ରରେ ବନ୍ଧିଛ ବାନାଟି ଲିଭାଇବ ନିଆଁ କିଏ ହେ ?
କହ ମହାପ୍ରଭୁ କହ ହେ .....

ଏକ ବିଚିତ୍ର ଅବବୋଧ ଭିତରେ ଥିଲା ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଶାର ସାମାଜିକ ରାଜନୈତିକ ଓ ଅର୍ଥନୈତିକ ସ୍ଥିତି। ନିରାଶା ଅଶାନ୍ତି ଏବଂ ଯନ୍ତ୍ରଣା ଭିତରେ ମଣିଷ ଖୋଜୁଥିଲା ସୂର୍ଯ୍ୟାଲୋକ। ଶାନ୍ତି ଓ ମୁକ୍ତିର ସନ୍ଧାନରେ କବି ଅଚିନ୍ତ୍ୟ ପୁରୁଷ ସତଚିତ୍ ଆନନ୍ଦର ଆଶ୍ରୟ ଲୋଡିଥିଲା। ଆଶା ନିରାଶା ହର୍ଷ ବିଷାଦ ପୁଲକ ବିସ୍ମୟ ଭିତରେ ସର୍ବକାଳୀନ ସତ୍ୟର ସନ୍ଧାନରେ ଯାଇ ଶ୍ରୀ ଜଗନ୍ନାଥଙ୍କ ଆଶ୍ରୟ ଚାହୁଁଥିଲା। ତେଣୁ ନିଜ କବିତାରେ ସତେଜ ରୂପାୟିତ ହୋଇଛି ଜୀବନର ସମସ୍ତ ଝଡଝଞ୍ଜା ଘାତ ପ୍ରତିଘାତ ସୁଖ ଦୁଃଖ ଏବଂ ମହାପ୍ରଭୁଙ୍କ ପଦାରବିନ୍ଦରେ ସମର୍ପଣ ଭାବନା। ଯନ୍ତ୍ରଣା ଜର୍ଜରିତ କବି ଅନନ୍ତ ପଟ୍ଟନାୟକ 'ନିଜେ ବନ୍ଦନା ନିଜେ ପଢେ' କବିତାରେ

ବର୍ଣ୍ଣନା କରିଛନ୍ତି -

ମୁଁ କିରେ ଖୋଲୁନି ମର୍ମର ଖଣି ?
ମରୁ ଖର୍ଜୁରେ ଫୁଲ - ଫଲଗୁ ଧାରା, ମୁଁ କିରେ ବୁଝୁନି
ଜଗନ୍ନାଥ ବୀଜ ଓଁକାରେ
ଜାରା ଜୀବନରେ କେତେ ଝୁମୁରର ଜ୍ୱାଳା ।

ପରିବର୍ତ୍ତିତ ସମାଜର ଚିତ୍ରପଟରେ ମହାପ୍ରଭୁ ଶ୍ରଜଗନ୍ନାଥ ଏକ ଶାଶ୍ୱତ ସତ୍ୟ ରୂପେ ଉଦ୍ଭାସିତ ହୋଇ ମଣିଷ ଜୀବନଶୈଳୀ ସହିତ ଜଡିତ ହୋଇ ପଡ଼ିଥିଲେ। ପଥ ପ୍ରଦର୍ଶନ କରିଛନ୍ତି ପ୍ରତିଟି ସୁଖ ଦୁଃଖ ଆଶା ନିରାଶାର ସାଥୀ ହୋଇ । ଓଡିଆ ଜନ ଜୀବନର ଆଧୁନିକ ଯାତ୍ରା ପଥରେ ତାଙ୍କର ଉପସ୍ଥିତି ଏ ଜାତି ପାଇଁ ଏକ ବିସ୍ମୟ । ଆଧୁନିକ କବିଙ୍କ ସାରସ୍ୱତ ସାଧନା ସେଇ ଅଚିନ୍ତ୍ୟ ବ୍ରହ୍ମ ସ୍ୱରୂପ ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକଙ୍କ ଠାରେ କେନ୍ଦ୍ରୀଭୂତ ହୋଇ ଆମ ସାହିତ୍ୟକୁ ଋଦ୍ଧିମନ୍ତ କରିଛି । ନିଜର ଅଖଣ୍ଡ ବିଶ୍ୱାସ ଓ ସମର୍ପଣ ଭାବନାରେ ଓଡ଼ିଆ କବି ନିଜ ଲେଖନୀର ଜଗନ୍ନାଥ ଚେତନାକୁ ବର୍ଣ୍ଣ ବିଭାରେ ବିଭୂଷିତ କରିବାରେ ସମର୍ଥ ହୋଇ ପାରିଛି। ମହାପ୍ରଭୁଙ୍କ ଲୀଳାଭୂମି ନୀଳାଚଳ ଧାମ ଶ୍ରୀକ୍ଷେତ୍ରର ପ୍ରତିଟି ଧୂଳିକଣା ପବିତ୍ର । ସୁଯୋଗ ମିଳିଲେ ଏଠାରେ ବସବାସ କରି ଆନନ୍ଦ ଓ ଶାନ୍ତିମୟ ଜୀବନ ଅତିବାହିତ କରିବାକୁ କାହାର ବା ଇଛା ନଥାଏ ! ଶତାୟୁ ହେବାର ବାସନା ଓ ପ୍ରଭୁଙ୍କ ସନ୍ନିଦ୍ଧ୍ୟ ନିତି ପ୍ରତିଦିନ ପାଇବା ପାଇଁ କବି ଶରତ ପ୍ରଧାନ ଲେଖିଛନ୍ତି –

ବାପା ମୋର କହୁଥିଲେ
ଶ୍ରୀକ୍ଷେତ୍ରରେ ମିଳେ ଯଦି ବାସ
ମଣିଷ ବି ବଞ୍ଚିପାରେ
ବିଶା ଶହେ ବର୍ଷ ।

ଜଟିଳ ଜୀବନ ଯାତ୍ରା, ଆଶଙ୍କା ବିଜଡ଼ିତ ଆସନ୍ତା କାଲି, ଦୁର୍ବୋଧ ସମ୍ପର୍କ ଏବଂ ନାନାଦି ସମସ୍ୟା ସହିତ ଆଜିର ମଣିଷ ଯଥାର୍ଥ ରାସ୍ତାର ସନ୍ଧାନ ପାଉନାହିଁ। ନିଜର ଦୈନ୍ୟତା ଅସହାୟ ଜୀବନରୁ ମୁକ୍ତି ପାଇବା ପାଇଁ ଲୋଡୁଛି ବିଭୁ କୃପା । କବି ପ୍ରସନ୍ନ ପାଟଶାଣୀଙ୍କ ଭାଷାରେ -'ଜଗନ୍ନାଥଙ୍କ ଆଖିରେ ଟୋପାଏ ଲୋତକ/ସେହିଠାରେ ପୋତି ହେଉ ତୋ ଲୁହ ମୋ ଲୁହ । ଓ ଭଲ ପାଇବାର ଅନନ୍ତ ତିଳୋଦକ ।' ଶ୍ରୀ ଜଗନ୍ନାଥଙ୍କ ଦୁର୍ଲ୍ଲଭ ଦର୍ଶନ ଓ କୃପା ସହଜରେ ପ୍ରାପ୍ତ ହୋଇ ନ ଥାଏ। ତାଙ୍କର ବିନା ନିର୍ଦ୍ଦେଶରେ ପତ୍ରଟିଏ ସୁଦ୍ଧା ହଲେନାହିଁ। ଇଛାମୟ ପ୍ରଭୁଙ୍କର ଅଦୃଶ୍ୟ ଇଙ୍ଗିତ ଓ ଆଶୀର୍ବାଦ ନିମନ୍ତେ କାଳ କାଳ ଅପେକ୍ଷା କରିଥାଏ ଭକ୍ତଟିଏ ।ଭକ୍ତ ଓ ଭଗବାନର ଏ ବନ୍ଧନ ତଥା ନିର୍ଦ୍ଦେଶକୁ ଲକ୍ଷ୍ୟ କରି କବି ନୃସିଂହ ତ୍ରିପାଠୀ ଲେଖିଛନ୍ତି-

ସିଏ ନ ଡାକିଲେ/ ଫିଟେ କି କରମ
ଯିବା ପାଇଁ ପୁରସ୍ତମ/ କରମ ଫିଟିଲେ ଜୁଟେ
ନିରୁତା ମନରେ ଭଲ ପାଇବା ବିଧାନ ।

ପ୍ରଭୁଙ୍କ ଭିତରେ ସେ ମହାପ୍ରଭୁ । ସାମନ୍ତ ମାନଙ୍କ ମଧ୍ୟରେ ବଡ଼ ସାମନ୍ତ, ମାଧୁର୍ଯ୍ୟ ମଧ୍ୟରେ ମଧୁରତମ, ଯଦୁନନ୍ଦନ ଜଗବନ୍ଧୁ, ବିଶ୍ୱ ବ୍ରହ୍ମାଣ୍ଡର ସୁନ୍ଦର ମାନଙ୍କ ମଧ୍ୟରେ ସୁନ୍ଦରତମ । ତାଙ୍କର ଅଲୌକିକ ଶୋଭା ବିଗଳିତ କରେ ଭକ୍ତର ପ୍ରାଣକୁ। ଅସହାୟର ଏକ ମାତ୍ର ଅବଲମ୍ବନ, ପ୍ରଭୁଙ୍କ ଆଶୀର୍ବାଦ ନିମନ୍ତେ ବ୍ୟାକୁଳ ହୋଇଉଠେ ଭକ୍ତର ହୃଦୟ। ଖୋଜିବୁଲେ ନିଜର ଆରାଧ ଦେବତାଙ୍କୁ ମନରେ, ପ୍ରାଣରେ, ହୃଦୟରେ ଓ ଶ୍ରୀକ୍ଷେତ୍ରର ଗଳିକନ୍ଦିରେ। ନିଜ ଅଭିମାନୀ ହୃଦୟକୁ ଖୋଲି ଦେବାକୁ ଯାଇ କବି ବିପିନ ନାୟକ ଲେଖିଛନ୍ତି-'ବନ୍ଦ କରନା, ଖୋଲ, ଶୀଘ୍ର ଖୋଲ/ଦେଖ କେମିତି ମୁଁ ହେଲିଣି ଅଥୟ/ହେଲିଣି ଉଛାଟ/ ତୁମେ ଯଦି ଡେରି କର, ଖୋଲିବାକୁ/କରୁଣାର କଠୋର କବାଟ/ମୁଁ ଚାଲିଲି, ସମୁଦ୍ର କି ସ୍ୱର୍ଗଦ୍ୱାର /ନର୍କ କି ନୋଳିଆ ବସ୍ତି କି/ ମୋର ଆଉ ଲୋଡାନାହିଁ/ଗହନ ଗହନ ମିଛ କଳ୍ପବଟ ।' ପ୍ରଗଲ୍ଭ କବି ଯେତେବେଳେ ମୁଗ୍ଧ ଚିତ୍ତରେ ଆପଣାର ଠାକୁରଙ୍କୁ ଦେଖେ, ନୈବେଦ୍ୟ ସହ କୃତଜ୍ଞ ହୋଇ ଉଠେ ମହାପ୍ରଭୁଙ୍କ ଅଯାଚିତ ଦାନରେ । ଭକ୍ତର ମନୋବାଞ୍ଛା ଜାଣି କାଳିଆ ସାଆନ୍ତ କେବଳ ପୂର୍ଣ୍ଣ କରିନ୍ତି ନାହିଁ ଅଭାବ ଅସୁବିଧା,ସୁଖ ଶାନ୍ତି ଓ ଆନନ୍ଦରେ ଚାରିପାଖ ହିଲ୍ଲୋଳିତ କରି ଦିଅନ୍ତି। ନିଜର ଅନ୍ତରର କଥା ପ୍ରକାଶ କରିବାକୁ ଯାଇ କବି ସୁରେନ୍ଦ୍ର ନାଥ ଶତପଥୀ ଲେଖିଛନ୍ତି- ହେ ପ୍ରଭୁ/ତୁମକୁ ମୁଁ ମାଗିଥିଲି/ଉଦାସିଆ ଅଶିଣର/ କାଶତଣ୍ଡୀ ଫୁଲରୁ/ଟେନାଏ ମାତ୍ର ହସ/ଖାଲି ଟେନାଏ ମାତ୍ର ହସ। ତୁମେ କିନ୍ତୁ ଆଣିଦେଲ/ ମୋହ ଲାଗି/ଶରତ ପୁନିଅର ଚାନ୍ଦିନୀ ଚହଟ;/ଏବଂ ସେହି ଜୁଆରରେ/ଶୁଭ୍ର ଚାମରର ସମ/ପୁଷ୍ପେ ଉଛକିତ କରି/ନଦୀ ପଠା ପାଟ;/ଭସାଇଲ ମୋତେ, /କରିଦେଲ ବିମୁଗ୍ଧ ପାଗଳ!'

ଜଗଦୀଶ୍ୱର ପୁରୁଷୋତ୍ତମଙ୍କ ଆବିର୍ଭାବ ଓ ଲୀଳାର ଅପୂର୍ବ ଗାଥା କାଳ କାଳ ବ୍ୟାପୀ ଜନ ମାନସକୁ ଅଭିମନ୍ତ୍ରିତ କରି ରଖିଛି। ଧରିତ୍ରୀରେ ମାନବୀୟ ଲୀଳା ଓ ଘଟ ପରିବର୍ତ୍ତନ ସହିତ ଭାସମାନ ଦାରୁଦେବତାଙ୍କ ଆବିର୍ଭାବର ଅଲୌକିକ ବର୍ଣ୍ଣନା ଦେବାକୁ ଯାଇ କବି ହରିହର ମିଶ୍ର ଲେଖିଛନ୍ତି –

ଜଳୁଛି ବୃକ୍ଷ ପୁରୁଷ ଭାସୁଛି ଭାସୁଛି
କାନ୍ଦୁଛି କାନ୍ଦୁଛି ମୁଁ ହସୁଛି ହସୁଛି ।

ନିବେଦନ ଓ ଅଭିମାନ ଭକ୍ତ ଭଗବାନଙ୍କ ସଂପର୍କକୁ କରେ ନିବିଡ । ପ୍ରାଚୀନ କାଳରୁ କେତେ ସନ୍ଥ ମୁନି କବି ରାଜା ନିଜର ଭକ୍ତି ଅର୍ଘ୍ୟ ପ୍ରଦାନ କଲାବେଳେ ବିହ୍ୱଳିତ ହୋଇ ପଡିଛନ୍ତି ତାର ଇୟତ୍ତା ନାହିଁ । ସଞ୍ଚିତ ବେଦନା ବିଧୁର ପ୍ରାଣକୁ ଆପଣାର ଠାକୁର ନିକଟରେ ଖୋଲିଦେଇ ପରମ ଶାନ୍ତି ଲାଭ କରିଛନ୍ତି ଆତ୍ମତୃପ୍ତିରେ । ସେଇ ପରମ କରୁଣିକଙ୍କ ସମ୍ପର୍କରେ କବୟିତ୍ରୀ ବ୍ରହ୍ମୋତ୍ରୀ ମହାନ୍ତି ଲେଖିଛନ୍ତି-'ମଣିମାଙ୍କର ଆଲିଙ୍ଗନ ମଧରେ/ଅଭିମାନୀ ଭକ୍ତ ଫେରିଆସି/ରଥ ଆରୋହଣ କରିବା ମାତ୍ରେ/ରଥ ଗଡ଼ି ଚାଲିଲା/ଜଗନ୍ନାଥ ପାଦ ପାଖେ/ମୂର୍ଚ୍ଛିତ ହୋଇ ପଡ଼ି ରହିଛନ୍ତି ବଳରାମ ।' ଚକାଆଖିକୁ ମନ ପୂରେଇ ଦେଖିବାର ଲାଳସା ଓ ତାର ପାଦ ପଦ୍ମରେ ନିଜକୁ ସମର୍ପି ଦେବାର ଇଚ୍ଛା ପ୍ରତି ଓଡିଆ ଆଶା କରନ୍ତି । କୋଟି ନିଧି ପ୍ରାପ୍ତି ପରି ଅନୁଭବ ହୁଏ ମନରେ । ଖୋଜିବା ଓ ପାଇବାର ଛକରେ ଛିଡ଼ା ହୋଇ କବି ମନୋରମା ମହାପାତ୍ର ବିଶ୍ୱାଳ ଗାଇ ଉଠିଛନ୍ତି - ଆଜି ଏଇ ପୁରୀରେ/ତୋତେ ଖୋଜିବି କେଉଁଠି, କୋଇଲି ବୈକୁଣ୍ଠରେ ନା/ସମୁଦ୍ରର ଉତ୍ତାଳ ଶବ୍ଦରେ ।' ଚିର ରହସ୍ୟ ମୟ ବ୍ରହ୍ମାଣ୍ଡ ନାୟକଙ୍କ ଆବିର୍ଭାବ ଓ ମର୍ତ୍ତ୍ୟ ବୈକୁଣ୍ଠ ଶ୍ରୀକ୍ଷେତ୍ରରେ ତାଙ୍କର ମହନୀୟ ଲୀଳା କେବଳ ଆପହଞ୍ଚ ନୁହେଁ ଅସାଧ ମଧ । ଜୀବ ଓ ପରମର ସେତୁ, ଭାବ ଭାଷା ଏବଂ ଜୀବନର ଆଧାର ପ୍ରେମମୟ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ କବି ଗୁରୁ କଲ୍ୟାଣ ମହାପାତ୍ର ବର୍ଣ୍ଣନା କରିଛନ୍ତି –

ଜଗନ୍ନାଥଙ୍କ ଅର୍ଥ କ'ଣ ?
ମୁଁ ବାପୁଡ଼ା ସହଜରେ ବୁଝିପାରେ ନାହିଁ,
ଜାଣି ପାରିନାହିଁ - ଅଜିଯାକେ ।
ସେ ତ ମୋ' ପାଇଁ ଖାଲି ଭାବ
ଖାଲି ଭାବ ନୁହେଁ ଯେ ଭାଷା ବି
ତା' ବି ନୁହେଁ ଯେ ଉଭୟର
ସାର୍ଥକ ସମନ୍ୱୟ - ଅର୍ଥାତ୍ ସାହିତ୍ୟ ।

ଉତ୍ତର ଆଧୁନିକ ସମୟର ଓଡିଆ ସାହିତ୍ୟର ନାନାଦି ପରୀକ୍ଷା ନିରୀକ୍ଷା ଭିତରେ ଶ୍ରୀ ଜଗନ୍ନାଥ ଶ୍ରୀକ୍ଷେତ୍ର ମହୋଦଧି ଓଡିଆ ଜନଜୀବନକୁ କିପରି ପ୍ରଭାବିତ କରି ଦିବ୍ୟ ଚେତନାର ସ୍ଫୁରଣ ଘଟାଇଛି ତାହା ପ୍ରାୟ ପ୍ରତି କବିଙ୍କ ରଚନାରେ ପରିଦୃଷ୍ଟ ହୋଇଥାଏ । ଏମିତି କୌଣସି ଓଡିଆ ଲେଖକ ନାହାନ୍ତି ଯେ ନିଜ ସୃଜନ କର୍ମରେ ପତିତ ପାବନ ମହାବାହୁଙ୍କୁ ବର୍ଣ୍ଣନା କରି ନାହାନ୍ତି । ନୀଳ ଆକାଶ, ନୀଳ କନ୍ଦର ଓ ନୀଳ ସମୁଦ୍ର କୂଳରେ ପରମ କାରୁଣିକ ନୀଳାଦ୍ରିବିହାରୀ ସୃଷ୍ଟି ସ୍ଥିତି ଓ ଲୟର ପ୍ରତୀକ । ରୀତିନୀତି ପର୍ବ ପର୍ବାଣୀ ବେଶ ଯାନିଯାତ୍ରାର ବିବିଧ ଚିତ୍ର ସହ ଓଡ଼ିଶାର ସାଂସ୍କୃତିକ ବୈଭବ ସ୍ଥାନ ପାଇଛି ସେମାନଙ୍କ ରଚନା ମାନଙ୍କରେ । ବିଶେଷତଃ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସଂକ୍ରାନ୍ତରେ ବହୁ କାବ୍ୟ କବିତା ରଚିତ ହୋଇଥିବାର ଦେଖିବାକୁ ମିଳେ । କବି ଶରତ ଚନ୍ଦ୍ର ପ୍ରଧାନଙ୍କ ଭାଷାରେ- 'ଛତିଶା ନିଯୋଗ ଭୋଗ/ଷାଠିଏ ପଉଟି/ଖାଇ ଖାଇ/କେତେ କାଳ/ ମାରିବୁ ହାକୁଟି/ଆସ ଏବେ ରଥାରୁଢ଼/ହୁଅ ଭଗବାନ/ନିର୍ବିକାର ଦେଖିନିଅ/ସୃଷ୍ଟି ତୋର କେଡ଼େ ହୀନିମାନ' । 'କିଛି ମାଗୁନାହିଁ' କବିତାରେ କବି ଯଦୁନାଥ ଦାସ ମହାପାତ୍ରଙ୍କ ବର୍ଣ୍ଣନା-'ଆଜି ତୁମ ରଥ ଯାତ/ଅସଂଖ୍ୟ ମଣିଷ ମେଳା/କାହା ଦୁଃଖ ହରିବ କିପରି/ଏ ସାରା ସଂସାର ଲୋକେ/ଦୁଃଖର ନିଆଁରେ ହାୟ/ଅହରହ ଯାଉଛନ୍ତି ଜଳି ।' ଗୁଣ୍ଡିଚା ଯାତ୍ରାର ବିସ୍ତୃତି ଉଲ୍ଲେଖ କରିବାକୁ ଯାଇ କବି ରକ୍ଷକ ନାୟକ 'ରଥ ରହସ୍ୟ' କବିତାରେ ଲେଖିଛନ୍ତି –

ରଥଯାତ୍ରା କେଉଁଠୁ ଆରଂଭ ହୁଏ
କୋଉ ପର୍ଯ୍ୟନ୍ତ, ରଥ ପଥ ନକ୍ସା
ସବୁ ରହସ୍ୟାବୃତ୍ତ,କେହି କେହି କୁହନ୍ତି
ସମୟର ସୃଷ୍ଟି ପୂର୍ବରୁ ଶେଷ ପର ଯାଏଁ
କିନ୍ତୁ ରେଡ଼ିଓ କହୁଛି
ସିଂହଦ୍ୱାରରୁ ଗୁଣ୍ଡିଚାଘର ପର୍ଯ୍ୟନ୍ତ ।

ଓଡ଼ିଶାର ପ୍ରାଣ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ପ୍ରାଚୀନ କାଳରୁ ଅଦ୍ୟାବଧି ରଚିତ ହୋଇଥିବା କାଳଜୟୀ କାବ୍ୟକବିତା ଓଡିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ ସୁଦ୍ଧା ଓଡ଼ିଆ ଗଳ୍ପ ଉପନ୍ୟାସ ନାଟକ ଓ ଶିଶୁ ଉପଯୋଗୀ ରଚନାର ଭୂମିକା ମଧ କମ ନୁହେଁ । ଶହ ଶହ ବର୍ଷ ଧରି ପ୍ରଚଳିତ କାହାଣୀ କିମ୍ବଦନ୍ତୀକୁ ରୂପ ଦେବା ବିଂଶ ଶତାବ୍ଦୀର ମଧ ଭାଗରୁ ଆରମ୍ଭ ହୋଇ ପ୍ରତି ଓଡ଼ିଆଙ୍କୁ ନିଜର ଆରାଧ ଦେବତାଙ୍କର ନିକଟତର କରାଇ ପାରିଛି । ପତ୍ର ପତ୍ରିକା ମାନଙ୍କରେ ପ୍ରଥମେ ଆତ୍ମପ୍ରକାଶ କରିଥିବା, ଶ୍ରୀ ଜଗନ୍ନାଥଙ୍କୁ ଉପଜୀବ୍ୟ କରି ରଚିତ ଗଳ୍ପ ସମୂହକୁ ପୁସ୍ତକ ଆକାରରେ ପ୍ରକାଶ କରିବା ଆରମ୍ଭ କରିଥଲେ ଗାଳ୍ପିକ ଗବେଷକ ଗଣେଶ ପ୍ରସାଦ ପରିଜା । ତାଙ୍କ ଦ୍ୱାରା ରଚିତ ବହୁଚର୍ଚ୍ଚିତ ଓ ପାଠକୀୟ ଆଦୃତି ପାଇଥିବା ପୁସ୍ତକ ମଧରେ ରହିଛି ଯୁଗେ ଯୁଗେ ଜଗନ୍ନାଥ, ମହାପ୍ରଭୁଜଗନ୍ନାଥ, ମହାବାହୁ

ଜଗନ୍ନାଥ, ଜଗାବଳିଆ, ଜଗନ୍ନାଥ ସ୍ୱାମୀ, ଜଗନ୍ନାଥଙ୍କ ଦେଶରେ, ବଳିଆର ଭୁଜ,ଲୀଳାମୟ ଜଗନ୍ନାଥ, ଶରଣ ରକ୍ଷଣ ମହାବାହୁ ଇତ୍ୟାଦି। ମହାପ୍ରଭୁଙ୍କ ଅଲୌକିକ ଲୀଳା ସହିତ ଭକ୍ତଙ୍କ ଦିବ୍ୟ ଅନୁଭୂତି ହୋଇଛି ଗଳ୍ପର କଥାବସ୍ତୁ। ପୁରାଣ ଇତିହାସ କିମ୍ବଦନ୍ତୀ ଓ ଅନୁଭୂତିର ଭୂମି ଉପରେ ଓଡିଆ ଗଦ୍ୟ ସାହିତ୍ୟର ଏ ଆତ୍ମପ୍ରକାଶ ଆମ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛି।

ଓଡିଆ କଥା ସାହିତ୍ୟର ସ୍ୱର୍ଦ୍ଧିତ ସ୍ରଷ୍ଟା ସୁରେନ୍ଦ୍ର ମହାନ୍ତି ଇତିହାସର ଜୀର୍ଣ୍ଣ କଙ୍କାଳ ଉପରେ କାଳଜୟୀ ଗଳ୍ପ ଓ ଉପନ୍ୟାସ ରଚନା କରିବା ସହିତ ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ର କରି ଲେଖିଥିବା ତିନୋଟି ଉପନ୍ୟାସ 'ନୀଳଶୈଳ','ନିଳାଦ୍ରୀ ବିଜୟ' ଓ 'କୃଷ୍ଣା ବେଣୀରେ ସନ୍ଧ୍ୟା' ଆମ ସାହିତ୍ୟର ଅମୂଲ୍ୟ ସମ୍ପଦ। ଏ ପୁସ୍ତକର ଲୋକପ୍ରିୟତା ବହୁ ଓଡିଆ ଔପନ୍ୟାସିକଙ୍କୁ ପ୍ରଲୁବ୍ଧ କରିଛି ଜଗନ୍ନାଥ ସମ୍ବଳିତ ଉପନ୍ୟାସ ଓ ଗଳ୍ପ ରଚନା କରିବାକୁ। ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତଙ୍କର ଭକ୍ତିଭାବ,ସମର୍ପଣ ଓ ଦିବ୍ୟ ଅନୁଭୂତି ସମ୍ବଳିତ ଦାଢ୍ୟତା ଭକ୍ତି ଗ୍ରନ୍ଥରୁ ଗାଳ୍ପିକ ବ୍ରଜ କିଶୋର ସାହୁ ପ୍ରକାଶ କରିଛନ୍ତି 'ଭକ୍ତ ଓ ଜଗନ୍ନାଥ','ଭକ୍ତପ୍ରିୟ ଜଗନ୍ନାଥ' ଓ ଭକ୍ତବତ୍ସଳ ଜଗନ୍ନାଥ' ଇତ୍ୟାଦି ଚରିଖଣ୍ଡ ପୁସ୍ତକ। ଦେବଦାସୀଙ୍କ ଠାରୁ ମାଣିକ ଗଉଡୁଣୀ, ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କଠାରୁ ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ ଓ ନାନାଦି ଅଲୌକିକ ଘଟଣାକୁ ଉପଜୀବ୍ୟ କରି ଗାଳ୍ପିକ ଭାଗୀରଥି ନେପାକ ରଚନା କରିଥିଲେ 'ଶ୍ରୀ ଜଗନ୍ନାଥଙ୍କ କାହାଣୀ ଓ କିମ୍ବଦନ୍ତୀ'। ନବକଳେବର, ରଥଯାତ୍ରା, ବଡ଼ଦେଉଳ, ବାବନା ଭୂତ,ମାହାରୀ ସେବା ସହିତ ଶ୍ରୀକ୍ଷେତ୍ରର ଜୀବନଶୈଳୀ ଓ ପରିବେଶକୁ ନେଇ ରଚିତ ଗାଳ୍ପିକ ବିଜୟ ପ୍ରାସାଦ ମହାପାତ୍ରଙ୍କ ଗଳ୍ପ ସଂକଳନ 'ପୁରୀର ଗଳ୍ପ' ପ୍ରଚୁର ପାଠକୀୟ ଶ୍ରଦ୍ଧା ଲାଭ କରିଥିଲା। ରବୀନ୍ଦ୍ର ନାରାୟଣ ମିଶ୍ରଙ୍କ କଥାନୁଭୂତିରେ ଶ୍ରୀଜଗନ୍ନାଥ, କଥାରେ କଥାରେ ଶ୍ରୀଜଗନ୍ନାଥ, କଥା ଅମୃତରେ ଶ୍ରୀଜଗନ୍ନାଥ, ପରମାନନ୍ଦ ଅଧିକାରୀଙ୍କ 'ଆମ ଜଗନ୍ନାଥ ଆମ ଭକ୍ତ',ପ୍ରମୋଦ କୁମାର ମହାପାତ୍ରଙ୍କ 'ଜୀବନ୍ତ ଜଗନ୍ନାଥ' ପୁସ୍ତକରେ ଭକ୍ତ ବତ୍ସଳ ପ୍ରଭୁଙ୍କ ମହନୀୟତା କରୁଣା ଓ ଅନୁଭୂତିର ବିସ୍ତୃତ ଚିତ୍ର ପ୍ରକାଶ ପାଇଛି।

ଅଲୌକିକତା ଓ ରୋମାଞ୍ଚକର ସତ୍ୟକୁ ମୂଲ୍ୟାୟନ କରି ରହସ୍ୟ ଉଦଘାଟନ କେବଳ ଲେଖକଟିଏ କରିପାରେ। ନିଜର ସୂକ୍ଷ୍ମତମ ଅନୁଭବକୁ ଗଳ୍ପରେ ଚିତ୍ରିତ କଲାବେଳେ ଦିବ୍ୟତା ଭିତରେ ନିମଜ୍ଜିତ ହୋଇଯାଏ। ଗାଳ୍ପିକ ପ୍ରମୋଦ କୁମାର ମହାପାତ୍ରଙ୍କ 'ଜୀବନ୍ତ ଜଗନ୍ନାଥ' ସତ୍ୟ ଘଟଣା ଉପରେ ଆଧାରିତ ସଂକଳନ ଟି ପାଠକଙ୍କ ଦୃଷ୍ଟି ଆକର୍ଷଣ କରେ। ଜଗନ୍ନାଥ ସଂସ୍କୃତିର ଗବେଷକ ବକ୍ତା ପ୍ରାବନ୍ଧିକ ହରିହର ବାହିନୀପତିଙ୍କ 'ଅଭିଜ୍ଞତାରେ ଜଗନ୍ନାଥ',ଜୟନ୍ତ ନାରାୟଣ ପଣ୍ଡାଙ୍କ 'ମୋ ଅନୁଭୂତିରେ ଶ୍ରୀ ଜଗନ୍ନାଥ', 'ଦିବ୍ୟ ଅନୁଭୂତି' ଓ 'ମୋ କାଗଜ ରଥ',ରଘୁନାଥ ମହାପାତ୍ରଙ୍କ 'ଭକ୍ତିଭାବନାରେ ଶ୍ରୀ ଜଗନ୍ନାଥ' ଓ 'ଲୀଳାମୟ ଶ୍ରୀଜଗନ୍ନାଥ' ଗଳ୍ପ ସଙ୍କଳନ ଆଦି ଓଡିଆ କଥା ସାହିତ୍ୟର ଅମୂଲ୍ୟ ପୁଞ୍ଜି। ବିଶିଷ୍ଟ ହୃଦରୋଗ ବିଶେଷଜ୍ଞ ଭଞ୍ଜ ସାହିତ୍ୟର ପ୍ରଖର ପ୍ରବକ୍ତା ଡାକ୍ତର କବି ପ୍ରସାଦ ମିଶ୍ରଙ୍କ ଲିଖିତ 'ବାଇଶି ପାହାଚ' ଭାବ ବିଶ୍ୱାସ ଆତ୍ମୀୟତା ଓ ଅନୁଭବ ଦ୍ୱାରା ଆଚ୍ଛନ୍ନ ଥିବାରୁ ଲୋକପ୍ରିୟତାର ଶୀର୍ଷ ସ୍ପର୍ଶ କରି ପାରିଥିଲା। ଶ୍ରୀଜଗନ୍ନାଥ ଚେତନାର ପ୍ରଚାର ଓ ପ୍ରସାର ସହିତ ପୁରୀକୁ ଆସିଥିବା ସାଧୁ ସନ୍ଥ ଏବଂ ମହାପୁରୁଷଙ୍କ ଅଲୌକିକ ବୃତ୍ତାନ୍ତ ବର୍ଣ୍ଣନାରେ ଗାଳ୍ପିକ ପୀତବାସ ରାଉତରାୟ ରଚନା କରିଛନ୍ତି 'ଅନୁଭବରେ ଶ୍ରୀଜଗନ୍ନାଥ, ଅନ୍ତରଙ୍ଗ ଶ୍ରୀଜଗନ୍ନାଥ, ଅନନ୍ୟ ଶ୍ରୀଜଗନ୍ନାଥ, ଅମୃତମୟ ଶ୍ରୀଜଗନ୍ନାଥ,କଥା ଓ କାହାଣୀରେ ଶ୍ରୀଜଗନ୍ନାଥ, ଗଳ୍ପ ଗମ୍ଭୀରାରେ ଶ୍ରୀଜଗନ୍ନାଥ, ଅବର୍ଣ୍ଣନୀୟ ଶ୍ରୀଜଗନ୍ନାଥ, ଅତୁଳନୀୟ ଶ୍ରୀଜଗନ୍ନାଥ, ଶ୍ରୀଜଗନ୍ନାଥ କଥାବିଚିତ୍ରା ଇତ୍ୟାଦି ଗଳ୍ପ ପୁସ୍ତକ। ଭଞ୍ଜ ସାହିତ୍ୟର ଅନନ୍ୟ ପ୍ରବକ୍ତା ଭାଷ୍ୟକାର ଡ ରଜତ କୁମାର କରଙ୍କ 'ଅନନ୍ୟ ଜଗନ୍ନାଥ ଅନୁଭୂତିରେ', ଡ ବାସୁଦେବ ସାହୁଙ୍କ 'ଭାବକୁ ନିକଟ ଅଭାବେ ଅଭେଟ' ଓ 'ଭକତ ଭାବରେ ବନ୍ଧା', ମନୋରମା ଦେବୀଙ୍କ 'ମୋ ଭାବନାରେ ଶ୍ରୀଜଗନ୍ନାଥ' ପ୍ରମୁଖ ଗ୍ରନ୍ଥ ଗୁଡ଼ିକରେ ଭକ୍ତ ଜୀବନର ସଙ୍କଟ ସଂଘାତ ମଧ୍ୟରେ ମହାପ୍ରଭୁ କିପରି ସହାୟକ ହୋଇଛନ୍ତି ତାର ନିଛକ ଚିତ୍ର ପ୍ରଦର୍ଶିତ ହୋଇଛି। ସଂପ୍ରତି କଥା ସାହିତ୍ୟ ପାଠକ ହୃଦୟ ସହିତ ସହଜରେ ସଂଯୋଗ କରି ପାରୁଥିବାରୁ ଓଡିଆ ଲେଖକ ମାନେ ବହୁ ରସ ରହସ୍ୟ ଅଲୌକିକତା ଇତିହାସ ପୁରାଣ କିମ୍ବଦନ୍ତୀ ଓ ଅନୁଭୂତିକୁ ନେଇ ଓଡିଆ ଗଳ୍ପ ସାହିତ୍ୟକୁ ସମୃଦ୍ଧ କରି ପାରିଛନ୍ତି।

ଗଳ୍ପ ଉପନ୍ୟାସ ପରି ଶ୍ରୀଜଗନ୍ନାଥ, ଶ୍ରୀକ୍ଷେତ୍ର, ଗଜପତି ମହାରାଜା, ମନ୍ଦିରର ଉତଥାନ ପତନ, ଭକ୍ତଙ୍କ ଅନୁଭବ ଓ ଅଲୌକକତାର ପୃଷ୍ଠଭୂମିରେ ଅସଂଖ୍ୟ ନାଟକ ଗୀତିନାଟ୍ୟ ଓଡ଼ିଶାର ପୁରପଲ୍ଲୀ ଠାରୁ ସହରାଞ୍ଚଳରେ ଅଭିନୀତ ହୋଇ ଜନତାଙ୍କ ମନୋରଞ୍ଜନ କରିବା ସହିତ ଭକ୍ତି ଭାବନାରେ ବାନ୍ଧିବାରେ ସହାୟକ ହୋଇଛି। କାଞ୍ଚି ଅଭିଯାନ,ଦେଉଳ ତୋଳା, ଲକ୍ଷ୍ମୀ ପୁରାଣ, ଦାଢ୍ୟତା ଭକ୍ତିର

କଥାବସ୍ତୁ,କଳାପାହାଡ଼ର ଆକ୍ରମଣ, ପୁରୀ ଗଜପତି ମହାରାଜା ଓ ଶ୍ରୀଜଗନ୍ନାଥ, ଭକ୍ତ ସାଲବେଗ, ବନ୍ଧୁ ମହାନ୍ତି,ଦାଶିଆବାଉରି,ଶ୍ରୀଚୈତନ୍ୟ ପ୍ରମୁଖ ଅଗଣିତ ଭକ୍ତଙ୍କ ଅଲୌକିକ ଘଟଣାବଳୀ ଆଧାରିତ ଅସୁମାରୀ ନାଟକ ମଧ୍ୟରୁ ଗୋଟିଏ ଗୋଟିଏ ଶହ ଶହ ରଜନୀ ମଞ୍ଚସ୍ଥ ହେବା ଓଡିଆ ସାହିତ୍ୟ ପାଇଁ କମ୍ ଗୌରବର କଥା ନୁହେଁ।

ଶିଶୁ ଉପଯୋଗୀ ପୁସ୍ତକ ଓ ପତ୍ର ପତ୍ରିକା ମାନଙ୍କରେ ଶ୍ରୀଜଗନ୍ନାଥ ପୁରୀ ଦେଉଳ ସହିତ ସମ୍ପୃକ୍ତ କାହାଣୀ ଅତ୍ୟନ୍ତ ସାବଲୀଳ ଓ ବୋଧଗମ୍ୟ ଶବ୍ଦରେ ପ୍ରକାଶିତ ହୋଇ ଶିଶୁଙ୍କ ମନୋରଞ୍ଜନ କରିବା ସହିତ ଏ ଜାତିର ମହାନ୍ ସଂସ୍କୃତି ଓଡ଼ିଆ ଶିଶୁଙ୍କ ନିକଟତର ହୋଇ ପାରିଛି। ଅମୃତମୟ ସଂସାର ଅମୃତ ଅନୁଭବ ଏବଂ ସୃଷ୍ଟିକର୍ତ୍ତାଙ୍କ ମହିମାରେ ରାମକୃଷ୍ଣ ନନ୍ଦଙ୍କ ଲେଖନୀ ମୁଖରିତ ହୋଇଥିଲା ବେଳେ ତ୍ୟାଗ ଓ ସମର୍ପଣ ଭାବ ପ୍ରକାଶ କରିବାକୁ ଯାଇ 'ନାଁ'ଟି ମୋର ତୂଳା' କବିତାରେ ମଞ୍ଜୁ ଦାସ ଲେଖିଛନ୍ତି-

କାଳିଆ ପାଖେ ମୁହିଁ
'ସଳିତା' ଟିଏ ହୋଇ ଜଳିବି
ଜୀବନ ମୋର ଧନ୍ୟ କରିବି
ଶବ୍ଦର ଚକାଡୋଳା
ନାଆଁ ଟି ମୋର ତୂଳା ।

କଥା ଛଳରେ କିମ୍ବଦନ୍ତୀ ଇତିହାସ ଓ ପୁରାଣ ମାନଙ୍କରୁ ଶିଶୁ ଉପଯୋଗୀ ଅନେକ ଗଳ୍ପ ଓ କବିତା ପୁସ୍ତକ ରଚିତ ହେବା ସହିତ ସଂସାର, ଶିଶୁଲେଖା, ଜହ୍ନମାମୁଁ, ମୀନାବଜାର, ମନପବନ,ଫୁଲଝରି,ଶାମୁକା, ନନ୍ଦନକାନନ, ଶିଶୁ କଳିକା, ଉତ୍କଳ ପ୍ରସଙ୍ଗ, ଶିଶୁ ପ୍ରତିଭା, କୁନିକଥା, ଉତ୍କଳିକା ପ୍ରମୁଖ ପତ୍ରିକାମାନଙ୍କରେ ଶ୍ରୀ ଜଗନ୍ନାଥ ସମ୍ବଳିତ ଲେଖା ପ୍ରକାଶିତ ହୋଇ ଶିଶୁ ମନରେ ଦିବ୍ୟ ଭାବନାର ସଂଚାର କରି ପାରିଛି। ବୀରେନ୍ଦ୍ର ମହାନ୍ତି 'ଆଜି ପରା ରଥ ଯାତରା' କବିତାରେ ଭାବ ବ୍ୟକ୍ତ କରିଛନ୍ତି –

ତିନି ରଥେ ଠାକୁର ବିଜେରେ
ଯିବାକୁ ଗୁଣ୍ଡିଚା ବାଡ଼ିକି
ଲକ୍ଷ ଲକ୍ଷ ଭକ୍ତ ଭୁଲି ଜାତିଭେଦ
ରଥେ ନେବେ ଭିଡ଼ି ଭିଡ଼ିକି ।

ଏହା ବ୍ୟତୀତ ଦୈନିକ ସମ୍ବାଦପତ୍ରର କ୍ରୋଡପତ୍ର ଶିଶୁ ସ୍ତମ୍ଭରେ ଗଳ୍ପ କବିତା ପ୍ରକାଶିତ ହେବା ଦ୍ଵାରା ସମୃଦ୍ଧ ହେଇଛି ଆମ ସାହିତ୍ୟ। ଓଡିଶା ସାହିତ୍ୟ ଏକାଡେମୀ ମୁଖପତ୍ର 'କୋଣାର୍କ' ଏକାଧିକ ସ୍ଵତନ୍ତ୍ର ସଂଖ୍ୟାରେ ଶ୍ରୀଜଗନ୍ନାଥ,ଜଗନ୍ନାଥ ଚେତନା ଏବଂ ସାଂସ୍କୃତିକ ବୈଭବ ସ୍ଥାନ ପାଇଛି। ଓଡିଶା ସରକାର ପ୍ରତିବର୍ଷ ରଥଯାତ୍ରା ଅବକାଶରେ ଶ୍ରୀଜଗନ୍ନାଥ ଶ୍ରୀ ମନ୍ଦିର ଓ ଶ୍ରୀକ୍ଷେତ୍ର ସମ୍ବଳିତ ଲେଖା ଉତ୍କଳ ପ୍ରସଂଗ, ଶ୍ରୀମନ୍ଦିର ଏବଂ ଓଡିଶା ରିଭ୍ୟୁ ପତ୍ରିକା ରେ ବହୁ ଅନାଲୋଚିତ ପ୍ରସଙ୍ଗ ପାଠକଙ୍କ ସାମ୍ନାରେ ରଖନ୍ତି। ମାଦଳାପାଞ୍ଜି, ଦ୍ଵାଦଶ ପୁରାଣ ଓ ମଧ୍ୟଯୁଗର ଅନେକ ସଂସ୍କୃତ ପୁସ୍ତକ ମାନଙ୍କରୁ ସଂଗୃହୀତ କଥାବସ୍ତୁକୁ ଆଧାର କରି ରଚିତ ହୋଇଛି ଅସୁମାରୀ ଓଡ଼ିଆ ପ୍ରବନ୍ଧ ଓ ପ୍ରକାଶିତ ହୋଇଛି ଅନେକ ସ୍ଵତନ୍ତ୍ର ସଂସ୍କରଣ। ସଦାଶିବ ରଥଶର୍ମା, ସତ୍ୟନାରାୟଣ ରାଜଗୁରୁ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସୁରେନ୍ଦ୍ର ମହାନ୍ତି, ଅଚ୍ୟୁତାନନ୍ଦ କର, ଗୌରିକୁମାର ବ୍ରହ୍ମା, ରାଜକିଶୋର ରାୟ, ଚନ୍ଦ୍ରଶେଖର ରଥ, ବାବା ଚୈତନ୍ୟ ଚରଣ ଦାସ, ରଜତ କୁମାର କର, ହୃଦାନନ୍ଦ ରାୟ, ବେଣୀ ମାଧବ ପାଢ଼ୀ, ଦୋଳଗୋବିନ୍ଦ ଶାସ୍ତ୍ରୀ, ଗଣେଶ ପ୍ରସାଦ ପରିଜା, ହରିହର କାନୁନଗୋ, ଇଂ ପ୍ରିୟବ୍ରତ ଦାସ, ଇଂ ରଘୁନାଥ ମହାପାତ୍ର, ହରିହର ବାହିନୀପତି, ସୋମନାଥ ଖୁଣ୍ଟିଆ, ଭାସ୍କର ମିଶ୍ର, ଶତ୍ରୁଘ୍ନ ନାଥ, ଜଗନ୍ନାଥ ପଟ୍ଟନାୟକ, ସୂର୍ଯ୍ୟନାରାୟଣ ଦାସ, ମହାପାତ୍ର ନୀଳମଣି ସାହୁ,ଶରତ ଚନ୍ଦ୍ର ମହାପାତ୍ର, ଅସିତ୍ ମହାନ୍ତି ପ୍ରମୁଖଙ୍କ ଗବେଷଣାତ୍ମକ ପ୍ରବନ୍ଧ ଓ ଆଲୋଚନା ଶ୍ରୀଜଗନ୍ନାଥ ଚେତନାର ବହୁବିଧ ଦିଗ ଲୋକ ଲୋଚନକୁ ଆଣି ପାରିଛି।

ଓଡ଼ିଶାର ଲୋକ ଚରିତ୍ର, ଜୀବନ ଶୈଳୀ, ଆସ୍ଥା, ବିଶ୍ଵାସ, ପରମ୍ପରା, ସଂସ୍କୃତି, ଆଧାତ୍ମିକ ଭାବଧାରା ସବୁକିଛି ସମାହିତ ହୋଇଛି ବ୍ରହ୍ମାଣ୍ଡ ନାୟକ ଶ୍ରୀଜଗନ୍ନାଥଙ୍କୁ ଆଧାର କରି ରଚିତ ହୋଇଥିବା ସାହିତ୍ୟରେ। ପ୍ରାଚୀନ କାଳରୁ ଅଦ୍ୟାବଧି ରଚିତ କାବ୍ୟ, କବିତା, ଗଳ୍ପ, ଉପନ୍ୟାସ, ନାଟକ ଓ ପ୍ରବନ୍ଧ ମାନଙ୍କରେ ଚିତ୍ରିତ ହୋଇଛି ଏ ଜାତିର ଚିର ନମସ୍ୟ ପ୍ରାଣର ସ୍ପନ୍ଦନ ପ୍ରଶ୍ଵାସର ବାୟୁ ନୀଳାଚଳ ନାଥ ଜଗନ୍ନାଥ। ସେ ଜାତିର ପଥପ୍ରଦର୍ଶକ ଓଡ଼ିଆ ସାହିତ୍ୟର ଆତ୍ମା। ତାଙ୍କୁ ବାଦ ଦେଇ ଏ ଜାତିର ସୃଷ୍ଟି ସ୍ଥିତି ଓ ସ୍ଥାପନା କଳ୍ପନା କରାଯାଇ ନ ପାରେ। ଓଡ଼ିଆ ସାହିତ୍ୟର ସଂକଳ୍ପ ଶାସ୍ତ୍ରୀୟତା ଲୋକପ୍ରିୟତା ଓ ବିଶ୍ଵବ୍ୟାପୀ ହେବାର ସ୍ଵପ୍ନ ଆଜି ସାକାର ହୋଇଛି ତାଙ୍କରି କରୁଣା ଆଶୀର୍ବାଦ ଓ ସର୍ବ ଗ୍ରହଣୀୟତା ଯୋଗୁଁ।

****

ବି -୧୦/୧୫୪, କେନ୍ଦ୍ରୀୟ ବିହାର
ପୋ: ତମାଣ୍ଡୋ, ଭୁବନେଶ୍ଵର -୭୫୧୦୨୮
୯୩୪୭୩୧୭୩୨୮
badrimohanty60@gmail.com



ସ୍ମୃତି ଦାସ

# ପକେଟ୍ ମାର୍

ସେ ସେମିତି ଆସାମୀଙ୍କ ଭଳି ମୁଣ୍ଡ ତଳକୁ କରି ଠିଆ ହୋଇ ରହିଥାନ୍ତି ।  ତାଙ୍କୁ ବେଢ଼ି ରହିଥାନ୍ତି ବହୁ ଅନୁସନ୍ଧିତ୍ସୁ ଆଖି ମାନ । ଧର୍ମାବତାର ତାଙ୍କୁ ଜେରା କରୁ ଥାଆନ୍ତି । ଆସାମୀଙ୍କ ଠାରୁ ସମସ୍ତ କଥାମାନ ଆଦାୟ କରିବାର କୌଶଳ ମାନ ପ୍ରୟୋଗ ମଧ କରୁଥାନ୍ତି । ଆସାମୀଙ୍କର ଏପ୍ରକାର ପ୍ରବୃତ୍ତି କେବେଠୁଁ ଦେଖା ଦେଇଛି ବୋଲି  ନଜରବନ୍ଦୀରେ ରଖିଥିବା ସମସ୍ତ ଆଖି ମାନ ତାଙ୍କୁ ଯେମିତି ପଚାରୁ ଥାଆନ୍ତି  । କ'ଣ କହିବେ ବୋଲି କିଛି ଭାବି ପାରୁ ନ ଥାଆନ୍ତି ସେ । କେମିତି ମୁକୁଳିବେ ଏହା ତାଙ୍କ ପାଇଁ ବଡ଼ କଥା ଥିଲା । ଦୌଡ଼ି ପଳାଇବେ କି ? ନା, ଧରା ପଡିଯିବାର ସମସ୍ତ ଭୟ ମଧ ରହିଅଛି । ଉଡିଯିବେ କି ସେ; ବିଜୁଳି କନ୍ୟା ହୋଇ । ଏବଂ ଆକାଶରେ ରହି କହି ଦେବେ ଏମାନଙ୍କୁ, ସେମାନଙ୍କର ଭବିଷ୍ୟ ବାଣୀ ।

କିନ୍ତୁ ଏତିକି ବେଳେ ସେ ଚମକି ପଡ଼ିଲେ କାହାର ଚରମ ବାଣୀ ଶୁଣି  "ତମେ ଧରାପଡିଛ ତମର ଅପରାଧ ପାଇଁ" । ସେ ନିଜକୁ ନିଜେ ତର୍ଜମା କରି ଭାବୁଥାଆନ୍ତି, ପ୍ରକୃତରେ ସେ କ'ଣ ଅପରାଧୀ ? ଦିନେ ସେ ଯେତେବେଳେ ଏଇ ଦେବସ୍ମିତାଙ୍କ ଆଡ଼କୁ ପାଞ୍ଚଟି ମୁଦ୍ରା ଫୋପାଡ଼ି ଦେଇ ଚାଲି ଯାଆନ୍ତି, ସେତେବେଳେ କ'ଣ ଦେବସ୍ମିତାଙ୍କ ଆତ୍ମ ସମ୍ମାନ କଥା ଥରଟିଏ ଭାବିଛନ୍ତି କି ?    ସେ ଯେଉଁ ଅନ୍ତର୍ବେଦନାରେ ମ୍ରିୟମାଣ ହୋଇପଡୁଥିଲେ, ଏକଥା କେହି କ'ଣ କେବେ ବିଚାର ପରିସର  ଭୁକ୍ତ କରିଥିଲେ ? ଆଜି ବି ସେ ବିଜୟ ମୁକୁଟ ପିନ୍ଧି ପାରିନାହାଁନ୍ତି ; କିନ୍ତୁ ଅନ୍ୟର ଅନ୍ତର୍ବେଦନାକୁ  ତ କିଛି ମାତ୍ରାରେ ଉପଶମ କରିବାକୁ ସକ୍ଷମ ହୋଇପାରିଛନ୍ତି । ଦେବସ୍ମିତାଙ୍କର ଏ ମନସ୍ତତ୍ତ୍ୱକୁ କେହି ନପଢି  ପାରି ସୁଦ୍ଧା କେହି କେହି ବିଚାର ପତି ଆସନରେ ବସିଯାଇ କହୁଥିଲେ " ଦେଖ ଚୋର ମୁହଁ ଟାଣକୁ " ।  ଏହା ଶୁଣି ଦେବସ୍ମିତା ନିଜକୁ ନିଜେ ପଚାରୁଥାଆନ୍ତି, କେଉଁ ଟାଣର ଜୀବନ ତାଙ୍କର ଯେ ? ନିଜର ଜୀବନ ଟି ପରା ଶୁଆ ପରି!  ପିଞ୍ଜରା ଆବଦ୍ଧ  ପୁଣି ଏ ଦେହ । ଆତ୍ମା ସିନା ବେଳେ ବେଳେ ଉଡିବୁଲେ  ନୀଳ ଆକାଶର ମୁକ୍ତ ବିହଙ୍ଗ ପରି । ସେଥିରେ ପୁଣି ଆଜି କେତେ ନାରା ' ଚୋର,ଚୋର, ଧର,ଧର, ମାର,ମାର' । ଏ କଥାରେ ଅବଶ୍ୟ ଦେବସ୍ମିତା ଡରିଯାଇ ଜୋରେଜାବୁଡି ଧରିଥିଲେ କାଠଗଡାକୁ । ସେମାନେ କାଳେ ଓଟାରି ତାକୁ ମାରି ପକାଇବେ । ହୃଦୟଟି ମଧ ଖୁବ୍ ଜୋରରେ ଧଡ଼ ଧଡ ହେଉଥିଲା! ଯେମିତି ଡେଣା ଝାଡୁ ଥିବା ପଞ୍ଜୁରୀ ଆବଦ୍ଧ ଶୁଆଟି ଉଡିଯିବ ଏଇ କ୍ଷଣି । ଥମକି ରହି ଯାଇଥିଲା ଉଡିଯାଉଥିବା ପକ୍ଷୀଟି, ବିଚାରପତିଙ୍କ ଅର୍ଡର ଅର୍ଡର ଶବ୍ଦରେ । ସମସ୍ତେ ମଧ ନୀରବତା ରକ୍ଷା କରି ଥିଲେ । ଏ ନୀରବତାରେ ଦେବସ୍ମିତାଙ୍କ ଜୀବନ ଯମୁନା ଯେମିତି ଶୁଖି ଯାଉଥିଲା । ବଂଶୀ ସ୍ୱନବି  ଶୁଭୁ ନଥିଲା ! ଶୁଭୁ ଥିଲା ଏକ ଅଜଣା ଆତଙ୍କର ଟପ୍  ଟାପ୍ ଶବ୍ଦ ଓ ସିତ୍କାର । ଶିହରିତ ହୋଇ ଉଠୁଥାଏ ଦେହ ମନ ତାଙ୍କର ।  ଏତିକିବେଳେ ଅଶ୍ୱ ଅମାନିଆ ହେଉଥିଲା ଶୈଶ ଲଗାମ କଷୁଥିଲା ଯେତେବେଳେ । ତାପରେ ଶୁଭିଲା  ଏକ ଆଃ .. .ର କରୁଣ ଧ୍ୱନି  । ତଥାପି ଦେବସ୍ମିତା ତର୍ଜମା କରୁଥିଲା ତା ଫାଇଲ୍‌ରୁ ମିଳି ଥିବା ଏ ଫୋଟୋ ଚିତ୍ର କ'ଣ ତା ବିରୁଦ୍ଧରେ ଉପଯୁକ୍ତ ପ୍ରମାଣ ଅଟେ ? ନା ଏ ପ୍ରମାଣ ତାକୁ ଦୋଷୀ ସାବ୍ୟସ୍ତ କରି ବାକୁ  ସକ୍ଷମ ନୁହଁ । ଏଇ ଯେ ତା ପାଖରେ ସାଇତା  ସୁନ୍ଦର ଡିଜାଇନର  ଗହଣା ଫୋଟୋ ପାଞ୍ଚ ବର୍ଷ ତଳର । ଯାହାକୁ ସେ ସାଇତି ରଖି ଥିଲା ଯେଉଁ ଦିନ ସେ ଚାକିରୀ କରିବ, ସେଦିନ ଏପ୍ରକାର ଗହଣା କରି ପିନ୍ଧିବ । ଆଜି କେଉଁ ଭାଗ୍ୟ ତାକୁ ସୌଭାଗ୍ୟ ବତୀ କରାଇଲା ଯେ ? ବରଂ ସେ ନିର୍ଦ୍ଦୋଷୀ ଟିଏ ହୋଇ ଆଜି କାଠଗଡ଼ାରେ ଆସାମୀ ପରି ଠିଆ ହୋଇଛି ।  ଅବଶ୍ୟ ଦେବସ୍ମିତାଙ୍କୁ ଆସାମୀ କୁହାଯାଇ ପାରିବନାହିଁ ଯେତେ ପର୍ଯ୍ୟନ୍ତ ସେ ଦୋଷୀ ସାବ୍ୟସ୍ତ ନ ହୋଇଛନ୍ତି । ଏ କଥା ବିଚାର ପତି ମଧ ଶୁଣାଇ ଦେଇ କୋର୍ଟ ମୁଲତବୀ ରଖିଚାଲି ଗଲେ । ସ୍ଥଗିତ ରହିଲା ବିଚାର କାର୍ଯ୍ୟ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ । ଏହା ମଧରେ ଏକ ଦୀର୍ଘ ମିଆଦିର ସମୟ ଚାଲିଲା । ତା ମଧରେ ଏକ କରୁଣ ବିଳାପ ତୁହାଇ  ତୁହାଇ ସ୍ୱର ତୋଳୁଥିଲା ନିର୍ଜନ ତାର ବିଳାପ ପରି । ଏବଂ ଅନ୍ତରାତ୍ମା ପଚାରୁଥିଲା 'କିଏ ଦେବ  ତା' ସପକ୍ଷରେ ନିର୍ଦ୍ଦୋଷତାର ପ୍ରମାଣ  ? ଏ ସଭାରେ ଯେତେ ଆତ୍ମୀୟ ସ୍ୱଜନ ଓ ପରିଜନ  ପରିପୂର୍ଣ୍ଣ ଥିଲେ ମଧ କିଏ କରି ପାରିବ ତାଙ୍କ ଆଶା ପୂର୍ଣ୍ଣ ?  ଏହାତ ଏକ ବିରାଟ ଶୂନ୍ୟ ସ୍ଥାନର କଥା ....। ସେଦିନ ଦେବସ୍ମିତାଙ୍କର ସ୍ୱାମୀ ଯେଉଁ ଦଶ ଦୋଷର କ୍ଷମା କରିବାର ଶପଥଗ୍ରହଣ କରିଥିଲେ ବିବାହ ବେଦୀରେ ,  ଆଜି ସେ କ'ଣ ଏହାକୁ ଏକ ଦୋଷ ବୋଲି ଭାବୁଥିବେ କି ? ତେବେ ହେ ପତି ଓ ହେ ବିଚାରପତି କୁହନ୍ତୁ ଏହା କେଉଁ ଅପରାଧର ପର୍ଯ୍ୟାୟ ଭୁକ୍ତ ? ପ୍ରତ୍ୟୁତ୍ତର ଖାଲି ନୀରବତାର ଧ୍ୱନି ତୋଳୁଥିଲା । ସମସ୍ତ ଚିନ୍ତା ଚେତନା ତାଙ୍କର ବୃଥା । ସେ ତେଣୁ କାମନାର ପଥରେ ତୃଷାର୍ତ୍ତ । କିନ୍ତୁ ସେ ଚାହିଁ ନଥିଲେ ମୁନ୍ଦାଏ ପାଣି ଅବା ସେହି ନିର୍ଦ୍ଦିଷ୍ଟ କୂପର ମଧୁର ଜଳ । କେବଳ ପଦଟିଏ ସତ୍ୟବଚନ । ଶେଷରେ ଲଭି ଥାଆନ୍ତେ

ଶାନ୍ତିରେ ନିଦ୍ରା ଟିଏ । କିନ୍ତୁ ପଣ ବି ଥିଲା ତାଙ୍କର ସତ୍ୟବିନା ନ ତେଜିବାକୁ ଏ ଜୀବନ । ଏ ମିଥ୍ୟା ଅପପ୍ରଚାର ମଧ୍ୟରୁ ସେ ଚାହାଁନ୍ତି ସତ୍ୟର ସନ୍ଧାନ । ସେ ସନ୍ଧାନର ସେ ଆଜି ଅଭିଯାତ୍ରୀ ।

.....କିନ୍ତୁ ଆଜି ନିଶାର୍ଦ୍ଧରେ ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର ର ସବୁ ରଣ କୌଶଳ ପ୍ରସ୍ତୁତ ହୋଇ ସାରିଛି କେବଳ ଭେରୀ ବାଜିବାକୁ ବାକି ରହିଲା । ଏବଂ ରାତ୍ରୀ ପାହିଲେ ସେ ଖଣ୍ଡ ବିଖଣ୍ଡିତ ହେବେ । ତାଣ୍ଡବ ହେବ, ଡମ୍ବ,ଡମ୍ବ ହୋଇ ଡମ୍ବରୁ ବାଜିବ । ତଥାପି ଦେବସ୍ମିତା ଭାବୁଥାନ୍ତି ନିଶ୍ଚେ ପାହିବ ଏ ଅମା ରାତି । ପୁଣି ପରକ୍ଷଣରେ ପୁଣି ଭାବୁଥାନ୍ତି ଏ ଷଡ଼ଯନ୍ତ୍ରରୁ ନିଜକୁ ମୁକୁଳାଇ ପାରିଲେ ତ ? ଏତିକିବେଳେ ଏକ ଚାପା ଗୁଞ୍ଜରଣ କହୁଥିଲା "ଦେବସ୍ମିତାଙ୍କ ବିରୁଦ୍ଧରେ କାଳେ ମିଳି ସାରିଛି ଏକ ବିଶେଷ ପ୍ରମାଣ ଯାହା ତାହାଙ୍କୁ ଦୋଷୀ ସାବ୍ୟସ୍ତ୍ୟ କରିବାକୁ ବଳିଷ୍ଠ ପ୍ରମାଣ ହେବ " । ଏହା ହିଁ ପ୍ରମାଣିତ କରିବ ତାଙ୍କ ଚୌର୍ଯ୍ୟକୁ । ତାଙ୍କର ଦୁଇ ହାତକୁ ରଙ୍ଗୀନ୍ କରିବ ପରୀକ୍ଷା ପାଇଁ ଥିବା ପାଣି । ତାପରେ ମୁହଁରେ ତାଙ୍କର ବୋଳି ଯିବ ଆଉ ଏକ ରଂଗ ଅପବାଦର ରଂଗ । ଏ ଭାବନାକୁ ପ୍ରତିହତ କହି ଉଠିଲେ ଦେବସ୍ମିତା ନା, ନା ଖଣ୍ଡ ବିଖଣ୍ଡିତ ନହେଉ ଏ ସତୀର ଦେହ ଓ ନୀତିର ଆଦର୍ଶ । ଏମିତି ଏକ ଭାବ ଚେତନା ରେ ଦେବସ୍ମିତାଙ୍କର ଅବଧି ସରୁ ଥିଲା । ସେ କାଠଗଡ଼ାରେ ଠିଆ ହେବା ଲାଗି ତାରିଖ ଆସି ଯାଇଥିଲା । ........ଏବେ ରାତ୍ରୀ ଅପସରି ସକାଳ ହେବାକୁ ଯାଉଥିଲା । ସୁଲୁସୁଲିଆ ଶିତୁଆ ପବନ ସହିତ ଟପ୍ ଟପ୍ କାକର ମୁନ୍ଦାଏ ଝରିପଡୁଥିବା ବେଳେ ସେ କିନ୍ତୁ ଗ୍ରୀଷ୍ମରପ୍ରଚଣ୍ଡ ରୌଦ୍ରତାପକୁ ଅନୁଭବ କରୁ ଥିଲେ । ଏତିକିବେଳେ ଆତଙ୍କିତ ମନପଞ୍ଜୁରୀର ଶୁଆ ଡାକୁ ଥିଲା 'ଗୋବିନ୍ଦ, ଗୋବିନ୍ଦ ' ।

ତଥାପି ନିସ୍ତାର ନଥିଲା । ପ୍ରମାଣ ଆସିଯାଇଥିଲା । ଏଥର ସେ ଉପସ୍ଥିତ ହେଲେ କାଠଗଡ଼ାରେ । ତାପରେ ଚଉଠେ କାଗଜ ଥିଲା ପ୍ରମାଣର ସ୍ୱରୂପ । ସେ ଦେଖୁଥିଲେ ଚଉଠେ କାଗଜକୁ । ଏଥର ସେ ଚକ୍ର ପରି ଘୁରୁଥିଲା ଯେମିତି ତାଙ୍କ ଚତୁର୍ଦ୍ଦିଗରେ ଅବା ତାଙ୍କ ମୁଣ୍ଡ ଘୁରାଇ ଯାଉଥିଲା, ତାହା ସେ ବୁଝିବାକୁ ସକ୍ଷମ ନଥିଲେ । ତା ମଧ୍ୟରେ ବିଚାର ଗୃହରେ ସମସ୍ତେ ଉଦ୍ ବିଗ୍ନ ହୋଇ ଉଠୁଥିଲେ ଫଳାଫଳ ଜାଣିବାକୁ । ତେଣୁ ସମସ୍ତେ ନୀରବ ହୋଇ ବସିଥିଲେ । ଏତିକିବେଳେ କେହି ଜଣେ ଆସୁଥିଲେ ଠକ୍ ଠକ୍ ଶବ୍ଦ କରି । ସେ ପିନ୍ଧି ଥିଲେ ଗୋଲ ଚଷମା , ଆଣ୍ଠୁ ଲୁଚି ନ ଥିବା ଧୋତି ଓ ହାତରେ ଧରି ଥିଲେ ବାଡି । ତାଙ୍କ ପଛରେ ଏକ ବିଶାଳ ଜନ ସମୁଦ୍ର ଥିଲା । ଏହା ଦେଖି ଦେବସ୍ମିତା ଭାବୁ ଥିଲେ ଘୋର ବିପତ୍ତି କାଳ ଏବେ । ସେ ଶବ୍ଦ ପୁଣି ଘନେଇଲା ଓ ନିକଟରୁ ନିକଟତର ହେବାକୁ ଲାଗିଲା । ଏମିତି ଲଗାତାର ଶୁଭୁଥିଲା ସେ ଶବ୍ଦ ।

ଏତିକିବେଳେ ରାତ୍ରୀ ପାହି ଯାଇଥିଲା । ଦେବସ୍ମିତାଙ୍କ ନିଦ ମଧ ଭାଙ୍ଗି ଯାଇଥିଲା । ଏଥର ଉଠି ବସିଲେ ଖଟରେ ଦେବସ୍ମିତା । ପୁଣି ଯେ ସେହି ଶବ୍ଦ । ଏଥର ବୁଝିଗଲେ ଦେବସ୍ମିତା ପେପର ବାଲା ସାମ୍ନା ଗେଟ୍ ଭିତରେ ପେପର ପକାଇ ଦେଇ ଏମିତି ଠକ୍ ଠକ୍ କରେ । ତାପରେ ମୁରୁକି ହସଟି ଏ ହସିଦେଇ ଗତ କାଲି ସ୍ୱପ୍ନର ରହସ୍ୟ ଭେଦ କରିବାକୁ ଯାଇ ଦେବସ୍ମିତା ଏଥର ହାତ ବଢ଼ାଇଲେ ତକିଆ ତଳକୁ ଏବଂ ତା' ତଳୁ ବାହାର କଲେ ଏକ ପାଞ୍ଚ ଶତ ଟଙ୍କାର ନୋଟ୍ ଟିଏ ଯାହାକୁ ସେ ଗତକାଲି ସ୍ୱାମୀଙ୍କଠାରୁ "ପକେଟ୍ ମାର୍" କରି ଏଇ ତକିଆ ତଳେ ଲୁଚାଇ ରଖିଥିଲେ ।

****

ବାଲେଶ୍ୱର

ପହିଲାଣି ଏବେ ନିରାଶ ଶର୍ବରୀ ।
ଡ଼ାକୁଛନ୍ତି ମାତା କେତେ ଆଶା କରି ।
ଜାଗହେ ସରବେ ଉତ୍କଳ ସନ୍ତାନେ ।
ଏକତାର ମନ୍ତ୍ର ଜପି ପ୍ରାଣେ ପ୍ରାଣେ ।

(ଭକ୍ତ କବି ମଧୁସୂଦନ ରାଓ)

ବିନୋଦିନୀ ନନ୍ଦ



# ଶୂନ୍ୟ ମେଘ

ସୂର୍ଯ୍ୟ ପଶ୍ଚିମାଭିମୁଖୀ ହୋଇ ସାରିଥିଲେ । ସମୀପବର୍ତ୍ତୀ ଦୋକାନନରୁ ବାପାଙ୍କ ପାଇଁ କିଛି ଔଷଧ କିଣି ସ୍କୁଟୀରେ ଏକାକୀ ଘରକୁ ଫେରୁଥିଲା ଭାସ୍ୱତୀ । ଅକସ୍ମାତ ରାସ୍ତା ପାର୍ଶ୍ୱରେ ନିଜ ବାଇକ ରଖି ତା' ବାଟ ଓଗାଳିବା ପରି ଛିଡା ହୋଇଥିବା ଏକାଂଶ ଉପରେ ଦୃଷ୍ଟି ପଡି ଯିବାରୁ ମନ ମଧ୍ୟରେ ସେ ପ୍ରମାଦ ଗଣିଲା । ଇଞ୍ଜିନିୟରିଂ କଲେଜରେ ଏକାଂଶ ତା'ର ସହପାଠୀ ଥିଲା ସତ କିନ୍ତୁ ସେ ଏକ ଗୁଣ୍ଡା, ବଦମାସ, ନଷ୍ଟ ଚରିତ୍ର ଛାତ୍ର ଭାବରେ ଖ୍ୟାତ ଥିବାରୁ ଭାସ୍ୱତୀ ତା'ଠାରୁ ସଦା ସର୍ବଦା ଦୂରେଇ ରହୁଥିଲା । ଏପରିକି ଏକାଂଶ ତା'କୁ ଏକ ତରଫା ଭାବରେ ପ୍ରେମ କରି ବାରମ୍ବାର ପ୍ରେମ ନିବେଦନ କରୁଥିବା ସତ୍ତ୍ୱେ କୌଣସି ନା କୌଣସି ବାହାନା କରି ପ୍ରତ୍ୟାଖ୍ୟାନ କରି ଚାଲିଥିଲା । ସେ ଭଲ ଭାବରେ ଜାଣିଥିଲାଯେ, ଥରକୁ ଥର ବାନ୍ଧବୀ ବଦଳାଉଥିବା ଏକାଂଶ ଦୃଷ୍ଟିରେ ନାରୀ ହେଉଛି କେବଳ ପୁରୁଷର କାମନା ବାସନା ପୂର୍ତ୍ତି କରିବାର ଏକ ବସ୍ତୁ ମାତ୍ର ! ତେବେ ଆଜି ଏଇ ରାସ୍ତା ମଝିରେ ହଟହଟ୍ଟା ନ ହେବା ପାଇଁ ସେ ତୁରନ୍ତ ତା' ସ୍କୁଟୀ ପଛକୁ ବୁଲାଇ ସେଠାରୁ ଅପସରି ଯିବା ନିମନ୍ତେ ଉଦ୍ୟମ କଲା ।

କିନ୍ତୁ ଧୂର୍ତ୍ତ ଏକାଂଶ ତତକ୍ଷଣାତ ଧାଇଁ ଆସି ତା' ସ୍କୁଟୀରୁ ଚାବି କାଢ଼ିନେଇ କର୍କଶ କଣ୍ଠରେ କହିଲା - ବହୁତ ହୋଇଗଲା ତୋ'ର ଛଳନା ମନେ ରଖ, ତୁ ଯଦି ମୋ ବାନ୍ଧବୀ ହେବାକୁ ରାଜି ନହେଉ ତା'ର ପରିଣତି ଏପରି ଭୟଙ୍କର ହେବଯେ, ତୁ କେଉଁ କୁଳର ମଧ ହୋଇ ପାରିବୁ ନାହିଁ ।

ଏକାଂଶର ଏଭଳି ପ୍ରତିଶୋଧ ପରାୟଣ ମନୋବୃତ୍ତି ଲକ୍ଷ୍ୟ କରି ଏବଂ ପ୍ରତିକ୍ରିୟାଶୀଳ କଠୋର ବାକ୍ୟ ଶୁଣି ଭୟରେ ଶିହରି ଉଠିଲା ଭାସ୍ୱତୀ । ତଥାପି ମନରେ ସାହସ ସଞ୍ଚାର କରି କହିଲା - ଶୁଣ ଏକାଂଶ , ତୁମେ ତ ଜାଣିଛ ଭାସ୍କରଙ୍କ ସହିତ ମୋର ବିବାହ ଆମ ଦୁଇ ପରିବାରର ସମ୍ମତି କ୍ରମେ ସ୍ଥିର ହୋଇସାରିଛି । ଏପରିକି କିଛି ଦିନ ତଳେ ମହାପ୍ରସାଦ ନିର୍ବନ୍ଧ ମଧ୍ୟ ସମ୍ପନ୍ନ ହୋଇଛି । ସୁତରାଂ ଏବେ ତୁମ ସହିତ ପ୍ରେମ ସମ୍ପର୍କ ରଖିବା ମୋ ପାଇଁ ଏକ ଅନୈତିକ କର୍ମ ହେବ । କାରଣ ନିୟମ ଅନୁସାରେ, ମୁଁ ବର୍ତ୍ତମାନ ଭାସ୍କରଙ୍କ ବାଗଦତ୍ତା ଆଉ ସେ ମୋର ଭାବୀ ପତି ।

ଯେଉଁ ଏକାଂଶ ଦୃଷ୍ଟିରେ ଯୁବକ ଯୁବତୀ ହୋଟେଲ କ୍ଲବ, ପାର୍କ ଆଦିରେ ଏକତ୍ର ଭ୍ରମଣ କରିବା କିମ୍ବା ଏକାନ୍ତରେ ପ୍ରେମାଳାପ କରିବା ହେଉଛି ଆଧୁନିକ ସଭ୍ୟତା ଓ ସମ୍ଭ୍ରାନ୍ତ ବଂଶର ଲକ୍ଷଣ ସେ' ବା ତା' ନୀତି ବାକ୍ୟକୁ ଗୁରୁତ୍ୱ ଦିଅନ୍ତା କାହିଁକି ? ବରଂ ସେ ତା' ମୁହଁକୁ ତୀର୍ଯ୍ୟକ ଦୃଷ୍ଟିରେ ଚାହିଁ ସେଇ ମୁହୂର୍ତ୍ତରେ ହିଁ ତାକୁ "ହଁ କିମ୍ବା ନା" ଏଇ ଦୁଇଟି ଶବ୍ଦ ମଧ୍ୟରୁ ଗୋଟିଏ ଶବ୍ଦ ବାଛି ଶୀଘ୍ର ଉତ୍ତର ଦେବା ପାଇଁ ବାଧ କଲା ।

ଏକାଂଶର ଏପରି କିମ୍ଭୂତ କିମ୍ଭାକାର ପ୍ରସ୍ତାବ ଶୁଣି ଏବଂ ମୋବାଇଲର ଭିଡ଼ିଓ ରେକର୍ଡିଙ୍ଗ ଅନ କରି ତା'ର ସ୍ୱୀକାରୋକ୍ତି ରଖିବାକୁ ଜିଦ ଧରି ବସିଥିବା ଦେଖି ଚିନ୍ତାରେ ପଡିଗଲା ଭାସ୍ୱତୀ । ଏକାଂଶ ପରି ଏକ ପ୍ରେମ ପଶୁର ଅଭୀପ୍ସା ବୁଝିବାକୁ ତା'ର ଆଉ ବାକି ରହିଲା ନାହିଁ । ସେ ଏକାଂଶ କଥାରେ ରାଜି ହେବା ମାତ୍ରେ ଭୂଲୁଣ୍ଠିତ ହୋଇଯିବ ତା'ର ମାନ ସମ୍ମାନ, ଇଜ୍ଜତ ସବୁ କିଛି । ଆଉ ମୋବାଇଲରେ ଥିବା ତା' ସ୍ୱୀକାରୋକ୍ତିର ପ୍ରମାଣ ଦେଖାଇ ସେ ବଳାତ୍କାରୀ ଦୋଷରୁ ନିର୍ବିଘ୍ନରେ ଖଲାସ ହୋଇଯିବ । ତା' କଥାକୁ ଅସ୍ୱୀକାର କଲେବି ରକ୍ଷା ନାହିଁ ଏ ବଦ୍ଧ ପାଗଳ, କାମାନ୍ଧ ଯୁବକ ଯେ, ତା' ପ୍ରତି କି ଜଘନ୍ୟ କାଣ୍ଡ କରିବ କେଜାଣି ? ଗୋଟିଏ ପଟେ କୂଅ ତ ଆର ପଟେ ଖାଇ ଦେଖି କଙ୍କଡା ବିଛା ଲାହୁଡ ମାରିବା ପରି ଅସ୍ତ ବ୍ୟସ୍ତ ହୋଇ ପଡିଲା ଭାସ୍ୱତୀ । କେବେ ଏକାଂଶର ପ୍ରେମ ଜାଲରେ ଧରା ଦେଉଥିବା ଅନ୍ୟ ଝିଅ ମାନଙ୍କ ପରି ଏତେ ବୋକୀ ନୁହେଁ ଯେ, ସେ ତା' ପ୍ରଥମ ପ୍ରେମ ସମ୍ଭାରକୁ ଏଇ ଲମ୍ପଟ ହାତରେ ଟେକି ଦେବ ? ସାହାଯ୍ୟ ଆଶାରେ ଚତୁର୍ଦ୍ଦିଗରେ ଦୃଷ୍ଟି ବୁଲାଇ ଆଣି, ସେ କୌଣସି ପଥଚାରୀଙ୍କୁ ନଦେଖି ନିରାଶ ହେଲା ସତ, କିନ୍ତୁ ପର ମୁହୂର୍ତ୍ତରେ ନିଜ ମନକୁ ଦମ୍ଭ କରି ଏକାଂଶ ଓ ତା' ମଝିରେ ପ୍ରାଚୀର ସଦୃଶ ଛିଡା ହୋଇଥିବା ସ୍କୁଟୀକୁ ଖୁବ ଯୋରରେ ଧକ୍କା ମାରିଲା । ଅସାବଧାନତା ବଶତଃ ତଳେ କଚାଡି ହୋଇ ପଡିଲା ଏକାଂଶ । ହାତରୁ ତା'ର ମୋବାଇଲ ଛିଟିକି ଯାଇ ଖଣ୍ଡେ ଦୂରରେ ପଡିଲା । ଆଉ କାଳ ବିଳମ୍ବ ନକରି ସହାୟତା ଆଶାରେ ଭାସ୍ୱତୀ ଧାଇଁଲା ସେଇ ପରିଚିତ ଔଷଧ ଦୋକାନୀ ନିକଟକୁ । ହେଲେ ପ୍ରାଣାନ୍ତକ ପ୍ରୟାସ ସତ୍ତ୍ୱେ ସେ ଏଡାଇ ପାରିଲା ନାହିଁ ସେ ଦିନର ସେଇ ଅଭାବନୀୟ ଘଟଣାକୁ । ଦୋକାନରେ ସେ ପହଞ୍ଚିବା ପୂର୍ବରୁ ହିଁ କ୍ରୋଧାନ୍ଧ ଏକାଂଶ ତା' ବାଇକରେ ଦ୍ରୁତ ଗତିରେ ଆସି ଭାସ୍ୱତୀ ମୁହଁକୁ ଲକ୍ଷ କରି ଛାଟି ଦେଲା ତା' ହାତରେ ଧରିଥିବା ବୋତଲର ତରଳ ପଦାର୍ଥକୁ ଏବଂ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହୋଇ ରାସ୍ତାରେ ଗଡୁଥିବା ଭାସ୍ୱତୀର ବିକଳ ଚିତ୍କାର ଶୁଣି ଧାଇଁ ଆସୁଥିବା ଦୋକାନୀ ମାନଙ୍କୁ ଦେଖି

ସେ ରାସ୍ତା କଡରେ ବୋତଲଟି ଫିଙ୍ଗି ଦେଇ ଚମ୍ପଟ ମାରିଦେଲା ।

କ୍ରମଶଃ ସଂଜ୍ଞାହୀନ ହୋଇ ସେଇ ରାସ୍ତା ମଝିରେ ପଡି ରହିଲା ଭାସ୍ୱତୀର ଅବଶ ଶରୀର । ଅଥଚ ସଂଜ୍ଞା ଲାଭ କଲା ପରେ ସେ ନିଜକୁ ଦେଖିଲା ସରକାରୀ ଡାକ୍ତରଖାନାର ଏକ ସ୍ୱତନ୍ତ୍ର କୋଠରୀରେ । କିନ୍ତୁ ସେତେବେଳେ ଡାକ୍ତର ଓ ଶିଷ୍ଟର ନିକଟରେ ତା'ର ପରିଚୟ ଆଉ ଇଂ ଭାସ୍ୱତୀ ନୁହେଁ ବରଂ ସେ ଏକ ଏସିଡ ପୀଡିତା ରୋଗୀ ହୋଇଯାଇଥିଲା । ଦୀର୍ଘ ଦିନର ଚିକିତ୍ସା ପରେ ସେ ଯଦିଓ ଆରୋଗ୍ୟ ଲାଭ କଲା ହେଲେ, ତା' ସୁନ୍ଦର ଚେହେରା ବିକୃତ ହୋଇ ଯାଇଥିଲା । ଏକାଂଶ ପରି ହୃଦୟହୀନ, ମାନବିକତା ଶୂନ୍ୟ ଯୁବକର ଆକ୍ରୋଶ ଏବଂ କ୍ରୂର ଚକ୍ରାନ୍ତ ଫଳରେ ଏସିଡ ପଡି ପୋଡି ଯାଇଥିବା ତା' ମୁହଁର ପ୍ଲାଷ୍ଟିକ ସର୍ଜରୀ ଓ ଫୁଟି ଯାଇଥିବା ଚକ୍ଷୁର ପ୍ରତିରୋପଣ କରିବା ନିମନ୍ତେ ନିଜର ଅସାମର୍ଥ୍ୟ ପ୍ରକାଶ କରି ହାତ ଟେକି ଦେଲେ ସେଠାକାର ଡାକ୍ତର ମାନେ । ସରକାରୀ ଓ ବେସରକାରୀ ସୂତ୍ରରୁ କିଛି ଦିନ କେବଳ ସହାନୁଭୂତି ଏବଂ ସାମାୟିକ ତଥା ସ୍ୱଳ୍ପ ଆର୍ଥିକ ସାହାଯ୍ୟ ପାଇ ଘରକୁ ଫେରି ଆସିଲା ଭାସ୍ୱତୀ ।

ହେଲେ ଏସିଡ ପୋଡା କଷ୍ଟ ଠାରୁ ଲୋକଙ୍କ ଭର୍ତ୍ସନା ତା'କୁ ଭାରି କଷ୍ଟ ଦେଲା । ଦିନେ ତା'ର ମାର୍ଜିତ ବ୍ୟବହାର, ଶାଳୀନ ବେଶ ପୋଷାକ, ଶୃଙ୍ଖଳା ଓ ଅନୁଶାସନରେ ବନ୍ଧା ଜୀବନ ଶୈଳୀ ଦେଖି ଯେଉଁ ପ୍ରତିବେଶୀ ସାଙ୍ଗସାଥି, ବନ୍ଧୁ ବାନ୍ଧବ ମାନେ ତା' ପ୍ରଶଂସାରେ ଶତମୁଖ ହୋଇ ପଡୁଥିଲେ ସେଇମାନେ, ହିଁ ପୁଣି ତା'କୁ ଚାହି ଟାପରା, ଟିକା ଟିପ୍ପଣୀ ଏବଂ କୁତ୍ସା ରଟନାରେ ପୋତି ପକାଇଲେ । ଏପରିକି ତା'ର ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେଖି ବାପା ବୋଉ ଅତ୍ୟନ୍ତ ଦୁଃଖିତ ଥିବା ବେଳେ ତଥାକଥିତ ଆତ୍ମୀୟ ମାନେ ସେମାନଙ୍କୁ ମଧ୍ୟ କଟୁ ମନ୍ତବ୍ୟ ଦେଇ ଉକ୍ତ ମର୍ମଭେଦୀ ଘଟଣା ସେମାନଙ୍କର କୌଣସି ପାପ କର୍ମର ପରିଣାମ ବୋଲି କହିବାକୁ କୁଣ୍ଠାବୋଧ କରୁନଥିଲେ । ଅଥଚ, ନା' ତ ଭାସ୍ୱତୀ କାହାକୁ ପ୍ରତିବାଦ କରିପାରୁଥିଲା ନା ସେ କାହାକୁ କୈଫିଅତ ଦେବାକୁ ଚାହୁଁଥିଲା । ପରାଜୟ ତା' ମନ ମସ୍ତିଷ୍କକୁ ଏପରି ଆବୋରି ନେଇଥିଲା ଯେ, ଜୀବନ ଉପରୁ ବି ତା'ର ଆସ୍ଥା ତୁଟି ଯାଇଥିଲା । ସୀମାହୀନ ଯନ୍ତ୍ରଣା ଏବଂ ବୁକୁଫଟା ହାହାକାର ନେଇ ଚାରିକାନ୍ଥ ମଧ୍ୟରେ ମୁହଁ ଲୁଚାଇ କାନ୍ଦୁଥିଲା ଭାସ୍ୱତୀ । ସତ କହିବାକୁ ଗଲେ ତାସ ଘର ପରି ଭାଙ୍ଗି ଯାଇଥିଲା ତା'ଙ୍କ ହସ ଖୁସି ଭରା ଛୋଟ ସଂସାରର ସବୁ ସୁଖ ଶାନ୍ତି ।

ସମୟ ସ୍ରୋତରେ ଭାସିଗଲା ତା'ର ରୂପ ଲାବଣ୍ୟର ଆକର୍ଷଣ । ଉଡ଼ନ୍ତା ଚଢେଇ ପରି ଫୁରକିନା ଉଡ଼ିଗଲା ସେ ପାଇଥିବା ଏକ ବହୁ ରାଷ୍ଟ୍ରୀୟ କମ୍ପାନୀର ଭଲ ପ୍ୟାକେଜର ଚାକିରିର ଆନନ୍ଦ ଉଲ୍ଲାସ । ଧୂଳିସାତ ହୋଇଗଲା ଭାସ୍କରଙ୍କ ସହିତ ବିବାହ ବନ୍ଧନର ମୋହ ଏବଂ ସୁନେଲି ଭବିଷ୍ୟତର ସୁଖ, ସ୍ୱପ୍ନ, ଆଶା, ଆକାଂକ୍ଷା ଓ ସମ୍ଭାବନା ସବୁକିଛି ।

ଅଥଚ ନ୍ୟାୟ ନିକିତିର ପରିସର ମଧ୍ୟ ସଙ୍କୁଚିତ ହୋଇଗଲା । ଧନାଢ୍ୟ ବାପର ଏକମାତ୍ର ନଷ୍ଟ ଚରିତ୍ର, ନିଷ୍କର୍ମା ଦାୟାଦ ଏକାଂଶ ପାଇଁ ଅନ୍ୟାୟ କରି ମଧ୍ୟ ସେ ଅର୍ଥଲୋଭୀ ରକ୍ଷକ ମାନଙ୍କ ନିର୍ଭୟତାର ଦ୍ରୁମ ଛାୟା ତଳେ ରହି ମୁକ୍ତ ବିହଙ୍ଗ ପରି ସ୍ୱଚ୍ଛନ୍ଦରେ ଘୂରି ବୁଲୁଥିଲା ।

ଆଉ ଲଜ୍ଜା, ଅପମାନ ଓ ମନରେ ଚାଲିଥିବା ଅଶାନ୍ତ ସୁନାମୀ ଯୋଗୁଁ ନିଜର ବୁଦ୍ଧି, ବିବେକ, ସତ ଅସତର ଜ୍ଞାନ ହରାଇ ବସିଥିଲା ଭାସ୍ୱତୀ । ସୁତରାଂ ନିଜ ମନର ନିକିତିରେ ସେ ଭାସ୍କରଙ୍କୁ ମଧ୍ୟ ଏକାଂଶର ସମଗୋତ୍ରୀ ଭାବରେ ତଉଲୁ ଥିଲା । ଅର୍ଥାତ ଭାସ୍କର ମଧ୍ୟ ରୂପର ଉପାସକ ଭାବି ସେ ନିଜେ ନା ତ ଆଉ ତାଙ୍କୁ ଫୋନ କଲା, ନା ତା'ଙ୍କ ଫୋନ କଲ, ଇ-ମେଲ କିମ୍ବା ମେସେଜର ଉତ୍ତର ଦେଲା । ଏପରିକି ବାପା ବୋଉଙ୍କୁ ମଧ୍ୟ ସେ ଭାସ୍କର ଓ ତାଙ୍କ ପରିବାରକୁ ଏ ଜଘନ୍ୟ କାଣ୍ଡ ସମ୍ବନ୍ଧରେ ଖବର ଦେବାକୁ ବାରଣ କରି ଯୁକ୍ତି ବାଢି କହିଲା - ତା'ର ଏପରି ପୋଡ଼ାମୁହଁ ଦେଖି କେଉଁ ଯୁବକ ତାକୁ ବିବାହ କରିବାକୁ ଚାହିଁବ ନା ତା' ପରିବାର ତା'କୁ ବୋହୂ ଭାବରେ ଗ୍ରହଣ କରିବାକୁ ରାଜି ହେବ? ସୁତରାଂ ସେମାନଙ୍କୁ ଆଉ ଧର୍ମ ସଂକଟରେ ପକାଇବା ଉଚିତ ନୁହେଁ ।

କିନ୍ତୁ ଅନ୍ୟ ପଟେ ନିୟତି ତା'ର ଖେଳ ଖେଳିଥିଲା । କୌଣସି ସୂତ୍ରରୁ ଉକ୍ତ ଦୁର୍ଘଟଣା ସମ୍ପର୍କରେ ଅବଗତ ହୋଇ ଯେତେ ଶୀଘ୍ର ସମ୍ଭବ ଭାସ୍ୱତୀ ଘରେ ପହଞ୍ଚିଗଲା ଭାସ୍କର ତା' ବାରିଷ୍ଟର ତଥା ସମାଜସେବୀ ମମିଙ୍କୁ ସାଙ୍ଗରେ ନେଇ । ଚିନ୍ତାର ଜୁଇରେ ଜଳି ଯାଉଥିବା ଭାସ୍ୱତୀର କଙ୍କାଳସାର ଶରୀର ଓ କୁତ୍ସିତ ରୂପ ଦେଖି ଏବଂ ତା' ଚକ୍ଷୁରେ ଅବର୍ଣ୍ଣନୀୟ ବେଦନା ଓ ଅସହାୟତାର ଝଲକ ବାରିପାରି ଭାସ୍କର ଦୁଃଖରେ ଏମିତି ମ୍ରିୟମାଣ ହୋଇ ପଡିଥିଲା ଯେ ତା' ତୁଣ୍ଡରୁ ହଠାତ ଦୁଇପଦ ପ୍ରବୋଧନାର ଭାଷା ମଧ୍ୟ ସ୍ଫୁରିଲା ନାହିଁ ।

ଭାସ୍ୱତୀର ଅବସ୍ଥା ମଧ୍ୟ ତଦ୍ରୁ ବଳକା । ତା' ନେତ୍ରରୁ ବହୁଥିବା ଅଶ୍ରୁ ନଦୀରେ ସତେକି ଆଜି ବନ୍ୟା ଆସିଯାଇଥିଲା ।

ଅତିଶଯ୍ୟ ଦୁଃଖରେ ଭାଙ୍ଗିପଡି ସେ ତା' ଏସିଡ ପୋଡା ମୁହଁକୁ ଦୁଇ ହାତରେ ଢାଙ୍କି ଦେଇ କଇଁ କଇଁ ହୋଇ କାନ୍ଦି ଉଠିଲା ।

କ୍ରନ୍ଦନରତା ଭାସ୍ୱତୀର ମଥାରେ ନିଜର ସ୍ନେହପୂର୍ଣ୍ଣ ହାତଟି ବୁଲାଇ ଆଣି ତା'କୁ ସାନ୍ତ୍ୱନା ଦେଇ କହିଲେ ମାଉସୀ - ଗୋଟିଏ ନୈତିକ ଶିକ୍ଷା ବିହୀନ, ବିବେକ ବିଚାର ଶୂନ୍ୟ, କାମାନ୍ଧ ଯୁବକର ବର୍ବରୋଚିତ କାମପାଇଁ ତୁ କାହିଁକି ନିଜକୁ କଷ୍ଟ ଦେଉଛୁ ? ତୁ ଗୋଟିଏ ବୁଦ୍ଧିମତୀ ସାହସୀ ଝିଅ ଅଥଚ ସମ୍ମୁଖୀନ ହୋଇଥିବା ଅପ୍ରୀତିକର ଅଲୋଡ଼ା ସମସ୍ୟାର ସମାଧାନ ନିମନ୍ତେ କୌଣସି ପଦକ୍ଷେପ ନ'ନେଇ ଏପରି ମାନସିକ ଅସ୍ଥିରତାର ଶିକାର ହେଲେ କିଏ ତୋତେ କିପରି ସାହାଯ୍ୟ କରିବ ? କହନ୍ତି ପରା ଯିଏ ନିଜ ପାଇଁ ଚେଷ୍ଟା କରେ ତାକୁ ପରୋକ୍ଷରେ ଭଗବାନ ମଧ ସାହାଯ୍ୟ କରନ୍ତି । ସମୁଦୀ ସମୁଦୁଣୀ ସିନା ଆମକୁ ପର ବୋଲି ଭାବିଲେ, ହେଲେ ତୁ'ତ ମୋତେ, ନଚେତ ଭାସ୍କରକୁ ଏ ଖବର ଦେଇ ପାରିଥାନ୍ତୁ । ନା ତୁ ବି ଆମକୁ ପର କରି ଦେଲୁ ?

ଗଦ ଶୁଙ୍ଘି ସାପ ଚୁପ ରହିବା ପରି ମାଉସୀଙ୍କ ଦୁଃଖ ଅଭିମାନ ମିଶ୍ରିତ ଆକ୍ଷେପ ଶୁଣି ବାପା ନିର୍ବାକ ପାଲଟି ଗଲେ । କିନ୍ତୁ ମହାମତି ମାଉସୀଙ୍କ ମହନୀୟତା ତଥା ସ୍ନେହ, ଶ୍ରଦ୍ଧା ଓ ଆତ୍ମୀୟତା ଦେଖି କ୍ଷମା ପ୍ରାର୍ଥନା ମୁଦ୍ରାରେ ହାତ ଯୋଡି ଦେଲା ବୋଉ ଏବଂ ପର ମୁହୂର୍ତ୍ତରେ ହିଁ ହାତ ଧରି ସହାସ୍ୟ ବଦନରେ ଅନ୍ୟ କୋଠରୀକୁ ନେଇଗଲା । ବାପା ମଧ ବ୍ୟାଗ ଟିଏ ଧରି ବଜାରକୁ ଚାଲିଗଲେ ।

ଭାସ୍ୱତୀର ହାତକୁ ନିଜ ହାତ ମୁଠାରେ ମୁଠେଇ ଧରି ଭାବ ଗମ୍ଭୀର କଣ୍ଠରେ କହିଲା ଭାସ୍କର - ଶୁଣ ଭାସ୍ୱତୀ; ଆମ ପ୍ରେମ ଶାଶ୍ୱତ, ଅମର ଓ ସ୍ୱର୍ଗୀୟ ତୁମର ଏଇ ଶାରୀରିକ ଖୁଣ ଯୋଗୁଁ ଏଥିରେ ଘୁଣ ଲାଗିବା ସମ୍ଭବ ନୁହେଁ । ତୁମେ ଦେଖିବ, ମୋ ମମି ତୁମ କେସ ଲଢ଼ି ତୁମକୁ ନ୍ୟାୟ ଦେବା ସହିତ, ଆମ ବିବାହ ମଧ ନିଶ୍ଚୟ କରିବେ ।

ଭାସ୍କର ଯେ ଏକାଂଶ ପରି କେବଳ ବାହ୍ୟ ରୂପର ପୂଜାରୀ ନୁହନ୍ତି ବରଂ ଆଦର୍ଶ ନୀତି, ବିଦଗ୍ଧତା, ଜ୍ଞାନ ବୃଦ୍ଧି ଓ ଶାଶ୍ୱତ ସୌନ୍ଦର୍ଯ୍ୟର ପୂଜାରୀ ଜାଣିପାରି, ତାଙ୍କ ଅନାବିଳ ପ୍ରେମକୁ ଅନୁଭବ କରିଥିଲା ଭାସ୍ୱତୀ ।

ମାଉସୀ ଓ ଭାସ୍କରଙ୍କ ସ୍ନେହ ସୌହାର୍ଦ୍ଦ୍ୟ ଓ ଦୃଢ ବିଶ୍ୱାସ ତା' ମନରେ ପୁଣି ବଞ୍ଚିବାର ଉତ୍ସାହ ଭରିଦେଲା । ଏକ ଯୁକ୍ତାତ୍ମକ ମନୋଭାବ ନେଇ ନିଜକୁ ଦୃଢ କଲା । ଭାସ୍ୱତୀ ମାଉସୀଙ୍କ ପରାମର୍ଶକୁ ଗୁରୁ ଜ୍ଞାନ ମନେକରି ଏବଂ ତାଙ୍କ ପ୍ରେରଣାରେ ପ୍ରୋତ୍ସାହିତ ହୋଇ ସେ ତାଙ୍କୁ ସାକ୍ଷୀ ଓ ପ୍ରମାଣ ପାଇଁ ତଥ୍ୟ ସଂଗ୍ରହ କରିବାରେ ପୂର୍ଣ୍ଣ ମାତ୍ରାରେ ସହଯୋଗ କଲା । ଏପରିକି ଏକାଂଶର ବାରମ୍ବାର ପ୍ରେମ ନିବେଦନ କରୁଥିବା ମୋବାଇଲର କଥା ଗୁଡିକୁ ପୂର୍ବରୁ ସେ ରେକର୍ଡ କରି ରଖିଥିବା ପେନ ଡ୍ରାଇଭଟି ମଧ ତାଙ୍କୁ ଦେଲା ।

ସେ ଯାହା ହେଉ, ମାଉସୀଙ୍କ ଅକ୍ଳାନ୍ତ ପ୍ରଚେଷ୍ଟା ଫଳରେ ସତକୁ ସତ ସତ୍ୟ କଥାଟି ସାତ ତାଳ ପଙ୍କ ତଳୁ ମଧ ଉଠି ଆସିଲା । କିଛି ଦିନ ମଧରେ ସେହି ଏସିଡ ଆକ୍ରମଣ ସମ୍ପର୍କିତ ଫଉଜଦାରି କେଶର ଫାଇଲକୁ ଶୀତଳ ଭଣ୍ଡାରରୁ କାଢି ଅଣାଯିବା ସହିତ, ତଦନ୍ତରେ ହେଳା କରି ଏହି ମାମଲାକୁ ବନ୍ଦ କରି ଦେଇଥିବା ପୁଲିସ ଅଧିକାରୀଙ୍କୁ ନିଲମ୍ବିତ କରାଗଲା ଏବଂ ଅଭିଯୁକ୍ତ ଏକାଂଶ ଦୋଷୀ ସାବ୍ୟସ୍ତ ହୋଇ ଜେଲ ଦଣ୍ଡ ଭୋଗିବା ସହିତ ପୀଡିତାର କ୍ଷତି ପୂରଣ ନିମନ୍ତେ ଯେଉଁ ବିପୁଳ ଅର୍ଥ ରାଶି ଦଣ୍ଡ ଗଣିଲା, ସେଥିରେ ଭାସ୍ୱତୀର ଚକ୍ଷୁ ପ୍ରତିରୋପଣ ଓ ମୁଖ ମଣ୍ଡଳର ପ୍ଲାଷ୍ଟିକ ସର୍ଜରୀ ହୋଇ ସେ ଏକ ନୂଆ ରୂପ ସହ ଜୀବନ ମଧ ପାଇଲା ।

ଦୋଷୀ ଏକାଂଶ କାରାଗାରର ରୁଦ୍ଧ କୋଠରୀରେ ନିଜ ଅହଂର ପ୍ରତିଧ୍ୱନି ନିଜେ ଶୁଣୁଥିବା ବେଳେ ଭାସ୍ୱତୀର ଶୁଭ ବିବାହର ମାଙ୍ଗଳିକ ଶଙ୍ଖ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହେଉଥିଲା । ଆଉ ଏତେ ଦିନ ଧରି ଭାସ୍ୱତୀର ମୁଖ ମଣ୍ଡଳରେ ଢାଙ୍କି ହୋଇ ରହିଥିବା କଳା ବାଦଲ ଅଚିରେ ପୋଛି ହୋଇଗଲା ।

****

ଡ଼ି - ୩୦୬, କୋଏଲ ନଗର
ରାଉରକେଲା - ୭୬୯୦୧୪
ମୋ: ୭୯୭୮୦୪୦୧୩

Oriya Cultural & Welfare Association
OCWA



କୈବଲ୍ୟ ପ୍ରସାଦ ମହାପାତ୍ର

# ମହାବିଷୁବ ସଂକ୍ରାନ୍ତିର ମାହାତ୍ମ୍ୟ

କଥାରେ ଅଛି "ଯାହା ନାହିଁ ଭାରତେ, ତାହା ନାହିଁ ମରତେ" । ଏହି ମହାନ ଦେଶ ବିଭିନ୍ନ ଐତିହ ଓ ପରମ୍ପରାର ଦେଶ । ଏ ଦେଶରେ ବର୍ଷର ବାର ମାସରେ ତେର ପର୍ବ ପାଳିତ ହୋଇଥାଏ । ମାତ୍ର ବିଭିନ୍ନ ପ୍ରଦେଶରେ ବିଭିନ୍ନ ନାମରେ ଲୋକମାନେ ପର୍ବ ଗୁଡିକୁ ପାଳନ କରୁଥାନ୍ତି । ଆଜି ମୁଁ ଆମ ଦେଶର ଗୋଟିଏ ମୁଖ୍ୟ ପର୍ବ ସମ୍ପର୍କରେ ଆଲୋଚନା କରିବି । ଏହି ପର୍ବଟି ଭାରତୀୟ ମାନଙ୍କର ନବବର୍ଷ ଆରମ୍ଭର ପର୍ବ । ଏହା ମହା ବିଷୁବ ସଂକ୍ରାନ୍ତି ନାମରେ ଖ୍ୟାତ ।

**ତାମିଲନାଡୁ** : ତାମିଲନାଡୁରେ ଏହାକୁ ପୁଥୁବରୁଷମ କୁହାଯାଏ । ତାମିଲ ମାସ ବିଧିରାଇର ପ୍ରଥମ ଦିନ ପାଳିତ ହେଉଥିବା ଏହି ପର୍ବ ସାଧାରଣତଃ ଏପ୍ରିଲ ୧୩ ରୁ ୧୫ ତାରିଖ ମଧ୍ୟରେ ପଡିଥାଏ । ମୁଖ୍ୟତଃ ତାମିଲନାଡୁ ଓ ପୁଡୁଚେରୀରେ ଏହି ପର୍ବ ପାଳିତ ହେଉଥିବା ବେଳେ ତାମିଲମାନେ ପରସ୍ପରକୁ ' ପୁଥାଣ୍ଡୁ ବଜତୁ ଗଲା' କହି ନୂଆ ବର୍ଷର ଅଭିନନ୍ଦନ ଜଣାନ୍ତି । ଘରଦ୍ୱାର ପରିଷ୍କାର କରିବା ସହ ଏକ ଥାଳିରେ ଫୁଲ ଓ ଅନ୍ୟାନ୍ୟ ଶୁଭସୂଚକ ବସ୍ତୁ ରଖି ପୂଜା କରନ୍ତି । ପ୍ରବେଶ ଦ୍ୱାରରେ ସୁନ୍ଦର ରଙ୍ଗୋଲି ପ୍ରସ୍ତୁତ କରି ନବ ବର୍ଷକୁ ସ୍ୱାଗତ କରାଯାଏ । ଦକ୍ଷିଣ ତାମିଲନାଡୁର କେତେକ ସ୍ଥାନରେ ଏହି ପର୍ବକୁ ' ଚିତ୍ତିରାୟ ବିଷୁ' ବୋଲି ବି କହିଥାନ୍ତି ।

**ଓଡିଶା** : ଆମ ଓଡ଼ିଶାରେ ନବ ବର୍ଷ ବୈଶାଖ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ଠାରୁ ଆରମ୍ଭ ହୋଇଥାଏ । ସେଦିନ ସୂର୍ଯ୍ୟ ଦେବଙ୍କର ମେଷ ରାଶିକୁ ସଂକ୍ରମଣ ଦିନ । ସେଦିନ ଓଡ଼ିଶାର ଲୋକେ ପୂଜା, ଭୋଗ ଓ ହୋମ ଆଦି କରିଥାନ୍ତି । ଏହି ଦିନ ପରେ ସୂର୍ଯ୍ୟଙ୍କର ଉତ୍ତରାୟଣ ଆରମ୍ଭ ହେଉଥିବାରୁ ସୂର୍ଯ୍ୟ କିରଣର ପ୍ରଭାବ ବୃଦ୍ଧି ପାଇଥାଏ ଏବଂ ତାହା ସହ ଆମ ଦେହରେ ହଜମ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ । ଗରିଷ୍ଠ ଖାଦ୍ୟ ହଜମ ହେଉ ଥିବାରୁ ଏହି ଦିନ ବୁଟ ଛତୁଆ ଖିଆଯାଏ ଏବଂ ବେଲ ପଣା ପିଆଯାଏ । ମନ୍ଦିର ମାନଙ୍କରେ ବୁଟ ଛତୁଆ ଓ ବେଲ ପଣା ଭୋଗ ଲଗାଯାଏ । ବେଲ ପଣା ଖରାଦିନେ ଅମ୍ଳ ପ୍ରଭାବ ଓ ବଦ ହଜମିରୁ ରକ୍ଷା କରିଥାଏ । ଏହି ସଂକ୍ରାନ୍ତିକୁ ଜଳ ବିଷୁବ ମଧ୍ୟ କୁହାଯାଏ । ଏହି ଦିନଠାରୁ ବସନ୍ତ ଋତୁର ଶେଷ ଓ ଗ୍ରୀଷ୍ମ ଋତୁର ଆରମ୍ଭ ହେଉଥିବାରୁ ତୁଳସୀ ଗଛକୁ ଜଳଦାନ ଲାଗି ଠେକିରେ ପଣା ରଖି ଚଉରାରେ ଲଗା ଯାଇଥିବା ତୁଳସୀ ଗଛ ଉପରେ ବାନ୍ଧି ଦିଆଯାଏ । ଏହାକୁ ବସନ୍ତରା ଠେକି କୁହାଯାଏ । ଠେକିରେ ଏକ ରନ୍ଧ୍ର କରି ଦୂବ ଲଗା ଯାଇଥାଏ, ତେଣୁ ଠେକିରୁ ଟୋପା ଟୋପା ଜଳ ପଡି ତୁଳସୀ ଗଛକୁ ଗ୍ରୀଷ୍ମ ପ୍ରବାହରୁ ସୁରକ୍ଷିତ ରଖିବା ସହ ଆଗାମୀ ବର୍ଷା ଋତୁର ସୂଚନା ଦେଇଥାଏ । ଏହା ବ୍ୟତୀତ ଘରେ ଯେଉଁମାନେ ମୃତ୍ୟୁ ବରଣ କରିଥାନ୍ତି, ସେମାନଙ୍କର ସମାଧୀ ଉପରେ ବତା ସାହାଯ୍ୟରେ ଠେକି ବନ୍ଧାଯାଇ ଜଳ ଦିଆଯାଏ । ଏହା ଦ୍ୱାରା ଖରା ଦିନରେ ସେମାନେ ଜଳ ପାଇଥାନ୍ତି ବୋଲି ବିଶ୍ୱାସ କରାଯାଏ । ଦୀର୍ଘ ଏକ ମାସ ଧରି ଠେକି ମାନଙ୍କରେ ଜଳ ଦିଆଯାଏ । ଏହି ଦିନ ବିଭିନ୍ନ ଶକ୍ତି ପୀଠରେ ଝାମୁ ଯାତ୍ରା ପାଳନ କରାଯାଏ । ଗାଁରେ ଏହାକୁ ପାଟୁଆ ଯାତ୍ରା ମଧ କହନ୍ତି । ଏହି ଯାତ୍ରାରେ ବ୍ରତଧାରୀ ମାନେ ଜିଭରେ କିମ୍ବା କାନ୍ଧରେ କଣ୍ଟା ଫୋଡି ଶକ୍ତି ପୀଠରେ ନାଚ କରନ୍ତି । କେତେକ ବ୍ରତଧାରୀ ଠାକୁରାଣୀଙ୍କ ମନ୍ଦିର ସମ୍ମୁଖରେ ହଳଦୀ ପାଣିରେ ଗୋଡ ବୁଡାଇ ନିଆଁ ଉପରେ ଚାଲିଥାନ୍ତି । ଏଥିରେ ସେମାନଙ୍କର କୌଣସି କ୍ଷତି ହୋଇ ନଥାଏ । କେତେକ ସ୍ଥାନରେ ଉଡା ପାଟୁଆ ପର୍ବ ହୁଏ । ଏଥିରେ ଏକ ବିରାଟ ଖୁଣ୍ଟରେ ଆଉ ଏକ ସମାନ୍ତର କାଠ ବାନ୍ଧି ସେଥିରେ ବ୍ରତଧାରୀ ମାନେ ଖୁଣ୍ଟ ଚାରି ପାଖରେ ବୁଲନ୍ତି । ଦକ୍ଷିଣ ଓଡ଼ିଶାରେ ମାସାଧିକ କାଳ ଧରି ଚାଲିଥିବା ଦଣ୍ଡ ନାଚ ଶେଷ ହୋଇ ସଂକ୍ରାନ୍ତି ଦିନ ମେରୁ ଯାତ ପାଳନ କରାଯାଏ । ଏହି ପର୍ବ ସାଧାରଣତଃ ଏପ୍ରିଲ ୧୩ ତାରିଖରୁ ୧୫ ତାରିଖ ମଧ୍ୟରେ ପଡିଥାଏ ।

**ପଶ୍ଚିମ ବଙ୍ଗ** : ପଶ୍ଚିମ ବଙ୍ଗରେ ଏପ୍ରିଲ ୧୪ କିମ୍ବା ୧୫ ତାରିଖରେ ନୂଆ ବର୍ଷ 'ପୋଇଲା ବୈଶାଖ' ନାମରେ ପାଳନ କରାଯାଏ । ବାଂଲାଦେଶରେ ମଧ ଏହି ଦିନ ନୂଆ ବର୍ଷ ପାଳିତ ହୁଏ । ବାଂଲାଦେଶରେ 'ଶୁଭ ନବୋ ବର୍ଷ' ର ଅଭିନନ୍ଦନ ସହ ମଙ୍ଗଳ ଶୋଭାଯାତ୍ରା ଆୟୋଜନ କରାଯାଏ । ବ୍ୟବସାୟ ପ୍ରତିଷ୍ଠାନରେ ଏହି ଦିନ ନୂଆ ଖାତା ଆରମ୍ଭ ହୁଏ । ଐତିହାସିକଙ୍କ ମତରେ ମୋଗଲ ସମ୍ରାଟ ଆକବର କର ଆଦାୟର ସୁବିଧା କରିବା ପାଇଁ ପ୍ରଥମେ ବଙ୍ଗୀୟ ନବବର୍ଷ ଏବଂ ବଙ୍ଗୀୟ କ୍ୟାଲେଣ୍ଡରର ପ୍ରଚଳନ କରିଥିଲେ । ଆଉ କେତେକ ଐତିହାସିକଙ୍କ ମତରେ ରାଜା ଶଶାଙ୍କ ସପ୍ତମ ଶତାବ୍ଦୀରେ ଏହି କ୍ୟାଲେଣ୍ଡରର ପ୍ରଚଳନ କରିଥିଲେ । ମାତ୍ର ଭାରତର କେତେକ ସ୍ଥାନ ଏବଂ ନେପାଳ ସହିତ ବଙ୍ଗୀୟମାନଙ୍କ ମତ ଯେ ଏହି କ୍ୟାଲେଣ୍ଡର ବିକ୍ରମାଦିତ୍ୟ ହିଁ ପ୍ରଚଳନ କରିଥିଲେ ।

**ଆସାମ** : ଆସାମ ବାସିନ୍ଦା ଏହି ନବ ବର୍ଷକୁ 'ରେଙ୍ଗାଲି ବିହୁ' ନାମରେ ପାଳନ କରିଥାନ୍ତି । ଏହି ପର୍ବରେ ସେମାନେ ଭୋଜି, ଉତ୍ସବ, ସଂଗୀତ ଏବଂ ନୃତ୍ୟ ସହିତ ପାଳନ କରିଥାନ୍ତି । କେତେକ ମଧ ନିଜ ଘର ସମ୍ମୁଖସ୍ଥ ଖୁଣ୍ଟରେ ପିତଳ କିମ୍ବା

ତମ୍ବାର ପାତ୍ର ଟାଙ୍ଗିଥାନ୍ତି । ପିଲାମାନଙ୍କୁ ଫୁଲହାର ପିନ୍ଧାଇବା ସହ ଗାଁ ରାସ୍ତା ଦେଇ ଏକ ଶୋଭାଯାତ୍ରା ନିଆଯାଏ । ବିହୁ ଶବ୍ଦକୁ ଆଧାର କରି ପାରମ୍ପରିକ ବିହୁ ନୃତ୍ୟ ପରିବେଷଣ କରାଯାଏ । ବିହୁ ନୃତ୍ୟର ପ୍ରଥମ ଆଧୁନିକ ରୂପ ' ହରିଦେୱା ଲୋଇ' ମନ୍ଦିରରେ ଆରମ୍ଭ ହୋଇଥିଲା ବୋଲି କୁହାଯାଏ । ପରେ ଊନବିଂଶ ଶତାବ୍ଦୀରେ ଏହାକୁ ମହାଗୁଲି ସାପୋରି ଏବଂ ଢ଼ାକୁଆଖାନା ଠାରେ ଚୁଟିଆ, ସୋନୋୱାଲ, ଦେଓଲି, ଅହୋମ ଏବଂ ମିସିଂ ଜନଜାତିର ଲୋକମାନେ ପରିବେଷଣ କରିଥିଲେ । ଏହି ପର୍ବ ସାତ ଦିନ ଧରି ବିଭିନ୍ନ ସ୍ଥାନରେ ପାଳିତ ହୁଏ ଯଥା ଚୋଟ ବିହୁ, ଗୋରୁ ବିହୁ, ମାନୁହ ବିହୁ, କୁଟୁମ ବିହୁ, ସେନେହି ବିହୁ, ମେଳା ବିହୁ ଏବଂ ଚେରା ବିହୁ ଇତ୍ୟାଦି ।

**ବୋଡୋଲାଣ୍ଡ ( ଆସାମ )** : ବୋଡୋଲାଣ୍ଡରେ ଏହାକୁ 'ବୁଇ ସାଗୁ ' କୁହାଯାଏ । ସେହି ପ୍ରଦେଶରେ ବୋଡୋ ଶବ୍ଦ 'ବୁଇସା' ଅର୍ଥ ବର୍ଷ ବା ବୟସ ଏବଂ 'ଆଗୁ ' ଅର୍ଥ ଆରମ୍ଭ । ସଂକ୍ରାନ୍ତି ଦିନ ଅର୍ଥାତ ନୂଆ ବର୍ଷର ଦିନକ ପୂର୍ବରୁ 'ଗ୍ୱୋଖା', 'ଗ୍ୱୋଖ୍ୱି ଜନାଇ' ରେ ବଣର କଷା, ଖଟା ଫଳ ଖିଆଯାଏ । ମୋସୁ 'ଥୁଖ୍ୱିନାଇ'ରେ ଗୃହପାଳିତ ପଶୁ ମାନଙ୍କୁ ଗାଧୋଇ ଦେବା ସହ ଦେବା ଦେବୀ ଓ ପୂର୍ବ ପୁରୁଷ ମାନଙ୍କୁ ପୂଜା କରାଯାଏ । ପରେ ନାଚ ଗୀତର ଆସର ଜମେ । ସାତ ଦିନର ଏହି ପର୍ବରେ ପୁରୁଷମାନେ ସିଫଙ୍ଗଂ (ବଂଶୀ), ଖାମ (ଢ଼ୋଲ) ଏବଂ ଚାରି ଗୋଟି ତାର ଥିବା ସେରଜାକୁ ବାଉଁଶର ଏକ ପ୍ରକାର କାଠି 'ଥରଖା' ଧରି ବଜାଇଥିବା ବେଳେ ଯୁବତୀ ମାନେ ବାଜା ସହ ତାଳ ଦେଇ ଗୋଙ୍ଗନା ଏବଂ ଯୋଥାରେ ନୃତ୍ୟ କରିଥାନ୍ତି । ବୋଡୋ ମାନେ ସାପକୁ ଶତ୍ରୁ ଭାବୁଥିବାରୁ ବଂଶୀରେ ଏକ ସ୍ୱତନ୍ତ୍ର ଧ୍ୱନି 'ସନ୍ତାବଳି' ବଜାଇଥାନ୍ତି, ଯାହା ସାପ ଅଣ୍ଡାକୁ ନଷ୍ଟ କରି ତା'ର ବଂଶବୃଦ୍ଧି ରୋକିଥାଏ । ଏହି ପର୍ବରେ ସେମାନେ ତାଙ୍କର କୁଳ ଦେବତା 'ବୁରାବାଥୁ ମହାରାଜ' ଙ୍କୁ ପୂଜା କରିବା ସହ ସପ୍ତମ ଦିନରେ ବୁଇସାଗୁ ପର୍ବର ଉଦଯାପନ କରିଥାନ୍ତି । ଚୈତ୍ର ମାସର ଶେଷଦିନ ଗୋରୁ ବୁଇସାଗୁରେ ଗାଈ ଗୋରୁଙ୍କୁ ସୋରିଷ ତେଲ ଲଗାଇ ଗାଧୋଇ ଦେବା ସହ କଳା ପାଉଁଶ ଏବଂ ସୋରିଷ ତେଲ ମିଶାଇ ଏରି ଗଛ ଡାଳରେ ସେହି ରଙ୍ଗ ନେଇ ତାଙ୍କ ଦେହରେ ଚିତ୍ର କରାଯାଏ । ଗୋରୁ ଗାଈଙ୍କୁ ଗାଧୋଇ ବାକୁ ନେବା ବେଳେ ଲୋକେ ଗୀତ ଗାଇ ଦିଗ ହଲାତି ଗଛ ଡାଳରେ ସେମାନଙ୍କୁ ହାଲକା ପାହାର ଦେଇ ନେଇଥାନ୍ତି । ବାଇଗଣ, ଲାଉ ଓ ଅନ୍ୟାନ୍ୟ ପରିବାରେ ତିଆରି ହାର ସେମାନଙ୍କୁ ପିନ୍ଧାଯାଏ ଏବଂ ନୂଆ ପଘାରେ ବନ୍ଧା ଯାଇଥାଏ ।

**ଅରୁଣାଚଳ ପ୍ରଦେଶ** : ଅରୁଣାଚଳ ପ୍ରଦେଶର ଥେରବାଦ ବୌଦ୍ଧ ସଂପ୍ରଦାୟ ଏବଂ ଆସାମର କେତେକ ଅଞ୍ଚଳରେ ଏପ୍ରିଲ ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ପାରମ୍ପରିକ ନୂଆ ବର୍ଷ ଭାବେ 'ସାଙ୍ଗକେନ' ପର୍ବ ପାଳିତ ହୁଏ । ପ୍ରଥମେ ମୁଖ୍ୟତଃ ଖାମତି ଜନଜାତି ଏହି ପର୍ବ ପାଳନ କରୁଥିଲେ ବି ଅରୁଣାଚଳ ପ୍ରଦେଶ ର ସିଙ୍ଗଫୋ, ତାଲ ଖାମ୍ୟାଙ୍ଗ, ଡ଼ାକଂସା ଏବଂ ଆସାମର ତାଇଫେକ, ତାଇଏତୋନ , ତାଇ ଆହୋମ, ତାଇ ତୁରୁଙ୍ଗ ଆଦି ସମ୍ପ୍ରଦାୟ ଏହି ପର୍ବରେ ନୂଆ ବର୍ଷ ପାଳନ କରିଥାନ୍ତି । ଏହା 'ଖାମତି ଚନ୍ଦ୍ର ସୋର' ପଞ୍ଜିକାର ପଞ୍ଚମ ମାସ ' ଦୁଇ ଆନହ' ମାସରେ ପଡିଥାଏ । ଏହି ଦିନ ପୁରୁଣା ବର୍ଷକୁ ବିଦାୟ ଦେବା ସହ ପର୍ବ ଶେଷରେ ନୂଆ ବର୍ଷକୁ ସ୍ୱାଗତ କରିଥାନ୍ତି । ପରସ୍ପର, ପରସ୍ପର ଉପରକୁ ଶାନ୍ତି ଓ ଶୁଦ୍ଧତାର ପରିଚୟ ସହ ସ୍ୱଚ୍ଛ ପାଣି ଛିଟକାଇବା ଏହି ପର୍ବର ମୁଖ୍ୟ ଆକର୍ଷଣ । ଏଥିରେ ଭଗବାନ ବୁଦ୍ଧଙ୍କ ପ୍ରତିମାକୁ ମଧ୍ୟ ବାଦ୍ୟ-ନୃତ୍ୟ ସହ ପରିକ୍ରମା କରାଯାଇ ପବିତ୍ର ସ୍ନାନ ନିମନ୍ତେ ନିଆଯାଏ । ତିନି ଦିନ ଧରି ପାଳିତ ହେଉଥିବା ଏହି ପର୍ବରେ ଲୋକେ ଘରେ ମିଷ୍ଟାନ୍ନ ତିଆରି କରି ବାଣ୍ଟନ୍ତି ଓ ଉପହାର ଦିଆ ନିଆ ହୁଏ ।

ଆସାମର ତାଇଫେକ ଏକ ଅନାଲୋଚିତ ବୌଦ୍ଧ ସମ୍ପ୍ରଦାୟ ଏବଂ ଏମାନଙ୍କ ସଂଖ୍ୟା ମଧ୍ୟ ନଗଣ୍ୟ । ତେବେ ନିଜ ପରମ୍ପରାକୁ ବଞ୍ଚେଇ ରଖିବା ପାଇଁ ଏମାନେ ଚେଷ୍ଟା କରନ୍ତି । ସାଙ୍ଗକେନ ଅବସରରେ ଭଗବାନ ବୁଦ୍ଧଙ୍କ ଅସ୍ଥାୟୀ ଆସନ ନିର୍ମାଣ କରାଯାଏ । ଏହା ଉପରେ ଥିବା ବୁଦ୍ଧଙ୍କ ପ୍ରତିମା ଉପରକୁ ବିଶେଷ ଭାବେ ପ୍ରସ୍ତୁତ ଜଳ ଧାରରୁ ସ୍ୱଚ୍ଛ ଓ ସୁବାସିତ ଜଳ ସିଞ୍ଚନ କରନ୍ତି ଏବଂ ଏହାକୁ ପବିତ୍ର ଜଳ ଭାବେ ସଂଗ୍ରହ କରି ରଖନ୍ତି । ବୁଦ୍ଧଙ୍କ ପ୍ରତିମା ସହ ବୋଧି ବୃକ୍ଷ ଓ ବୌଦ୍ଧ ଭିକ୍ଷୁଙ୍କ ଉପରକୁ ମଧ୍ୟ ଜଳ ସିଞ୍ଚନ କରାଯାଏ । ଶେଷଦିନ ବୁଦ୍ଧଙ୍କ ପ୍ରତିମା ନିଜ ସ୍ଥାନକୁ ନିଆଯିବା ସହ ପୁରୁଣା ବର୍ଷକୁ ବିଦାୟ ଦିଅନ୍ତି ଏବଂ 'ପୋଇ ସାଙ୍ଗକେନ' ପାଳନ ଅବସରରେ ମିଳିତ ପ୍ରାର୍ଥନା କରିବା ସହ ଭୋଜି ଆୟୋଜନ କରି ନୂଆ ବର୍ଷକୁ ସ୍ୱାଗତ କରନ୍ତି ।

**ପଞ୍ଜାବ**: ପଞ୍ଜାବରେ ଏହି ପର୍ବକୁ 'ବୈଶାଖୀ' କୁହାଯାଏ । ଏଠାରେ ଏହି ନୂଆ ବର୍ଷ ଫସଲ ଅମଳ ପର୍ବ ଭାବେ ଧୁମ ଧାମରେ ପାଳିତ ହୁଏ । ନାନକ ସାହିବା ଶିଖ କ୍ୟାଲେଣ୍ଡର ଅନୁସାରେ ଏହା ବୈଶାଖ ମାସର ପ୍ରଥମ ଦିନରେ ହୋଇଥାଏ । ୧୬୯୯ ମସିହାରେ ଏହି ଦିନରେ ଶିଖ ଧର୍ମର ଦଶମ ଗୁରୁ ଗୋବିନ୍ଦ ସିଂହ ଖାଲସା ପନ୍ଥ ସ୍ଥାପନା କରିଥିଲେ । ସାଧାରଣତଃ ଏପ୍ରିଲ ୧୩ କିମ୍ବା ୧୪ରେ ଏହି ପର୍ବ ପାଳନ କରାଯାଏ । ଏହି ଦିନ ସମସ୍ତ ଶିଖ ଗୁରୁଦ୍ୱାରରେ ପ୍ରାର୍ଥନା କରିବା ପରେ ପଭଂକ୍ତି ଭୋଜନ କରିଥାନ୍ତି । ଏହି ଭୋଜନରେ କାଡ଼ା ପସନ୍ଦ ଓ ମିଠା

ସିମେଇ ପ୍ରଧାନ ଥାଏ ଏବଂ ସମସ୍ତଙ୍କ ମଧରେ ବଣ୍ଟାଯାଏ । ଏହାପରେ ଭାଙ୍ଗଡା ଓ ଗିଦ୍ଦା ନୃତ୍ୟ ଆୟୋଜିତ ହୁଏ । ସନ୍ଧ୍ୟା ସମୟରେ ନିଆଁ ଜଳାଯାଇ ତା'ର ଚାରିପଟରେ ନୃତ୍ୟ କରିଥାନ୍ତି । ଶ୍ରଦ୍ଧାଳୁ ମାନେ ଏହି ଦିନ ଗୁରୁଦ୍ୱାରରେ କରସେବା କରନ୍ତି । ଫସଲ ଅମଳ ହୋଇ ଯାଇଥିବାରୁ ପଞ୍ଜାବୀ କୃଷକ ମାନେ ଈଶ୍ୱରଙ୍କୁ ଧନ୍ୟବାଦ ଜଣାନ୍ତି ।

**ମିଥିଳା** : ବିହାର ପ୍ରଦେଶର ମିଥିଳା ଅଞ୍ଚଳରେ ମୈଥିଳୀ ନବ ବର୍ଷ କୁ ' ଜୁଡ଼ ଶୀତଲ' କହନ୍ତି । ନେପାଳରେ ଅନ୍ତର୍ଭୁକ୍ତ ହୋଇଥିବା ଅଞ୍ଚଳର ବାସିନ୍ଦାମାନେ ମଧ ଏହାକୁ ପାଳନ କରିଥାନ୍ତି । ଏହା ସାଧାରଣତଃ ଏପ୍ରିଲ ୧୪ ତାରିଖରେ ପାଳନ କରାଯାଏ । ଏହାକୁ ମଧ ନିରୟଣ ଶେଷ ସଂକ୍ରାନ୍ତି ଓ ତିରହୁତା ନୂଆ ବର୍ଷ ବୋଲି କହିଥାନ୍ତି । ମୈଥିଳୀ ପାଞ୍ଜିର ପ୍ରଥମ ଦିନ ସାଧାରଣତଃ ଏପ୍ରିଲ ୧୪ ତାରିଖରେ ପଡେ । ପୂଜାର୍ଚ୍ଚନା ପରେ ସେମାନେ ପାଞ୍ଜି ଅନୁସାରେ ଚଳଣି ଆରମ୍ଭ କରନ୍ତି । ୨୦୧୧ ମସିହାରେ ବିହାର ସରକାର ଏହି ଦିନଟିକୁ ଛୁଟି ଘୋଷଣା କରିଥିଲେ । ଏହାକୁ ସରକାରୀ ଭାବରେ 'ମିଥିଳା ଦିବସ' କୁହାଯାଏ ।

ଏହି ଦିବସରେ ଘରର ସବୁଠାରୁ ବୟସ୍କ ବ୍ୟକ୍ତି ଅନ୍ୟ ମାନଙ୍କ ମୁଣ୍ଡରେ ଥଣ୍ଡା ପାଣି ମାରି ଆଶୀର୍ବାଦ ଦେବା ପରେ ଏହି ପର୍ବ ଆରମ୍ଭ ହୋଇ ଥାଏ । ଲୋକମାନେ ନଦୀ ତଳେ  ଜମିଥିବା ମାଟି ଆଣି ପରସ୍ପରକୁ 'କାଦୋ ମାଟି ' ଖେଳନ୍ତି । ତୁଳସୀ ଗଛ ସହ ଅନ୍ୟ ଗଛକୁ ବି ପାଣି ଦିଆଯାଏ । ଏହି ପରମ୍ପରାରୁ ଜଣାଯାଏ ଯେ ଖରାଦିନେ ଔଷଧୀୟ ମାଟିର ପ୍ରଲେପ ଲଗାଇ ଚର୍ମ ରୋଗରୁ ମୁକ୍ତି ମିଳେ । ଜଳାଶ୍ରୟକୁ ସ୍ୱଚ୍ଛ ରଖିବା ସହ ଗଛରେ ପାଣି ଦେଇ ପ୍ରକୃତିକୁ ସୁରକ୍ଷିତ ରଖିବା ଏହାର ଉଦ୍ଦେଶ୍ୟ । ଏହି ଦିନରେ ମିଥିଳାରେ ଚୁଲି ଲଗାଇବା ମନା ହୋଇ ଥିବାରୁ ପୂର୍ବଦିନ ' ସତୁ ଆନି' ରାତିରେ ବିଭିନ୍ନ ପାତ୍ରରେ ଜଳ ସଞ୍ଚୟ କରି ରଖାଯିବା ସହ 'ବଡି ଭାତ' ପ୍ରସ୍ତୁତ କରି ଇଷ୍ଟଙ୍କୁ ଭୋଗ ଲଗାଯାଏ । ତା'ପରେ ଏହି ଖାଦ୍ୟକୁ ପରଦିନ ଅର୍ଥାତ ପର୍ବ ଦିନ ଖାଇବା ପାଇଁ ରଖାଯାଇଥାଏ । ଭଉଣୀ ମାନେ ସକାଳୁ ରାସ୍ତାରେ ପାଣି ଛିଞ୍ଚି ଭାଇମାନଙ୍କ ଚଲାବାଟରେ ଶୀତଳତା ରହୁ ବୋଲି କାମନା କରିଥାନ୍ତି ।

**ତ୍ରିପୁରା** : ତ୍ରିପୁରା ଶବ୍ଦ ବିଷି (ବର୍ଷ) ରୁ "ବୁଇସୁ"  ଆସିଛି । "ବୁଇସୁ" ଅର୍ଥ ନୂଆ ବର୍ଷ ପୂର୍ବ ସନ୍ଧ୍ୟା । ଏହା ପୁରୁଣା ବର୍ଷ ଶେଷ ଓ ନୂଆ ବର୍ଷ ଆରମ୍ଭର ସମୟ । ପୂର୍ବେ ତ୍ରିପୁରା ବାସିନ୍ଦା ପୋଡୁ ଚାଷ ଉପରେ ନିର୍ଭର କରୁ ଥିବାରୁ ସମୟାନୁସାରେ ସେମାନଙ୍କୁ ଜଙ୍ଗଲକୁ ଯାଇ ନିଜ ପାଇଁ ଚାଷ ଜାଗା ଖୋଜିବାକୁ ପଡୁଥିଲା । ଏହି ସମୟ ନିର୍ଦ୍ଧାରଣ କରିବା ଲାଗି ସେମାନଙ୍କୁ ନୂଆ ବର୍ଷ ଆଗମନକୁ ଅପେକ୍ଷା କରିବାକୁ ହୁଏ । ନୂଆବର୍ଷ ଏପ୍ରିଲ ୧୩ ରୁ ୧୪ ମଧରେ ପଡେ । ଏହି ଦୁଇଦିନ ସେମାନେ 'ହରି ବୁଇସୁ'  ଓ 'ମହା ବୁଇସୁ' ପର୍ବ ପାଳନ କରିଥାନ୍ତି ।


'ହରି ବୁଇସୁ'ରେ ପିଲାମାନେ ସକାଳୁ ଜଙ୍ଗଲକୁ ଯାଇ ଫୁଲ ଆଣି ହାର ତିଆରି କରନ୍ତି । ଏହା ପରେ ଗୃହ ପାଳିତ ପଶୁ ମାନଙ୍କୁ ଗାଧୋଇ ଦେଇ, ଫୁଲ ହାର ତିଳକ ଦେଇ ସଜାଇ ଦିଅନ୍ତି । ସେମାନଙ୍କୁ ଭଲ ଖାଇବାକୁ ଦିଆ ଯାଇ ମୁକ୍ତ ଭାବେ ଚରାବୁଲା  କରିବାକୁ ଛାଡି ଦିଆଯାଏ । ମହା ବୁଇସୁ ଦିନ ଘରେ ମହିଳାମାନେ ପୂର୍ବରୁ କେବଳ ମହିଳା ମାନଙ୍କ ପାଇଁ ରିନାଇ, ରିସା ଓ ରିତୁକୁ ଆଦି ପରିଧାନ ବୁଣିବା ସହ ପୁରୁଷ ସଦସ୍ୟ ଓ ଜ୍ୱାଇଁ ମାନଙ୍କ ପାଇଁ ଧୋତି ବୁଣି ରଖିଥାନ୍ତି ।

ପିଠା ପାଇଁ ଚୁନା କୁଟିବା ସହ ଆୱାନ ବାଙ୍ଗୱିରେ ପିଠା କରିବା ଲାଗି ଜଙ୍ଗଲରୁ ଲାଇରୁ ପତ୍ର ଆଣନ୍ତି । ହାଣ୍ଡିଆ ଭଳି ଏକ ପ୍ରକାର ପାନୀୟ ରୁୱାନ ଏବଂ ବୋଟକ ପ୍ରସ୍ତୁତ କରାଯାଏ । ବୁଇସୁ ଦିନ ମହିଳା ମାନେ  ବାଡ଼ି ଭୋରରୁ ଉଠି ପିଠା କରି ଦ୍ୱିପହର ଭୋଜି ପାଇଁ ପ୍ରସ୍ତୁତ ହୋଇ ଯାଆନ୍ତି । ନୂଆ ଜ୍ୱାଇଁ ମାନଙ୍କୁ ବିଶେଷ ମର୍ଯ୍ୟାଦା ଦିଆଯାଏ । ପରିବାରର ମଙ୍ଗଳ ପାଇଁ କେତେକ ଲାମ୍ପ୍ରା ପୂଜା ବି କରିଥାନ୍ତି ।  ଦ୍ୱିପ୍ରହରରେ ଗୋଟିଏ ସ୍ଥାନରେ ନିଜ ନିଜ ପ୍ରସ୍ତୁତ ଖାଦ୍ୟ ପଦାର୍ଥ ସହ ମେଳି ହୋଇ ଭୋଜି ଖାଇବା ପରେ ନାଚ ଗୀତରେ ମାତିଥାନ୍ତି । ମଧରାତ୍ର ଏହି ନୂଆ ବର୍ଷକୁ ସ୍ୱାଗତ କରିବା ପର୍ଯ୍ୟନ୍ତ ଏହି ଭଳି କାର୍ଯ୍ୟ କ୍ରମ ଚାଲିଥାଏ ।  ପର ଦିନ ଗୋରିଆ ଭଗବାନଙ୍କୁ ସାତ ଦିନ ପୂଜା କରି ଭଲ ଫସଲ ପାଇଁ ପ୍ରାର୍ଥନା କରିଥାନ୍ତି ।

****

ସେବା ନିବୃତ୍ତ ପ୍ରଧାନ ଶିକ୍ଷକ
ହନୁମାନ ବିହାର, ବାରିପଦା
ମୋ: ୮୨୪୯୬୯୧୮୩୦

# GANESH PUJA - 2022











# GANESH PUJA - 2022













# FAMILY PICNIC

















# BLOOD DONATION CAMP -2023


















# ସଖା

## ଇଂ ବିଜୟ କୁମାର ସେନାପତି



ସଖା ତୁମେ ମୋର ପ୍ରାଣର ସ୍ପନ୍ଦନ
ଚକ୍ଷୁର ସୂକ୍ଷ୍ମ ଡୋଳା
ତୁମରି ପାଇଁ ମୋ ନିଃଶ୍ୱାସ ଝାଞ୍ଜି
ଅବିରତ ବହେ ପରା !

ତୁମେ ମୋ ଜୀବନେ ବିଶ୍ୱାସ ଆଶା
ଶୋଣିତେ ଦେଇଛ ଭରି
ସେଥିପାଇଁ ଆଜି ଜୀବିତ ବୋଲି ମୁଁ
ଡିଣ୍ଡିମ ପିଟେ ଭାରି ।

ତୁମ ବିନା ମୋର ଅସ୍ତିତ୍ୱ ଶୂନ୍ୟ
ଶୂନ୍ୟ ମୋ ପାନ୍ଥଶାଳା
ଜୀବନ ମରୁରେ ମରୁଝର ତୁମେ
ଶାନ୍ତ ଶୀତଳ ଧାରା ।

ଅଦିନେ ଦୁର୍ଦିନେ ଅବା ସବୁଦିନେ
ପାଶେ ପାଶେ ମୋର ଥାଇ
ଦେଉଅଛ ଯେଉଁ ଇଂଗୀତ ତହୁଁ
ଅନୁସରି ଚାଲୁଥାଇ ।

ସୁଖ, ସମ୍ଭୋଗରେ ଭଳି ମୁଁ ଯାଇନି
ଦୁଃଖକୁ ମଣିଛି ତୁଚ୍ଛ
ବିପଦେ ଆପଦେ ଡରି ମୁଁ ଯାଇନି
ଯେଣୁ ତୁମେ ସଖା ଅଛ ।

କେବେ ଯଦି ମୁହିଁ ଆନମନା ହୋଇ
ନ ବୁଝେ ଇସାରା ସଖା
ବହିବନି ରୋଷ ,ଏହି ମୋ ବିଶ୍ୱାସ
ଆସି ଦେବ ମୋତେ ଦେଖା ।

ବାଇଦେବ ତବ ମୋହନ ମୂରଲୀ
ସୁଲଳିତ ମୁରୁଛନା
ଶ୍ରବଣେ ଭରିବ ତନ୍ତ୍ରୀରେ ମୋର
ଜୀଇଁବାର ଉନ୍ମାଦନା ।

******

ସି -୭୬, ସେକ୍ଟର - ୨, ରାଉରକେଲା ୬
ମୋ ୮୮୯୫୫୦୦୯୯୨



**ରାଖାଲ ଚନ୍ଦ୍ର ସ୍ୱାଇଁ**


# ଓଡ଼ିଆ ପୁଅ । ମୁଁ ଓଡ଼ିଆ ପୁଅ ।

ଓଡ଼ିଆ ପୁଅ ମୁଁ ,ଓଡ଼ିଆ ପୁଅ।
ଉତ୍କର୍ଷ କଳାରେ ଭରା ମୋ ଉତ୍କଳ,
ବୀର ରକତରେ ଭରା ମୋ ଦେହ।
ଓଡ଼ିଆ ପୁଅ, ମୁଁ ଓଡ଼ିଆ ପୁଅ।୦।

ଯେଉଁଠୁ ଶୁଭିଛି,ପାଇକ ବିଦ୍ରୋହ,
ଫିରିଙ୍ଗି ବିରୁଦ୍ଧେ,ପ୍ରଥମ ସ୍ୱର।
ବିଦେଶୀ ଶାସକ, ବିରୁଦ୍ଧେ ଗର୍ଜିଲେ,
ବକ୍ସି ଜଗବନ୍ଧୁ, ସଂଗ୍ରାମୀ ବୀର।
ସେଇ ମାଟି ପୁଅ ଗରବେ,ଗାଇବି,
ବୀର ପ୍ରସବିନୀ ଉତ୍କଳ ଜୟ।
ଓଡ଼ିଆ ପୁଅ ମୁଁ ଓଡ଼ିଆ ପୁଅ।୧।

ମୋ ଜାତିର ଆତ୍ମା,
ମୋ କୁଳ ଦେବତା,
ଜଗତର ନାଥ ଜଗତ ନାଥ।
ସବୁ ଧର୍ମ,ସବୁ ଜାତିବାଦ ଯହିଁ,
ହଜେଇ ଦେଇଛି, ନିଜ ଅସ୍ତିତ୍ୱ।
ମାନବବାଦ ର ବାର୍ତ୍ତା ବାଣ୍ଟୁଅଛି
ମୋ ମାଟି ଠାକୁର,ସେ ଦାରୁ ଦିଅଁ।
ଓଡ଼ିଆ ପୁଅ ,ମୁଁ ଓଡ଼ିଆ ପୁଅ।୨।

ମୋ ମାଟିର ଗର୍ବ ନେତାଜୀ ସୁବାଷ,
ଭାରତ ମାଆର ଅଗ୍ରଣୀ ଯୋଦ୍ଧା।
ଫିରିଙ୍ଗି ଶାସକ ନିଦ ହଜେଇଲେ,
ମୈରଙ୍ଗେ ଉଡ଼ାଇ ବିଜୟ ଧ୍ୱଜା।
ଏ ମାଟିର ଦୃଢ ବିପ୍ଳବୀ ସଂଗ୍ରାମୀ,
ଛୁଇଁନି ଯାହାକୁ ଯମର ଭୟ।
ଓଡ଼ିଆ ପୁଅ ସେ ଓଡ଼ିଆ ପୁଅ।୩।

ଏମିତି ପୁଅଟେ ,ଅଛି କି ବିଶ୍ୱରେ,
ଏ ମାଟିର ପୁଅ ପଠାଣି ପରି।
ଚନ୍ଦ୍ରର ଦୂରତ୍ୱ,ମାପି ଦେଖାଇବ,
ବାଉଁଶ ନଳୀଟେ ହାତରେ ଧରି।
ମୋ ମାଟିର ଗର୍ବ,ବାଜିଆ,ଧରମା,
ଯା' ପାଇଁ,ଆଖିରୁ ଝରୁଛି ଲୁହ।
ଓଡ଼ିଆ ପୁଅ ମୁଁ ଓଡ଼ିଆ ପୁଅ।୪।

ମୋ ମାଟିର ଗର୍ବ ,
ଭୀମ ଭୋଇ ଯା'ର ,
ଲେଖନୀ ଖଚିତ ଜାତିସଂଘରେ।
ମୋ ମାଟିର ଗର୍ବ କୋଣାରକ,
ଯା'ର,କଳା  କାରୁକାର୍ଯ୍ୟ ନୟନ ହରେ।
ଯା ପବିତ୍ର ମାଟି ପରଶ ମାତ୍ରକେ,
ବଦଳିଲା ଚଣ୍ଡାଶୋକ ହୃଦୟ।
ଓଡ଼ିଆ ପୁଅ ମୁଁ ଓଡ଼ିଆ ପୁଅ।୫।

ମୋ ମାଟିର ଗର୍ବ,ମଧୁ ବାରିଷ୍ଟର,
ଫକୀର ମୋହନ, ଉତ୍କଳ ମଣି।
ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ,ଗଢିଲେ,
ରଖିଲେ ଓଡ଼ିଆ ଜାତିର ଠାଣି।
ସେଇ ମନୀଷୀଙ୍କ ପାଦେ ରଖି ମଥା,
ଗାଉଥିବି ଜୟ ଉତ୍କଳ ଜୟ।
ଓଡ଼ିଆ ପୁଅ ମୁଁ ଓଡ଼ିଆ ପୁଅ।୬।

****


ଏଡଭୋକେଟ୍, ଭଦ୍ରକ
୯୩୩୭୬୨୩୬୮୫




ତେଜସ୍ୱିନୀ ପଣ୍ଡା



# ଋତୁର ରଙ୍ଗ

ଋତୁ ଏକ ବିବର୍ଣ୍ଣ
ପ୍ରେମର ସମାହାର,
ନାହିଁ ମଳୟ, ନାହିଁ ମେଘ,
ନାହିଁ ପତ୍ର,ନାହିଁ ମହକ...
ଚତୁର୍ଦ୍ଦିଗେ ଖାଲି
ଅନ୍ଧାର ହିଁ ଅନ୍ଧାର ।

ଋତୁ ଏକ ସୂକ୍ଷ୍ମ
ସ୍ୱରର ଆକାର,
ସା ରେ ଗା ମା....ର
ତରଙ୍ଗାୟିତ ଧ୍ୱନି,
ରାଗିଣୀର ସପ୍ତମ ସ୍ୱର
ଓ ପ୍ରିୟାର ଉଦାସ ଅଭିମାନ ।

ଋତୁ ଏକ ମାଆର
ଉଷୁମ୍ ପଣତ କାନି,
ଯାହାର ବାସ୍ନା, ଗନ୍ଧ,
ଝାଳ ଓ ଚୁଲିର କଳା
ବୋଲିହୁଏ ଶିଶୁର
କଅଁଳ ହସରେ,
ସ୍ନେହ ଓ ମମତାର
ସ୍ପର୍ଶ ଦିଏ ଶିଶୁର
ଅଜଣା କାନ୍ଦରେ ।

ଋତୁ ଏକ ମଥାର  ସିନ୍ଦୂର,
ଢାଳିଦିଏ ହୋଲିର
ପହିଲି ରଙ୍ଗ,
ଭରିଦିଏ ଆଶାର
ପହିଲି କିରଣ!
ସିନ୍ଦୁର ଲାଲ୍ ଦିଶେ
ସକାଳର ସୂର୍ଯ୍ୟ
ଉଠିବା ପୂର୍ବରୁ ।

ଋତୁ ଏକ ପ୍ରେମିକର ଚୁମ୍ବନ,
ସେ ଓଠର ଛୁଆଁ
ପ୍ରେମିକର ଆୟୁଷ
ସହ ଭାଗ କରେ,
ପ୍ରତିକ୍ରିୟା ଓ ପରିଣତିକୁ
ପ୍ରଶ୍ନ କରେ!
ତୁମେ ମୋର ନା
ପ୍ରେମର?

ଋତୁ ଏକ ବର୍ଷା ଅସରା,
ଦୋଳକାଏ ପବନରେ
ଛାତିରେ ଝଡ଼ ହୁଏ,
କଣ୍ଠ ଭୟରେ
ରୁଦ୍ଧ ହୁଏ,
ବର୍ଷାରେ ମନ ଭିଜେ,
ଅସରାଏ ବର୍ଷା ସଂପର୍କର
ଦୂରତା କୁ ସାରେ ।

ଋତୁ ଏକ ସଂଗ୍ରାମର ଆରମ୍ଭ,
ନାହିଁ ରକ୍ତ, ନାହିଁ ଶତ୍ରୁ
ନାହିଁ ଖଣ୍ଡା, ନାହିଁ ବନ୍ଧୁ
ଚତୁର୍ଦ୍ଦିଗେ ଖାଲି
ଚିତ୍କାର ହିଁ ଚିତ୍କାର...!

****

ସାଦେଇପୁର, ରଘୁନାଥପୁର,
ଜଗତସିଂହପୁର
tejaswanipanda6@gmail.com

# ଆମେ କେତେ ଭାରତୀୟ

ବ୍ରଜ ବିହାରୀ ଦାଶ



ଭାରତ ମାତାର    ଜୟ ନ କହିଣ
ମଦର ଇଣ୍ଡିଆ କୁହ
ଘରେ ଘରେ ଛୁଟ    ମଦର ବନ୍ୟା
ଶିହରିତ ହେଉ ଦେହ
ମଦର ଇଣ୍ଡିଆ    ମଦର ଇଣ୍ଡିଆ
ସ୍ଲୋଗାନ ସବୁଠି ଦିଅ ।୦।

ଭାରତ ଲଳନା  ପ୍ରାତଃ କାଳୁ ଉଠି
ବନ୍ଦାପନା  କରେ ଦିଅଁ
ଇଣ୍ଡିଆନ ଲେଡି   ଲୋଡ଼େ ବେଡ଼ ଟିଇ
ଶେଜ ପାଶେ ନେଇ ଥୁଅ
ଭାରତର ସୂର୍ଯ୍ୟ   ଉଇଁଲେ ପ୍ରଭାତ
ସନ ଉଠେ ସାଢେ ନଅ ।୧।

ଭାରତ ମାତାର  ସନ୍ତାନ ଡାକଇ
ଭକତିରେ ବାପ ମାଆ
ମଦର ଇଣ୍ଡିଆ   ସନ ଡାକ ଦିଏ
ମମି ଡାଡି ଟାଆ ଟାଆ
ବାୟୁ ପାଣି ମାଟି  ଆକାଶ ବାପା ମା
ଯାଲାଗି ଗଢ଼ାଏ ଦେହ ।୨।

ଭାରତ ମାତାର  ଛାତ୍ର ଛାତ୍ରୀଗଣ
କରନ୍ତି ଗୁରୁ ଜୁହାର
ମଦର ଇଣ୍ଡିଆ   ଷ୍ଟୁଡେଣ୍ଟ କହଇ
ହ୍ୟାଣ୍ଡ ସେକ ଟିକେ କର
ଟିଚର୍ସ ସହିତେ  ତନ୍ଦୁର ଚିକେନ
ହୋଟେଲରେ ବସି ଖାଅ ।୩।

ଭାରତୀୟ ମାତା ବକ୍ଷୁ ସୁଧା ଦିଏ
ଯାଲାଗି ଶରୀର ପୁଷ୍ଟ
ଇଣ୍ଡିଆ ମଦର   ବୋତଲ ଧାରାଏ
ସୌନ୍ଦର୍ଯ୍ୟ ହୋଇବ ନଷ୍ଟ
ଆକଟିଲେ ସ୍ୱାମୀ  ଦିଏ ଛାଡପତ୍ର
ସୂତାରୁ କାଢିତା ଖିଅ ।୪।

ଭାରତୀୟ ବଧୂ  ଶାଶୁ ଶଶୁରଙ୍କ
ସେବଇ ସଦା ପୟର
ଇଣ୍ଡିଆନ ଲେଡି   ବୃଦ୍ଧାଶ୍ରମେ ଛାଡେ
ଆଖିରୁ ଲୁହର ଝର
କେହି କହିଥାନ୍ତି  ସରଭେଣ୍ଟ ସାଜି
ସରଭେଣ୍ଟ ରୁମରେ ରୁହ ।୫।

ଭାରତୀୟ ଶାଶୁ  ବୋହୂକୁ ମଣନ୍ତି
ସତେକି ନିଜ ଦୁହିତା
ଇଣ୍ଡିଆନ ଶାଶୁ  ବୋହୂକୁ ମାରନ୍ତି
ପେଟ୍ରୋଲେ ଜଳାଇ ଚିତା
ଯଉତୁକ ଆଶେ   ଝିଅ ଖୋଜିଥାନ୍ତି
ବିଭା ଦେବେ ପୁଣି ପୁଅ ।୬।

ଭାରତର ନେତା  ମଦ ବିରୁଦ୍ଧରେ
କରିଥାନ୍ତି ଅଭିଯାନ
ଇଣ୍ଡିଆ ଲିଡର  ପଲ୍ଲୀ ଠାରୁ ଦିଲ୍ଲୀ
ଖୋଲନ୍ତି ମଦ ଦୋକାନ
ସେଭ ୱାଟର   ଡ୍ରିଙ୍କ ୱାଇନ
ସ୍ଲୋଗାନ ସେଠାରେ ଦିଅ ।୭।

ଭାରତ ମାତାର  ଲୋକ ପ୍ରତିନିଧି
ନିଅନ୍ତିନି ସେବା ମୂଲ
ଇଣ୍ଡିଆ ଲିଡର  ଦରମା ପାଇକି
କରିଥାନ୍ତି ହୁଲୁସ୍ଥୁଲ
ଦରମା ସହିତ  ହାତ ପାଣ୍ଠି ଖର୍ଚ୍ଚ
ଦୁଇ ତିନି କୋଟି ଥୁଅ ।୮।

ଭାରତ ଇଣ୍ଡିଆ  ଏକ ଅବା ଭିନ୍ନ
ଜାଣ ଯଦି କିଏ କୁହ
ଭାରତ ମାତାର  ଜୟ ନ କହିଣ
ମଦର ଇଣ୍ଡିଆ କୁହ ।୯।

****

ବି-୬୪ , ସେକ୍ଟର - ୧୭
ରାଉରକେଲା -୩
ମୋବ: ୯୮୫୩୯୬୩୫୯୫



## ଅକ୍ଷୟ ମହାନ୍ତି

# ପରିବାର

ଧୀରେ ଧୀରେ ଆମ
ଯୌଥ ପରିବାର
ଛୋଟହୋଇ ଆସୁଅଛି
ସହରେ ବଜାରେ
ହୋଟେଲ ଜମାଟେ।
ପ୍ରସାରିତ ହେଉଅଛି।

ପରିବାରେ ଅଛି
ରୋଷେଇ ଘରଟେ
ଦେଇପିଣ୍ଡି ତହିଁ ଅଛି
ଆଜି କାଲି ତାକୁ
କେହି ମାନନ୍ତିନି
ଅପାଂକ୍ତେୟ ହେଉଅଛି।

ରୋଷେଇ ଘରୁ ହିଁ
ରସ ମିଳୁଥିଲା
ହଣ୍ଡାଟାଏ ବସୁଥିଲା
ଯୌଥ ପରିବାର
ସଦସ୍ୟଙ୍କ ପାଇଁ
ରନ୍ଧାବଢ଼ା ହେଉଥିଲା।

ପରିବାର ପୁଣି
କମି କମି ଶେଷେ
ତିନି ପୀଢ଼ି ହୋଇଗଲା
ଜେଜେବାପା ଆଉ
ପୁଅ  ନାତି ହୋଇ
ସୀମିତ ସେ ହୋଇଗଲା।

ଆହୁରି ଛୋଟ ବି
ହୋଇଲାଣି ଏବେ
ଖାଲି ପୁଅ ଆଉ ନାତି
ଜେଜେବାପା ମାଆ
ଘରେ ରହନ୍ତିନି
ବୃଦ୍ଧାଶ୍ରମେ ରହୁଛନ୍ତି।

ବୁଢ଼ାବୁଢ଼ୀ ଏବେ
ସମ୍ପୂର୍ଣ ଅଲଗା
ବିଚିତ୍ର ଏ ପରିସ୍ଥିତି
ଦୁହିଁଙ୍କ ଭିତରୁ
ଜଣେ ଚାଲିଗଲେ
ଦୟନୀୟ ତାଙ୍କ ସ୍ଥିତି।

ଆଜି ଦେଖାଯାଏ
ନୂଆ ପରିବାର
ବାପା ମାଆ ଆଉ ପୁଅ
ଏକ ସନ୍ତାନରେ
ସନ୍ତୁଷ୍ଟ  ସେମାନେ
ପୁଅ ହେଉ ଅବା ଝିଅ।

ବାପା ମାଆ କେହି
ଘରେ ରହନ୍ତିନି
ଚାକିରୀ କରନ୍ତି ସିଏ
ଜେଜେମାଆଙ୍କର
ସ୍ଥାନ ନାହିଁ ଏଠି
ଛୁଆ ପାଳି ଥାନ୍ତା ଯିଏ???

ଧାଇ ପାଖେ ପିଲେ
ଜୀବନ ଜୀଅନ୍ତି
ସ୍ୱାର୍ଥରେ ନିହିତ ଯିଏ
ଜେଜେମାଆ ପରି
ନିଃସ୍ୱାର୍ଥ  ମଣିଷ
ହୋଇପାରିବ ବା କିଏ???

ଯୁବ ପୀଢ଼ି ଆଜି
ପୂରା ଆନମନା
ସଂସାର କରିବେ ନାହିଁ?

ଆଇନ ହୋଇଛି
ଏକ ଛାତ ତଳେ
ସାଥିରେ ରହିବା ପାଇଁ ।

ଯୌନପିପାସାଟା
ମେଣ୍ଟିତ ଯାଉଛି
କାହାକୁ ପୋଷିବ କିଏ?
ଇଛା ହେଲେ ସିନା
ବିବାହ କରିବେ
ଛାଡିଚାଲି ଯିବେ ଯିଏ।

ଇଛା ନ ହେଲେ ବି
ଅଲଗା ରହିବେ
ଛାଡପତ୍ର ଲୋଡା ନାହିଁ
ଏକାଠି ସିନା ସେ
ରହି ଆସୁଥିଲେ
ବିଭାଘର ହୋଇନାହିଁ ।

ଜନ୍ମ ଦେବା ପାଇଁ
ଇଛା ମଧ ନାହିଁ
ପିଲାଙ୍କୁ ପୋଷିବ କିଏ ?
ନିଜକୁ ବୋଲାନ୍ତି
ନିରୀହ ଯୁବତୀ
ସତୀ ଓ ସାବିତ୍ରୀ ସିଏ।

ଯଉବନ ଯେବେ
କମି ଆସିଥାଏ
ସଂସାରକୁ ବଳେ ମନ
ନେଡି ଗୁଡ ଯାଇ
କହୁଣୀରେ ଥାଏ
ଦେହ ହୋଇଯାଏ କ୍ଷୀଣ।

ପିଲାଟିଏ ହୁଏ
ଅବା ହୁଏ ନାହିଁ
ଶୁଷ୍କ ହୋଇଯାଏ ମନ
ଧୀରେ ଧୀରେ ପୁଣି
ଭବିଷ୍ୟତ ପୀଢି
ହୋଇଯାଇଥାଏ ଶୂନ୍ୟ।

ଏବେ ତ ହେଉଛି
ଅଣୁ ପରିବାର
ପରମାଣୁ ହୋଇଯିବ
ମାୟା କି ମମତା
କିଛି ରହିବନି
ବ୍ୟଭିଚାର ବଢିଯିବ।

****

ନିର୍ମାଲ୍ୟ
ମୋ ନ : 9937462507



# ସେତୁ

ସୁନନ୍ଦା ବି ମହାପାତ୍ର



ମୁଁ ଠିଆ ହୋଇଥିଲି ତୁମ ଆଗରେ
କେତେ ଯୋଡ଼ହସ୍ତ
କେତେ ଅନ୍ୟମନସ୍କତା,
ଅସ୍ଥିରତା ତୁମେ ହିଁ ବୁଝିବ ।
ଏତେ ଭକ୍ତଙ୍କ ଭିଡ,
ଏତେ ଆକୁଳତା,ବ୍ୟାକୁଳତା
ଗୁଣୁଗୁଣଉ ଥିବା ସ୍ତବ ମନ୍ତ୍ର ସବୁ
ତୁମ କାନରେ ବାଜୁଥିଲା କି ନାଇଁ
ସନ୍ଦେହରେ ଥିଲି ମୁଁ ।

ମୁଁ ଦେଖୁଥିଲି ତୁମ ମୁହଁକୁ
ଅନେକ ଥର,
ତୁମ ଦୃଷ୍ଟି କିନ୍ତୁ ଅନ୍ୟଆଡ଼େ ।
ଅଣଦେଖା କି ଅନାଗ୍ରହ
ବିରକ୍ତି ଅବା ନିଷ୍ଠୁରତା
ଏମିତି କିଛି ପ୍ରତିଥର
ବାରି ହେଉ ପଡୁଥିଲା ।

ଏମିତି ତ ଆଗରୁ ନଥିଲ ?
କେଉଁ ଚିତ୍ରକର ସେ
ରଙ୍ଗ ରୂପ ଦେଲା ?
କାହା ଇଛାରେ ଯେ ତୁମେ
ରଙ୍ଗେଇ ହେବ,
ଏକଥା କି କେହି ପରତେ ଯିବ !

ତୁମ ସମ୍ମୁଖରେ ଏତେ କଳରବ
ଭୋଗରାଗ ବେଢ଼ାବୁଲା
ନୈବେଦ୍ୟ ନିବେଦନ ।
ମୁଁ ଭୁଲି ଯାଉଥିଲି ସବୁ...
ନୀତି ନିୟମ ଶୃଙ୍ଖଳା
ପୂଜା ଉପଚାର ରୀତିନୀତି !

କେବେ ଦେଖୁଥିଲି
ମୋ'ର ପ୍ରିୟ ପରିଚିତ
ଅନବରତ ଧାରେ ସ୍ମିତହସକୁ
ମୁହଁରେ ବାନ୍ଧି ରଖିଥିବା
ସରଳ ନିଷ୍କପଟ
ସମର୍ପିତ ମଣିଷଟିକୁ
ତୁମ ଓ ଆମ ଭିତରେ ଯିଏ
ସମ୍ପର୍କର ସେତୁଟିଏ ହୋଇ
ଉଭା ଥାଏ ଚିରକାଳ ।

କେତେ ନିର୍ବିକାର ସ୍ଥିତପ୍ରଜ୍ଞ ସତରେ !
ଦୀର୍ଘ ବାରଘଣ୍ଟା ସେଇ
ଗୋଟିଏ ଆସନରେ,
ନା ଅଛି ବିରକ୍ତି ନା ଥକ୍କାପଣ
ଭକ୍ତର ଗୋଟି ଗୋଟି
ଆବେଦନ ନିବେଦନକୁ
ଯାହାକୁ ଯେମିତି ଲୋଡ଼ା
ଭିନ୍ନ ରୋଗକୁ ଭିନ୍ନ ଔଷଧ ପରି
ଭିନ୍ନ ଭିନ୍ନ ବାଗରେ, ଉପଚାରରେ
ଥୋଇ ଦେଉଥିଲେ ତୁମ ଆଗରେ ।

ନିଜ ଉପରେ ଭରସା ନଥାଉ,
ଏଇ ମଣିଷଟି ତ ତୁମର
ଖୁବ୍ ନିକଟତମ, ଖୁବ୍ ବିଶ୍ୱସ୍ତ
ତୁମ ଓ ତାଙ୍କ ଭିତରେ କିଛି ଫରକ୍
ଦିଶୁ ନଥିଲା ଏବେ ମୋ' ଆଖିକୁ...
ଯାହା ଭରସାରେ ବିଶ୍ୱାସର ମଙ୍ଗଧରି
ପାରି ହେବାର ଆଶାଟିଏ
ଦୀପ ହୋଇ ଜଳୁଛି ମନରେ !
****

ବାଙ୍ଗାଲୋର

ଇଂ ସତ୍ୟବ୍ରତ ରଥ



# ରାତି

ଆମ ଗାଁ ମୁଣ୍ଡିଆ ପଛକୁ ଗଲେ ସୂର୍ଯ୍ୟ
ଚାରିଆଡେ ଛାଇଯାଏ ଅନ୍ଧାର,
ଲମ୍ବା ପଣତରେ ବାନ୍ଧି
ବୋଝେ ନିଦ, ମୁଠେ ମୁଠେ ସ୍ୱପ୍ନ
ରାତି ବୁଲେ ଯୋଜନ ଯୋଜନ ।
ଏଇ ରାତିର
ଅଦୃଶ୍ୟ ଚାହାଣୀରେ ତନ୍ଦ୍ରା ଭିଜା ଢେଉ
ପାଦରେ ନିଃଶବ୍ଦ ନୁପୁର ବାନ୍ଧି
ଅନ୍ଧାରରେ ସେ ଖେଳୁଥାଏ
ଇନ୍ଦ୍ରଜାଲ ଖେଳ ।


ମୁଲକ ଛୁଇଁଲେ ରାତି
ନୀଡ଼ରେ ନୀଡ଼ରେ ଅଳସ ବୋଳି ହୋଇଯାଏ,
କୁନି ଶାବକ ମାନେ
ମାଆ କୋଳର ମଧୁର ଉଷ୍ମତାରେ
କରୁଥାନ୍ତି ଚୁଁ ଚୁଁ ଶବ୍ଦ
ଏଥିରେ ତାଙ୍କର ପରିପୂର୍ଣ ଆନନ୍ଦ ।

ଦିନ ସାରା କିଏ କେଉଁଠି
କାହା ସାଙ୍ଗେ କାହାର ନଥାଏ ମେଳ,
ରାତି ହେଲେ ଦଳ ଶୃଗାଳ
ଏକ ସ୍ୱରରେ ଦିଅନ୍ତି ଘନଘନ ରାବ.
ସତେକି ବ୍ରହ୍ମାଣ୍ଡ କମ୍ପେଇ ଦେବେ
ଭୟ କରିବେ ଆଉ ଯେତେ ଜୀବ ।

ମୋ ଶୋଇବା ଘର ଝର୍କା
ଖୁବ ପୁରୁଣା,
ସେଇ ଝର୍କା ପାଖେ ବସି ଜେଜେମା
ପିଲାଦିନେ ଆମକୁ ରାତିରେ
ଶୁଣାଉଥିଲା ଗୋଟେ ଗୋଟେ ଗପ,
ବୋଲୁଥିଲା ପଦେ ପଦେ ଗୀତ
ଏବେ କେବେ ରାତିରେ ନିଦ ଭାଙ୍ଗିଗଲେ
ଜେଜୀ କଥା ଭାରି ମନେପଡେ,
ଦିଶିଯାଏ ତା ନଥପିନ୍ଧା ନାକ ।
ସେଇ ଜେଜୀ କହିଥିଲା -
ଅନ୍ଧାର ରାତି ଅଛି ବୋଲିରେ ଚଗଲା !
ସକାଳ ଆଲୁଅ ଲାଗେ ମିଠା ମିଠା ।

****

କଲେଜ ରୋଡ଼, ବାଙ୍କୀ, କଟକ
ପିନ - ୭୫୪୦୦୮
ମୋ: ୯୯୩୭୩୨୭୬୪୭



## ସ୍ୱର ବର୍ଣ୍ଣରେ ଜଗନ୍ନାଥ

### ରାମ ଚନ୍ଦ୍ର ପ୍ରଧାନ



ଅ-ଅନାଥର ନାଥ  ହେ କଳା ଗୋସାଇଁ
ଧନ୍ୟ ତୁମ ଲୀଳା ଖେଳା
ଆ-ଆସରାଟେ ହୋଇ ତୁମେ ନ ଆସିଲେ
ବୁଡ଼ିବ ସଂସାର ଭେଳା ।
ଇ-ଇଚ୍ଛାରେ ତୁମର  ଚାଲେ ଏ ଜଗତ
ତୁମ ବିନୁ ନାହିଁ ଗତି
ଈ-ଈଷିତ ଆଜ୍ଞାରେ ତୁମେ କରି ପାର
ଏ ଧରାରେ ଦିନରାତି ।
ଉ-ଉଡୁଛି ବୋଲି ତ ଶ୍ରୀମନ୍ଦିରେ ଆଜି
ପତିତପାବନ ବାନା
ଊ-ଊଣା ହେଉ ନାହିଁ ତୁମରି କରୁଣା
ମିଳୁଛି ପେଟକୁ ଦାନା ।
ଋ-ଋତୁ ପରି ତୁମେ ବଦଳାଅ ବେଶ
ସଭିଙ୍କୁ ଚକିତ କରି
ୠ-ୠକାର ଭୈରବ ତୁମ ଅବତାରେ
ସଭିଏଁ ଯାଆନ୍ତି ଡରି ।
ଏ-ଏକ ବର୍ଣ୍ଣ ପୁଷ୍ପେ  କି' ସୁନ୍ଦର ଦିଶେ
ତୁମ କଳା କଳେବର
ଐ-ଐର ବିନାଶକ  ହେ ଦୁଃଖ ନାଶନ
ତୁମେ ଥିଲେ ନାହିଁ ଡର ।
ଓ-ଓଡ଼ିଆ ମାଟିର ବରଣ୍ୟ ଠାକୁର
ଭକ୍ତବନ୍ଧୁ ଜଗନ୍ନାଥ
ଔ-ଔଜସିକ ଭଳି  ତେଜିଆନ୍ ତୁମେ
ସୁଗମ ତୁମରି ପଥ ।

****

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:9861638736

## ଏଇ ହାତ ଜଗନ୍ନାଥ

### ତ୍ରିଲୋଚନ ପାଢ଼ୀ (ଶିକ୍ଷକ )



ନିଜ ହାତଗୋଡ଼
ଚାଲୁଥିବା ଯାଏ
ପାତିବାନି କାରେ ହାତ
ସତ୍ୟ ଧର୍ମ ପଥେ
ଚାଲୁଥିଲେ ସଦା
ସାହା ଆମ ଜଗନ୍ନାଥ ।
ହାତର ଭୂଷଣ
ଦାନ ଅଟେ ପରା
ନ ହୁଅ କୃପଣ କେବେ
ଦାନର ଫଳ ତ
ବ୍ୟର୍ଥ ହୁଏ ନାହିଁ
ମନେରଖ ସଦା ସର୍ବେ ।
ହାତ ଦେଇଛନ୍ତି
ଈଶ୍ୱର ଆମକୁ
କରିବା ମହତ କର୍ମ
ହାତ ଯୋଡ଼ି ସଦା
ପ୍ରଭୁଙ୍କୁ ଜପିଲେ
ଅର୍ଜନ କରିବା ଧର୍ମ ।
ହାତଗୋଡ଼ ଧୋଇ
ଭୋଜନ କରିଲେ
ରୋଗ ମାଡ଼େ ନାହିଁ ପାଖ
ଅମୃତ ଭଳି
ଲାଗିଥାଏ ସଦା
ମାଆ ହାତ ରନ୍ଧା ଭାତ ।
ଆମ ସଭିଙ୍କର
ଉନ୍ନତି ପଛରେ
ମାଆବାପାଙ୍କର ହାତ
କର୍ମଭୀରୁ କେବେ
ହେବାନି ଜୀବନେ
ନିଜ ହାତ ଜଗନ୍ନାଥ ।।

****

ସମ୍ପାଦକ:-ସମ୍ବାଦ ସାହିତ୍ୟ ଘର, ନାଉଗାଁ
ସମ୍ପାଦକ:-ତ୍ର୍ୟମ୍ବକଂ
ସା, ପୋ:-ନନ୍ଦିଗ୍ରାମ , ଭାୟା :-ନାଉଗାଁ ହାଟ
ଜିଲ୍ଲା :- ଜଗତସିଂହପୁର, ଫୋନ:- 9938144819

# ଜୀବନ ପାତ୍ର ମୋ

## ବିଜୟ କୁମାର ଜେନା



ଜୀବନ ପାତ୍ର ମୋ ଭରିଛ ଠାକୁର
କେମିତି ଶୁଝିବି ଋଣ
ଜନମ କାଳରୁ ମରଣ ପର୍ଯ୍ୟନ୍ତ
ପ୍ରତି ଦିନ ପ୍ରତି କ୍ଷଣ।
ମୋହର ବିଚାର ଧାରାରେ ବୁଝେ ମୁଁ
ସବୁତ ତୁମ ଯୋଜନା
ଶ୍ରେଷ୍ଠ ପ୍ରାଣୀ ବୋଲି ଆଗରୁ ଆଗରୁ
କରି କେତେ କଳପନା।
ଜଳ ବାୟୁ ମାଟି ମୃତ୍ତିକା ପବନ
ସୂର୍ଯ୍ୟାଲୋକ ଚନ୍ଦ୍ରାଲୋକ

ବୃକ୍ଷ ଲତା ଆଦି ଯାହାବା ଦେଖୁଛି
ଅବା ପ୍ରକୃତି ପ୍ରକୋପ।
ସବୁ ଲୋଡା ହୁଏ ଜୀବନ ଯାତ୍ରାରେ
ନ କରିବି ଅଭିମାନ
ମନ ଜାଣି ତୁମେ ସବୁ ଖଞ୍ଜି ଅଛ
କୃତଜ୍ଞେ ପୂରଇ ପ୍ରାଣ।
ଯେତିକି ସମୟ ବଞ୍ଚିବା ମହୀରେ
ସାଥି ହେବା ପ୍ରକୃତିର
ଦୟା କ୍ଷମା ବହି ଆନେ ସେବା କରି
ପୂଜିବା ମା ଧରିତ୍ରୀ ର।
ଏ ମିତିକା ଋଣ ପରିଶୋଧ କଲେ
ଜୀବନ ପାତ୍ର ଭରଇ
ସଂସାର ଆମର ସୁଗମ ହୁଅଇ
ଏହାକୁ ଭୁଲିବା ନାଇ।

****

ଅବସର ପ୍ରାପ୍ତ ପ୍ରାଧାପକ
ଶାମୁକା ସାହି
ରଣପୁର, ନୟାଗଡ଼

# ଦୁଃଖ

## ବିପ୍ଳବ



ଦେହର ମଳିପରି
ସାବୁନ ଲଗେଇ
ଫେଣକରି ବୁହାଇ ହେବନି ଦୁଃଖକୁ

ଦୁଃଖ କଣ
ପିନ୍ଧିଥିବା ଟି. ସାର୍ଟ
ଘରକୁ ଫେରି
ଟଙ୍ଗେଇଦେବି ହାଙ୍ଗରରେ ?

ନା କୋଉ
ବୁଲା କୁକୁର ହେଇଚି
ଭାକ୍ କହିଲେ ଦଉଡ଼ି ପଳେଇବ !

ଦୁଃଖ ତ
ଲିକେଜ୍ ପାଇପର
ଛିରକ୍ ଛିରକ୍ ପାଣି
ଅହରହ ବୋହୁଥାଏ
ଆଉ
ଭିଜୋଉ ଥାଏ
ମୋ ତମାମ ସୁଖ ଦିନ ସବୁ
ଝାଲେରି କାଗଜ ପରି।

****

ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

ତାରିଣୀ ଚରଣ ସାହୁ



# ହେ ବିବେକ

ହେ ବିବେକ ! ନିୟନ୍ତ୍ରକ ମଣିଷ ମନର
ଅନୁକ୍ଷଣେ ଶିଖାଅ ହେ ସୃଜନ କୌଶଳ
ହୃଦୟର ନିଭୃତ କନ୍ଦରେ ଅହର୍ନିଶ ନିବାସ ତୁମର
ତିମିର ବିନାଶି ପଥ କର ହେ ଉଜ୍ଜ୍ୱଳ ।

ହେ ବିବେକ ! ନିରନ୍ତର ଶିଖାଅ  ହେ ବାଣୀ ସତ୍ୟ ନିତ୍ୟ
ମନ ଅଶ୍ୱ ଛୁଟିଥାଏ ଚିହ୍ନି ଚିହ୍ନି ପଥ ଓ ବିପଥ
ବିଚାରକ ଆସନରେ ସର୍ବ ହୃଦେ ଥାଅ ବିଦ୍ୟମାନ
ଭଲମନ୍ଦ ନିର୍ଣ୍ଣାୟକ ତମେ ବିଚାର ନିପୁଣ ।

ହେ ବିବେକ ! ବିଶ୍ୱ ପ୍ରାଣ ସୁଧା ପ୍ରାଣ ଅସୀମ ଅନନ୍ତ
ତମ ସ୍ପର୍ଶେ ଶଙ୍କେ ମନ ଖଳ ଚିନ୍ତା ହୁଏ ପରାହତ
ଜଗାଅ ଭରସା ତମେ ଅବଶ ପ୍ରାଣରେ
ଯୁଗପତ ଜୀବନର ଜତୁଗୃହ ନିଷ୍କ୍ରାନ୍ତ କୌଶଳେ ।
ହୃଦୟ ସାଗରେ ଉଦ୍ବେଳିତ ଉର୍ମିମାଳା ଯେତେ
ଶାନ୍ତ ହୁଏ, ସ୍ଥିର ହୁଏ, ହୃତ ରଶ୍ମି ତୁରଙ୍ଗେ ଯେମନ୍ତେ ।

ହେ ବିବେକ ! ତମେ ସ୍ୱଚ୍ଛ ନିଖିଳ ସର୍ବସ୍ୱ
ତମ ସାନିଧିରେ ପରିମଳ ପବିତ୍ର ଏ ବିଶ୍ୱ
ତମେ ଯେବେ ଆଲିଙ୍ଗ ହେ ମନର କୋଷକୁ
ସୂର୍ଯ୍ୟ ସମ ଫୁଟାଅ ହେ ସୁରଭିତ କମଳ କଳିକୁ ।
ବାସ୍ନାୟିତ ପୁଲକିତ ନର ପ୍ରାଣ ମନ
ପ୍ରାଜ୍ଞ ଚେତନାର ଭୃଙ୍ଗ ତୋଳଇ ଗୁଞ୍ଜନ ।

ହେ ବିବେକ ! ପ୍ରାଣ ପ୍ରଜ୍ଞାପକ ତମେ ହିଁ ଚେତନା
ଜଗାଅ ହେ ମଣିଷ ମନରେ ସଂପ୍ରୀତି ଦ୍ୟୋତନା !
ତମେ ତ ଅଦୃଶ୍ୟ ଦୃଶ୍ୟ ମଣିଷ ହୃଦରେ
ଜାଗ୍ରତ ପ୍ରହରୀ ତମେ ଅଭିଜ୍ଞାନ କର୍ମ କଉଶଳେ ।
ତରୁଣ ଅରୁଣ ସମ ଜ୍ୟୋତିଷ୍ମାନ ହୁଅ ନର ଅନ୍ତଃକରଣରେ
ମନ ରହୁ ଶିଷ୍ୟସମ ଗୁରୁପଣେ ବିରାଜ କୁଶଳେ ।

ହେ ବିବେକ ! ମୋ ମନ ପ୍ରଣାମ ଘେନ ମାନସେ ମୋ ନିତ୍ୟ ବାସ କର
ତମ ପାଇଁ ସ୍ୱାଗତ ଗୀତିକା କଣ୍ଠେ ମୋର ଥାଉ ଚିରକାଳ ।

****

ସଭାପତି, ଉତ୍କଳ ଗୀତିକବି ସମାଜ, ରାଉରକେଲା
ଘର ନ. ଜେ.ଜି.-୧୦୮, ଜଗଦା
ରାଉରକେଲା -୭୬୯୦୪୨
ଫୋନ: ୮୯୧୭୫୭୫୯୮୦



# ତୋ' ଓଠ ପ୍ରେମର

## ନିଶିକାନ୍ତ କହଲସିଂହ



ତୋ' ଓଠ ପ୍ରେମର-
ସାଗର , ମୁଁ ପରା
ନିତି ମରୁ ପରେ ମରେ,
ଏତେ ପ୍ରେମ ତୁ' ଲୋ
କାହିଁକି ଢାଳୁ ମୋ'
ବକଟେ ହୃଦୟ ପରେ ?

ନୁହେଁ ମୁଁ ଅଗସ୍ତି
ଆଞ୍ଜୁଳାରେ ଭରି
ସାଗର ପାରିବି ଶୋଷି,
କଳସୀ ଲୋଡ଼ଇ
କଳସୀଏ ପାଣି
କି ହେବ ଢାଳିଲେ ବେଶୀ ??

****

ଲୋକିପୁର,
ଗଡ଼ମାଣତୀର, ଖୋର୍ଦ୍ଧା-୭୫୨୦୭୨
ମୋ : ୯୯୩୭୯୫୩୫୨୬

# " ଜିତିବାର ମୋହ "

## ରତ୍ନପ୍ରଭା ବାଇ



ହାରି ଯାଇଥିବା ମଣିଷକୁ କାହିଁ ଜିତିବାର କଥା କୁହ ?
ଝରି ଯାଇଥିବା ମଉଳା ମନର ପାଖରେ ଅଟକି ରୁହ ।
ଆଶାର ଶେଫାଳୀ ମହକ ବିଛେଇ ମାଟି ଶେଯେ ଶୋଇପଡେ
ଅଲୋଡା ଦରବ ଭାବି କିଏ କେତେ ପାଦରେ ମକଚି ମାଡେ ।

ନିଜଠୁ ନିଜର ଭାବି କିଆଁ ଏତେ ସରାଗେ ସାଉଁଟି ନିଅ
ନମାଗିଲେ କିଛି ତଥାପି ତୁମରି ଖୁସିରୁ ଉଧାର ଦିଅ ।
ଫୁଲ ଫଗୁ ନେଇ ଫେରିଛି ଫଗୁଣ ଭଅଁର ଭୁଲିଛି ଗୀତ
ବୈଶାଖ ତାତିର ତାଡ଼ନାରେ ସବୁ ସ୍ୱପ୍ନ ମାନେ ଶରାହତ ।

କ୍ଷଣ କ୍ଷଣକ ରେ ବେଦନାକୁ ବୋହି ଭାରାକ୍ରାନ୍ତ ଏ ଜୀବନ
ହୃଦୟ ହାଲୁକା କରିବାକୁ କେତେ ସଜାଅ ଆଶା ସପନ।
ମିଠା ଦରଦରେ ମନକୁ ମାପୁଛ ପ୍ରୀତିର ଆଳାପ କରି
ପ୍ରତିଟି ଶବ୍ଦରେ ପାରିଜାତ ଫୁଲ ଫୁଟି କି ଯାଉଛି ଝରି।

ପ୍ରତୀକ୍ଷା କରିଛ ଆଙ୍କିବେଇ ମନେ  ପ୍ରେମର ତାଜ ମହଲ
ତୁମ ପାଖେ ଆଜି ହାରିଯାଏ ପୁଣି ପାଅ ବୋଲି ଏତେ ଭଲ ।।

****

ସଂପାଦିକା, ବର୍ଣ୍ଣାଳୀ ସାହିତ୍ୟ ସଂସଦ,
ତାଳଚେର ଟାଉନ ଅନୁଗୁଳ ।
୯୩୩୭୯୭୨୭୪୯

# ଖୋରଧା ପାଇକ


ଯମେଶ୍ୱର କହଳସିଂହ




ଏ ଖୋରଧା ମାଟି
ଦୁଇଶ ବରଷ
ପାଇକ ବିଦ୍ରୋହ କାହାଣୀ କହେ,
ଦେଶସେବା ବ୍ରତ
ବରିନେବା ପାଇଁ
ଆଗାମୀ ପୀଢ଼ିକୁ ପ୍ରେରଣା ଦିଏ ।। ୦ ।।

ବକ୍ସି ଜଗବନ୍ଧୁ
ଜୟୀ ରାଜଗୁରୁ
ଏ ପୁଣ୍ୟମାଟିର ସାଇତା ହୀରା
ପାଇକ ପିଣ୍ଡିକି
କୃତିବାସ ଆଉ
ତାପଙ୍ଗ ଗଡ଼ର ଦଳବେହେରା ,
ଉତ୍ସର୍ଗୀକୃତ
ଜୀବନ ତାଙ୍କର
ତାଙ୍କ ସଙ୍ଗେ ତୁଲ ହୋଇବ କିଏ ।। ୧ ।।

ମାଟି ଚିପୁଡ଼ିଲେ
ରକତ ନିଗିଡେ
ଖୁରର ଧାର ଏ ଖୋରଧା ଗଡ଼
ପାଇକ ପୁଅର
ତରବାରି ଯହିଁ
ଶୋଣିତ ନଦୀରେ ପକାଏ ବୁଡ଼,
ଏ ମାଟିର ବାସ୍ନା
ନିଆରା ନିଆରା
ମାଟି ମଣିଷର ମରମ ଛୁଏଁ ।। ୨ ।।

ଯା' କୋଳେ ଜନମି
ଆଲୋକ ଦେଖିଛୁ
ସେଇ ମୋ' ଜନନୀ ଖୋରଧା ଗଡ
ଯେଉଁଠି ଟେକିବ
ଟେକାଖଣ୍ଡେ ଏଠି
ମିଳିବ ପାଇକ ମାଉଁସ ହାଡ଼,
ଏଇଠି ପାଇକ
ଫାଶୀରେ ଝୁଲଇ
ଏଇଠି ପାଇକ ସହିଦ ହୁଏ ।। ୨ ।।

ପାଇକ ପୁଅ ମୁଁ
ଶିଖିଛି ଏତିକି
ଅତୀତ ସ୍ମୃତିକୁ ପାଥେୟ କରି
ମାଆ , ମାଟି ଆଉ
ମାତୃଭାଷାର
ସୁରକ୍ଷା କବଚ ହାତରେ ଧରି,
ଜନନୀ ଅଧରେ
ହସ ଫୁଟାଇବି
ଜୀବନ ପ୍ରଦୀପ ଲିଭିବା ଯାଏ ।। ୩ ।।

****


ଲୋକିପୁର,
ଗଡ଼ମାଣତୀର, ଖୋର୍ଦ୍ଧା - ୭୫୨୦୬୨
ମୋ : ୯୯୩୭୯୫୩୫୨୭



ଶ୍ରୀଯୁକ୍ତ ସତ୍ୟାନାଶ

# ଷଣ୍ଢ କହିଲା ଗାଈକି

ଷଣ୍ଢ କହିଲା ଗାଈକି..
ଆଲୋ.. ଶରଧାରେ ତତେ ଡାକୁଚି ପାଖକୁ
କିଆଁ ପଳାଉଚୁ ଧାଇଁକି?

ଗାଈ କହିଲା - ମୁଁ ଜାଣିଚି
ମାଲିକ ମୋର ମାଲିକାଣୀକି
କାଲି ସକାଳେ କହୁଥିବାର ଶୁଣିଚି -
ମାଲିକ ତାର ସ୍ତ୍ରୀକି କହିଲା - ଆଗୋ..
ଝିଅକୁ ତମର ଜଗ..
ଟୋକାଙ୍କ ସାଂଗରେ ହୋଲି ଖେଳିବାକୁ
ଝିଅ ଯେମିତି ହବନାଇଁ ଚଂଗଚଂଗ।
ତା ସ୍ତ୍ରୀ ପଚାରିଲା - କୋଉଦିନ କି ହୋଲି ?
ମାଲିକ କହିଲା - କାଲି ।

ମୁଁ ଜାଣିଲି - ହୋଲି ହଉଚି ଆଜି
ସେଇଥିପାଇଁ ପାଖକୁ ମୋଅର ଆଇଚ ଖୋଜି ଖୋଜି।
ହେଇଟି ପରା.. ହୋଲି ଖେଳିଚ ବୋଲି;
ଶିଙ୍ଗରେ ତମର ଲାଗିଚି ରଙ୍ଗ ନାଲି ।

ଷଣ୍ଡ କହିଲା .. ହଁ ପରା..
ସେ ସାଇର ଗୋଟେ ବଖଡ଼ପିଲା
ନାହିଁ କରୁକରୁ ଶିଙ୍ଗରେ କଲର ଲଗେଇଦେଲା ।
କିନ୍ତୁ.. କଲର ଫଲର ଦିହକୁ ଖରାପ ମୁଁ ଜାଣିଚି;
ସେଇଥିପାଇଁକି ହୋଲି ଖେଳିବାକୁ
କଲର ନୁହଁ ଫଗୁ ଆଣିଚି ।

ଗାଈ କହିଲା - ଶୁଣ
ମୁଁ ଜାଣିଚି ତମର ଗୁଣ
ଗଲାବର୍ଷ ପରା ଫଗୁରେ ମିଶେଇ ମୁଣ୍ଡଫଟା..
ମୁଣ୍ଡରେ ମୋଅର ପକେଇଥିଲ ଯେ
ଆଠଦିନ କାଳ ଧୋଇ ଧୋଇକିରି ହଟହଟା ।
ତମକୁ .. ମୁଣ୍ଡିଆ ମାରୁଚି ବୃଷଭ ଭାଇ;
ଜୀବନରେ କେବେ ମୁଁ ଆଉ ହୋଲି ଖେଳିବି ନାଇଁ..

ଷଣ୍ଢ କହିଲା - କଣ କହିଲୁ ? ଭାଇ??
ହେଲୋ..ମୁଁ ଯଦି ତୋ ଭାଇ ହେଲି ଯେ ବଳଦ ଯିବ କାହିଁ ?
ତୋ ସାନ ପୁଅଟା ମୋଅରି ପୁଅ
ମନେ କି ତୋର ନାଇଁ ..
ଫାଇଦା ପାଇଁକି ପ୍ରେମିକା ଥିଲୁ.. ଏବେ କହୁଚୁ ଭାଇ !!
ସୋସିଆଲ ମିଡିଆରୁ ପରା ମୁଁ ନିଇତି ପଢୁଚି ଖବର ..
ଲିଭ ଇନରେ ରହିବା ପରେ ..
ଟଙ୍କା ସୁନା ଆଉ ମୋବାଇଲ ଆଦି ସବୁ ଫାଇଦା ପାଇବା ପରେ..
ଆଉ କା ସାଂଗରେ ବାହାହେଇକି ପ୍ରେମିକାରାଣୀ ଫେରାର ।
ବିଚରା ପ୍ରେମିକ ଦଉଡ଼ି ଦଉଚି ନ ହେଲେ ଖାଉଚି ଜହର ।
ମନେ ରଖିଥା ..ମୁଁ ସେମିତିଆ ଛୋଟ ହାର୍ଟବାଲା ପ୍ରେମିକ ନୁହେଁ;
ତୋ ପାଇଁକି ମୁଁ ଅବିର ଆଣିଚି ଆ ମିଶି ହୋଲି ଖେଳିବା ଦୁହେଁ ।

ଷଣ୍ଢ କଥା ଶୁଣି ଗାଈ କହିଲା - ନା..
ମୁଁ ଦିଇଟା ଛୁଆର ମା;
ତମର ଯଦି ଖେଳିବାକୁ ଇଛା
ମୋ ସାଂଗେ ନୁହଁ କୋଉ ଛଡ଼ା ପାଖେ ଖେଳିବ ଯା ।

ଷଣ୍ଢ ହସିଲା - କହିଲା ଆଲୋ
ଦିଇଟା ଛୁଆର ମାଅମାନଙ୍କର ଖେଳ ପ୍ରବଳ;
ମନେ ପଡୁନିକି ବର୍ଷାଭାଉଜକୁ ଟୁଙ୍ଗୁରୁଭୋଳ?
ତୁ ମୋବାଇଲଟେ କିଣେ
ୟୁଟ୍ୟୁବ ଆଉ ଫେସବୁକରୁ
ଦିଇଟା ଛୁଆର ମାଆମାନଙ୍କର ଖେଳିବ ନିଶା ଜାଣେ ।

ତୁ ସିନା କରୁଚୁ ମନା ..
ଗଜାବୟସୀଙ୍କି ଅନା
ଜଗୁସାହୁ ଝିଅ ରୁଷିଛି ...
ବୟଫ୍ରେଣ୍ଡ ସାଙ୍ଗେ ଫଗୁ ଖେଳିବାକୁ

ଜିଦ୍ ଧରିକି ବସିଛି ।
ମୁଣ୍ଡଫଟା ଖେଳି ମୁହଁଟା ନାଲିଆ
ରାଣୀ ସିନା ଛାଡ଼େ ରଡ଼ି;
ମୁଣ୍ଡଫଟା ଧରି ହଷ୍ଟେଲବାଲିଏ
ହଉଛନ୍ତି ଗଡ଼ାଗଡ଼ି ।
ଟୋକାଙ୍କୁ ପାଖକୁ ଭିଡ଼ି;
ମହାରଣା ଝିଅ ଫଗୁ ବୋଳିବାକୁ
ଦେଖେଇଦଉଚି ବଡି।

କହିଲା ଗାଈ - ଷଣ୍ଢ ଭାଇ,
ହଉ ହଉ ଆଉ ଦିଅନା ଗାଳି
ମୁଣ୍ଡଫଟା ନୁହଁ ଫଗୁଟିକେ ଦିଅ ମଥାରେ ବୋଳି।

ବିଗିଡ଼ି ଯାଇ.
ଷଣ୍ଢ କହିଲା- କଣ ହେଲା.. ପୁଣି ଡାକିଲୁ ଭାଇ ;
ମୁହଁକୁ ତୋ ଟିକେ ସରମ ନାଇଁ ?
ରାଣ ପକାଉଚି ହୋଲି ଖେଳିବାକୁ
ଆଉ ତୋ ପାଖକୁ ଆସିବିନାହିଁ ।

ଷଣ୍ଢ ଉପରକୁ ମୁଣ୍ଡଫଟା ମେଞ୍ଚେ ପକେଇ ଦେଇ;
ଲାଙ୍ଗୁଡ଼ ଟେକିକି ଧାଇଁଲା ଗାଈ;
ଷଣ୍ଢ ଚାହିଁଚି ଭକୁଆ ହେଇ ।
ଗାଈ ମାରିଲା ଚମ୍ପଟ..
ବିଚରା ଷଣ୍ଢ ଛଟପଟ ॥

****


ଗଜବିହାର, ବରମୁଣ୍ଡା
ଭୁବନେଶ୍ୱର - ୭୫୧୦୦୩


# ବଞ୍ଚିବାର ବ୍ୟାକରଣ

## କୁଞ୍ଜବିହାରୀ ରାଉତ



ଜୀବନ କେବେ ବି ସମତଳ ରାସ୍ତା
ନୁହେଁ କି
ଗୋଲାପର ଶଯ୍ୟା
ଜୀବନକୁ ଜିଇବାକୁ ହେଲେ,
ଓଗାଳିବ ବାଧାବିଘ୍ନର ବାଘ
ରାତିରେ ଫୁଟିଥିବା ଫୁଲ
ଜାଣିନଥାଏ
ରାତି ପାହିଲେ ସେ ମନ୍ଦିରକୁ ଯିବ ନା ମଶାଣିକୁ ଯିବ
ତଥାପି ସେ ସୁଗନ୍ଧ ବାଣ୍ଟି ଚାଲିଥାଏ, ଏ ସମାଜରେ
ଏ ସଂସାରରେ ସବୁ ମଣିଷ ମରନ୍ତି
ମାତ୍ର ସବୁ ମଣିଷ ବଂଚିବା ଜାଣନ୍ତି ନାହିଁ
ଜୀବନ ଜିଇବା ବଡକଥା ନୁହେଁ
ଠିକଣା ଢଙ୍ଗରେ ଜିଇବା ବଡକଥା
ଗଣିତ କେବେ ଶିଖାଇନି ଜୀବନେ ସୁଖ
ଯୋଗ କିପରି କରିବାକୁ ହୁଏ
ଦୁଃଖ କିପରି ବିୟୋଗ କରାଯାଏ
ତେବେ ଶିଖାଇଛି,
ପ୍ରତ୍ୟେକ ସମସ୍ୟାର ସମାଧାନ ଅଛି
ଜୀବନ ଅଛି ମାନେ ସମସ୍ୟା ଅଛି
ସମସ୍ୟା ଅଛି ମାନେ ସମାଧାନ ଅଛି .....
ସାହିତ୍ୟ କହିଛି,
ଜୀବନ ତୁମକୁ କାନ୍ଦିବା ପାଇଁ ଶହେ କାରଣ ଦେଖାଇବ
ତୁମେ ତାକୁ ହସିବା ପାଇଁ
ଶହେ ଏକ କାରଣ ଦେଖାଇ ପାରିଲେ
ତୁମେ ଜିତିଯିବ।
ପରାଜୟ ପାଇଁ ନୁହେଁ  ଜନ୍ମ ମଣିଷର
ତେବେ ବଂଧୁ, ଆସ ଜୀବନ ସଂଗୀତ ଗାଇବା
ନହୋଇ ଅଧିର
ସତରେ ଦୁର୍ମୁଲ୍ୟ ଏ ମାନବ ଜୀବନ
ଏହାହିଁ ହେଉଛି  ବଂଚିବାର ବ୍ୟାକରଣ .....

****


୧୪୮/୫, ହମିରପୁର, ରାଉରକେଲା:୩
ମୋ: ୯୦୯୦୦୯୦୨୨୫

## ଦେବାଶିଷ ଚକ୍ରବର୍ତ୍ତୀ



# ବଡି

କିଶିକିଶିଆ ଜାଡ଼ ପଡିଲେ
ବଡ଼ି ତିଆରିବାକୁ ପାହାଡି ଝରଣା ପରି
ଖରଖରେଇ ଉଠେ ଜେଜି
ପେଜୁଆ ବିରିକୁ ଚିକ୍କଣ କରି ବାଟି ଫେଣେଇ
ଡଲା, କୁଲା, ପଟିଆରେ ସେ
ଦେଖାଏ ତାର କାରିଗରୀ
ବଡି ନୁହଁେତ ସତେ ଯେମିତି
ମଗୁଶୁର ଅଗଣାରେ ଝୋଟି
ଯାହା ବାଟଭୁଲା ଖୁସିକୁ ଆଣୁଥିଲା ପାଛୋଟି ।

ଖାଲି କଣ ବିରି, କେତେ କିସମ ର ଦରବ
ସେ ମିଶାଉ ଥିଲା ସେଥିରେ
ଜେଜେଙ୍କ ପୁରୁଣା ଧୋତିରେ ରାଶି ବିଞ୍ଚିଦେଇ
ସେ ତିଆରୁଥିଲା ଫୁଲବଡି
ମନେ ହେଉଥିଲା ସତେ ଯେମିତି
ତାରା ସବୁ ତାରାମାନେ ଆସିଛନ୍ତି
ଆକାଶର ଶେଯ ଛାଡି
ସେଥିରେ ପୁଣି ମିଶୁଥିଲା ଜୀରା,ଅଦା
ବାଦାମ, ରସୁଣପତ୍ର, ନିମକଢ଼
ମନେହୁଏ ସତେ ଯେମିତି ବଡ଼ି ନୁହେଁତ
ଜେଜି ତିଆରୁଛି କୋଣାର୍କ  ମନ୍ଦିର
ସେ ସ୍ୱୟଂ ବିଶୁ ମହାରଣା
ଆଉ ମାଆ, ଜେଠେଇ, ଖୁଡି
ସମସ୍ତେ ତାର ପାର୍ଶ୍ୱଚର ।

ଅଭାବୀ ର ପକେଟ ପରିଭାରି ଖସରା
ଶୀତ ଦିନର ଖରା
କେତେବେଳେ ଖସି ଚାଲିଯିବ
ଟିକେ ଢିଲେଇଲେ କଥା ସଇଲା
ତେଣୁ ସୂର୍ଯ୍ୟଙ୍କ ଅବସ୍ଥିତି ଅନୁସାରେ
ବଦଳୁଥାଏ କୁଲା,ପାଛିଆ,ଖଟିଆ ର ସ୍ଥିତି
ତାର ନଳିପରି ସରୁ ଗୋଡ଼ ରେ
କେଉଁଠୁ କେଜାଣି ପାଏ ଏତେ ଶକତି ?

ଟବଟ ହେଉକି ପଖାଳ
ସାଥିରେ ବଡି ଥିଲେ ଉଝେଇ ଯାଏ
ପାଟି ସହିତ ହାତର ହରତାଳ
ଗିଲିରି ଫୁଲ ସହିତ ବଡି ବେଶର ତ
ପୁଣି କେବେ ମଦରଙ୍ଗା ଶାଗ ରାଇ
ବଡି ର ପୋଡା, ଭଜା, ସିଝା
ଯାହା କଲେବି ତାର ତୁଳନା କାହିଁ ?

ବାପା, ବଡ଼ବାପା କି କକେଇ
ଯୁଆଡେ ଗଲେବି
ବନ୍ଧୁ ସଙ୍ଖୁଳା କୁ ସାଥିରେ ନେଉଥିଲେ
ଜେଜି ର ହାତ ତିଆରି ବଡି
ସେ ଏବେ ଝଟକୁଛି ତାରା ହୋଇ
କିନ୍ତୁ ବଜାରରେ ବଡି ମିଳୁଛି ଝୁଡି ଝୁଡି
କିନ୍ତୁ, ସେଥିରୁ କଣ ମିଳିପାରୁଛି
ତାର ଆପଣାପଣ ର ଛୁଆଁ
ବରଂ, ମାଆ, ଖୁଡି,ଜେଠେଇ ଙ୍କ
କପଟ ହସର ଘୋଡଣି ତଳେ
ରଗରଗ ହେଉଛି ଅସହିଷ୍ଣୁତାର ନିଆଁ ।

****

ମଣ୍ଡୁଆ, କେନ୍ଦୁଝର ଗଡ଼
ମୋ 9437752395

# ବିଷାକ୍ତ ପୃଥିବୀ

ସୁଜାତା ଦାସ



ଏ ମାଟି ଆମକୁ  କିଶ ବା ଦେଇନି
ବଞ୍ଚିବାକୁ ତାର କୋଳେ
ଗଛରେ ଲତାରେ  ସଞ୍ଚିଛି ସେ ଖାଦ୍ୟ
ଜଳ ଅଛି ଭୂମି ତଳେ । ( ୧)

ପ୍ରାଣବାୟୁ ଲାଗି ଅମ୍ଳଜାନ ବାଷ୍ପ
ବୃକ୍ଷ ଛାଡେ ନିତି ନିତି
ସୂର୍ଯ୍ୟ କିରଣରେ  ଜୀବଜନ୍ତୁ ଗଣ
ପାଆନ୍ତି ଜୀବନ ଶକ୍ତି । ( ୨)

ହେଲେ ଏ ମଣିଷ,,,,,,
ହେଲେ ଏ ମଣିଷ  ଏଡ଼େ ସ୍ୱାର୍ଥପର
ବୁଝେନି ପ୍ରକୃତି ବ୍ୟଥା
ବିଜ୍ଞାନ ନାଆଁରେ  ବିକାଶ ଛଳରେ
ରଚେ କୃତଘ୍ନର ଗାଥା । ( ୩)

କଳ, କାରଖାନା ,ରାସ୍ତା ନିର୍ମାଣରେ
ଜଙ୍ଗଲ କରୁଛି ଧ୍ୱଂସ
ପଶୁପକ୍ଷୀ କୀଟ  ଉଦ୍ଭିଦ ଜଗତ
ଛଳନାରେ କରି ନାଶ । ( ୪)

କ୍ଷେତ ହରାଇଛି  ଉର୍ବରତା ଆଜି
ଲୋଡ଼ା ରାସାୟନିକ ସାର
କୀଟ ପତଙ୍ଗର  ନାଶ ପାଇଁ ପୁଣି
ବିଷ କରେ ବ୍ୟବହାର । ( ୫)

ଧୂଆଁ ଧୂଳି ଗୁଣ୍ଡ  ବାୟୁ ପରିପୂର୍ଣ୍ଣ
ଶ୍ୱାସ ରୋଗ ଯାଏ ବଢ଼ି
ବନ୍ୟା ମହାମାରୀ  ବାତ୍ୟା ଭୂମିକମ୍ପ
ଅକାଳେ ଆସଇ ମାଡି । ( ୬)

ହେମନ୍ତ କାକର  ବସନ୍ତ ମଳୟ
ଶୀତର ବାଘୁଆ ଜାଡ
ଶ୍ରାବଣ ବରଷା  ଶରତ ସ୍ୱଚ୍ଛତା
ପ୍ରକୃତି ସାଜିଛି ଜଡ଼ । ( ୭)

ଚତୁର୍ଦ୍ଦିଗେ ଭରା  ପ୍ଲାଷ୍ଟିକ ଅସରା
କୁଢ଼ କୁଢ଼ ଆବର୍ଜନା
ଅଣନିଶ୍ୱାସରେ  ମାଟି ମାଆ କାନ୍ଦେ
ଶିରିହୀନ ସବୁଜିମା । ( ୮)

ଆମ୍ ବଡ଼ିମାରେ  ମିଛ ଅହଙ୍କାରେ
ପରମାଣୁ ବୋମା ଛାଡେ
ପାରେନି ସେ ବୁଝି  ପ୍ରକୃତି କାନ୍ଦୁଚି
ଭବିଷ୍ୟତ କଥା ହେଜି ।  ( ୯)

ହୁଅ ସଚେତନ  ହେ ମାନବ ଗଣ
ସମୟ ଯାଉଛି ସରି
ବୃକ୍ଷ ହିଁ ଜୀବନ  ପ୍ରକୃତି ସ୍ପନ୍ଦନ
ସବୁଜିମା ଦେବା ଭରି । ( ୧୦)

****

ବାଲେଶ୍ୱର

# ସ୍ତ୍ରୀ ଲୋକଟେ

ସୁଚରିତା ମହାନ୍ତି



ଚାରି କାନ୍ଥ ଭିତରେ ଥାଏ ତା'ର ଛୋଟିଆ ପୃଥିବୀ
ସେଇଠି ବାନ୍ଧି ଥାଏ ସେ
ସମ୍ପର୍କର ନୀଡ଼ ଟେ
ପ୍ରତିଟି ମୁହୂର୍ତ୍ତର ସବୁତକ ଦୁଖସୁଖ
ଭଲମନ୍ଦ
ହାନିଲାଭ
ପଣତ କାନିରେ ଗଣ୍ଠି ପକାଇ ରଖିଥାଏ
ଜିଇଁ ଥିବା ଯାଏଁ

ଏରୁଣ୍ଡି ବନ୍ଧ ଡେଇଁବା ପରଠାରୁ ଯେତେ ସବୁ
ଅନାବନା ହିସାବ ହୃଦୟ ପୃଷ୍ଠାରେ ସାଇତି ରଖେ କେଡ଼େ
ଯତ୍ନ ରେ

ତା ପୃଥିବୀ ବାହାରେ
ଆଉ ଯେଉଁ ପୃଥିବୀଟେ ଅଛି
ତାକୁ ସେ କେବେ ପରଖି ନାହିଁ
ବେଳ କାହିଁ ଯେ
ଗୋଟିଏ ସ୍ତ୍ରୀଲୋକ ପାଇଁ!!

ଏମିତି ସ୍ୱାର୍ଥପର ମଣିଷ ଟେ
ହୋଇ ଯାଏ
ସମ୍ପର୍କର ଲାଳସା ରେ
ଭୁଲି ଯାଏ ନିଜ କଥା
ହସହସ ମୁହଁ ରେ ପି' ଚାଲେ ଗରଳ
ସବୁକଥା ବେଧଡ଼କ ସହିଯାଏ ନିଜେ ନିଜ ଇଛାରେ

ପାଦର ଅଳତା ନ ଛାଡୁଣୁ
ପିଠିରେ ଲଦି ହୋଇ ପଡ଼େ
ସଂସାର ବୋଝ
ସ୍ତ୍ରୀ ଲୋକର ଧର୍ମ କର୍ମ
ପାଳନ କରେ
'ଏ' ଠାରୁ 'ଜେଡ୍' ଯାଏ

କେଉଁ କାମ ତାକୁ ଅଛପା

ତା ଜୀବନ ର ଅଙ୍କ ସେ ନିଜେ କଷୁଥାଏ
ତାଳୁ ରୁ ତଳିପା ଯାଏଁ
ହୋଇଥାଉ ଯେତେଥର ରକ୍ତପାତ
କିଏ କାହିଁକି ବା ତାକୁ ପଚାରିବ
କେମିତି ଅଛୁ !!

ସେ ପରା ସବୁ ସହିପାରେ ବୋଲି
ଗଢ଼ିଛି ସ୍ୱତନ୍ତ୍ର ନୀଡ଼ ଟେ
ନ'ହେଲେ ଲୋକେ କେମିତି ବୋଲିବେ ତାକୁ ସର୍ବଂସହା
ବୋଲି !!

****

ମାହାଙ୍ଗା, କଟକ
୮୯୧୭୫୭୧୨୦୨

# ବୋଉ



ସନ୍ନ୍ୟାସୀ ନାୟକ

ବୋଉ
ତୋ ଅଷ୍ଟାଭଙ୍ଗା ଚାଲି
ଭଙ୍ଗା ଗୋଡ଼ର
ଅନେକ କାହାଣୀ ,
ସମୁଦ୍ର ବେଳାଭୂମିରେ
ବିସ୍ତିର୍ଣ୍ଣ ବାଲିର ତୋ ଦୁଃଖ
ମାପିବାକୁ ନାହିଁ ଗଉଣି .....

ବୁଝିପାରେ ନାହିଁ ଲୋ ବୋଉ
ତୁ କାହିଁକି
ବାର ଓଷା ବ୍ରତେ ସହୁ ,
କଳେସୀ ଲାଗିବା
ଲୁଗାର ମଇଳା
ମୋ ଦେହରେ ଆଣି ଝାଡୁ ....

ପାଟିରେ କୁଟା
ପାଦେ ଶରଣ ଯାଇ
ଦାଣ୍ଡିଆ ଆଗରେ ଗଡୁ ,
ହକଦିଅ ନିଆଁ
ଝୁଣାର ଝୁଲରେ
କାହିଁକି ନିଜକୁ ପୋଡୁ ....

ଷଠି ଓଷା ପୂଜି
ବଜରମୂଳିରେ
କାହିଁକି ବାଡ଼ଉ ଥାଉ ,
ଦେଉଳିଆ ମଣ୍ଡା
ଆଗରେ ଥୋଇ
ଢ଼ୋ ଢ଼ୋ ମୁଣ୍ଡ ପିଟୁ ....

ନିଶାମଙ୍ଗଳ ବାରେ
ରାତି ଅଧଟାରେ
ଅଧିଅ କାହିଁକି ପଡୁ ,
ରାତି ନ ପାହୁଣୁ
ଦେଉଳ ବେଢ଼ାର
ପାଟ ଅଗଣା ଝାଡୁ ...
ଭୋକିଲା ଭିକାରି

ଦେଖିଲେ ବୋଉଲୋ
ଶରଧାରେ ଫାଟି ଯାଉ ,
ପଖାଳ କଂସାରେ
ସାଗପେଜ ଦେଇ
ପେଟେ ଖୁଆଉ ଥାଉ ...

ନିଦରେ ନିଦରେ
ବାଉଳି ହୋଇ
ହାଉଳି ଖାଇଲେ
ଛାତିରେ ଭିଡିକି ଧରୁ ,
ତୁଚ୍ଛା ବାହାନାରେ
ଯା ଯା କହି
ଭୂତକୁ ଭଗାଉ ଥାଉ ...

କଷ୍ଟ ତୋର ବୁଝି
ପାରେ ନାହିଁ ବୋଲି ,
ବୋଉ ଲୋ
ବରୁଣାଇ ପାହାଡ଼ ତିଖକୁ ଚଢେ ,
ଦେଖୁଥାଏ ବସି
ନୀଳଚକ୍ର ବାନା
ଦୁଃଖ ଉଡାଇ ଉଡାଇ
ଫର ଫର ହୋଇ ଉଡେ...

ତୋ ପଣତ କନିଟା
ଉଡ଼ିଲେ ବୋଉଲୋ
ଆମ ଦୁଃଖ ଉଡେ ନେଇ କେତେ ,
ଭୁବନ ବିସ୍ତାର
ତୋ ପଣତ କନିଟା
ଗୁଡ଼ାଇ ତୁଡାଇ
କାନ୍ଦିବାକୁ ଦେବୁ ମୋତେ ....
****

ଚକ୍ଷୁ ସହାୟକ
ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ , ପୁରୀ
ମୋ : ୯୪୩୭୩୫୨୫୬୦

# ଭଙ୍ଗା ବୋଝ

ବାସନ୍ତୀ ଲତା ମହାପାତ୍ର



ବାପା!
ତୁମ ହାତରେ ହାତ ରଖି
ଚାଲି ଶିଖିଲା ବେଳେ
ତୁମ କାନ୍ଧରେ ମଥା ରଖି
ଶୋଇ ପଡିଲା ବେଳେ
ତୁମ କୋଳରେ ବସିପଡି
ଖୁସିରେ ଉଦ୍ବେଳିତ ହେଲା ବେଳେ
ତୁମ କାନ୍ଧରେ ବସି
ବିଦ୍ୟାଳୟକୁ ଗଲା ବେଳେ
ତୁମେ ହାତ ମୁଣ୍ଡକୁ ଆଉଁସିଲା ବେଳେ
ମୁଁ ହୋଇ ଯାଉଥିଲି ସୁନା ଚଢେଇଟିଏ
ତୁମ ମୁଖର ହସକୁ ଚାହିଁ ଦେଇ
ଉଡି ଯାଉଥିଲି ମୋ ସ୍ୱପ୍ନର ଇଲାକାକୁ
ସେଠିଥିଲା ଦୁଃଖ ନା ଶୋକ
ଭୋକ ନା ଚିନ୍ତା
ମାନେ ଅଛି ବାପା ଥିଲା ପୁଅର
ଶନି ଦଶା ଦୂରେଇ ଯାଏ

ଏବେ ମୁଁ ବହୁତ ବଡ ଅଫିସର
ସ୍ତ୍ରୀର ଇଛାକୁ ପୁର୍ଣ କରୁଥିବା
ଏକ ଜିଅନ୍ତା କଣ୍ଢେଇ
ସ୍ତ୍ରୀକୁ ଲକ୍ଷ୍ମୀ ସଜେଇ
ତୁମ ହାତ ଆଉଁସାକୁ ଭୁଲି ଯାଇଛି
ଅର୍ଥ ଅହମିକାର ଖୋଳପାରେ
ତୁମ ସାନିଧ ପାଇଁ ସମୟ ନାହିଁ ?
ଏବେ ତ ମାୟା ମିରିଗର ନାଟ, ମୋ ପରିବାର
ସେହି ସର୍ବସ୍ୱ ଭିତରେ ମୁଁ ଅଣ ନିଶ୍ୱାସୀ
ଶନି ଦଶାରେ ଉବଟୁବ
ତୁମେତ ଅତୀତ
ମୋ ଉପରେ ଭାରି ପଡିଥିବା
ଅଳିଆ ଭର୍ତ୍ତି ଏକ ଭଙ୍ଗା ବୋଝ ।

****

ସେବା ନିବୃତ୍ତ ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷୟତ୍ରୀ,
ହନୁମାନ ବିହାର, ବାରିପଦା


With Best Compliments From :

**Bagga Tent House**

5, Udhyan Marg, Kalibari,
Gole Market, New Delhi, Delhi 110001
**Phone:** 98712 93503

# ବୟସ୍କ ସ୍ୱପ୍ନ

ଜ୍ୟୋତ୍ସ୍ନାଶ୍ରୀ ପୁଷ୍ପାରାଣୀ
ସେନାପତି



କିଛି ସ୍ୱପ୍ନ ବୟସ୍କ ହେଲେଣି
ଅଫଳନ୍ତି  ଆଖି  ଏବେ
କେବେ ଦିନେ ଏ ଆଖିରେ ଫଳ ଧରିଥିଲା
ଜହ୍ନି ଫୁଲର ହଳଦିଆ ରଙ୍ଗ ନେଇ
ଜହ୍ନ ମନସ୍କ ହେଉଥିଲି ମୁଁ
ଇଚ୍ଛା ମାନେ ଡେଣା ଧରୁ ଧରୁ
କେହିଜଣେ କାଟିଦେଲା ପର
ଗୋଟେ ବିଧବା ସଂଜରେ
କାହାକୁ ଶୁଭୁନଥିଲା ମୋର ଉହୁ
ଆକ୍ତାମାକ୍ତା ହେଉଥିଲି ଧୀରେ ଧୀରେ
ତମସା ତଟିନୀରେ।

କେହିତ ନଥିଲେ
ଯିଏ କହିବ ଆ ମୁଁ ତୋ ଦେହରେ ନୂଆ କରି ଖଞ୍ଜିଦେବି
ଡେଣା
ପିନ୍ଧିନେ ପିନ୍ଧିନେ ମୋ ସ୍ନେହ ମମତା ଗହଣା
ଆଉ କହିବ
ଯାଆନା ସେ ବାଟେ ସେ ବାଟ
ନିହାତି ଅସନା
ଅରଣା  ମଈଁଷି  ଅନାଇ ରହିଛି
ଧରିଥା ଖଣ୍ଡା
ସିଏ ଯେ ଖୁବ୍ ମାରଣା!
କିନ୍ତୁ କେହି କହିଲେନି
ମାରଣା ମଣିଷର  ଅମଣିଷ ପଣିଆରେ
ବାରମ୍ବାର ହାରୁଥିଲି
ସବୁଜ ରଙ୍ଗ ସବୁ ଜୀବନରୁ ହଜି ହଜି
ଲାଲ୍ ହେଉଥିଲେ
ଆଖିରେ ଆସିଥିଲା ବନ୍ୟା
ନିଜେ ନିଜ ଠାରୁ ପର ହେଉଥିଲି।

ଏବେ ମୋ ଆଗରେ ବିଶାଳ ପାରାବାର
ପାରାବାର ସେପାଖେ ସ୍ୱପ୍ନର ମଶାଲ

ନା ଅଛି ନୌକା
ନା ଅଛି ନାବିକ
ମେଞ୍ଚେ ଖାଁ ଖାଁ ଶୂନ୍ୟତାକୁ ନେଇ
ମୁଁ ଛିଡା ହେଇଛି ଏକା
କାହିଁ କେତେ କାଳୁ।

ମୁଁ ଯେ ନିରୁପାୟ
ସମୀର ର ଦୃଷ୍ଟାମିରେ
ଭଙ୍ଗା ଭାଗ୍ୟର ନୌକାରେ ବସି କଣ ପାରିକରିପାରିବି
ଅସହଜ ପଥ
କାଳେ କିଏ ମୋ ଦୃବଳତାର ଅଟ୍ଟହାସ୍ୟ
କରିବ ବୋଲି ଏ ଯାଏ  କହିନି କାହାକୁ
ମୁଁ କେତେ ଯେ ଆହତ
ମିଛରେ ଯାହା କହିବୁଲେ
ମୁଁ ଅଛି ଅନାହତ!!
****

ବଡ଼ରଂପାସ,ହାଟଡିହି,
କେନ୍ଦୁଝର



## ମଧୁମିତ୍ରା ଦାଶ



# ଲୁହ

ଟୋପାଏ ଲୁହରେ ଗଢା
ସବୁ ସ୍ନେହର ବନ୍ଧନ
ସେ କାମନାର ଚଇତାଳି
ସୃଜନର ପରିଭାଷା।

ସୃଷ୍ଟିର ପ୍ରଥମ ଦିନରୁ
ଆକାଶ ଲୁହ ଢାଳେ
ମେଘର ଆଖିରୁ।

ପିଲାଦିନେ ମୋ ଆଖିରୁ
ଲୁହ ଗଡିଲେ
ବୋଉ ପୋଛିଦିଏ
ସେ ଲୁହକୁ।

କାନ୍ଦିଦେଲେ ମନେହୁଏ
ଦୁଃଖ ନିଗିଡ଼ି ଯାଏ
ବିତିଯାଇଥିବା ଅତୀତ ସହଜରେ ଭୁଲି ହୁଏ।
ମୁଁ କେବେ କାନ୍ଦିନଥିଲି
କାନ୍ଦିବାର ସମୟ ଆସିଥିଲେ ବି।

ଏବେ କିନ୍ତୁ ମନେହୁଏ ମୋର କାନ୍ଦିବା ଉଚିତ୍
ନଚେତ୍ ଲୁହ ବିଷ ହୋଇ ରହିଯିବ ହୃଦୟ ଭିତରେ।
ଲୁହ ଭିତରେ ରହିଲେ
ଅନାବାଦୀ କରିପକାଏ ମଣିଷକୁ।

ଏଣିକି,ଆଖିରେ ଅଜସ୍ର ଲୁହ ବିନ୍ଦୁ ଧରି
ଗାଲର ଦୁଇପଟେ ଦୁଇଧାର ଲୁହ ଗଡ଼ାଇ
ଲୋକମାନଙ୍କ ପାଖକୁ ମୁଁ ଯିବି
ଲୁହର ନୂଆ ରଙ୍ଗ ଦେଖିବି
ଯଦି କିଏ ପଚାରିବ ଏ ଲୁହ କାହିଁକି ?

ମୁଁ କହିବି

ପାରିବ ଯଦି ପୋଛିଦିଅ ମୋର ଲୁହ।
ତୁମେ ମୋତେ ନିର୍ବୋଧ ବା ପାଗଳ ଆଖ୍ୟା ଦେଇପାର।
ନା,
ତୁମେ ପାରିବ ନାହିଁ ମୋର ଲୁହ ପୋଛି
ଯେହେତୁ,
ତୁମ ହୃଦୟ ସାରା ଲୁହ ସରସର।

*****

ରିଟାୟାର୍ଡ ଶିକ୍ଷୟତ୍ରୀ ଓ ସମାଜସେବୀ



## *With Best Compliments from....*

**Industrial Cargo SERVICE**

TOTAL TRANSPORTATION SOLUTION
BY AIR FREIGHT/ TRAIN/ SURFACE

***VIKRANT CHAUDHARY***

*9810008102*

*vikrant@industrialcargo.com*
*info@industrialcargo.com*
https://www.industrialcargo.com





## *Contact us for*

- ***Domestic Courier Services.***
- ***Air Cargo Services.***
- ***Surface Cargo Services.***
- ***Left out Luggage/Baggage Services.***
- ***Full Truck & Part Truck Load Services.***

# Odisha

## Architecture

Jagannath Temple

Sun Temple





## Arts Culture

Pattachitra (Cloth Painting)

Rock Paintings

Sand Art


Silver Filigree

Appliqué Work

Brass and Dhokra Works











## Dances

Chhau

Gotipua

Pala

Dalkhai (Sambalpuri)







## Festivals

Rath Yatra

Durga Puja

Raja Parba







---

**ORIYA CULTURAL & WELFARE ASSOCIATION**

(Reg. No. S-54118/2005)

Regd. Office : BD-11, Janakpuri, New Delhi-110058 (India)

E-mail: info@ocwa.in, ocwa.regd@gmail.com

Website : www.ocwa.in

Printed by : Kunwar Designer & Printer, Mob.: 98101 62583